# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୧୬/୨୦୧୯ (୧୬ ପୃଷ୍ଠା) | Bhubaneswar, Thursday, May 16/2019 | ★★★★★★

୪୫ଶ ଭାଗ ୧୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





**ବିବାହ ବନ୍ଧନରେ ନଟରାଜ**

ରାଜ୍ୟ କ୍ରିକେଟର ତାରକା ଖେଳାଳି ନଟରାଜ ବେହେରା ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କ ସହ ବୁଧବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ।

୧୫

୦୨

**'ଗୁଲାବୋ ସିତାବୋ'ରେ ଅମିତାଭ, ଆୟୁଷ୍ମାନ୍ ଏକାଠି**

ସୁଜିତ୍ ସରକାର୍‌ଙ୍କ ପ୍ରଯୋଜିତ ଆଗାମୀ ଫିଲ୍ମ 'ଗୁଲାବୋ ସିତାବୋ'ରେ ମେଗାଷ୍ଟାର୍ ଅମିତାଭ ବଚ୍ଚନ ଓ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ଏକାଠି ଦେଖିବାକୁ ମିଳିବ ।




### ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା

# ଆଜି ରାତିରୁ ପ୍ରଚାର ବନ୍ଦ

**ନୂଆଦିଲ୍ଲୀ,୧୫।୫**

ପଶ୍ଚିମବଙ୍ଗରେ ହିଂସାକାଣ୍ଡ ପରେ ନିର୍ବାଚନ କମିଶନ (ଇସି) ସେଠାରେ ପ୍ରଚାରକୁ ନିର୍ଦ୍ଧାରିତ ସମୟର ଗୋଟିଏ ଦିନ ପୂର୍ବରୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନରେ ପଶ୍ଚିମବଙ୍ଗର ୯ ଆସନରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଅନ୍ୟ ରାଜ୍ୟଗୁଡ଼ିକରେ ୧୭ ତାରିଖ ଅପରାହ୍ଣ ୬ଟାରେ ପ୍ରଚାର ଶେଷ ହେବାକୁ ଥିବାବେଳେ ପଶ୍ଚିମବଙ୍ଗରେ ୧୬ ତାରିଖ ରାତି ୧୦ଟାରୁ ପ୍ରଚାର ବନ୍ଦ କରିବାକୁ କୁହାଯାଇଛି। ଗତ ୨୪ ଘଣ୍ଟା ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ହିଂସାକାଣ୍ଡ ଲାଗିରହିଥିବାରୁ ଇସି ସମ୍ବିଧାନର ଧାରା ୩୨୪ ଅନୁଯାୟୀ ସେଠାରେ ଗୋଟିଏ ଦିନ ପୂର୍ବରୁ ପ୍ରଚାର ଶେଷ କରିବାକୁ କହିଛନ୍ତି। ପ୍ରଥମଥର ଲାଗି ଇସି ଏଭଳି କ୍ଷେତ୍ରରେ ସମ୍ବିଧାନର ଧାରା ୩୨୪ ପ୍ରୟୋଗ କରିଛନ୍ତି। ଏହାବ୍ୟତୀତ ପଶ୍ଚିମବଙ୍ଗର ପ୍ରମୁଖ ସଚିବ (ଗୃହ) ଆତେୟ ଭଟ୍ଟାଚାର୍ଯ୍ୟ ଏବଂ ଅତିରିକ୍ତ ମହାନିର୍ଦ୍ଦେଶକ ସିଆଇଡି ରାଜୀବ କୁମାରଙ୍କୁ ତାଙ୍କ ବିଭାଗରୁ କାଢ଼ିନିଆଯାଇଛି। ଗୁରୁବାର ରାତି ୧୦ରୁ ନିର୍ବାଚନ ଶେଷହେବା ପର୍ଯ୍ୟନ୍ତ ଦମ୍‌ଦମ୍, ବରସାତ୍, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କୁକୁଡ଼ା ଅଣ୍ଡାର ମାନ

**ଆଜିର ମନ୍ତବ୍ୟ**

"ଦେଶକୁ କେବଳ ଜଣେ ବ୍ୟକ୍ତି ଚଳାଇପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନେକରନ୍ତି।

**-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**

**କିଛି ତଥ୍ୟ**

ଦେଶର ସେବା ରପ୍ତାନି ୬.୬% ଓ ଆମଦାନୀ ୧୦.୫୫% ବୃଦ୍ଧି ପାଇଛି।

**-ଭାରତୀୟ ରିଜର୍ଭ ବ୍ୟାଙ୍କ**


NECC NATIONAL EGG CO-ORDINATION COMMITTEE 15.05.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 105 | 165 | 175 |
| CTC | 105 | 165 | 175 |
| DKL | 102 | 161 | 171 |
| BDK | 105 | 165 | 175 |
| BLS | 107 | 167 | 177 |
| ANG | 102 | 161 | 171 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers




ପୁରୀ ରଥଖଳାରେ ମହାରଣା ସେବକମାନେ ଡୁମ୍ବରେ ଅର ବିନ୍ଧ କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ବଜ୍ରପାତ ନେଲା ୬ ଜୀବନ

## ବିବାହ ଚତୁର୍ଥୀ ଭୋଜିରେ ବର ମୃତ, ୪ ଗୁରୁତର

- ବାଲେଶ୍ୱରରେ ୨, ଗଞ୍ଜାମରେ ୨, କୋରାପୁଟରେ ଜଣେ ମୃତ

**ଆନନ୍ଦପୁର/ ବ୍ରହ୍ମପୁର ଅଫିସ/ ଆସିକା/ନନ୍ଦପୁର, ୧୫।୫(ଡି.ଏନ.ଏ.)**


ବଜ୍ରପାତ ଯୋଗୁ ବୁଧବାର ବିଭିନ୍ନ ସ୍ଥାନରେ ୫ ଜଣଙ୍କ ଜୀବନ ଯାଇଛି। କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଞ୍ଚଳରେ ବିବାହ ଚତୁର୍ଥୀ ଭୋଜି ଚାଲିଥିବାବେଳେ ବଜ୍ରପାତ ଘଟି ବରର ମୃତ୍ୟୁ ଘଟିଛି। ଜଣେ ମହିଳାଙ୍କ ସମେତ ୪ ଜଣ ଗୁରୁତର ହୋଇଛନ୍ତି। ସେହିପରି ବାଲେଶ୍ୱର, ଗଞ୍ଜାମ ଓ କୋରାପୁଟ ଜିଲାରେ ବଜ୍ରପାତ ଯୋଗୁ ଆଉ ୫ ଜଣଙ୍କ ପ୍ରାଣହାନୀ ଘଟିଛି।



ମିଳିଥିବା ସୂଚନା ଅନୁଯାୟୀ, ହରିଚନ୍ଦନପୁର ଥାନା ଟାଙ୍ଗିରିଆପାଳ କୋଠଘାଟି ସାହିର ଜିତେନ୍ଦ୍ର ମୁର୍ମୁଙ୍କ ବୁଧବାର ଚତୁର୍ଥୀ ଥିଲା। ଏଥିପାଇଁ ଗାଁ ଦାଣ୍ଡରେ ଭୋଜିର ଆୟୋଜନ କରାଯାଇଥିଲା। ଜିତେନ୍ଦ୍ରଙ୍କ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବ ଭୋଜିର ମଜା ଉଠାଉଥିଲେ। ଜିତେନ୍ଦ୍ର ବି ବୁଲି ବୁଲି କିଏ ଭୋଜି ଖାଇଲା ନ ଖାଇଲା ପଚାରି ବୁଝୁଥିଲେ। ଏହି ସମୟରେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ଅଳ୍ପ ବର୍ଷା ସହିତ ହଠାତ୍ ବଜ୍ରପାତ ହୋଇଥିଲା। କେହି କିଛି ଚିନ୍ତା କରିବା ପୂର୍ବରୁ ବଜ୍ରପାତରେ ଜିତେନ୍ଦ୍ର, ତାଙ୍କ ମାଇଁ ସୁଲୋଚନା, ମାମୁ ଫଗୁରାମ, ସାନଭାଇ ମୁନା ଓ ଅନ୍ୟ ଜଣେ ସମ୍ପର୍କୀୟ ଭାଇ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଗାଁ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ତୁରନ୍ତ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜିତେନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ☞ପୃଷ୍ଠା-୪

# ପୋଲିସ ପ୍ରଶାସନରେ ଅଭିଯୁକ୍ତ ପୁରସ୍କୃତ

## ୪୦ ଇନ୍ସପେକ୍ଟର, ୧୪ ଏସିପିଙ୍କ ନାମରେ ଏକାଧିକ ଅଭିଯୋଗ



- ଦୀପକ ମିଶ୍ର, ଶରତ ସାହୁଙ୍କ ନାମରେ ସର୍ବାଧିକ
- କାର୍ଯ୍ୟାନୁଷ୍ଠାନ ବଦଳରେ ପ୍ରମୋଶନ ଉପହାର
- ତଳଠୁ ଉପର ସଲାସୁତୁରାରେ ଚାଲିଛି କାର୍ଯ୍ୟ

**ତ୍ରିନାଥ ମହାନ୍ତି**
**ଭୁବନେଶ୍ୱର,୧୫।୫ (ବ୍ୟୁରୋ)**

ସମସ୍ତଙ୍କ ପାଇଁ ଆଇନ ସମାନ। ଅପରାଧ ଅନୁଯାୟୀ ଜଣେ ସାଧାରଣ ବ୍ୟକ୍ତିଙ୍କ କ୍ଷେତ୍ରରେ ଯେଉଁ ଦଫା ଲାଗେ ଜଣେ ପୋଲିସ ବିରୋଧରେ ମଧ୍ୟ ସେହି ଦଫା ଲାଗିଥାଏ। କିନ୍ତୁ ପୋଲିସ ନିଜ କ୍ଷମତାର ଦୁରୁପଯୋଗ କରି ଆଇନକୁ ଦଳିମକଚି ଚାଲିଛି। ପୋଲିସ ବିରୋଧରେ ଆସିଥିବା ଅଭିଯୋଗ ଫାଇଲକୁ ଚାପି ଦିଆଯାଉଛି। କାର୍ଯ୍ୟାନୁଷ୍ଠାନ ଦୂରର କଥା ତଦନ୍ତ ମଧ୍ୟ କରାଯାଉନାହିଁ। ଚାପ ପଡ଼ିଲେ ତଦନ୍ତ ହେଉଛି, ହେଲେ ରିପୋର୍ଟକୁ ବଦଳାଇ ଦିଆଯାଉଛି। ଫଳରେ ଜଣେ ଦୁର୍ନୀତିଗ୍ରସ୍ତ ବା ଅଭିଯୁକ୍ତ ପୋଲିସ ଅଫିସର ଆଇନ ଫାଶରୁ ଖସିଯାଉଛନ୍ତି। ଏହାସତ୍ତ୍ୱେ ଯଦି ବି କେହି ମୁହଁ ଖୋଲୁଛି ତଳସ୍ତରରୁ ଖାକି ଭୟ ଦେଖାଇ ଚାପି ଦିଆଯାଉଛି। ସବୁଠୁ ଆଶ୍ଚର୍ଯ୍ୟଜନକ ପରିସ୍ଥିତି ରାଜ୍ୟର ସର୍ବାଧିକ ଦକ୍ଷ କୁହାଯାଉଥିବା କମିଶନରେଟ ପୋଲିସରେ ଦେଖିବାକୁ ମିଳିଛି। କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ବହୁ ପୋଲିସ ଅଫିସରଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଛି। କିନ୍ତୁ ଦୁର୍ଭାଗ୍ୟର କଥା ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ବଦଳରେ ସମ୍ପୃକ୍ତ ଅଫିସରମାନଙ୍କୁ ପ୍ରମୋଶନ ଦିଆଯାଇ ଅନ୍ୟତ୍ର ବଦଳି କରାଯାଇଛି। ଏହି ଅଫିସରଙ୍କ ମଧ୍ୟରୁ କେତେଜଣ କମିଶନରେଟ ପୋଲିସରେ ଥିବାବେଳେ ଆଉ କେତେଜଣ ବାହାର ଜିଲାରେ ଅବସ୍ଥାପିତ ଅଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୦୯ରୁ ୨୦୧୮ ପର୍ଯ୍ୟନ୍ତ କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ୪୦ ଇନ୍ସପେକ୍ଟର ଓ ୧୪ ଏସିପିଙ୍କ ନାମରେ ବିଭିନ୍ନ ଅଭିଯୋଗ ଆସିଛି। ସେଗୁଡ଼ିକ ହେଲା ମିଛ ମାମଲାରେ ଫସାଇବା, ଅଭିଯୋଗକାରୀଙ୍କୁ ଲାଞ୍ଚ ମାଗିବା, ଥାନାରେ ଅଭିଯୋଗକାରୀଙ୍କୁ ନିର୍ଯାତନା ଦେବା, ବିପକ୍ଷ ଗୋଷ୍ଠୀଙ୍କଠାରୁ ଟଙ୍କା ନେଇ ମାମଲା ରୁଜୁ ନ କରିବା, ବିଲ୍ଡରମାନଙ୍କୁ ସହାନୁଭୂତି ଦେଖାଇ ତାଙ୍କ ବିରୋଧରେ ମାମଲା ଉଠାଇନେବା, ବିନା କାରଣରେ ଗିରଫ କରିବା, ମହିଳାଙ୍କୁ ଅସଦାଚରଣ ଓ ଆୟ ବହିର୍ଭୂତ ସମ୍ପତ୍ତି ଅର୍ଜନ କରିବା। ବିଶେଷକରି ଥାନାରେ ନିର୍ଯାତନା ଦେବା ସହ ମିଛ ମାମଲା ରୁଜୁ କରିବା ଭଳି ଅଭିଯୋଗ ୪୦ ପ୍ରତିଶତ ରହିଛି। ସେହିଭଳି ଲାଞ୍ଚ ମାଗିବା ସହ ବିପକ୍ଷ ଗୋଷ୍ଠୀଠାରୁ ଲାଞ୍ଚ ନେଇ ମାମଲାର କାର୍ଯ୍ୟାନୁଷ୍ଠାନ ନ ନେବା ଭଳି ଅଭିଯୋଗ ୨୦ ପ୍ରତିଶତ ରହିଛି। ବହୁ ମହିଳାଙ୍କ ସମେତ ସାଧାରଣ ଲୋକ, ଆଇନଜୀବୀ, ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀ ଏବଂ ବରିଷ୍ଠ ନାଗରିକମାନେ ☞ପୃଷ୍ଠା-୪

### ■ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସପ୍ତାହକ ମଧ୍ୟରେ କ୍ଷୟକ୍ଷତି ଆକଳନ

- ରାଶନକାର୍ଡ ନ ଥିବା ପରିବାରକୁ ମିଳିବ ଚାଉଳ
- ବିଦ୍ୟୁତ୍ ସେବା ସ୍ୱାଭାବିକ ହେବା ପର୍ଯ୍ୟନ୍ତ ବଣ୍ଟାଯିବ କିରୋସିନ
- ମାଗଣାରେ ଦିଆଯିବ ସାନିଟାରି ନାପ୍‌କିନ
- ବଣ୍ଟାଯିବ ୧୦ ଲକ୍ଷ ମହମବତି
- ପୁରୀକୁ ବିଶ୍ୱର ଐତିହ୍ୟ ସହର କରାଯିବ

**ପୁରୀ ଅଫିସ,୧୫।୫**

ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏ ନେଇ ବୁଧବାର ଅପରାହ୍ଣରେ ପୁରୀ ସର୍କିଟ ହାଉସ୍‌ରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ସମୟରେ ସମସ୍ତଙ୍କୁ ଧୈର୍ଯ୍ୟ ଧରି ପୁନରୁଦ୍ଧାର କାମରେ ସହଯୋଗ କରିବାକୁ ପଡ଼ିବ। ପୁରୀକୁ ବିଶ୍ୱର ଐତିହ୍ୟ ସହର କରାଯିବ। ତେବେ ବାତ୍ୟାରେ ବିଦ୍ୟୁତ୍ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ପୁରୀ ଜିଲାକୁ ଯେଉଁ ୩ଟି ଲାଇନ ଯାଇଛି ତାହା ଫନୀରେ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଲାଗି ହଜାର ହଜାର ଲୋକ ଦିନରାତି କାମରେ ଲାଗିଛନ୍ତି। ଦ୍ରୁତଗତିରେ ପୁନରୁଦ୍ଧାର କାମ ଚାଲିଛି। ଗୋଟିଏ ଲାଇନ ମରାମତି ସରିଛି। ଏହା ମାଧ୍ୟମରେ ପୁରୀ ସହରକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ନିମାପଡ଼ା ଏବଂ କୋଣାର୍କ ଏନ୍‌ଏସିକୁ ବୁଧବାର ରାତି ସୁଦ୍ଧା ବିଦ୍ୟୁତ୍ ଯୋଗାଣ ହୋଇଯିବ। ଧୀରେ ଧୀରେ ଜିଲାର ସବୁ ଅଞ୍ଚଳକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବ। ଘରଭଙ୍ଗା କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ସପ୍ତାହକ ମଧ୍ୟରେ ଏହି ଆକଳନ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। କ୍ଷତିଗ୍ରସ୍ତଙ୍କୁ ରିଲିଫ ଦିଆଯାଉଛି। ☞ପୃଷ୍ଠା-୪




ବୈଠକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

# ଜୁନ୍ ୬ରେ କେରଳ ଛୁଇଁବ ମୌସୁମୀ

**ନୂଆଦିଲ୍ଲୀ, (ପି.ଟି.)/ ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ପହଞ୍ଚିବାରେ ବିଳମ୍ବ ହେବ। ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) । ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳ ଛୁଇଁଥାଏ। କିନ୍ତୁ ଚଳିତ ବର୍ଷ ଏହା ୫ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୬ରେ କେରଳ ଛୁଇଁପାରେ ବୋଲି ପାଣିପାଗ ବିଭାଗ ବୁଧବାର ସୂଚନା ଦେଇଛି। ଏଥିରେ ୪ ଦିନ କମ୍ ବେଶୀ ହୋଇପାରେ ବୋଲି କୁହାଯାଇଛି।

ମେ ୧୮-୧୯ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଣ୍ଡାମାନ ସାଗରର ଦକ୍ଷିଣ ଭାଗ, ନିକୋବର ଦ୍ୱୀପପୁଞ୍ଜ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅଗ୍ରସର ହେବା ଲାଗି ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷ ମୌସୁମୀ ଆଗମନରେ ବିଳମ୍ବ ହେବ ବୋଲି ମଙ୍ଗଳବାର ଘରୋଇ ସଂସ୍ଥା ସ୍କାଏମେଟ୍ ପୂର୍ବାନୁମାନ କରିଥିଲା। ଏହା ଜୁନ୍ ୪ରେ କେରଳ ଉପକୂଳ ଛୁଇଁବ ବୋଲି ସ୍କାଏମେଟ୍ କହିଥିଲା। ଯଦି ଚଳିତ ବର୍ଷ ମୌସୁମୀ ବିଳମ୍ବରେ ପହଞ୍ଚେ ତେବେ ୨୦୧୪ରୁ ଏହା ତୃତୀୟ ଘଟଣା ହେବ। ୨୦୧୪ରେ ମୌସୁମୀ ଜୁନ୍ ୫ରେ ପହଞ୍ଚିଥିଲା। ଏହା ପରେ ୨୦୧୫ରେ ଜୁନ୍ ୬ ଏବଂ ୨୦୧୬ରେ ଜୁନ୍ ୬ରେ ମୌସୁମୀ କେରଳ ଉପକୂଳ ଛୁଇଁଥିଲା। ☞ପୃଷ୍ଠା-୪



- ଦୁଇ ସପ୍ତାହ ପରେ ଓଡ଼ିଶା
- ଚାଷ ପଛାଇବା ଆଶଙ୍କା

# କଂଗ୍ରେସ: ସ୍ଥିତି ବଜାୟ ରଖିବା ଚ୍ୟାଲେଞ୍ଜ

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ସାଧାରଣ ନିର୍ବାଚନ ଫଳାଫଳ ଆସନ୍ତା ୨୩'ରେ ପ୍ରକାଶ ପାଇବ। ଏହା ପୂର୍ବରୁ କେଉଁ ଦଳ କେତେସଂଖ୍ୟକ ଆସନ ଜିତିବ, ସେନେଇ ଅଙ୍କକଷା ଚାଲିଛି। ଓଡ଼ିଶାରେ ଏକସଙ୍ଗରେ ହୋଇଥିବା ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ମୁଖ୍ୟତଃ ଭାଜପା-ବିଜେଡି ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହୋଇଥିବା କୁହାଯାଉଛି। ରାଜ୍ୟରେ କଂଗ୍ରେସ ପ୍ରଥମଥର ପାଇଁ ଅଧିକାଂଶ ଆସନର ମୁଖ୍ୟ ଲଢ଼େଇରେ ନାହିଁ। ତେଣୁ ଫଳାଫଳକୁ ନେଇ କଂଗ୍ରେସ ଅନ୍ୟ ୨ ପ୍ରମୁଖ ଦଳ(ବିଜେଡି, ଭାଜପା) ଭଳି ଉତ୍ସାହିତ ନୁହେଁ। ରାଜ୍ୟରେ ହୋଇଥିବା ୪ଟି ପର୍ଯ୍ୟାୟ ନିର୍ବାଚନ ପରେ କେଉଁ ଆସନରେ ଭଲ ଫଳାଫଳ ପାଇବ, ସେନେଇ କେତେକ କଂଗ୍ରେସ ନେତା ମତ ରଖିଛନ୍ତି।

ରାଜ୍ୟରେ ଥିବା ୨୧ ଲୋକ ସଭା ଆସନ ମଧ୍ୟରୁ କଂଗ୍ରେସ ୪ ସ୍ଥାନରେ ମୁଖ୍ୟତଃ ଲଢ଼େଇ କରିଥିବା କୁହାଯାଇଛି। ଏହି ଆସନଗୁଡ଼ିକ ହେଉଛି-ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଏବଂ ସୁନ୍ଦରଗଡ଼। ଏହାବ୍ୟତୀତ ଦଳ ବାଲେଶ୍ୱର, ଢେଙ୍କାନାଳ, ବଲାଙ୍ଗୀର, ପୁରୀ, କଟକ, ବରଗଡ଼, ସମ୍ବଲପୁର, କନ୍ଧମାଳ, ଜଗତ୍‌ସିଂହପୁର, ଭଦ୍ରକ, ବ୍ରହ୍ମପୁର, କେନ୍ଦ୍ରାପଡ଼ା, କେନ୍ଦୁଝର ଏବଂ ଯାଜପୁର ଭଳି ଆସନରେ ତୃତୀୟ ସ୍ଥାନରେ ରହିବ ବୋଲି କୁହାଯାଉଛି। ଆସ୍କା, ଭୁବନେଶ୍ୱର ଏବଂ ମୟୂରଭଞ୍ଜରେ କଂଗ୍ରେସ ପ୍ରାର୍ଥୀ ନ ଦେଇ ସହଯୋଗୀ ଦଳଙ୍କୁ ସମର୍ଥନ କରିଥିଲା। ୨୦୧୪ରେ ଦଳ ରାଜ୍ୟରେ ଗୋଟିଏ ବି ଲୋକ ସଭା ଜିତିପାରି ନ ଥିଲା। ଭୋଟ ପରବର୍ତ୍ତୀ ଆକଳନ ଅନୁଯାୟୀ, ଦଳ ନବରଙ୍ଗପୁରରେ ଜିତିବା ନେଇ ଆଶାବାଦୀ ଥିବାବେଳେ ଅନ୍ୟ ଆସନକୁ ନେଇ ଦୃଢ଼ମତ ନୁହେଁ। କିଛିଦିନ ତଳେ ଏକ ଜାତୀୟ ଗଣମାଧ୍ୟମରେ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, କଂଗ୍ରେସ ଜାତୀୟସ୍ତରରେ ୪୪ରୁ ୧୦୧ ଆସନ ହାତେଇପାରେ। ଏହି ସର୍ଭେରେ ଓଡ଼ିଶାରେ କଂଗ୍ରେସ ଗୋଟିଏ ବି ଆସନ ପାଉ ନ ଥିବା ଦର୍ଶାଯାଇଥିଲା। ଶେଷଥର ପାଇଁ ୨୦୦୯ରେ କଂଗ୍ରେସ ୬ଟି ଲୋକ ସଭା ଆସନ ଜିତିବାକୁ ସକ୍ଷମ ହୋଇଥିଲା। ସେହି ଆସନଗୁଡ଼ିକ ଥିଲା- ବାଲେଶ୍ୱର, ବରଗଡ଼, ସୁନ୍ଦରଗଡ଼, ନବରଙ୍ଗପୁର, ☞ପୃଷ୍ଠା-୪

**ନିର୍ବାଚନ ପରବର୍ତ୍ତୀ ଆକଳନ**




- ନବରଙ୍ଗପୁର ଲୋକ ସଭା ଏକମାତ୍ର ଆଶା
- ୯ରୁ ୧୭ ବିଧାନସଭା ପାଇଁ ଆଶାବାଦୀ
- ସିପିଏମ୍, ସ୍ୱାଧୀନ, ବିଏସ୍‌ପି ଗୋଟିଏ ଲେଖାଏ ଜିତିବା ନେଇ ଆକଳନ


ADMISSION NOTICE 2019-20

GANGADHAR MEHER UNIVERSITY, AMRUTA VIHAR, SAMBALPUR

Invites Applications for Admission into the following Self Financing Courses

| COURSE | DURATION | ELIGIBILITY |
|---|---|---|
| MBA (Financial Management) | 2 Years | +3 or Equivalent with 45 % marks in Aggregate at degree Level (relaxation of 5% Marks is allowed for the students belonging to ST/SC categories) |
| MBA (Subject to availability of seats after OJEE Admission) | 2 Years | OJEE/CAT/MAT/XAT/ATMA Non-OJEE Candidates having score card with minimum 50% marks in aggregate at the degree level. |
| M.Sc. ETC (Electronics & Telecommunications) | 2 Years | B.Sc. with Maths./Physics /Electronics &Telecommunication/ Computer Science /IST or Equivalent and minimum 45 % marks in aggregate at degree Level or B.Tech.(ETC/CSE/IT). (relaxation of 5% Marks is allowed for the students belonging to ST/SC categories) |
| BBA (Hons.) | 3 Years | +2 Pass or Equivalent |
| B.Sc. IST (Hons.) (Information Science &Telecommunications) | 3 Years | +2 Science or Equivalent with Math./Physics |

- Candidates may apply for MBA-FM, M.Sc.-ETC and other PG. Courses of the university through online admission portal www.gmuniversity.ac.in from 08.05.2019 to 24.05.2019. Other modes of applications will not be considered. For details visit the University Website.
- Online Admission to all the UG courses (including BBA & BSc.IST) will commence soon. Please visit the University website www.gmuniversity.ac.in or contact to the helpline numbers for details.
- For MBA programme, Forms and Information Bulletins are available at the Department of Professional Courses, G.M. University, Amruta Vihar, Sambalpur. However the admission to the MBA Programme will be subject to availability of seats after OJEE Admission.

Helpline No - 0663–2522543, Mob. 9861283124, 8328821808, 7008225400, 9438735182, 9853132904

Registrar



ଇରାନ୍ ସହ ଆମେ ଯୁଦ୍ଧ ଚାହୁଁନାହୁଁ। ୱାଶିଂଟନ୍‌ର ସ୍ୱାର୍ଥ ଉପରେ ଆକ୍ରମଣ ହେଲେ, ଏହାର ଦୃଢ଼ ଜବାବ୍ ଦିଆଯିବ।

-ମାଇକ ପମ୍ପିଓ,
ଆମେରିକାର ପରରାଷ୍ଟ୍ର ସଚିବ

# ଦିଲ୍ଲୀରେ ପହଞ୍ଚିଲା କୋଲକାତା ବିବାଦ

- ଯନ୍ତରମନ୍ତରରେ ଭାଜପାର ବିକ୍ଷୋଭ
- କୋଲକାତାରେ ସେନା ମୁତୟନ

**ନୂଆଦିଲ୍ଲୀ,୧୫।୫(ପି.ଟି.)**

କୋଲକାତାରେ ସୃଷ୍ଟି ହୋଇଥିବା ବିବାଦ ଦିଲ୍ଲୀରେ ପହଞ୍ଚିଛି। ମଙ୍ଗଳବାର କୋଲକାତାରେ ଭାଜପା ଅଧ୍ୟକ୍ଷ ଅମିତ୍ ଶାହଙ୍କ ମେଗା ରୋଡ୍ ଶୋ' ବେଳେ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ଶାହଙ୍କ ଶୋଭାଯାତ୍ରା ଉପରକୁ ଢେଲାମାଡ଼ କରାଯିବାରୁ ଉତ୍ତେଜନା ଦେଖା ଦେଇଥିଲା। କୋଲକାତା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପରିସରରେ ଅପ୍ରୀତିକର ପରିସ୍ଥିତି ସାଙ୍ଗକୁ କଲେଜ୍ ଷ୍ଟ୍ରିଟ୍ ନିକଟରେ ସଂଘର୍ଷ ହେବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଖ୍ୟାତନାମା ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ କଲେଜ ହଷ୍ଟେଲ୍ ନିକଟରେ ମାଡ଼ପିଟ୍ ହେବା ସହ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରାଯାଇଥିଲା। ଶାହଙ୍କ କାର୍‌କେଡ ଉପରେ ଆକ୍ରମଣ ଓ ହିଂସାକାଣ୍ଡ ବିରୋଧରେ ବୁଧବାର ଦିଲ୍ଲୀର ଯନ୍ତରମନ୍ତରଠାରେ




ଭାଜପା ପକ୍ଷରୁ ନୀରବ ପ୍ରତିବାଦ କରାଯାଇଥିଲା। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ଲାଗି ଭାଜପାକୁ ଦାୟୀ କରି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି।

ଯନ୍ତରମନ୍ତରରେ ଭାଜପାର ନୀରବ ପ୍ରତିବାଦ ସଭାରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀଥାରାମନ୍, ଜିତେନ୍ଦ୍ର ସିଂ, ବିଜୟ ଗୋୟଲ ଏବଂ ହର୍ଷବର୍ଦ୍ଧନ ପ୍ରମୁଖ ଯୋଗଦେଇଥିଲେ। ସେମାନେ କଳାପଟି ପିନ୍ଧି ଓଠରେ ଆଙ୍ଗୁଠି ଚାପି ବସିରହିଥିବା ଦେଖାଯାଇଥିଲା। ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗଣତନ୍ତ୍ରର କଣ୍ଠରୋଧ କରିଛନ୍ତି ବୋଲି ଭାଜପା ନେତାମାନେ ଅଭିଯୋଗ କରିଥିଲେ। ନିର୍ବାଚନରେ ପରାଜିତ ହେବା ଜାଣି ମମତା ବିବ୍ରତ ହୋଇପଡିଛନ୍ତି ଏବଂ ହିଂସାକାଣ୍ଡ ସୃଷ୍ଟିକରିବାକୁ କର୍ମୀମାନଙ୍କୁ ଉସୁକାଉଥିବା ସୀଥାରାମନ ଅଭିଯୋଗ କରିଛନ୍ତି। ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ବନ୍ଦ କୋଠରିରେ ଥିବାବେଳେ କିପରି ଭାଙ୍ଗିଲା ବୋଲି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କୋଲକାତା ରୋଡ ଶୋ'ରେ ହିଂସା ଲାଗି ଶାସକ ଟିଏମ୍‌ସିକୁ ଦାୟୀ କରିଛନ୍ତି ଅମିତ୍ ଶାହ। ନିର୍ବାଚନ କମିଶନ ନୀରବ ରହି ରାଜ୍ୟରେ ରିଗିଂ ଓ ହିଂସାକୁ ପ୍ରଶ୍ରୟ ଦେଉଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମମତାଙ୍କ ଉପରେ ବର୍ଷିଛନ୍ତି। କୋଲକାତାରେ ନିର୍ବାଚନ ପ୍ରଚାରବେଳେ ହିଂସାକାଣ୍ଡ ଦେଖାଦେବାରୁ ସେଠାରେ ସେନା ମୁତୟନ କରାଯାଇଛି। ସ୍ଥାନୀୟ ଲୋକଙ୍କୁ ଆଶ୍ୱାସନା ଦେବା ଲାଗି ଯବାନମାନଙ୍କୁ ନିୟୋଜିତ କରାଯାଇଛି।



ବୁଧବାର ଗୁରୁଦାସପୁରର ଦିନନଗରଠାରେ ପୁଅ ତଥା ଭାଜପା ପ୍ରାର୍ଥୀ ସନ୍ନି ଦେଓଲଙ୍କ ପାଇଁ ପ୍ରଚାର କରୁଛନ୍ତି ବର୍ଷୀୟାନ ବଲିଉଡ ଅଭିନେତା ଧର୍ମେନ୍ଦ୍ର।

## ଇସିଙ୍କ ଦ୍ୱାରସ୍ଥ ହେଲା ଟିଏମ୍‌ସି

**ନୂଆଦିଲ୍ଲୀ,୧୫।୫(ପି.ଟି.):** ଟିଏମ୍‌ସି ମଧ କୋଲକାତା ରୋଡ ଶୋ ହିଂସାକାଣ୍ଡ ଏବଂ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ପାଇଁ ଭାଜପାକୁ ଦାୟୀ କରିଛି। ଭାଜପା ଗୁଣ୍ଡାମାନେ ପ୍ରତିମୂର୍ତ୍ତି ଭାଙ୍ଗିଥିବାର ଭିଡିଓ ଟିଏମ୍‌ସି ପକ୍ଷରୁ ଜାରି କରାଯାଇଛି। ଦଳୀୟ ଏମ୍‌ପି ଡେରେକ୍ ଓବ୍ରାଏନ୍, ସୁଖେନ୍ଦୁ ଶେଖର ରାୟ, ମନୀଷ୍ ଗୁପ୍ତା, ନଦିମୁଲ୍ ହକ୍ ଏହି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ ଭେଟି ସେମାନଙ୍କ ଅଭିଯୋଗର ପ୍ରମାଣ ସ୍ୱରୂପ ଉକ୍ତ ଭିଡିଓ ଉପସ୍ଥାପନ କରିଛନ୍ତି। ଏହି ଭିଡିଓ ଭାଜପାର କାର୍ଯ୍ୟକଳାପକୁ କେବଳ ସ୍ପଷ୍ଟ କରୁନାହିଁ, ଏହାର ଅଧ୍ୟକ୍ଷ ଅମିତ ଶାହ ଜଣେ ମିଛୁଆ ଓ ଧୋକାବାଜ୍ ବୋଲି ପ୍ରମାଣିତ କରିଛି। କୋଲକାତାର ରାସ୍ତାଘାଟରେ ଉତ୍ତେଜନା ଦେଖାଦେଇଛି। ମଙ୍ଗଳବାରର ଘଟଣା ବେଙ୍ଗଲୀ ଗର୍ବକୁ ଆଘାତ ଦେଇଥିବା ଓବ୍ରାଏନ୍ କହିଛନ୍ତି। କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟାସାଗର କଲେଜ୍ ଗେଟ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଏବଂ ପ୍ରାଚୀର ଡେଇଁ କ୍ୟାମ୍ପସ୍ ଭିତରେ ପ୍ରବେଶ କରୁଥିବା ଗୋଟିଏ ଭିଡିଓରୁ ଦେଖିବାକୁ ମିଳିଛି। ଅନ୍ୟ ଏକ ଭିଡିଓ ଏବଂ ହ୍ୱାଟ୍ସଆପ୍ ବାର୍ତ୍ତାରେ ଭାଜପା ସମର୍ଥକମାନଙ୍କୁ ଲୁହାରଡ଼ ଏବଂ ଅସ୍ତ୍ର ଧରି ଶାହଙ୍କ ରୋଡ ଶୋ'ରେ ଭାଗ ନେବା ଲାଗି କୁହାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ପ୍ରମାଣିତ କରିବା ଲାଗି ତାଙ୍କ ଦଳ ପାଖରେ ଏଭଳି ୪୪ଟି ଭିଡିଓ ରହିଥିବା ଟିଏମ୍‌ସି ଏମ୍‌ପି କହିଛନ୍ତି।

"କୋଲକାତାରେ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ରାଲି ବେଳେ ଯେଉଁଭଳି ହିଂସାକାଣ୍ଡ ଘଟିଲା ତାହା ୧୯୯୨ର ବାବ୍ରି ମସ୍‌ଜିଦ ଭଙ୍ଗା ପରବର୍ତ୍ତୀ ହିଂସାକାଣ୍ଡଠାରୁ ଅଧିକ ଖରାପ।

**-ମମତା ବାନାର୍ଜୀ,**
**ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**





"କୋଲକାତା ରୋଡ ଶୋରେ ହିଂସାକାଣ୍ଡ ପାଇଁ ତୃଣମୂଳ କଂଗ୍ରେସ ଦାୟୀ। ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେଉଥିବାବେଳେ ଇସି ନୀରବ ଦର୍ଶକ ସାଜିଛନ୍ତି।

**-ଅମିତ ଶାହ,**
**ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

## ଶେଷ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ଜୋର୍‌ଦାର

**ନୂଆଦିଲ୍ଲୀ,୧୫।୫**

ଲୋକ ସଭା ନିର୍ବାଚନର ଚୂଡାନ୍ତ ପର୍ଯ୍ୟାୟ ମତଦାନ ଆସନ୍ତା ରବିବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ପ୍ରଚାର ଜୋରଦାର ହୋଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ଏକାଧିକ ସଭା ଅନୁଷ୍ଠିତ ହୋଇଥିଲା। ସପ୍ତମ ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଗତ ୫୯ଟି ଆସନରେ ଭୋଟଗ୍ରହଣ କରାଯିବ। ଏହିସବୁ ଆସନଗୁଡିକର ଫଳାଫଳ ନିର୍ଣ୍ଣାୟକ ଭୂମିକା ନେବାକୁ ଥିବାରୁ ପ୍ରମୁଖ ଦଳଗୁଡିକ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବିହାର ପଲିଗଞ୍ଜରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ସହ ଝାଡଖଣ୍ଡର ଦେଓଘର, ପଶ୍ଚିମବଙ୍ଗର ହାସନାବାଦ ଏବଂ ଡାଇମଣ୍ଡ ହାର୍ବର ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ସେହିପରି ଭାଜପା ଅଧ୍ୟକ୍ଷ ଅମିତ ଶାହା ମଧ୍ୟପ୍ରଦେଶର ଧର୍ ଏବଂ ଅଲିରାଜପୁରରେ, ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ, ଯୋଗୀ ଆଦିତ୍ୟନାଥ ଏବଂ ମନୋଜ ତିୱାରୀ ବିଭିନ୍ନ ସଭାରେ ଉଦ୍‌ବୋଧନ ଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଞ୍ଜାବର ଫରିଦକୋଟ ଏବଂ ଲୁଧିଆନା ସଭାକୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ଥିବାବେଳେ ଦଳ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀର ଏକ ରୋଡ ଶୋରେ ଭାଗ ନେଇଥିଲେ। ଏହାବ୍ୟତୀତ ଏସପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ପକ୍ଷରୁ ଉତ୍ତରପ୍ରଦେଶର ମାଉ ଓ ଦେଓରିଆ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶର ୧୩ ଆସନ, ପଞ୍ଜାବର ସମସ୍ତ ୧୩ ଆସନ, ପଶ୍ଚିମବଙ୍ଗର ୯, ବିହାର ଓ ମଧ୍ୟପ୍ରଦେଶର ୮ଟି ଲେଖାଏ, ହିମାଚଳପ୍ରଦେଶର ସମସ୍ତ ୪ ଆସନ, ଝାଡଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଏକମାତ୍ର ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପରେ ୨୩ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ କରାଯିବ। ୧୯ ତାରିଖ ଶେଷ ପର୍ଯ୍ୟାୟ ମତଦାନ ଲାଗି ନିର୍ବାଚନ କମିଶନ ବୁଧବାର ପର୍ଯ୍ୟବେକ୍ଷକ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ସମୀକ୍ଷା ବୈଠକ କରିଥିଲେ।

## ହାଫିଜ୍ ସଇଦ୍‌ଙ୍କ ଭିଣୋଇ ଗିରଫ

**ଲାହୋର,୧୫।୫ :** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଆତଙ୍କବାଦୀ ସଙ୍ଗଠନ ଜମାତ୍ ଉଦ୍ ଦାୱା(ଜେୟୁଡି)ର ସର୍ବୋଚ୍ଚ ନେତା ହାଫିଜ୍ ସଇଦ୍‌ଙ୍କ ଭିଣୋଇ ହାଫିଜ୍ ଅବଦୁର୍ ରହମନ୍ ମକ୍କିଙ୍କୁ ଗିରଫ କରାଯାଇଛି। ପାକିସ୍ତାନ ସରକାରଙ୍କ ବିରୋଧରେ ଗୁଜରାନ୍‌ୱାଲାରେ ଘୃଣ୍ୟ ମନ୍ତବ୍ୟ ଦେଇ ସମାଲୋଚନା କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ବୁଧବାର କହିଛି। ମକ୍କି ଜେୟୁଡିର ରାଜନୈତିକ ଓ ଅନ୍ତର୍ଜାତୀୟ ଶାଖା ଦାୟିତ୍ୱରେ ଥିଲେ। ହାଫିଜ୍‌ଙ୍କୁ ଆମେରିକା ବିଶ୍ୱ ଆତଙ୍କବାଦୀ ଘୋଷଣା କରିସାରିଥିଲା ବେଳେ ୨୦୧୨ରୁ ତାଙ୍କ ବିରୋଧରେ ୧୦ ନିୟୁତ ଆମେରିକୀୟ ଡଲାର ଘୋଷଣା କରିସାରିଛି।





ବିହାର ରାଜଧାନୀ ପାଟନାସ୍ଥିତ ବାଲିଗଞ୍ଜରେ ଅନୁଷ୍ଠିତ ଏକ ନିର୍ବାଚନ ର୍‍ୟାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଏଲ୍‌ଜେପି ମୁଖ୍ୟ ରାମବିଳାସ ପାଶ୍ୱାନ।

## ଗୁଆହାଟୀ ଗ୍ରେନେଡ୍ ବିସ୍ଫୋରଣରେ ୨ ମୃତ

**ଗୁଆହାଟୀ,୧୫।୫**

ଗୁଆହାଟୀସ୍ଥିତ ଜୁ ରୋଡ୍‌ରେ ଥିବା ଏକ ମଲ୍ ନିକଟରେ ବୁଧବାର ରାତି ୮ଟାରେ ଗ୍ରେନେଡ ବିସ୍ଫୋରଣ ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୮ ଜଣ ଆହତ ହୋଇଥିବା ଜଣାପଡ଼ିଛି। ବିସ୍ଫୋରଣ ପରେ ଅଞ୍ଚଳକୁ କର୍ଡନ କରାଯିବା ସହ ତଦନ୍ତ ଆରମ୍ଭ ହୋଇଛି। ସ୍ଥାନୀୟ ପୋଲିସ ସୂତ୍ରରୁ ପ୍ରକାଶ ଯେ, ଦୁଇଜଣ ବ୍ୟକ୍ତି ଏକ ମୋଟରସାଇକେଲ୍‌ରେ ଆସି ଜନଗହଳିପୂର୍ଣ୍ଣ ଜୁ ରୋଡ୍ ନିକଟରେ ଫିଙ୍ଗି ଚାଲିଯାଇଥିଲେ। ତେବେ ଏହି ବିସ୍ଫୋରଣ ଲାଗି ଉଲ୍‌ଫାର ପରେଶ ବରୁଆ ଗୋଷ୍ଠୀ ନିଜକୁ ଦାୟୀ କରିଛି। ସଶସ୍ତ୍ର ସୀମା ବଳର ଦୁଇଜଣ ଯବାନ ଓ ୬ ସାଧାରଣ ଲୋକ ବିସ୍ଫୋରଣରେ ଆହତ ହୋଇଥିବା ପ୍ରକାଶ। ଗୁରୁତର ୫ ଜଣଙ୍କୁ ଗୁଆହାଟୀ ମେଡିକାଲ୍ କଲେଜକୁ ଚିକିତ୍ସା ଲାଗି ପଠାଯାଇଛି। ଆସାମ ପୋଲିସ ଓ ଏସ୍‌ଏସ୍‌ବି ଯବାନଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଛି । ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଏହାକୁ ତୀବ୍ର ନିନ୍ଦା କରିଛନ୍ତି।



## ଆଇଏସ୍ ଖୋରାସନ୍ ଉପରେ ଜାତିସଂଘର କଟକଣା

**ଜାତିସଂଘ,୧୫।୫**

ଜାତିସଂଘ ପକ୍ଷରୁ ଆଇଏସ୍‌ର ଦକ୍ଷିଣ ଏସିଆ ଆତଙ୍କବାଦୀ ଶାଖା 'ଆଇଏସ୍ ଖୋରାସନ୍' ଉପରେ କଟକଣା ଲଗାଯାଇଛି। ପାକିସ୍ତାନର ଜଣେ ପୂର୍ବତନ କମାଣ୍ଡର ୨୦୧୫ରେ ଏହାକୁ ଗଠନ କରିଥିଲେ। ଅଲ୍ କାଏଦା ସହ ସମ୍ପର୍କ ଓ ପାକିସ୍ତାନ ଓ ଆଫଗାନିସ୍ତାନ ଉପରେ ଭୟଙ୍କର ଆକ୍ରମଣ କରି ୧୫୦ ଜଣଙ୍କୁ ମାରିବା ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍ କାଏଦା ପ୍ରତିବନ୍ଧ ସମିତି ପକ୍ଷରୁ ଆଇଏସ୍ ଖୋରାସନ୍ ଉପରେ କଟକଣା ଲଗାଯାଇଛି। ପାକିସ୍ତାନର ଜେଇଏମ୍ ଆତଙ୍କବାଦୀ ସଙ୍ଗଠନ ମୁଖ୍ୟ ମାସୁଦ ଆଜାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯିବାର ଦୁଇସପ୍ତାହ ପରେ ଜାତିସଂଘ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଜାତିସଂଘ ପ୍ରତିବନ୍ଧ ସମିତି ପକ୍ଷରୁ କୁହାଯାଇଛି ଯେ, ଆଇଏସ୍ ଖୋରାସନ୍ ଜାନୁୟାରୀ ୧୦, ୨୦୧୫ରେ ଗଠନ କରାଯାଇଥିଲା। ଏହାକୁ ପାକିସ୍ତାନର ତେହେରିକ୍-ଇ-ତାଲିବାନ ପାକିସ୍ତାନ କମାଣ୍ଡର ଗଠନ କରିଥିଲେ।

■ କଂଗ୍ରେସ ବିଧାୟକଙ୍କୁ ଆକ୍ରମଣ

## ୟୁପି ସରକାରକୁ ଦୋଷଦେଲେ ପ୍ରିୟଙ୍କା

**ରାଏ ବରେଲି,୧୫।୫**

ୟୁପିର ରାଏବରେଲି ବିଧାୟକ ଅଦିତି ସିଂଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଛନ୍ତି। ଏହା ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ସେ ପ୍ରକାଶ କରିଛନ୍ତି। ଆକ୍ରମଣବେଳେ



ଠେଙ୍ଗା, ଇଟା ଓ ଧାରୁଆ ଅସ୍ତ୍ରମାନ ବ୍ୟବହାର କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପା ଶାସିତ ରାଜ୍ୟରେ ହିଂସାକାଣ୍ଡ କରାଯାଇ ଆତଙ୍କରାଜ ଚାଲିଛି ବୋଲି ଦଳୀୟ କର୍ମକର୍ତ୍ତାଙ୍କୁ ପ୍ରିୟଙ୍କା କହିଛନ୍ତି। ଲକ୍ଷ୍ନୌରେ ରାଜ୍ୟପାଳ ଓ ଦିଲ୍ଲୀରେ ନିର୍ବାଚନ କମିଶନଙ୍କ ସହ ଆଲୋଚନା କରିକୁ ଓ ସ୍ଥାନୀୟ ପ୍ରଶାସନ ବିରୋଧରେ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।

## ୮ରୁ କୈଳାସ ମାନସରୋବର ଯାତ୍ରା
## କମ୍ପ୍ୟୁଟର ଡ୍ର'ରେ ପ୍ରଥମଥର ଯାଉଥିବା ଯାତ୍ରୀଙ୍କୁ ଅଗ୍ରାଧିକାର


**ନୂଆଦିଲ୍ଲୀ,୧୫।୫ (ପି.ଟି.):** କୈଳାସ ମାନସରୋବର ଯାତ୍ରା ଜୁନ ୮ ତାରିଖରୁ ଆରମ୍ଭ ହେବ। ପ୍ରଥମ କରି ଯାଉଥିବା ଯାତ୍ରୀଙ୍କୁ କମ୍ପ୍ୟୁଟର ଡ୍ର ଜରିଆରେ ଅଗ୍ରାଧିକାର ଦିଆଯିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୈଦେଶିକ ସଚିବ ବିଜୟ ଗୋଖଲେ ଜବାହାରଲାଲ୍ ଭବନଠାରେ ବୁଧବାର ଏହି କମ୍ପ୍ୟୁଟର ଡ୍ର ଉଠାଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ।

ଇତିହାସର ଆଇନାରେ

## ମେ ୧୬ର ପ୍ରମୁଖ ଘଟଣା

୧୯୭୫ ମେ ୧୬ରେ ଭାରତ ସହ ସିକ୍କିମର ମିଶ୍ରଣ ହୋଇଥିଲା। ହିମାଳୟ ପାର୍ବତ୍ୟାଞ୍ଚଳର ଏହି ରାଜ୍ୟ ପାଇଁ ଏହା ଥିଲା ଟର୍ନିଂ ପଏଣ୍ଟ। ଯଦିଓ ଏହି ମିଶ୍ରଣ ପ୍ରକ୍ରିୟା ଯଥେଷ୍ଟ ପୂର୍ବରୁ ଆରମ୍ଭ ହୋଇଥିଲା ତେବେ ୧୯୭୫ ମେ ୧୬କୁ ଭାରତ ସହ ସିକ୍କିମ ମିଶ୍ରଣର ଆନୁଷ୍ଠାନିକ ଦିବସ ଭାବେ ଗ୍ରହଣ କରାଯାଇଥାଏ।

୨୦୦୩ ମେ ୧୬ରେ ମରକ୍କୋରେ ଆତଙ୍କବାଦୀଙ୍କ ଆକ୍ରମଣରେ ୩୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ସେହି ରାତିରେ ୧୪ ବୋମାଧାରୀ ୪ଟି ସ୍ଥାନରେ ବିସ୍ଫୋରଣ ଘଟାଇଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘାଚ୍ଛନ୍ନ ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ଶୁଖିଲା ରହିବା ସହ ଅପରାହ୍ନରେ ଆକାଶ ଆଂଶିକ ମେଘାଚ୍ଛନ୍ନ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୧.୨ |
| ଚାନ୍ଦବାଲି | ୩୯.୮ | ୨୮.୨ |
| କଟକ | ୩୭.୨ | ୨୬.୬ |
| ପାରାଦ୍ୱୀପ | ୩୩.୧ | ୨୮.୩ |
| ଭୁବନେଶ୍ୱର | ୩୭.୦ | ୨୭.୫ |
| ଗୋପାଳପୁର | ୩୧.୮ | ୨୬.୯ |
| ପୁରୀ | ୩୩.୬ | ୨୭.୪ |
| ଅନୁଗୋଳ | ୪୧.୧ | ୨୩.୦ |
| ବାରିପଦା | ୩୭.୦ | ୨୩.୬ |
| ଝାରସୁଗୁଡ଼ା | ୪୦.୫ | ୨୭.୪ |
| କେନ୍ଦୁଝର | ୩୮.୦ | ୨୩.୦ |
| ସମ୍ବଲପୁର | ୪୨.୪ | ୨୭.୦ |
| ସୁନ୍ଦରଗଡ଼ | --- | ୨୪.୦ |
| ହୀରାକୁଦ | ୪୨.୨ | ୨୭.୦ |
| ତାଳଚେର | ୪୧.୩ | ୨୬.୫ |
| ଭବାନୀପାଟଣା | ୪୧.୦ | ୨୬.୫ |
| ବଲାଙ୍ଗୀର | ୪୩.୧ | ୨୭.୦ |
| କୋରାପୁଟ | ୩୫.୦ | ୧୯.୬ |
| ଫୁଲବାଣୀ | ୪୦.୨ | ୨୩.୦ |
| ଟିଟିଲାଗଡ଼ | ୪୩.୫ | ୨୬.୦ |
| ମାଲକାନଗିରି | ୪୦.୦ | ୨୨.୦ |
| ସୋନପୁର | ୪୩.୦ | ୨୪.୪ |
| ଦାରିଙ୍ଗିବାଡ଼ି | ୩୬.୫ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

## 'ଗୁଲାବୋ ସିତାବୋ'ରେ ଅମିତାଭ, ଆୟୁଷ୍ମାନ୍

**ମୁମ୍ବାଇ:** ମେଗାଷ୍ଟାର୍ ଅମିତାଭ ବଚ୍ଚନ ଓ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ପ୍ରଥମଥର ଲାଗି ଏକାଠି ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବେ। ସୁଜିତ୍ ସିର୍‌କାର୍‌ଙ୍କ ପରବର୍ତ୍ତୀ କମେଡ଼ି ଫିଲ୍ମ 'ଗୁଲାବୋ ସିତାବୋ'ରେ ଦୁହେଁ ଏକାଠି ଅଭିନୟର ଯାଦୁ ଦେଖାଇବେ। ସୁଜିତ୍‌ଙ୍କ ଦୀର୍ଘଦିନର ସହଯୋଗୀ ଜୁହି ଚତୁର୍ବେଦୀ ଏହି ଫିଲ୍ମଟିକୁ ଲେଖିଛନ୍ତି। ଏହାପୂର୍ବରୁ 'ଭିକି ଡୋନର୍'‘ପିଙ୍କୁ' ରେ ସେମାନେ ଏକାଠି କାମ କରିଥିଲେ। ଜୁହିଙ୍କ ଏହି ଫିଲ୍ମର କାହାଣୀ ମୋତେ ବେଶ୍ ଆକର୍ଷିତ କରିଥିଲା ଓ ମୋର ନିର୍ଦ୍ଦେଶକ ବନ୍ଧୁ ରୋନି ଲାହିରିଙ୍କ ସହ ଏନେଇ ମୁଁ ଆଲୋଚନା କରିବା ପରେ ମେଗାଷ୍ଟାର୍ ଅମିତାଭ୍ ଓ ଆୟୁଷ୍ମାନ ଆମ ସହ ସାମିଲ୍ ହୋଇଥିଲେ ବୋଲି ସୁଜିତ୍ କହିଛନ୍ତି। ଚଳିତବର୍ଷ ଏହି ଫିଲ୍ମ ମୁକ୍ତିଲାଭ କରିବା ଲାଗି ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି। 'ଗୁଲାବୋ ସିତାବୋ' ଏକ ମଜାଦାର୍ କାହାଣୀ ଉପରେ ଆଧାରିତ। ମେଗାଷ୍ଟାର୍ ଅମିତାଭଙ୍କ ସହ ପ୍ରଥମଥର ଲାଗି କାମ କରୁଥିବାରୁ ମୁଁ ଗର୍ବିତ ବୋଲି ଆୟୁଷ୍ମାନ୍ କହିଛନ୍ତି। ସୁଜିତ୍‌ଦା ମୋତେ ଏହି ଫିଲ୍ମରେ ଅଭିନୟ କରିବାର ସୁଯୋଗ ଦେଇଥିବାରୁ ବହୁତ୍ ଖୁସିଥିବା ଆୟାଷ୍ମାନ୍ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, 'ଗୁଲାବୋ ସିତାବୋ' ଆସନ୍ତା ନଭେମ୍ବର ମାସରେ ମୁକ୍ତିଲାଭ କରିବାକୁ ଯାଉଛି।





ଅଣଭାଜପା ଦଳଗୁଡ଼ିକ ସହ ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ ଲାଗି ଆଲୋଚନା କରିବାକୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କୁ ଉପାଧ୍ୟକ୍ଷା ସୋନିଆ ଗାନ୍ଧୀ ମନୋନୀତ କରିଥିବା ଜଣାପଡ଼ିଛି। ମେ ୨୩ରେ ଭୋଟ ଫଳାଫଳ ଜଣାପଡ଼ିବା ପରେ ଛୋଟ ଛୋଟ ଦଳଗୁଡ଼ିକୁ ନେଇ କଂଗ୍ରେସ କେନ୍ଦ୍ରରେ ସରକାର ଗଠନ କରିବାକୁ ପ୍ରୟାସ କରିବ। ଏସ୍‌ପି, ବିଏସ୍‌ପି, ଟିଏମ୍‌ସି କଂଗ୍ରେସ ସହ ନିର୍ବାଚନ ପୂର୍ବରୁ ମେଣ୍ଟ କରି ନ ଥିବାବେଳେ ସଂଘୀୟ ମେଣ୍ଟ ଓ ଛୋଟ ଛୋଟ ଦଳ ଉପରେ କଂଗ୍ରେସ ଆଖି ପକାଇଛି।



## ସଂକ୍ଷେପରେ

### ପଶ୍ଚିମବଙ୍ଗବାସୀ ମମତାଙ୍କ ଉପରୁ ଆସ୍ଥା ହରାଇଛନ୍ତି: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୫।୫(ବ୍ୟୁରୋ): ପଶ୍ଚିମବଙ୍ଗର ଲୋକେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଆସ୍ଥା ହରାଇଛନ୍ତି। ପଶ୍ଚିମବଙ୍ଗରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ' ସମୟରେ ହିସାଂକାଣ୍ଡ ଘଟଣାକୁ ନେଇ ସାମାଜିକ ଗଣମାଧମ ଜରିଆରେ ଏକ ଭିଡିଓ ଜାରିକରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି ଯେ, ଆସନ୍ନ ପରାଜୟ ଡରରେ ମମତା ଦିଦିଙ୍କ ଲୋକେ ହିଂସାକୁ ଆପଣାଇଛନ୍ତି। ଏହି ହିଂସାର ଜବାବ ଲୋକେ ବାଲେଟରେ ଦେବେ। ଗତ ମଙ୍ଗଳବାର ଏହି ରୋଡ୍ ଶୋ'ବେଳେ ଭାଜପା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅଭୂତପୂର୍ବ ଜନସମର୍ଥନ ଦେଖିବାକୁ ମିଳିଥିଲା। ଗତକାଲି ଶୋଭାଯାତ୍ରାରେ ଶାହ କାର୍ଯ୍ୟକର୍ତ୍ତାଙ୍କ ସହ କୋଲକାତା କଲେଜ ଷ୍ଟ୍ରିଟ୍ ଅତିକ୍ରମ କରିବାବେଳେ ଗେଟ୍ ଭିତରୁ ୧୦ରୁ ୧୫ଜଣ ଯୁବକ କଳାପତାକା ଦେଖାଇ ନାରାବାଜି କରିଥିଲେ। ଏହି ଘଟଣା ୧ଘଣ୍ଟା ପୂର୍ବରୁ ଘଟିଥିବାବେଳେ ସ୍ଥାନୀୟ ପୋଲିସ ସହାୟତା ବିନା ଏହା ଅସମ୍ଭବ ଥିଲା। ଏହା ଏକ ଷଡ଼ଯନ୍ତ୍ର। ବାହାର ଲୋକମାନେ ଏହି ହିଂସାକାଣ୍ଡ ଘଟାଇଥିବା କୁହାଯାଉଛି। ମମତା ଦିଦି ଯେତେ ଜୋର୍‌ରେ ମିଛକୁ ସତ କରିବାର ପ୍ରୟାସ କରନ୍ତୁ, ହେଲେ ଗତକାଲି ତାଙ୍କ ମନରେ ଭୟଜାତ ହୋଇଥିବା ସେ ମାନିଛନ୍ତି। ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି କିଏ ଭାଙ୍ଗିଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଏହି ସମୟରେ ଭାଜପା କାର୍ଯ୍ୟକର୍ତ୍ତା, ସମର୍ଥକ ଓ ସାଧାରଣ ଜନତା ରାସ୍ତାରେ ଥିଲେ। ପରିସର ଭିତରେ କେବଳ ମମତାଙ୍କ ଛାତ୍ର ପରିଷଦର ଲୋକ ଥିଲେ। ମମତା ନିଜ ଲୋକଙ୍କ ମାଧମରେ ମୂର୍ତ୍ତି ଭାଙ୍ଗି ଓ ସ୍କୁଟି ପୋଡ଼ି ବିବାଦ ସୃଷ୍ଟି କରୁଛନ୍ତି। ସ୍ୱାଧୀନତା ପୂର୍ବ ଲଢ଼େଇକୁ କୋଲକାତାର ରାସ୍ତାଘାଟ ଦେଖିଥିବାବେଳେ ଗତକାଲି ମଧ ଗଣତନ୍ତ୍ର ବଚାଓ ଓ ଅତ୍ୟାଚାର ବିରୋଧରେ ଜନସମର୍ଥନ ଦେଖାଯାଇଛି। ପଶ୍ଚିମବଙ୍ଗରେ ଏଥର ପରିବର୍ତ୍ତନର ଆଭାସ ମିଳିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବଜାରରେ ଦରଦାମ୍ ଆକାଶଛୁଆଁ




# ଠିକାଦାର କ୍ୟାମ୍ପରେ ମାଓବାଦୀଙ୍କ ଲଙ୍କାକାଣ୍ଡ

ମ.ରାମପୁର/ସେରଗଡ଼/ଭବାନୀପାଟଣା,୧୫।୫(ଡି.ଏନ.ଏ.)

- ୨ ଜେସିବି, ୩ ଟ୍ରାକ୍ଟର, ୨ ମିକ୍ସର ମେଶିନ ପୋଡ଼ିଦେଲେ
- ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ବିରୋଧ


ମାଓବାଦୀମାନେ ପୋଡ଼ିଦେଇଥିବା ଜେସିବି, ଟ୍ରାକ୍ଟର।

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଉର୍ଲାଦାନୀ ସଂରକ୍ଷିତ ଜଙ୍ଗଲର ନୂଆମୁଣ୍ଡାଠାରେ ଥିବା ପିଏମ୍‌ଜିଏସ୍‌ୱାଇ ଠିକାଦାର କ୍ୟାମ୍ପରେ ମଙ୍ଗଳବାର ରାତିରେ ମାଓବାଦୀମାନେ ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ଏହି କ୍ୟାମ୍ପରେ ରଖାଯାଇଥିବା ୨ ଜେସିବି, ୩ ଟ୍ରାକ୍ଟର, ୨ ମିକ୍ସର ମେଶିନ ପୋଡ଼ି ଦେଇଛନ୍ତି। ପରେ କ୍ୟାମ୍ପ ପରିସରରେ ଥିବା ଗଛଗୁଡ଼ିକରେ ପୋଷ୍ଟର ମାରି ଧମକ ଦେଇଛନ୍ତି।

ଘଟଣା ଘଟିଥିବା ସ୍ଥାନଠାରୁ ମାତ୍ର ୨ କି.ମି. ଦୂର ଉର୍ଲାଦାନୀଠାରେ ସିଆରପିଏଫ୍ ଯବାନଙ୍କ ସ୍ଥାୟୀ କ୍ୟାମ୍ପ ରହିଛି। ଯବାନମାନେ ଅହୋରାତ୍ର ସେହି ଅଞ୍ଚଳରେ ପଇଁତରା ମାରୁଥିବା ସତ୍ତ୍ୱେ ମାଓବାଦୀମାନେ ଏପରି କାଣ୍ଡ ଘଟାଇବା ସ୍ଥାନୀୟ ଲୋକଙ୍କୁ ଚକିତ କରିଛି। ବୁଧବାର ଅପରାହ୍ନ ୧ଟାରେ ଉପଠିକାଦାର ସୀତାରାମ ଅଗ୍ରୱାଲ ମ.ରାମପୁର ଥାନାରେ ଅଭିଯୋଗ କରିଛନ୍ତି। ମ.ରାମପୁର ଉପଭାରପ୍ରାପ୍ତ ଥାନା ଅଧିକାରୀ ଓ କେସିଙ୍ଗା ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୧୨ରୁ ୧୫ ଜଣ ମାଓବାଦୀ ସେଦିନ ରାତି ପ୍ରାୟ ୧ଟା ବେଳେ ଠିକାଦାର କ୍ୟାମ୍ପକୁ ପଶି ଗାଡ଼ିରେ ନିଆଁ ଲଗାଇବା ସହ ବିଭିନ୍ନ ଧମକ ଦେଇ ଚାଲିଯାଇଥିଲେ।

# କ୍ଷତି ଆକଳନ କଲେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୧୫।୫(ବ୍ୟୁରୋ)

**'ଫନୀ' ଚୋଟ**
- ରାଜ୍ୟ ସରକାରଙ୍କୁ ପ୍ରଶଂସା
- ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ
- ୧୨ ହଜାର କୋଟି କ୍ଷୟକ୍ଷତି ବିଷୟ ଜଣାଇଲା ଓଡ଼ିଶା

କେନ୍ଦ୍ରୀୟ ଟିମ୍ ସାମୁଦ୍ରିକ ଝଡ଼ 'ଫନୀ'ରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ଅଞ୍ଚଳ ବୁଲି କ୍ଷତି ଆକଳନ କରିଛନ୍ତି। ଗତ ଦୁଇ ତିନି ଦିନ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ପୃଥକ୍ ପୃଥକ୍ ଟିମ୍‌ରେ ବିଭକ୍ତ ହୋଇ ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳ ବୁଲି ତଥ୍ୟ ସଂଗ୍ରହ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ୍ ପୁରୀ ଜିଲାର କୃଷ୍ଣପ୍ରସାଦ, ବ୍ରହ୍ମଗିରି, କଣାସ, କାକଟପୁର, ଭୁବନେଶ୍ୱର ବ୍ଲକ ଜଟଣୀ ଆଦି ଅଞ୍ଚଳର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଥମ ଥର ଲାଗି କେନ୍ଦ୍ରୀୟ ଟିମ୍ ବାତ୍ୟା ହେବାର ୧୦ ଦିନ ମଧ୍ୟରେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି।

କେନ୍ଦ୍ରୀୟ ଟିମ୍ ବୁଧବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ଟିମ୍ ପ୍ରଶଂସା କରିଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଭରଦ୍ୱାଜ କହିଛନ୍ତି ଯେ, ଆମ ଟିମ୍ ଗତ ୨/୩ଦିନ ଧରି ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି। ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାକୁ ଏକ ବଡ଼ ଟିମ୍ ଧରି ଆମେ ଏଠାକୁ ଆସିଥିଲୁ। ପୁରୀରେ ସର୍ବାଧିକ କ୍ଷତି ହୋଇଛି। ଘର ଭାଙ୍ଗିବା ସହ ହୋଟେଲ ଏବଂ ପେସା ଉଜୁଡ଼ି ଯାଇଛି। ବିଦ୍ୟୁତ୍, ଜଳ ଯୋଗାଣ ଭିତ୍ତିଭୂମି ମଧ କ୍ଷତିଗ୍ରସ୍ତ ହୋଇଛି। କଟକ ଜିଲାରେ ମଧ ଘର, ପାନବରଜ, ନଡ଼ିଆ ଗଛ ଭିତ୍ତିଭୂମି ନଷ୍ଟ ହୋଇଛି। ରାଜ୍ୟ ସରକାର ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରିଚାଲିଛନ୍ତି। ଯେଉଁଠିକୁ ଯାଇଛୁ ସେଠାରେ ଲୋକମାନେ ତୁରନ୍ତ ରିଲିଫ ଆକାରରେ ଟଙ୍କା ଓ ଚାଉଳ ପାଇଥିବା କହିଛନ୍ତି। ଏ ସବୁ ରାଜ୍ୟ ସରକାର ତ୍ୱରିତ ବେଗରେ କରିଛନ୍ତି ବୋଲି ସେ କହିଛନ୍ତି। ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି। ବିଦ୍ୟୁତ ଶକ୍ତି ପୁନରୁଦ୍ଧାର କିମ୍ବା ଜୀବନ ଜୀବିକା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ଅଧିକ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।


ଫନୀ କ୍ଷୟକ୍ଷତି ଆକଳନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍ ସଦସ୍ୟମାନେ ଭୁବନେଶ୍ୱର କଲରାପଟ୍ଟ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରୁଛନ୍ତି।

ଫନୀ ଯୋଗୁ ୧୪ଟି ଜିଲାର ୧୮,୩୮୮ ଗ୍ରାମର ୧.୫ କୋଟି ଲୋକ ପ୍ରଭାବିତ ହୋଇଥିବା ବେଳେ ୫ ଲକ୍ଷ ଘର ନଷ୍ଟ ହୋଇଛି। ୬୪ ଜଣ ଲୋକଙ୍କର ଜୀବନ ଯାଇଛି। ୧୨ ହଜାର କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଟିମ୍‌କୁ ଜଣାଇଛନ୍ତି। ଏ ନେଇ ଏକ ପ୍ରାଥମିକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ବାତ୍ୟାରେ ଜଳ ସମ୍ପଦ ବିଭାଗର ୩୭୩.୦୧ କୋଟି ଟଙ୍କା କ୍ଷତି ହୋଇଥିବାବେଳେ ପୂର୍ତ୍ତ ବିଭାଗର ୫୯୭.୩୨, ଗ୍ରାମ୍ୟ ଉନ୍ନୟନ ବିଭାଗର ୪୩୫.୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୫୨୪.୩୪, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୫୮୭.୦୩, କୃଷି ବିଭାଗର ୧୦୨.୩୦, ଶକ୍ତି ବିଭାଗର ୧୧୫୯.୮୦, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୫୫.୪୩, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗର ୫.୯୨ କୋଟି, ମହିଳା ଓ ଶିଶୁ ବିକାଶ ବିଭାଗର ୭୨.୪୮, ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ୭୪.୩୧, ସମବାୟ ବିଭାଗର ୧୭.୪୧, ଉଚ୍ଚଶିକ୍ଷା ବିଭାଗର ୨୯୬, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୧୨.୭୫, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ୧୮.୨୫, ଜଙ୍ଗଲ ଓ ପରିବେଶ ବିଭାଗର ୫୩୭.୮୦, ପର୍ଯ୍ୟଟନ ବିଭାଗର ୧୯.୧୭, ସ୍କୁଲ ଓ ଗଣଶିକ୍ଷା ବିଭାଗର ୧୦.୯୪, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୩୦.୫୭, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ୧୩.୭୪, ଶିଳ୍ପ ବିଭାଗର ୧୫୨.୬୯, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ୭୧.୭୪, ଆଇନ ବିଭାଗର ୫.୧୦, ଶ୍ରମିକ ଓ କର୍ମଚାରୀ ବୀମା ବିଭାଗର ୦.୭୮ ଏବଂ ରିଲିଫ ଓ ପୁନରୁଦ୍ଧାର ପାଇଁ ୬୭୬୭.୫୬ କୋଟି ଟଙ୍କା କ୍ଷତି ହୋଇଥିବା ପ୍ରାଥମିକ ରିପୋର୍ଟରେ ଦର୍ଶାଯାଇଛି। ମାସକ ମଧ୍ୟରେ ଚୂଡାନ୍ତ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି।

### ଅଡୁଆରେ କୋମନା ବିଡିଓ

ନୂଆପଡ଼ା ଅଫିସ,୧୫।୫

ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର କରି ନୂଆପଡ଼ା ଜିଲା କୋମନା ବିଡିଓ ଶ୍ୟାମଳ ରଏ ହରଡ଼ଘଣାରେ ପଡିଛନ୍ତି। ଏ ନେଇ ନୂଆପଡା ଥାନାରେ ବିଡିଓ ରଏ, ଯନ୍ତ୍ରୀ ରମେଶ ଦୀପ, ବିରଞ୍ଚି ଉଦ୍ଦଣ୍ଡ ରଏ ଓ ଶକୁନ୍ତଳା ଦାସଙ୍କ ନାମରେ ଅଭିଯୋଗ ହୋଇଛି। ଜିଲା ଯୁବ ବିଜେଡି ସଭାପତି ରାଜେଶ ନିଗମ ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ନୂଆପଡ଼ା–କୋମନା ରାସ୍ତାର ଏକ ହୋଟେଲରେ ସପରିବାର ଭୋଜନ କରୁଥବାବେଳେ ବିଡିଓ ଓ ସହଯୋଗୀମାନେ ତାଙ୍କ ପରିବାରର ମହିଳାମାନଙ୍କୁ ଦେଖି ଅଶ୍ଳୀଳ ବ୍ୟବହାର କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରିଛି।







Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. *As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ – 7799766422. ଭାରତ ହୀରୋ – 7799766378. ଡିଡି ହୀରୋ – 7799566329. **ବାଲେଶ୍ୱର:** ନୀଲମ ହୀରୋ – 7799766393. **ବାରିପଦା :** ଆଦିତ୍ୟ ହୀରୋ – 7799766370. **ଭଦ୍ରକ :** ସଞ୍ଜୀବ ହୀରୋ – 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ – 7799766362. **କଟକ:** କେଏମଜି ହୀରୋ – 7799766366. ସନୀ ହୀରୋ – 7799766401. ଏସେନ୍ ହୀରୋ – 7799766425. **ଜଗତସିଂହପୁର:** ତ୍ରିଶୂଳ ହୀରୋ – 7799766383. **ଯାଜପୁର ରୋଡ:** ସୌମିକ ହୀରୋ – 7799766410. **ଜଳେଶ୍ୱର:** ସାଇ ହୀରୋ – 7799766407. **ଜଟଣୀ:** ବିଶାଳ ହୀରୋ – 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ – 7799766360. **ନୟାଗଡ଼:** ଭଗବତୀ ହୀରୋ – 7799766417. **ପୁରୀ:** ସଞ୍ଜୀବ ହୀରୋ – 06752–255881, 8448389695. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ – 253841, 9438757377. **ବାଲୁଗାଁ:** ମହାମୟୀ ମୋଟର୍ସ – (06756) 250280. **ଯାଜପୁର:** ଆୟୁଷ ଅଟୋମୋବାଇଲ୍ସ – 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ – 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ – 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍ସ – 252725. **ପାରାଦୀପ:** ପ୍ରଦୀପ ମୋଟର୍ସ – 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ – 220430. **ପିପିଲି:** ଶ୍ରୀରାମ ମୋଟର୍ସ – 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ – 225552. **ରାହାମା:** ଶରଳା ଅଟୋମୋବାଇଲ୍ସ – 248001, 248002. **ରାଇରଙ୍ଗପୁର:** ମା ସାକମ୍ବରୀ ମୋଟର୍ସ – 7008906387. **ସୋରୋ:** ଜୁଇଲିଲ ମୋଟର୍ସ – 221711, 9337375571.



ଜମ୍ମୁ-କଶ୍ମୀର ହାଇକୋର୍ଟ ବଣ୍ଡିପୋରା ନାବାଳିକା ବଳାତ୍କାର ମାମଲାର ଷ୍ଟାଟସ୍ ରିପୋର୍ଟ ଶୁକ୍ରବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଦାଖଲ କରିବା ଲାଗି ଆଇଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଗୀତା ମିତ୍ତଲ ଓ ବିଚାରପତି ତଶୀ ରବ୍‌ଷ୍ଟନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗତ ସପ୍ତାହରେ ଜଣେ ୩ ବର୍ଷର ନାବାଳିକାକୁ ତାଙ୍କ ପଡ଼ୋଶୀ ବଳାତ୍କାର କରିବା ପରେ ପରିସ୍ଥିତି ଭୟଙ୍କର ରୂପ ନେଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ................................



ସୋନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ଆଜି ରାତିରୁ ପ୍ରଚାର ...

ବସିରହାଟ, ଜୟନଗର, ମଥୁରାପୁର, ଯାଦବପୁର, ଡାଇମଣ୍ଡ ହାର୍ବର, ଦକ୍ଷିଣ ଓ ଉତ୍ତର କୋଲକାତା ନିର୍ବାଚନମଣ୍ଡଳୀରେ ପ୍ରଚାର ବନ୍ଦ ରହିବ।

ଖ୍ୟାତନାମା ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହୋଇଛି। ଏଥିପାଇଁ ଶାସକ ଦଳ ଟିଏମ୍‌ସି ଭାଜପାକୁ ଦାୟୀ କରିବା ସହ ଏନେଇ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା। ଅନ୍ୟପକ୍ଷରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ କାରକେଡ୍ ଉପରେ ଆକ୍ରମଣ ଘଟଣାରେ ଭାଜପା ପକ୍ଷରୁ ଦିଲ୍ଲୀର ଯନ୍ତରମନ୍ତରରେ ନୀରବ ପ୍ରତିବାଦ କରାଯାଇଥିଲା। ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାରେ ଇସି ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ପୋଲିସ ପ୍ରଶାସନରେ ...

ଏଭଳି ଅଭିଯୋଗ କରିଛନ୍ତି। ତଥ୍ୟ ଅନୁଯାୟୀ, ଇନ୍ସପେକ୍ଟର ଦୀପକ ମିଶ୍ରଙ୍କ ନାମରେ ସର୍ବାଧିକ ଅଭିଯୋଗ ରହିଛି। ତାଙ୍କ ନାମରେ ୧୦ ପିଟିଶନ ରହିଥିବାବେଳେ ଗୋଟିଏ ତଦନ୍ତାଧୀନ ରହିଛି। ଏହାସତ୍ତ୍ୱେ ଡିଜିପି ତାଙ୍କୁ ବେଷ୍ଟ ଇନ୍ସପେକ୍ଟର ପୁରସ୍କାର ଦେଇଛନ୍ତି। ଇନ୍ସପେକ୍ଟର ଶରତ କୁମାର ସାହୁଙ୍କ ବିରୋଧରେ ୯, ଅନୁପ କାନୁନ୍‌ଗୋଙ୍କ ନାମରେ ୪ ଅଭିଯୋଗ ଆସିଥିବାବେଳେ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି। ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ମଣ୍ଡଳଙ୍କ ନାମରେ ଆସିଥିବା ମୋଟ ୪ଟି ଯାକ ଅଭିଯୋଗର ତଦନ୍ତ ଚାଲିଥିବାବେଳେ ରଜତ ରାୟଙ୍କ ବିରୋଧରେ ହୋଇଥିବା ୫ ଅଭିଯୋଗ ମଧ୍ୟରୁ ୨ଟିର ତଦନ୍ତ ଚାଲିଛି। ସେହିପରି ଇନ୍ସପେକ୍ଟର ମନୋଜ କୁମାର ସାମନ୍ତଙ୍କ ବିରୋଧରେ ହୋଇଥିବା ୪ ଅଭିଯୋଗ ମଧ୍ୟରୁ ୩ ଏବଂ କୃଷ୍ଣ ପ୍ରସାଦ ମିଶ୍ରଙ୍କ ନାମରେ ହୋଇଥିବା ୩ ଅଭିଯୋଗ ମଧ୍ୟରୁ ୨ଟିର ତଦନ୍ତ ଚାଲିଛି। ଅନ୍ୟ ଇନ୍ସପେକ୍ଟରମାନଙ୍କ ମଧ୍ୟରେ କିଶୋରଚନ୍ଦ୍ର ମୁଣ୍ଡ, ଯୁଗଳକିଶୋର ଦାସ, ଜନାର୍ଦ୍ଦନ ପାଢ଼ୀ, ସୂର୍ଯ୍ୟମଣି ପ୍ରଧାନଙ୍କ ନାମରେ ୩ଟି ଲେଖାଏ ଅଭିଯୋଗ ଆସିଛି। ସେଥିମଧ୍ୟରୁ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି। ଇନ୍ସପେକ୍ଟର ଲକ୍ଷ୍ମୀନାରାୟଣ ତିୱାରୀ, ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ନାମରେ ଥିବା ୨ଟି ଲେଖାଏ ଅଭିଯୋଗ ମଧ୍ୟରୁ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି।

ସେହିପରି କେତେଜଣ ଇନ୍ସପେକ୍ଟରଙ୍କ ନାମରେ ଗୋଟିଏ ଲେଖାଏ ଅଭିଯୋଗ ହୋଇଥିବାବେଳେ ତା'ର ତଦନ୍ତ ଚାଲିଛି। ସେମାନେ ହେଲେ କେ. କେ. ପାଣିଗ୍ରାହୀ, ରବି ନାରାୟଣ ପାଢ଼ୀ, ଅତନୁ କୁମାର ରାଉତ, ବନିତା ମହାରଣା, ରବି ନାରାୟଣ ଭଞ୍ଜ, ବିଦ୍ୟୁତ୍ ପଣ୍ଡା ଓ କ୍ଷମାସାଗର ପଣ୍ଡା।

ଆଉ କେତେଜଣ ଇନ୍ସପେକ୍ଟରଙ୍କ ନାମରେ ଏକାଧିକ ଅଭିଯୋଗ ଆସିଥିଲେ ମଧ୍ୟ କୌଣସି ଅଭିଯୋଗର ତଦନ୍ତ ବାକି ରହିନାହିଁ। ସେମାନେ ହେଲେ ମାନସ ରଞ୍ଜନ ଗଡ଼ନାୟକ(୫ ଅଭିଯୋଗ), ରବିନାରାୟଣ ଶତପଥୀ(୪), ହିମାଂଶୁ ଭୂଷଣ ସ୍ୱାଇଁ(୪), ଭରତ ଚନ୍ଦ୍ର ସାହୁ(୩), ଦେବୀଶଙ୍କର ପ୍ରତାପ(୩), ବିଳାସିନୀ ମଲ୍ଲ(୨) ରଶ୍ମିରଞ୍ଜନ ସାହୁ(୨), ଆଲୋକ କୁମାର ଜେନା(୨)। ଅନ୍ୟମାନଙ୍କ ମଧ୍ୟରେ ଇନ୍ସପେକ୍ଟର ସତ୍ୟଜିତ୍ ମିଶ୍ର, ତପନ କୁମାର ମହାନ୍ତି, ପ୍ରିୟରଞ୍ଜନ ଶତପଥୀ, ଗଙ୍ଗାଧର ଦଳାଇ, ନୀହାର ରଞ୍ଜନ ପ୍ରଧାନ, ସୁରେନ୍ଦ୍ର କୁମାର ବଳ, ସରୋଜ କୁମାର ପଟେଲ, ସଞ୍ଜୀବ ଶତପଥୀ, ପଦ୍ମନାଭ ପ୍ରଧାନ, ଇମାନ କଲ୍ୟାଣୀ ନାୟକ, ସରୋଜ କୁମାର ପଟେଲ ଓ ପ୍ରଭାସ ଚନ୍ଦ୍ର ପାଲ୍‌ଙ୍କ ବିରୋଧରେ ଗୋଟିଏ ଲେଖାଏ ପିଟିଶନ ଦାଏର ହୋଇଛି।

ଅନ୍ୟପକ୍ଷରେ ୧୪ଜଣ ଏସିପିଙ୍କ ନାମରେ ଏକାଧିକ ଅଭିଯୋଗ ଆସିଛି। ସେମାନେ ହେଲେ ନିର୍ମଳ ଶତପଥୀ(୨ ଅଭିଯୋଗ), ସୁବାସ ତ୍ରିପାଠୀ(୩), ଦିଲୀପ କୁମାର ଦାସ(୪), ପି.କେ. ପଟ୍ଟନାୟକ(୧), ବିନୋଦ କୁମାର ଦାଶ(୧), ଅକ୍ଷୟ କୁମାର ମିଶ୍ର(୫), ସୁରେଶ କୁମାର ଦାଶ(୧), ପ୍ରତାପ କୁମାର ସ୍ୱାଇଁ(୧), ଅନିଲ କୁମାର ପାତ୍ର(୧), ବିଳାସିନୀ ନାୟକ(୧), ବିଷ୍ଣୁଚରଣ ମିଶ୍ର(୧), ବିଭୂତି ଭୂଷଣ ପରିଡ଼ା(୧), ଶୁଭେନ୍ଦୁ ସ୍ନିହା(୧) ଓ ରବୀନ୍ଦ୍ରନାଥ ଶତପଥୀ(୧)। ଏମାନଙ୍କ ମଧ୍ୟରୁ ପି.କେ. ପଟ୍ଟନାୟକ, ପ୍ରତାପ କୁମାର ସ୍ୱାଇଁ, ଅନିଲ କୁମାର ପାତ୍ର, ବିଭୂତି ଭୂଷଣ ପରିଡା ଓ ରବୀନ୍ଦ୍ର ନାଥ ଶତପଥୀଙ୍କ ବିରୋଧରେ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି।

ପୋଲିସ ଅଧିକାରୀଙ୍କ ବିରୋଧରେ ହେଉଥିବା ତଦନ୍ତ କେବଳ ନାମକୁ ମାତ୍ର। କାରଣ ଯଦି ଜଣେ ଇନ୍ସପେକ୍ଟରଙ୍କ ବିରୋଧରେ ଅଭିଯୋଗ ଆସୁଛି ତେବେ ତାହାର ତଦନ୍ତ ଭାର ସେହି ଥାନାର ଜୋନ୍ ଏସିପିଙ୍କୁ ଦିଆଯାଉଛି। ପ୍ରାୟତଃ ଯେଉଁ ଜୋନ୍ ଏସିପିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଉଛି, ସେ ଇନ୍ସପେକ୍ଟର ଥିବାବେଳେ ତାଙ୍କ ନାମରେ ମଧ୍ୟ ଅଭିଯୋଗ ଆସିଛି। ଫଳରେ ସେ ତଦନ୍ତ କଲେ ସେଥିରେ ସ୍ୱଚ୍ଛତା ରହିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ସେହିପରି ଜଣେ ଏସିପିଙ୍କ ନାମରେ ଅଭିଯୋଗ ଆସିଲେ ଅତିରିକ୍ତ ଡିସିପିଙ୍କୁ ତଦନ୍ତ ଭାର ଦିଆଯାଉଛି। ଏସିପି ଏବଂ ଅତିରିକ୍ତ ଡିସିପିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହୁଥିବାରୁ ତଦନ୍ତ ଦିଗହରା ହେଉଥିବା କୁହାଯାଉଛି। ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ଉଦ୍ଦେଶ୍ୟମୂଳକ ଭାବେ ତଦନ୍ତ କରାଯାଉନାହିଁ। ଯେଉଁଠି ତଦନ୍ତ କରାଯାଉଛି, ସେଠି ରିପୋର୍ଟକୁ ବଦଳାଯାଉଛି, ନଚେତ୍ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉନି। ଦାଗୀ ପୋଲିସ ଅଫିସରଙ୍କୁ ଘଣ୍ଟ ଘୋଡାଇବା ପାଇଁ ସବୁ ବ୍ୟବସ୍ଥା କରାଯାଉଛି। ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ ମଧ୍ୟ ପ୍ରାୟ ସମାନ ମତ ଦେଇ କହିଛନ୍ତି, କମିଶନରେଟ ପୋଲିସରେ ସବୁକିଛି ସଲାସୁତରାରେ ଚାଲିଛି। ପୋଲିସ ଅଫିସରଙ୍କ ବିରୋଧରେ ହେଉଥିବା ଅଭିଯୋଗର ଠିକ୍ ତଦନ୍ତ କରାଯାଉନାହିଁ।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଯେଉଁ ପୋଲିସ ଅଫିସରଙ୍କ ବିରୋଧରେ ଅଭିଯୋଗ ଆସୁଛି ତାହାର ତଦନ୍ତ କରାଯାଉଛି। ଆଉ କେତେକ ଅଭିଯୋଗର ତଦନ୍ତ କୌଣସି କାରଣ ପାଇଁ ପଡ଼ି ରହିଥିବ। ସେହି ଅଭିଯୋଗଗୁଡ଼ିକର ପୁଣି ସମୀକ୍ଷା କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନର ସ୍ଥିତି କ'ଣ ରହିଛି ତାହା ଦେଖିବି ବୋଲି ସେ କହିଛନ୍ତି।

## ସପ୍ତାହକ ମଧ୍ୟରେ ...

ପ୍ରତ୍ୟେକ ପରିବାରକୁ ୫୦କିଗ୍ରା ଚାଉଳ ଦିଆଯାଇଛି। ଯେଉଁମାନଙ୍କର ରାଶନକାର୍ଡ ନାହିଁ ସେମାନଙ୍କୁ ମଧ୍ୟ ଏହା ପ୍ରଦାନ କରାଯିବ। ସେହିପରି କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ପ୍ରତି ୧୦ଦିନରେ ପ୍ରତି ପରିବାରକୁ ୨.୫ ଲିଟର ଲେଖାଏ କିରୋସିନ ମାଗଣାରେ ଯୋଗାଇ ଦିଆଯିବ। ଅଳ୍ପ କିଛିଦିନ ମଧ୍ୟରେ ୧୦ଲକ୍ଷ ମହମବତି ବଣ୍ଟାଯିବ। ଆଗାମୀ ଦୁଇମାସ ପାଇଁ ମାଗଣାରେ ସାନିଟାରି ନାପ୍‌କିନ ଯୋଗାଇ ଦିଆଯିବ। ପୁନରୁଦ୍ଧାର କାମ ତ୍ୱରାନ୍ୱିତ ନିମନ୍ତେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ତେଣୁ ଜନସାଧାରଣଙ୍କୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏଥିସହ ବିଦ୍ୟୁତ୍ ପୁନରୁଦ୍ଧାର କାମ କରୁଥିବାବେଳେ ପ୍ରାଣ ହରାଇଥିବା ମଙ୍ଗରାଜ ରାଓଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଥିଲେ।

ଉକ୍ତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ବଲୱନ୍ତ ସିଂ, ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଏବଂ ଅଧିକାରୀମାନେ ଯୋଗଦେଇଥିଲେ ।

## ଜୁନ୍ ୬ରେ କେରଳ ...

ମୌସୁମୀ ବିଳମ୍ବରେ ପହଞ୍ଚିବା ଅର୍ଥ ନୁହେଁ ଯେ ଏହା ମୋଟାମୋଟି ବୃଷ୍ଟିପାତ ଉପରେ ପ୍ରଭାବ ପକାଇବ। ଗତବର୍ଷ ମୌସୁମୀ ସ୍ୱାଭାବିକ୍‌ଠାରୁ ୩ ଦିନ ପୂର୍ବରୁ ଅର୍ଥାତ ମେ ୨୯ରେ କେରଳ ଛୁଇଁଥିଲା। ଏହା ସତ୍ତ୍ୱେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇଥିଲା। ସେହିପରି ୨୦୧୭ରେ ମୌସୁମୀ ମେ ୩୦ରେ ପହଞ୍ଚିଥିଲେ ମଧ୍ୟ ହାରାହାରି ବୃଷ୍ଟିପାତ ୯୫ ପ୍ରତିଶତ ଥିଲା, ଯାହାକି ସ୍ୱାଭାବିକ୍‌ଠାରୁ କମ୍। ଚଳିତ ବର୍ଷ ପାଖାପାଖି ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଗତ ଏପ୍ରିଲରେ ଆଇଏମ୍‌ଡି ଆକଳନ କରିଥିଲା। ଅନ୍ୟପକ୍ଷରେ ଚଳିତ ବର୍ଷ ସ୍ୱାଭାବିକ୍‌ଠାରୁ କମ୍ ଅର୍ଥାତ ୯୩ ପ୍ରତିଶତ ମୌସୁମୀ ବର୍ଷା ହେବ ବୋଲି ସ୍କାଏମେଟ୍ ପୂର୍ବରୁ କହିଛି।

ଓଡିଶା ପରିପ୍ରେକ୍ଷୀରେ ଦେଖିଲେ ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୧୫ କିମ୍ବା ୧୮ ତାରିଖରେ ରାଜ୍ୟରେ ପହଞ୍ଚିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ମୌସୁମୀ ବିଳମ୍ବ ହେବା ସହିତ ରାଜ୍ୟରେ ମଧ୍ୟ ସ୍ୱାଭାବିକଠାରୁ ସାମାନ୍ୟ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଏଥିଯୋଗୁ ଚାଷ କାର୍ଯ୍ୟ ମଧ୍ୟ ବିଳମ୍ବ ହେବା ଆଶଙ୍କା ରହିଛି। ରଜ ଅର୍ଥାତ ଜୁନ ୧୪ ପୂର୍ବରୁ ରାଜ୍ୟରେ ପ୍ରାକ ମୌସୁମୀ ବର୍ଷା ପରେ ଧାନ ବୁଣା ଯାଇଥାଏ। ମୌସୁମୀ ଆସିବାରେ ବିଳମ୍ବ ହେଲେ ରୁଆ ବେଉଷଣ କାର୍ଯ୍ୟ ମଧ୍ୟ ବାଧା ପ୍ରାପ୍ତ ହେବ। ବରଗଡ, ସୁବର୍ଣ୍ଣପୁର, କୋରାପୁଟ, ମାଲକାନଗିରି, ନୟାଗଡ, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡା, ସମ୍ବଲପୁର ଆଦି ଜିଲାରେ ସ୍ୱଳ୍ପ ବୃଷ୍ଟି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ସବୁକିଛି ମୌସୁମୀର ଆଗମନ ଉପରେ ହିଁ ନିର୍ଭର କରୁଛି। ୨୦୧୮ରେ ମୌସୁମୀ ସଅଳ ଅର୍ଥାତ ଜୁନ ୮ ତାରିଖରେ ଓଡିଶାକୁ ପ୍ରବେଶ କରିଥିଲା। ସପ୍ତାହକ ମଧ୍ୟରେ ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁ ପାରିଥିଲା। ଜୁନ ୧୨ରୁ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଧାନ ଚାଷ ଉପରେ ଏହାର ପ୍ରଭାବ ପଡିଥିଲା। ପରେ ବର୍ଷା ସ୍ୱାଭାବିକ ସ୍ତରକୁ ଆସିଥିଲା।

## କଂଗ୍ରେସ: ସ୍ଥିତି ବଜାୟ ...

କଳାହାଣ୍ଡି ଏବଂ ସମ୍ବଲପୁର। ସେହିପରି କଂଗ୍ରେସ ୩୧ରୁ ୩୩ ବିଧାନସଭା ଆସନ ଲାଗି ଲଢ଼େଇରେ ରହୁଥିବା ଜନୈକ କଂଗ୍ରେସ ସମ୍ପାଦକ କହିଛନ୍ତି। ସେଥିମଧ୍ୟରୁ କେତେକ ଆସନରେ ତ୍ରିମୁଖୀ ଲଢ଼େଇ ହୋଇଛି। ଏହି ଆସନଗୁଡ଼ିକ ହେଉଛି- ଢେଙ୍କାନାଳ, ଅନୁଗୋଳ, ଆଠମଲ୍ଲିକ, କାକଟପୁର, ବାସୁଦେବପୁର, ଲକ୍ଷ୍ମୀପୁର, ପାରଳାଖେମୁଣ୍ଡି, ବୀରମହାରାଜପୁର ଏବଂ ବସ୍ତା। ଅନ୍ୟପକ୍ଷେ ଜଗତ୍‌ସିଂହପୁର, ପାରାଦୀପ, ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ଼, ଜଟଣୀ, ବେଗୁନିଆ, ଜୟପୁର, କୋରାପୁଟ, ଆନନ୍ଦପୁର, କଟକ-ବାରବାଟୀ, ବାଙ୍କୀ, କେନ୍ଦ୍ରାପଡା, ରାଜନଗର, ଆଳି, ଭଣ୍ଡାରିପୋଖରୀ, ବାଲିଗୁଡା, ବୀରମିତ୍ରପୁର, ଟିଟିଲାଗଡ, କୋଟପାଡ଼, ସାନଖେମୁଣ୍ଡିରେ ବିଜେଡି ସହ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସ ଉଭା ହୋଇଥିବା ଆକଳନ କରାଯାଇଛି। ଉପରୋକ୍ତ ଆସନଗୁଡିକ ବାଦ୍ ଦେଇ ତଳସରା, ଡାବୁଗାଁ, ପଟ୍ଟାଙ୍ଗୀ, ନବରଙ୍ଗପୁର, ଭୋଗରାଇରେ ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ। ମୋଟ୍ ଉପରେ କହିବାକୁ ଗଲେ ଦଳ ଗୋଟିଏ ଲୋକ ସଭା ଏବଂ ୯ରୁ ୧୭ ବିଧାନସଭା ଆସନ ଜିତିବାକୁ ଲକ୍ଷ୍ୟ ରଖିଛି।

ଅନ୍ୟ ଦଳ ମଧ୍ୟରେ ସିପିଏମ୍ ବଣାଇ ଆସନ ବଜାୟ ରଖିବା ସମ୍ଭାବନା ରହିଛି। ଏହା ବ୍ୟତିରେକ ଅନ୍ୟସବୁ ସ୍ଥାନରେ ଦଳର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିବ ନାହିଁ ବୋଲି କୁହାଯାଇଛି। ଭୁବନେଶ୍ୱର ଲୋକ ସଭା ଆସନରେ ସିପିଏମ୍ ବହୁ ବ୍ୟବଧାନରେ ତୃତୀୟ ସ୍ଥାନରେ ରହିପାରେ ବୋଲି ଅଧିକାଂଶ ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ସିପିଆଇ ଆସିକା ଲୋକ ସଭାରେ ୫୦ରୁ ୬୫ ହଜାର ଭୋଟ ପାଇପାରେ ବୋଲି କୁହାଯାଉଛି। ବୌଦ୍ଧ ଏବଂ ଛତ୍ରପୁର ବିଧାନସଭାରେ ଦଳ ସିଧାସଳଖ ଲଢ଼େଇରେ ଥିବାବେଳେ ବ୍ରଜରାଜନଗରରେ ତୃତୀୟ ସ୍ଥାନରେ ରହିପାରେ ବୋଲି କେତେକ ବିଶ୍ଳେଷକ ମତ ଦେଇଛନ୍ତି। ରାୟଗଡ଼ା, ପାରଳାଖେମୁଣ୍ଡି ଏବଂ ଜୟଦେବରେ ସ୍ୱାଧୀନ ପ୍ରାର୍ଥୀ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଥିବା କୁହାଯାଇଛି। ଜେଏମ୍‌ଏମ୍ ରାଇରଙ୍ଗପୁର, ସାରସକଣା ଏବଂ ବିଏସ୍‌ପି ବିଷମକଟକ, ଲକ୍ଷ୍ମୀପୁର ବିଧାନସଭା ଆସନ ଲାଗି ମୁଖ୍ୟ ଲଢ଼େଇରେ ଥିବା ଆକଳନ କରାଯାଉଛି।

## ବଜ୍ରପାତ ନେଲା ...

ଏହି ଖବର ଜଣାପଡିବା ପରେ ବାହାଘରର ଖୁସି ନିମିଷକ ଭିତରେ ଲୁହରେ ଭାସି ଯାଇଥିଲା । ଅନ୍ୟପକ୍ଷରେ ଘଷିପୁରା ଥାନା ଅଧୀନ ବାଟସାହିରେ ସଞ୍ଜୟ ସୋରେନ ନାମକ ଜଣେ ଯୁବକ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ପୋଖରୀରୁ ଗାଧୋଇ ଫେରୁଥିବାବେଳେ ବଜ୍ରପାତ ଘଟିଥିଲା। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେହିପରି ବାଲେଶ୍ୱର ଜିଲା ସିଲାଂ ଥାନା ଅନ୍ତର୍ଗତ ସାର୍ଥା ଗ୍ରାମର ଏକ ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିବାବେଳେ ଝଡ଼ବର୍ଷା ହୋଇ ବଜ୍ରପାତ ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ବାସୁଦେବ ଜେନା(୨୬) ଏବଂ ବାବୁରାମ ସିଂ (୪୫)। ଅନୁରୂପ ଭାବେ ଗଞ୍ଜାମ ଜିଲାର ୨ଟି ସ୍ଥାନରେ ବଜ୍ରପାତ ୨ ଜଣଙ୍କ ଜୀବନ ନେଇଛି। ଦୁଇ ମୃତକ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରାଇଖୋଳ ଗ୍ରାମର ଯୁବଚାଷୀ ନାରାୟଣ ଗୌଡ(୩୦) ଓ ଆସିକା ଥାନା ଚେରମାରିଆ ଗ୍ରାମର ଅରକ୍ଷିତ ଗୌଡଙ୍କ ସ୍ତ୍ରୀ ଅମୂଲ୍ୟ ଗୌଡ (୪୫)।

ବୁଧବାର ଅପରାହ୍ନ ସାଢ଼େ ୫ଟାରେ ନାରାୟଣ ଜମିକୁ ଫସଲ ଦେଖିବା ପାଇଁ ବାଇକ୍‌ରେ ଯାଇଥିଲେ। ସେ ଗାଁ ମୁଣ୍ଡ କେନାଲ ହୁଡ଼ାରେ ପହଞ୍ଚି ବାଇକ୍ ରଖି ଜମିକୁ ଯାଉଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଲକୁ ଯାଇଥିବା ଅନ୍ୟ ଚାଷୀମାନେ ସେଠାରେ ପହଞ୍ଚି ନାରାୟଣଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନା ପଠାଇଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ଜବତ କରି ନଂ.୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ନାରାୟଣ ୧ମାସ ତଳେ ବିବାହ କରିଥିଲେ । ସେହିପରି ଆସିକା ଥାନା ଚେରମାରିଆ ଗ୍ରାମରେ ବଜ୍ରପାତରେ ଅମୂଲ୍ୟ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମ ଉପକଣ୍ଠ ବଡତୋଟାର ମଇଁଷି କୁଆଁର ସହ ରହୁଥିବା ତାଙ୍କ ସ୍ୱାମୀଙ୍କ ଲାଗି ସେ ଅପରାହ୍ନ ପ୍ରାୟ ୪ଟାରେ ଖାଇବାକୁ ନେଇ ଯାଇଥିଲେ। ବର୍ଷାପବନ ଆସିବାରୁ ସେ ଘରକୁ ଫେରୁଥିବାବେଳେ ରାସ୍ତାରେ ବଜ୍ରପାତର ଶିକାର ହୋଇ ପ୍ରାଣ ହରାଇଛନ୍ତି। କୋରାପୁଟ ଜିଲା ନନ୍ଦପୁର ବ୍ଲକ ହିଂକିପୁଟ ପଞ୍ଚାୟତର ଖିଲୁଆ ଗ୍ରାମର ତୁଳସା ଗୋଲରି (୬୪) ବୁଧବାର ଅପରାହ୍ନରେ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ନେଇ ହିଂକିପୁଟ ପଞ୍ଚାୟତ କାର୍ଯ୍ୟାଳୟରୁ ଘରକୁ ଫେରୁଥିବା ସମୟରେ ଖିଲୁଅ ଛକ ନିକଟରେ ପବନ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରପାତରେ ତୁଳସାଙ୍କ ମୃତ୍ୟୁ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କାମ ହାସଲ କରିବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ ଓ ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ, କିନ୍ତୁ ଗୁରୁତର ହେବ ନାହିଁ। ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ସଫଳତା ହାସଲ କରିପାରନ୍ତି।

**ବୃଷ** ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି ସଫଳତା ପାଇବେ, କିନ୍ତୁ ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡିବ। କ୍ରୋଧ ସମ୍ବରଣ ନ କରିପାରି କଡ଼ା କଥା କହିବା କାରଣରୁ ତାହା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁତାପ କରିବାକୁ ବାଧ୍ୟ ହେବେ। ଭ୍ରମଣ, ରାଜନୀତି, ପ୍ରଶାସନ, ଓ ସଭାସମିତି କ୍ଷେତ୍ରରୁ ସଫଳତା ପାଇବେ। ବନ୍ଧୁମାନଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡିବ। ପରିବାରରେ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ମିତ୍ରମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ** ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡିପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, କିନ୍ତୁ କୌଣସି ପ୍ରକାରର ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ରାଜନୀତିରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ଉଦ୍ଦେଶ୍ୟମୂଳକ ଭାବରେ କରାଯାଇଥିବା ସ୍ଥାନାନ୍ତରର ସୂଚନା ପାଇ ହଡ଼ବଡ଼େଇ ଯାଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଏକ ପ୍ରକାର ହିତକର ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ନିଜକୁ କେତେକ କଥା ସମ୍ଭାଳିବାକୁ ପଡ଼ିବ।

**ତୁଳା** ଆଜି ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବ। ତଥାପି ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି, ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ, ଯାହାକି ପରୋକ୍ଷ ଶତ୍ରୁତାର କାରଣ ହୋଇପାରେ। କୌଣସି କାମ ହାସଲ ପାଇଁ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବାକୁ ପଡ଼ିବ।

**ବିଛା** ଭାବପ୍ରବଣତାରେ ଭାସିଯାଇ ଏଣୁ ତେଣୁ ଗପିବା ସମସ୍ୟାର କାରଣ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ଆନୁଷ୍ଠାନିକ କ୍ଷେତ୍ର କିମ୍ବା କଚେରି ମାମଲାରେ ସଫଳତା ଅବଶ୍ୟ ମିଳିବ।

**ଧନୁ** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସଙ୍ଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାରୁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପଡିପାରେ। ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** ସବୁ ସମୟରେ ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। କଳା ସାହିତ୍ୟ,କ୍ରୀଡା ଓ ଚଳଚ୍ଚିତ୍ରରେ ରହିଥିବା ସମସ୍ୟା ବନ୍ଧୁଙ୍କ ଜରିଆରେ ସମାଧାନ ହୋଇଯିବ। ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। କିଛି ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରି ନ ପାରି ପରେ ଅନୁତାପ କରିବେ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରି ପାରନ୍ତି। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଧାର କରଜ କରି କାମ ଚଳାଇ ନେବେ।

**ମୀନ** ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପାରସ୍ପରିକ ଆଲୋଚନା କ୍ରମେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାବପ୍ରବଣ ବଶତଃ ବନ୍ଧୁଙ୍କ ସମ୍ମୁଖରେ କୌଣସି ଅପ୍ରକାଶ୍ୟ କଥା ପ୍ରକାଶ କରି ହଇରାଣ ହୋଇପାରନ୍ତି। କର୍ମ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

ଆଜି ବୈଶାଖ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଗୁରୁବାର, ମେ ୧୬ ତାରିଖ, କଳିଙ୍ଗ ଭାରତୀ ତରଫରୁ କଟକରେ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ସପ୍ତାହ ଆରମ୍ଭ, ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଦିବା ଘ୧୦।୦୪ମି. ଗତେ ଘ୧୧।୪୧ମି. ମଧ୍ୟେ ଅମୃତବେଳା। ଦିବା ଘ୧୧।୪୧ମି. ଗତେ, ଘ୧।୦୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧।୫୨ମି. ଗତେ ଘ୩।୩୬ମି. ମଧ୍ୟେ ଅମୃତ ବେଳା।

**classifieds Everyday 0674-2580101, 2549302**

automobile
**SALE**

**Tata ACE-2 Nos. (Full body covered) For sale. Make: 2016-17, Please contact: Dilip Kumar, Mob: 9437032752.** D-12501

real estate
**SALE**

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Stitiban Gharabari Plot 2675sqft with 3100sqft two storyed building for sale at Tankapani road, Bhubaneswar. Genuine buyers can Contact: 9437016461. D-66456

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

Urgent sale 0.73 decimal road side land near Mirgamunda Bus Stop. At.-Maneswar, Dist.-Sambalpur. Interested parties may Contact- 9090571675. D-12506

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା ବା ବିକ୍ରୟ କରିବା ପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘର କରିବା ପାଇଁ ସହଜ କିସ୍ତିରେ ପ୍ଲଟ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040, 8144658008. D-12488

**GENERAL**
**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66517

Experience full body massage with us (expert). Call: 7377048581, 0674- 2597822. D-66518

Herbal full body massage by smart/expert therapist. Contact: 8338067247. D-66519

Newly opening ayurvedic body massage smart therapist, Shree herbal. 7750020754. D-66520

Summer special mesmerizing offer expert therapeutic refreshing massage appointment. 9668374480. D-66521

Physiotherapy, full body massage by trained ladies/ gents therapy: 7008773793 D-66454

business

ଅଟୋମେଟିକ୍ ଦନା ପ୍ଲେଟ୍ ମେସିନ ମାତ୍ର ଟ.୪୦,୦୦୦/- ଏଠାରେ ସମସ୍ତ ପ୍ରକାର ପେପର ହୋଲସେଲ୍ ଦରରେ ଉପଲବ୍ଧ। ଯୋଗାଯୋଗ- ଶ୍ରୀ ଗଣେଶ ମେସିନାରୀ, ରାୟପୁର, 9752090498. D-12507

**BIRTHDAY WISH**



**Wish you a great *Happy Birthday* SONY Best wishes KANHA** D-66231

Now Matrimonial ads. only on Wednesday & Sunday Book 1 Get 1 FREE

**AFFIDAVIT**

By virtue of an affidavit before the Notary Public Purushottampur (Ganjam) I Sudama Pradhan, S/o Dinabandhu Pradhan of village Baghala, I have adopted to one Somanath Khuntia S/o Late Chhanchan Khuntia. That after my adoption the surname and father's name changed from Sudama Pradhan, S/o Dinabandhu Pradhan to Sudama Khuntia S/o Somanath Khuntia. I shall be known as Sudama Khuntia S/o Somanath Khuntia for all purpose. D-12505

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ତଣ୍ଡିପୁର ପଞ୍ଚାୟତ ଖଇର ଗ୍ରାମରେ ମଙ୍ଗଳବାର ରାତିରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବାବେଳେ ୮ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଇର ଗ୍ରାମର ଦଶମ ଶ୍ରେଣୀ ଛାତ୍ର ପବିତ୍ର ପ୍ରଧାନ। ଆହତମାନଙ୍କୁ ପାତ୍ରପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଗାଁରେ ଗୁରୁବାର ଆରମ୍ଭ ହେବାକୁ ଥିବା ଠାକୁରାଣୀ ଯାତ୍ରାକୁ ବନ୍ଦ କରାଯାଇଛି।

"ଫୋନି" ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା



- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ।
- ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାର
DSPL-12

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0007/1920

## ସଂକ୍ଷେପରେ

### ଭଙ୍ଗା ଡାଳ ନେବାରୁ ଓପିଟିସିଏଲ୍ ଆର.ଆଇ. ନିଲମ୍ବିତ

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ଫନୀ ମାଡ଼ରେ ରାଜଧାନୀରେ ହଜାର ହଜାର ଗଛ ଭାଙ୍ଗି ଭୂଲୁଣ୍ଠିତ ହୋଇଗଲା। ଯୁଆଡେ ଦେଖିବ କୁଢ଼କୁଢ଼ ଉପୁଡ଼ା ଓ ଭଙ୍ଗା ଗଛ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), ଜଙ୍ଗଲ ବିଭାଗ ସେଗୁଡିକୁ ରାସ୍ତାରୁ ହଟାଇବା ନେଇ ନାକେଦମ ହେଲେଣି। ସରକାର ମଧ ଘୋଷଣା କଲେ ଯେ ଯାହାର ଭଙ୍ଗାଡାଳ ଓ କାଠ ଦରକାର ସେମାନେ ନେଇପାରିବେ। ମାତ୍ର ଆଶ୍ଚର୍ଯ୍ୟ କଥା ଯେ ଓପିଟିସିଏଲ କଲୋନୀ ପରିସରରୁ ଭଙ୍ଗାଡାଳ ନେଇଥିବା ସେହି କାର୍ଯ୍ୟାଳୟର ଆର.ଆଇ. ଆରଣ କୁମାରଙ୍କୁ ବହୁ ମୂଲ୍ୟ ଦେବାକୁ ପଡିଛି। ଏଥିପାଇଁ ଓପିଟିସିଏଲ ଡାଇରେକ୍ଟର (ଏଚ୍‌ଆର) ରାଜେନ୍ଦ୍ର ସେନାପତି ତାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି।

### ଅସହ୍ୟ କରୁଛି ଗୁଳୁଗୁଳି, ତାତି

**ଭୁବନେଶ୍ୱର, ୧୫।୫(ବ୍ୟୁରୋ):** ରାଜ୍ୟରେ ତାତି ଓ ଗୁଳୁଗୁଳି ଜାରି ରହିଛି। ପଶ୍ଚିମ ଓଡ଼ିଶାରେ ପାରଦ ଉପରମୁହାଁ ରହୁଥିବାବେଳେ ପ୍ରଚଣ୍ଡ ଗ୍ରୀଷ୍ମ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଉପକୂଳ ଓଡ଼ିଶାରେ ମଧ ଅନୁରୂପ ଅବସ୍ଥା। ଗ୍ରୀଷ୍ମ ସାଙ୍ଗକୁ ଗୁଳୁଗୁଳିରେ ଲୋକମାନେ ଆଉଟପାଉଟ ହେଉଛନ୍ତି। ଏଭଳି ପାଗରୁ ଆସନ୍ତା ୧୯ ତାରିଖ ଯାଏ ସମାନ୍ୟ ମୁକ୍ତି ମିଳିବ। ଏହା ପରେ ପୁଣି ଗରମ ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାର ୧୦ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଫନୀ ପରେ ବଦଳୁଛି ସମୀକରଣ



- ବିଜେଡି ନିକଟତର ହେଉଛି ଭାଜପା
- କାଲି ଯାଏ ଛାଇ ମାଡୁ ନ ଥିଲେ, ଆଜି କୋଳାକୋଳି
- ନବୀନଙ୍କୁ ଶାହଙ୍କ ପ୍ରଶଂସା, ସୋନିଆଙ୍କ ଚିଠି

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ଏବେ ଯାହାସବୁ ଘଟୁଛି, ଉଭୟ କେନ୍ଦ୍ର ଓ ରାଜ୍ୟର ରାଜନୈତିକ ସମୀକରଣରେ ପଟ୍ଟ ପରିବର୍ତ୍ତନର ଅନେକ ସମ୍ଭାବନା ବହନ କରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ମତଦାନ ସରିଯିବା ପରେ ଲୋକମାନଙ୍କ କଳ୍ପନା ବାହାରକୁ ଚାଲିଯାଇ ବର୍ତ୍ତମାନ ସବୁ ରାଜନୈତିକ ଦଳ କ୍ଷମତା ହାସଲ ଲକ୍ଷ୍ୟରେ ନିଜର ରଙ୍ଗ ବଦଳାଇଦେଇଛନ୍ତି।

ସାଧାରଣ ନିର୍ବାଚନର ଭୋଟ ଗଣତି ସମୟ ଯେତିକି ପାଖଉଛି ରାଜନୈତିକ ଦଳଗୁଡିକର ସମୀକରଣରେ ସେତିକି ବଦଳିବାରେ ଲାଗିଛି। ଓଡ଼ିଶାରେ ଏଥର ତ୍ରିମୁଖୀ ଲଢେଇ ହେବାର ସମ୍ଭାବନା ଥିଲେ ମଧ୍ୟ ଅଧିକାଂଶ ଲୋକ ସଭା ଓ ବିଧାନସଭା ଆସନରେ ବିଜେଡି ଏବଂ ଭାଜପା ମଧ୍ୟରେ କଡ଼ା ମୁକାବିଲା ହୋଇଛି। ରାଜ୍ୟରେ ବିଜେଡି ଲଗାତର ୪ଥର କ୍ଷମତାରେ ରହିବାପରେ ପ୍ରଥମଥର ପାଇଁ ଶାସକ ଦଳ ନେତାଙ୍କୁ ନେଇ ଲୋକଙ୍କ ମଧ୍ୟରେ ଆକ୍ରୋଶ ବଢ଼ିଥିବା ଦେଖିବାକୁ ମିଳିଥିଲା। ବିଗତ ଦିନରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ସମୟରେ ଏପରି ଦେଖାଯାଇ ନ ଥିଲା। ଏଥର ଭାଜପା ପକ୍ଷରୁ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ପ୍ରଚାରର ମୁଖ୍ୟ ଦାୟିତ୍ୱ ନେଇଥିଲେ। ନିର୍ବାଚନ ଭିତରେ ବାରମ୍ବାର ମୋଦି ଓଡ଼ିଶା ଆସି ବିଜେଡି ନେତାଙ୍କ ବିରୋଧରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିବା ଦେଖିବାକୁ ମିଳୁଥିଲା। ତାଙ୍କ ସମେତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଧ ଲଗାତର ଭାବେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ। ପରେ କେନ୍ଦ୍ରର ବହୁ ଆଗଧାଡିର ନେତା ଓଡ଼ିଶା ଗସ୍ତବେଳେ ଅନୁରୂପ ଆଭିମୁଖ୍ୟ ପ୍ରକାଶ କରୁଥିବା ଦେଖିବାକୁ ମିଳିଲା। ଫଳରେ ରାଜ୍ୟରେ ଭାଜପା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ସହାୟକ ହେଲା। ଭାଜପାର ଏହିଭଳି କାର୍ଯ୍ୟକ୍ରମ ଏବଂ ମୋଦି ହାୱା ଯୋଗୁ କଂଗ୍ରେସଠାରୁ ଲୋକେ ମୁହଁ ଫେରାଇଥିଲେ। ଏହାସହ ଭାଜପା ଆଡକୁ ଅଧିକ ଲୋକ ଢଳିବା ସହ ବିଜେଡି ବିରୋଧରେ ଏକ ଶକ୍ତିଶାଳୀ ବିରୋଧୀ ଠିଆ କରିଥିଲେ ବୋଲି ରାଜନୈତିକ ମହଲରେ ବେଶ୍ ଚର୍ଚ୍ଚା ହେଉଛି। ଅନ୍ୟପଟେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟର ପ୍ରତ୍ୟେକ ଅଞ୍ଚଳ ବୁଲି ବିଜେଡି ବିରୋଧରେ ଏକ ବାତାବରଣ ତିଆରି କରିଥିଲେ। ହେଲେ ମତଦାନ ଏବଂ ଫନୀ ପରବର୍ତ୍ତୀ ସମୟରେ ଏହିସବୁ ଦୃଶ୍ୟ ଆଉ ରହିଲାନାହିଁ। ମୋଦିଙ୍କଠାରୁ ଆରମ୍ଭ କରି ଧର୍ମେନ୍ଦ୍ର ପ୍ରଧାନ, ଅମିତ ଶାହ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଶଂସା କରିବା ଆଳରେ ବିଜେଡିର ନିକଟତର ହେବାକୁ ଲାଗିପଡିଥିବା ଚର୍ଚ୍ଚା ହେଉଛି। କେନ୍ଦ୍ରରେ ପୁନର୍ବାର ସରକାର ଗଢିବା ପାଇଁ ଏନ୍‌ଡିଏ ନିଜ ଉପରେ ଭରସା ନ କରିପାରୁ ଥିବାରୁ ଏଭଳି ଉଦ୍ୟମ ଚଳାଇଥିବା କୁହାଯାଉଛି।

ପଶ୍ଚିମବଙ୍ଗ ହିଂସାକୁ ନେଇ ବୁଧବାର ଶାହ ଖବରଦାତା ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରିଛନ୍ତି। ଅନ୍ୟପଟେ ନବୀନଙ୍କ ଶାସନରେ ଏଭଳି ଘଟଣା ଦେଖିବାକୁ ମିଳୁନାହିଁ କହି ବିଜେଡି ପ୍ରତି ନରମ ଆଭିମୁଖ୍ୟ ପୋଷଣ କରିଛନ୍ତି। ଫଳରେ ଏବେ ଜାତୀୟସ୍ତରରେ ପୁଣିଥରେ ନବୀନଙ୍କ ଭାବମୂର୍ତ୍ତିକୁ ଆହୁରି ବଢାଇ ଦେଇଥିବା ଚର୍ଚ୍ଚା ଜୋର୍ ଧରିଛି। ବିଜେଡିକୁ ଏନ୍‌ଡିଏର ନିକଟତର କରିବା ପାଇଁ ଏହା ଶାହଙ୍କ ପ୍ରୟାସ ବୋଲି ଚର୍ଚ୍ଚା ହେଉଛି। ଏହି ଦୌଡରେ ଉପା ମଧ୍ୟ ପଛରେ ପଡିନାହିଁ। ସମାନ ଭାବେ ଅଣଏନ୍‌ଡିଏ ଦଳଗୁଡିକୁ ଏକାଠି କରିବା ପାଇଁ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଆଗକୁ ଆସିଛନ୍ତି। ଆସନ୍ତା ୨୩ରେ ଫଳ ଆସିବାପରେ ହେବାକୁ ଥିବା ବୈଠକରେ ସାମିଲ ହେବା ପାଇଁ ବିଜେଡିକୁ ସୋନିଆ ପତ୍ର ଲେଖିଥିବା ଜଣାପଡିଛି। ଅନ୍ୟପଟେ ବିଜେଡି ନିକଟତର ହେବାକୁ ଭାଜପା କେନ୍ଦ୍ରୀୟ ନେତାଙ୍କ ଏଭଳି ପ୍ରୟାସ କେବଳ ଏକ ସଂଯୋଗ ନୁହେଁ ବୋଲି ଆଲୋଚନା ହେଲାଣି। ବିଗତ ଦିନରେ କଂଗ୍ରେସ କରି ଆସୁଥିବା ଭୁଲ୍‌କୁ ଭାଜପା ଦୋହରାଉଥିବା ଚର୍ଚ୍ଚା ହେଉଛି। ଭାଜପାର ଏମିତି ଆଭିମୁଖ୍ୟ ଆଗାମୀ ଦିନରେ ଓଡ଼ିଶାରେ ଦଳର ସ୍ଥିତିକୁ ଦୁର୍ବଳ କରିପାରେ ବୋଲି କେତେଜଣ ଭାଜପା ନେତା ମତ ରଖୁଛନ୍ତି। କେନ୍ଦ୍ରରେ ଏକାକୀ ସରକାର କରିବାରେ ସକ୍ଷମ ନୁହେଁ ବୋଲି ଜାଣିବାପରେ ଭାଜପା କେନ୍ଦ୍ରୀୟ ନେତାମାନେ ଏହି ଉଦ୍ୟମ ଆରମ୍ଭ କରିଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି, ଯାହା ନବୀନଙ୍କ ପାଇଁ ପୁଣି ନୂଆ ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ବଢ଼ାଇ ଦେଇଥିବା କୁହାଯାଉଛି।

ଅପରପକ୍ଷରେ ନବୀନ ମଧ୍ୟ ଭାଜପା ପ୍ରତି ନରମ ମନୋଭାବ ପୋଷଣ କରୁଥିବା ଚର୍ଚ୍ଚା ହେଉଛି। ବାତ୍ୟା ପରବର୍ତ୍ତୀ ମୁକାବିଲା ସମ୍ପର୍କିତ ଏକ ଆଲୋଚନା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ରୁ ଫୋନ ଯାଇଥିଲା। ହେଲେ ମୋଦିଙ୍କ ସହ କଥା ହେବାକୁ ମମତା ସିଧାସଳଖ ମନା କରିଦେଇଥିଲେ। ମାତ୍ର ନବୀନ ଓଡିଶାରେ ବାତ୍ୟା ପ୍ରଭାବିତ ଅଞ୍ଚଳ ମୋଦିଙ୍କ ସହ ହେଲିକପ୍ଟରରେ ବୁଲି ପରିଦର୍ଶନ କଲେ। ଏହାପରେ କେନ୍ଦ୍ର ପକ୍ଷରୁ ରାଜ୍ୟକୁ ୧ ହଜାର କିଲୋଲିଟର କିରୋସିନ ଦିଆଯିବା ପରେ ନବୀନ ଟୁଇଟ୍ କରି ପ୍ରଶଂସା କରିବା ଘଟଣା ମଧ୍ୟ ଲୋକମାନଙ୍କ ମନରେ ଭିନ୍ନ ଚିନ୍ତାଧାରା ସୃଷ୍ଟି କରିଥିବା ଚର୍ଚ୍ଚା ହେଉଛି। ନବୀନ ମଧ୍ୟ ଭାଜପା ଆଡକୁ ସାମାନ୍ୟ ଢଳୁଥିବା ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି। ଯଦି ନବୀନ ମଧ୍ୟ ମମତାଙ୍କ ଭଳି ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ମନା କରିଥାଆନ୍ତେ ତେବେ ସାଧାରଣରେ ଏକ ନୂଆ ବାର୍ତ୍ତା ଦେଇଥାଆନ୍ତା ବୋଲି ମଧ୍ୟ କୁହାଯାଉଛି।

ଉପରୋକ୍ତ ପ୍ରସଙ୍ଗରେ ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ, କାହା ଫୋନ୍ କଲ୍ କିମ୍ବା ଚିଠିକୁ ନେଇ ଉତ୍ସାହିତ ହେବାର ଆବଶ୍ୟକତା ନାହିଁ। ନିର୍ବାଚନ ସମୟରେ ରାଜନୈତିକ ଆଳାପ ଆଲୋଚନା ଏମିତି ଚାଲିଥାଏ। ତେଣୁ ପ୍ରଥମେ ଫଳାଫଳକୁ ଅପେକ୍ଷା କରାଯାଉ ବୋଲି ପ୍ରତାପ ଦେବ କହିଛନ୍ତି। ଅପରପକ୍ଷରେ କଂଗ୍ରେସ ନେତା ସୁର ରାଉତରାୟ କଂଗ୍ରେସ ଶୀର୍ଷ ନେତୃତ୍ୱଙ୍କ ପ୍ରଚେଷ୍ଟାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ବିରୋଧୀ ଦଳମାନେ ଚେଷ୍ଟା ଜାରି ରଖିଛନ୍ତି। ସହଯୋଗୀମାନଙ୍କ ସହ ସୋନିଆ ଗାନ୍ଧୀ କଥା ହେବା ସ୍ୱାଗତଯୋଗ୍ୟ। ଭାଜପା ମଧ୍ୟ ସରକାରରେ ରହିବା ପାଇଁ ନିଜ ସହଯୋଗୀଙ୍କ ସହ ଆଳାପ ଆଲୋଚନା ଜାରି ରଖିଛି।

■ ଯୁବକଙ୍କ ଅଦ୍ଭୁତ କାଣ୍ଡ

# ଦଂଶିଥିବା ସାପକୁ ଧରି ଡାକ୍ତରଖାନାରେ ହାଜର

**ମାଲକାନଗିରି, ୧୫।୫(ଡି.ଏନ୍.ଏ.)**



ମାଲକାନଗିରି ଡାକ୍ତରଖାନାରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ଅଦ୍ଭୁତ କାଣ୍ଡ ଉପସ୍ଥିତ ସମସ୍ତଙ୍କୁ ଆତଙ୍କିତ କରିଛି। ସାପ କାମୁଡିଲା ବୋଲି ସେଇ ସାପକୁ ଧରି ଯୁବକ ଜଣଙ୍କ ଡାକ୍ତରଖାନାରେ ପହଞ୍ଚିବା ପରେ କର୍ମଚାରୀ ଓ ରୋଗୀଙ୍କ ମଧ୍ୟରେ ଖେଳାଇ ଦେଇଥିଲା ଭୟ।

ମାଲକାନଗିରି ଜିଲା ଏମ୍‌ଭି-୬୩ ଗ୍ରାମର ପାର୍ଥ ସରକାର ମଙ୍ଗଳବାର ରାତିରେ ପାର୍ଥ ଘରେ ଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ିଥିଲା। ଅନ୍ଧାର ହୋଇଥିବାରୁ କେଉଁ ସାପ କାମୁଡିଥିଲା ସେ ଜାଣି ପାରି ନ ଥିଲେ। ଅତି ଚତୁରତାର ସହ ପାର୍ଥ ସାପଟିକୁ କାବୁ କରିବା ସହ କାମୁଡ଼ି ଥିବା ସ୍ଥାନରେ ଗାମୁଛା ବାନ୍ଧି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଥିଲେ। ଯୁବକଙ୍କ ସହ ସାପଟିକୁ ଦେଖି ଡାକ୍ତର ଓ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଯିବା ସହ ସେଠାରେ କିଛି ସମୟ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସାପଟି ଜୀବିତ ବୋଲି ପାର୍ଥ ଡାକ୍ତରଙ୍କୁ କହିଥିଲେ। ଏହା ପରେ ସାପଟିକୁ ଡାକ୍ତରଖାନା ନିକଟସ୍ଥ ବଣରେ ଛଡ଼ା ଯାଇଥିଲା। ଯୁବକ ଜଣଙ୍କ ସାପଟିକୁ ଛାଡିବା ପରେ ତୁରନ୍ତ ତାଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ପାର୍ଥଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବାରୁ ତାଙ୍କୁ ବୁଧବାର ଡାକ୍ତରଖାନାରୁ ଛଡ଼ାଯାଇଛି।

# ମାଲବାହୀ ଟ୍ରେନ ୱାଗନ ଲାଇନଚ୍ୟୁତ



ଲାଇନଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍ ୱାଗନ।

**ରାଉରକେଲା ଅଫିସ,୧୫।୫**

ମାଲଗୋଦାମ ନିକଟ ଡାଉନ ଲାଇନରେ ମଙ୍ଗଳବାର ରାତି ସାଢ଼େ ୧୨ଟାରେ ଏକ ମାଲବାହୀ ଟ୍ରେନ୍‌ର ଦୁଇଟି ୱାଗନ ଲାଇନଚ୍ୟୁତ ହୋଇଥିଲା। ଫଳରେ ୨ ଘଣ୍ଟା ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳରେ ବ୍ୟାଘାତ ଘଟିଥିଲା। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ଟ୍ରେନ୍ ଚଳାଚଳକୁ ସ୍ୱାଭାବିକ କରିବାକୁ କାର୍ଯ୍ୟାରମ୍ଭ କରିଥିଲେ। ଏହି ସିମେଣ୍ଟ ବୋଝେଇ ମାଲବାହୀ ଟ୍ରେନ୍‌ଟି ପାନପୋଷରୁ ରାଉରକେଲା ଷ୍ଟେଶନ ଦେଇ ପଶ୍ଚିମବଙ୍ଗ ଯାଉଥିଲା। ଜଣେ ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ ଦୁର୍ଘଟଣାରେ ବିଶେଷ କିଛି କ୍ଷତି ଘଟି ନାହିଁ।

**NIFT LATERAL ADMISSIONS 2019**
**DIRECT ADMISSION TO SECOND YEAR**
NIFT announces Lateral Admission to the second year B.Des. and B.F.Tech Programmes for candidates who have completed their Diploma/Degree in relevant fields. For more details please visit www.nift.ac.in
National Institute of Fashion Technology
A Statutory Institute governed by the NIFT Act 2006
Ministry of Textiles, Government of India

# ଦୋହଲିଯାଇଛି ହୋଟେଲ ଶିଳ୍ପ

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ପ୍ରଳୟଙ୍କରୀ ବାତ୍ୟା ଫନୀ ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି ରାଜ୍ୟର ହୋଟେଲ ଶିଳ୍ପ। ରାଜ୍ୟ ପର୍ଯ୍ୟଟନର ଭିତ୍ତିଭୂମି କୁହାଯାଉଥିବା ପୁରୀ-ଭୁବନେଶ୍ୱର-କଟକରେ ସର୍ବାଧିକ ହୋଟେଲ ରହିଥିବା ବେଳେ ବାତ୍ୟାରେ ଏହି ୩ଟି ସହର ହିଁ ଅଧିକ ପ୍ରଭାବିତ ହୋଇଛି। ୩ ସହରର ଏକ ହଜାରରୁ ଊର୍ଦ୍ଧ୍ୱ ହୋଟେଲ ଧ୍ୱସ୍ତବିଧ୍ୱସ୍ତ ହୋଇଛି। କେବଳ ୫୦୦ କୋଟି ଟଙ୍କାର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟିକ କ୍ଷତି ଆକଳନ କରାଯାଇଛି। ପୁରୀରେ ସର୍ବାଧିକ ୮୦୦ ହୋଟେଲ ବାତ୍ୟାରେ ଭାଙ୍ଗିରୁଜି ଯାଇଥିବା ବେଳେ ଭୁବନେଶ୍ୱର ଓ କଟକରେ ୨୦୦ ହୋଟେଲ ପ୍ରଭାବିତ ହୋଇଥିବା ସୂଚନା ଦେଇଛି ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଆର୍‌ଏଓ)।

ଏଚ୍‌ଆର୍‌ଏଓ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକାଯାଇ କ୍ଷୟକ୍ଷତିର ଆକଳନ କରାଯାଇଛି। ଏହାସହ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ପୁଣିଥରେ ପୁନର୍ଗଠନ କରିବାକୁ ଆସୋସିଏଶନ ପକ୍ଷରୁ ରାଜ୍ୟ ସରକାରଙ୍କୁ କେତେକ ପ୍ରସ୍ତାବ ଦିଆଯାଇଛି। ଫନୀ ପୁରୀରେ ଲ୍ୟାଣ୍ଡଫଲ କରିଥିବା ବେଳେ ଏହି ଅଞ୍ଚଳର ଶତ ପ୍ରତିଶତ ହୋଟେଲ ପ୍ରଭାବିତ ହୋଇଛି। ବଡ଼ ବଡ଼ ହୋଟେଲଗୁଡ଼ିକର ୧୦ରୁ ୧୫ କୋଟି ଟଙ୍କାର ଭିତ୍ତିଭୂମି କ୍ଷତି ହୋଇଥିବା ଆକଳନ କରାଯାଇଛି। ଏହାବ୍ୟତୀତ ଆସନ୍ତା ଆର୍ଥିକବର୍ଷରେ ହୋଟେଲ ଶିଳ୍ପର ୨ ହଜାର କୋଟି ଟଙ୍କାର ବେପାର କ୍ଷତି ହେବ ବୋଲି ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି। ଭୁବନେଶ୍ୱରରେ ହେବାକୁ ଥିବା ସମସ୍ତ ମେଗା କନ୍‌ଫରେନ୍ସକୁ ବାତିଲ କରାଯାଇଥିବାବେଳେ ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ହେବାକୁ ଥିବା ବାହାଘର ତଥା ଡେଷ୍ଟିନେଶନ ୱେଡିଂକୁ ବାତିଲ କରାଯାଇଛି। ବହୁସଂଖ୍ୟାରେ ପର୍ଯ୍ୟଟକ ଏବେ ବୁକିଂ ବାତିଲ୍ କରୁଥିବାରୁ ହୋଟେଲିୟରମାନଙ୍କୁ ବିପୁଳ କ୍ଷତି ସହିବାକୁ ପଡୁଛି। ଏଭଳିସ୍ଥଳେ ଜୁନ୍ ୧୦ ସୁଦ୍ଧା ପୁରୀକୁ ପର୍ଯ୍ୟଟକଙ୍କ ପାଇଁ ପୁଣିଥରେ ଉନ୍ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ପୁରୀକୁ ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗ ସହ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱେରେଜ୍ ଓ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଆସୋସିଏଶନ ଦାବି କରିଛି।

ଅନ୍ୟପକ୍ଷରେ ହୋଟେଲଗୁଡ଼ିକ ନେଇଥିବା ଟର୍ମ ଲୋନ୍‌ର ମୂଳ ଅର୍ଥ ଓ ସୁଧ ପ୍ରଦାନ କ୍ଷେତ୍ରରେ ୨ବର୍ଷ ପାଇଁ ସାମୟିକ ରହିତାଦେଶ ଲାଗି ଅନୁରୋଧ କରାଯାଇଛି। ସେହିଭଳି କ୍ଷୟକ୍ଷତି ହୋଇଥିବା ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ଆବେଦନ କରିବାର ୩୦ଦିନ ମଧ୍ୟରେ ବ୍ୟାଙ୍କଗୁଡ଼ିକ ଋଣ ମଞ୍ଜୁର କରିବା ସହ ଇନ୍‌ସ୍ୟୁରାନ୍ସ କମ୍ପାନୀମାନେ ମେ ୩୦ ସୁଦ୍ଧା ଦାବି ଅର୍ଥରାଶିର ୫୦ ପ୍ରତିଶତ ପ୍ରଦାନ କରିବାକୁ କୁହାଯାଇଛି। ଏକ୍ଷେତ୍ରରେ ରାଜ୍ୟ ସରକାର ବ୍ୟାଙ୍କ୍ ଓ ଇନ୍‌ସ୍ୟୁରାନ୍ସ କମ୍ପାନୀ ସହ ଆଲୋଚନା କରିବାକୁ ମହାନ୍ତି ନିବେଦନ କରିଛନ୍ତି। ବାତ୍ୟାରେ ପ୍ରଭାବିତ ପୁରୀ, ଭୁବନେଶ୍ୱର ଓ କଟକର ପ୍ରମୁଖ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିକୁ ସଜାଡ଼ିବା ସହ ହୋଟେଲଗୁଡ଼ିକ ଦେଉଥିବା ଜିଏସ୍‌ଟି, ହୋଲ୍ଡିଂ ଟ୍ୟାକ୍ସ, ମ୍ୟୁନିସିପାଲ ଟ୍ୟାକ୍ସ ଓ ଅନ୍ୟାନ୍ୟ ଟ୍ୟାକ୍ସରେ ଛାଡ କରିବାକୁ ଦାବିହୋଇଛି। ବନ୍ୟା ପରେ କେରଳ ପର୍ଯ୍ୟଟନ ଭଳି ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଦେଶ ବାହାରେ ରୋଡ୍ ଶୋ, ବ୍ୟାପକ ମିଡିଆ କଭ୍‌ରେଜ୍, ଭିଡିଓ ଫିଲ୍ମ ପ୍ରସ୍ତୁତି ଭଳି ପ୍ରମୋଶନାଲ ଆକ୍ଟିଭିଟି କରିବାକୁ ପରାମର୍ଶ ଦେଇଛି ଆସୋସିଏଶନ। ଏହାବ୍ୟତୀତ ରାଜ୍ୟ ସରକାର ଅନ୍ତର୍ଜାତୀୟ ବିମାନ ଚଳାଚଳ, ଷ୍ଟାର୍ ହୋଟେଲ ପ୍ରତିଷ୍ଠା, ଦୀର୍ଘସ୍ଥାୟୀ ପର୍ଯ୍ୟଟନ ଭିତ୍ତିଭୂମି ନିର୍ମାଣ, ଲିଜର ଟୁରିଜିମ୍, ନାଇଟ୍ ଲାଇଫ୍, କନ୍‌ଭେନ୍‌ସନ୍ ସେଣ୍ଟର, ୱାଟର ସ୍ପୋର୍ଟସ ଭଳି ଦୀର୍ଘମିଆଦୀ ଯୋଜନା ଉପରେ ଗୁରୁତ୍ୱ ଦେବାକୁ ଏଚ୍‌ଆର୍‌ଏଓ ଦାବି କରିଛି। ଖୁବ୍‌ଶୀଘ୍ର ଉପରୋକ୍ତ ଦାବିକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ମହାନ୍ତି କହିଛନ୍ତି।



ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ବେଳାଭୂମି ମାର୍ଗର ହୋଟେଲ ଅଞ୍ଚଳ।

**'ଫନୀ' ତାଣ୍ଡବ**

- ଭିତ୍ତିଭୂମି ବାବଦରେ ୫୦୦ କୋଟି ଟଙ୍କାର କ୍ଷତି
- ୨ ହଜାର କୋଟିର ବ୍ୟବସାୟିକ କ୍ଷତି
- ପୁରୀ-ଭୁବନେଶ୍ୱର-କଟକର ୧ ହଜାର ହୋଟେଲ ପ୍ରଭାବିତ
- ପୁରୀର ସର୍ବାଧିକ ୮୦୦ ହୋଟେଲ କ୍ଷତିଗ୍ରସ୍ତ
- ଭିତ୍ତିଭୂମି ସଜାଡ଼ିବାକୁ ପ୍ରସ୍ତାବ ରଖିଲା ଏଚ୍‌ଆର୍‌ଏଓ
- ଋଣ, ଟିକସ ଉପରେ ସାମୟିକ ରହିତାଦେଶ ପାଇଁ ଦାବି
- ବିଦେଶରେ ରୋଡ୍ ଶୋ' ପାଇଁ ପ୍ରସ୍ତାବ

**INDIAN INSTITUTE OF TOURISM AND TRAVEL MANAGEMENT**
(An Autonomous Body under Ministry of Tourism, Government of India)
Centres : Gwalior, Bhubaneswar, Noida, Nellore & Goa. Camps: Shillong & Bodh Gaya
**ADMISSION NOTICE**
BBA (Tourism & Travel) 2019-22
MBA (Tourism & Travel Management) 2019-21
Under collaborative scheme of IGNTU

BBA (Tourism & Travel)
ELIGIBILITY :
- Passed 10+2 examination with 50% marks (45% for SC/ST/PH)
- Appear in IGNTU-IITTM Admission Test (IIAT)-2019

MBA (Tourism & Travel Management)
ELIGIBILITY :
- Graduation with 50% of marks (45% for SC/ST/PH) and
- Valid score in CAT/MAT/CMAT/GMAT/ATMA/XAT or Appear in IGNTU-IITTM Admission Test (IIAT)-2019

For online application & detailed information please visit - www.iittm.ac.in
For more details please contact : 7205146285, 9425407607, 9990050707, 9437010180, 9849739489
or Email: admissions@iittm.ac.in
ATUL
Advantages@IITTM
Leading Government Institute of Tourism and Travel with Best Placement record
Last Date of Application 27th May 2019

ଧରିତ୍ରୀ
DHARITRI
ଗୁରୁବାର, ୧୬ ମେ, ୨୦୧୯

“ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟଙ୍କୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।
-ଶ୍ରୀମା



# କୁକୁଡ଼ା ଅଣ୍ଡାର ମାନ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଅଣ୍ଡାକୁ ସବୁବେଳେ ମାନକ ନିରାପଦ ଖାଦ୍ୟ ଭାବେ ବିବେଚନା କରାଯାଇ ଆସିଛି। କ୍ୱଚିତ୍ ଲୋକ ଜାଣନ୍ତି ଯେ, ପ୍ରତି ଅଣ୍ଡା ଅଲଗା ଏବଂ କେତେକ ଆଦୌ ଖାଇବା ଉପଯୋଗୀ ନୁହେଁ। ଗୋଟିଏ ଅଣ୍ଡାର ଉପାଦାନଗୁଡ଼ିକ ହେଉଛି: ଆଲ୍‌ବୁମେନ (ଅଣ୍ଡା ଭିତରର ଧଳା ଅଂଶ), କେଶର (ଅଣ୍ଡାର ହଳଦିଆ ଅଂଶ) ଏବଂ କ୍ୟାଲ୍‌ସିୟମ୍ କାର୍ବୋନେଟ୍‌ରେ ତିଆରି ଅଣ୍ଡାର ସୂକ୍ଷ୍ମ ଛିଦ୍ରବହୁଳ ଖୋଳପା। ତେବେ ଅଣ୍ଡାର ଏହି ଭିତର ଉପାଦାନଗୁଡ଼ିକୁ ବଦଳାଇ ଦିଆଯାଇପାରେ। କୁକୁଡ଼ାକୁ ଆମେ ଯେମିତି ଖାଦ୍ୟ ଖାଇବାକୁ ଦେବା, ତା'ର ଶରୀର ତଥା ଅଣ୍ଡା ଭିତରେ ମଧ୍ୟ ଅନୁରୂପ ପରିବର୍ତ୍ତନ ଘଟିବ। ଉଦାହରଣସ୍ୱରୂପ ଜାପାନରେ ଅଣ୍ଡା ଭିତରେ ଓମେଗା ୩ ଓ ଆୟୋଡିନ୍ ଭର୍ତ୍ତି କରିଦିଆଯାଉଛି।

ଅଣ୍ଡାର ମାନ କୁକୁଡ଼ାର ଖାଦ୍ୟ ଓ ସେ ରହୁଥିବା ପରିବେଶର ଅବସ୍ଥା ଉପରେ ନିର୍ଭର କରେ। ଅଣ୍ଡାଦେବା ପୂର୍ବ ଓ ପରର ଅନେକ କାରକ ଦ୍ୱାରା ଏହା ପ୍ରଭାବିତ ହୁଏ। ପାଣିପାଗ, ଖାଦ୍ୟର ପ୍ରକାର, କୁକୁଡ଼ା ପିଉଥିବା ପାଣିର ପରିମାଣ, ପରିବେଶର ପରିଚ୍ଛନ୍ନତା, କେତେ ଘଣ୍ଟା କୁକୁଡ଼ାଟି ସୂର୍ଯ୍ୟାଲୋକରେ କଟାଉଛି, ସେ କିପରି ନିଃଶ୍ୱାସ ପ୍ରଶ୍ୱାସ ନେଉଛି- ଏସବୁ କାରକ ଅଣ୍ଡାର ଗୁଣବତ୍ତା ପାଇଁ ଦାୟୀ। କୁକୁଡ଼ାଟି ଅଣ୍ଡା ଦେବା ପରେ ଆପଣଙ୍କ ପ୍ଲେଟ୍ ପର୍ଯ୍ୟନ୍ତ ଆସିବା ଯାଏ, ତାକୁ କିପରି ହ୍ୟାଣ୍ଡଲ୍ କରାଯାଇଛି, ତା' ଉପରେ ମଧ୍ୟ ଏହା ଖାଇବା ଯୋଗ୍ୟ କି ନା ତାହା ନିର୍ଭର କରୁଛି। ଗୋଟିଏ କୁକୁଡ଼ା ଅଣ୍ଡାରେ ହାରାହାରି ଛଅଗ୍ରାମ୍ ପ୍ରୋଟିନ୍ ଓ ଛଅଗ୍ରାମ୍ ଚର୍ବି ରହିବା କଥା। ଏଥିପାଇଁ କୁକୁଡ଼ାକୁ ସନ୍ତୁଳିତ ଆହାର ଦେବାକୁ ହୋଇଥାଏ, ଯେଉଁଥିରେ ଆବଶ୍ୟକ ପରିମାଣର ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଚର୍ବି, ଭିଟାମିନ୍ ଓ ଖଣିଜ ଲବଣ ଥିବ। ବିଶେଷଜ୍ଞମାନେ କୁକୁଡ଼ା ଖାଦ୍ୟରେ ୧୬ରୁ ୧୮ ପ୍ରତିଶତ ପ୍ରୋଟିନ୍ ଓ ପ୍ରାୟ ୩.୫% କ୍ୟାଲ୍‌ସିୟମ୍ ରହିବା ଉଚିତ ବୋଲି କହିଛନ୍ତି। ଅଣ୍ଡାଦିଆ କୁକୁଡ଼ାକୁ ମଧ୍ୟ ଯଥେଷ୍ଟ ସ୍ୱଚ୍ଛ ଜଳ ଦିଆଯିବା ଦରକାର କାରଣ କୁକୁଡ଼ା ଅଣ୍ଡାର ଅଧା ଭାଗ ହେଉଛି ଜଳ।

ଅଣ୍ଡାର ପ୍ରାକୃତିକ ଉପାଦାନଗୁଡ଼ିକୁ ଯେ ବଦଳାଯାଇ ପାରିବ, ଏ କଥା କୁକୁଡ଼ା ଫାର୍ମର ମାଲିକମାନେ ଜାଣିଛନ୍ତି। ସେଥିପାଇଁ ସେମାନେ କୁକୁଡ଼ା ଖାଦ୍ୟରେ ଏପରି ରାସାୟନିକ ମିଶାନ୍ତି, ଯାହାଦ୍ୱାରା କୁକୁଡ଼ା ଦେଉଥିବା ଅଣ୍ଡା ଭଲ ଦେଖାଯିବ ଓ ଅଧିକ ଦିନ କାଞ୍ଜିଆ ନ ହୋଇ ରହିପାରିବ। ଅଣ୍ଡା ଖୋଳର ମାନ ବଢ଼ାଇବା ପାଇଁ ସେମାନଙ୍କୁ ଖାଇବା ସୋଡ଼ା ଓ ଆମୋନିୟମ୍ କ୍ଲୋରାଇଡ୍ ଦିଆଯାଏ। ଶୋଷିଲା କୁକୁଡ଼ାକୁ ପାଣିରେ ପୋଟାସିୟମ୍ କ୍ଲୋରାଇଡ୍ ମିଶାଇ ପିଇବାକୁ ଦିଆଯାଏ। କୁକୁଡ଼ା ଜନ୍ମ ହେବା ଦିନଠାରୁ ସେମାନଙ୍କୁ ଆଣ୍ଟିବାୟୋଟିକ୍ସ ଦିଆଯାଏ।

ଯେଉଁ କୁକୁଡ଼ାଙ୍କୁ ବାହାରେ ବୁଲି ଖାଦ୍ୟ ଖୁଣ୍ଟି ଖାଇବାକୁ ଦିଆଯାଏ, ସେମାନେ ଭଲ ଅଣ୍ଡା ଦିଅନ୍ତି। ସେମାନେ ମାଟି ଆମ୍ପୁଡ଼ି ପୋକଜୋକ, ଜିଆ, ମଞ୍ଜି ଆଦି ଖାଆନ୍ତି। କିନ୍ତୁ ଆପଣ ଯେଉଁ ଅଣ୍ଡା କିଣନ୍ତି, ସେଗୁଡ଼ିକ ଏପରି କୁକୁଡ଼ାଙ୍କଠାରୁ ଆସି ନ ଥାଏ। କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ପାଇଁ କୁକୁଡ଼ାଙ୍କୁ ପଞ୍ଜୁରି ଭିତରେ ଅଧିକ ସଂଖ୍ୟାରେ ରଖାଯାଏ। ସେମାନଙ୍କୁ ରାସାୟନିକ ଖାଦ୍ୟ ଓ ଆଣ୍ଟିବାୟୋଟିକ୍ସ ଦିଆଯାଏ। ସେମାନେ ମୁକ୍ତ ବାୟୁ, ମୁକ୍ତ ସୂର୍ଯ୍ୟକିରଣ ବା ପାଣି ପାଆନ୍ତି ନାହିଁ। ଦୈନିକ ଅଧିକ ଅଣ୍ଡା ଦେବା ପାଇଁ ତାଙ୍କୁ କୃତ୍ରିମ ଆଲୁଅ ଭିତରେ ସବୁବେଳେ ରଖାଯାଏ। ଏପରି ଚାପଗ୍ରସ୍ତ ପରିବେଶରୁ ଭଲ ପୁଷ୍ଟିକର ଅଣ୍ଡା କିପରି ଉତ୍ପାଦନ ହୋଇପାରିବ? ସେଥିପାଇଁ ଭାରତୀୟ କୁକୁଡ଼ା ଅଣ୍ଡାର ମାନ ଅତ୍ୟନ୍ତ ଖରାପ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଭାରତୀୟ କୁକୁଡ଼ା ଫାର୍ମଗୁଡ଼ିକରେ ଅଧିକାଂଶ କୁକୁଡ଼ାଙ୍କ ଦେହରେ ଘାଆ ହୋଇଯାଇଥାଏ, ସେମାନେ ନିଜର ମଳ ଉପରେ ଠିଆ ହୋଇଥାନ୍ତି, ତାଙ୍କ ଉପରେ ବୁଢ଼ିଆଣୀ ଜାଲ ବୁଣିଥାଏ, ତାଙ୍କ ଦେହରେ ଉକୁଣି ଭର୍ତ୍ତି ହୋଇଥାନ୍ତି, ସେମାନଙ୍କୁ ଅନ୍ୟ ମଲା କୁକୁଡ଼ାଙ୍କ ଦେହାବଶେଷ, କାର୍ଡବୋର୍ଡ, ମାର୍ବଲ ଚିପ୍ସ, ମାଛଗୁଣ୍ଡ ଆଦି ଖାଇବାକୁ ଦିଆଯାଏ। ଏଗୁଡ଼ିକ ଅଣ୍ଡାର ପୌଷ୍ଟିକ ଗୁଣକୁ ନଷ୍ଟ କରିଦିଏ। ଅସ୍ୱାସ୍ଥ୍ୟକର ପରିବେଶ ସହ ମାନ ନିୟନ୍ତ୍ରଣର ବ୍ୟବସ୍ଥା ନ ଥିବାରୁ ଅଣ୍ଡାଗୁଡ଼ିକ ସଂକ୍ରମିତ ହେବାର ଭୟ ଥାଏ। ଭାରତ ପୃଥିବୀର ତୃତୀୟ ବୃହତ୍ତମ ଅଣ୍ଡା ଉତ୍ପାଦନକାରୀ ଦେଶ ହେଲେ ମଧ୍ୟ ଏହାର ଅଣ୍ଡାଗୁଡ଼ିକ ଅନ୍ତର୍ଜାତୀୟ ମାନର ନୁହେଁ। ତେଣୁ ଅନ୍ୟ ଦେଶଗୁଡ଼ିକ ଆମଦାନି କରିବାକୁ ଚାହାନ୍ତି ନାହିଁ।

ଆପଣ ଅଣ୍ଡାଟିଏ ଭଲ କିନା ତାହାର ଧଳା ଅଂଶ, ହଳଦିଆ କେଶର ଓ କଠିନ ଖୋଳପାକୁ ଦେଖି ଉପରଠାଉରିଆ ଭାବେ ଜାଣନ୍ତି। କିନ୍ତୁ କେହି କ'ଣ ଖୋଳପାର ମୋଟେଇ କେତେ ତାହା ଦେଖନ୍ତି? ପତଳା ଖୋଳପାରୁ ତା'ର ମାଆ ରୋଗଣା ଥିବା ଜଣାପଡ଼େ। ମାଆ କୁକୁଡ଼ା ଭୋଗୁଥିବା ରୋଗଗୁଡ଼ିକ ଭିତରେ ରହିଛି: ସଂକ୍ରାମକ ବ୍ରୋଙ୍କାଇଟିସ୍ (ଶ୍ୱାସନଳୀର ପ୍ରଦାହ), ନ୍ୟୁକ୍ୟାଶ୍‌ଲ ରୋଗ, ଉଡ଼ା ସର୍ଦ୍ଦି ଓ ଏଗ୍ ଡ୍ରପ୍ ସିଣ୍ଡ୍ରୋମ୍। ଏହିସବୁ ରୋଗ ଥିଲେ ଅଣ୍ଡାର ଖୋଳପା ପତଳା ଓ ନିମ୍ନମାନର ହୋଇଯାଏ। ସଂକ୍ରାମକ ବ୍ରୋଙ୍କାଇଟିସ୍ ଭୂତାଣୁ ଅଣ୍ଡା ଖୋଳପାକୁ ନରମ, ଆବଡ଼ାଖାବଡ଼ା, ବେରଙ୍ଗ ଓ ମୋଡ଼ିମୋଡ଼ିକିଆ କରିଦିଏ। ଅଣ୍ଡାକୁ ଫଟେଇଦେଲେ ତା' ଭିତରର ଧଳା ଅଂଶ ଲାଳ ପରି ବୋହିଯାଏ, ତା' ହଳଦିଆ କେଶରର ରଙ୍ଗ ମଳିନ ଦେଖାଯାଏ ଏବଂ ତା' ଖୋଳପା ଆବଡ଼ାଖାବଡ଼ା ଦେଖାଯାଏ। ଅଣ୍ଡାର ଖୋଳପା ଯଦି ବିକୃତ ଓ ଆବଡ଼ାଖାବଡ଼ା ହୋଇଥାଏ, ତେବେ ତା' ମାଆକୁ ସାଙ୍ଘାତିକ ରୋଗ ହୋଇଥିବାର ଜାଣିବେ।

ଗ୍ରୀଷ୍ମଋତୁରେ ପିଞ୍ଜରାରେ ଅନ୍ୟ କୁକୁଡ଼ାଙ୍କ ଗହଳି ଭିତରେ ରହୁଥିବା କୁକୁଡ଼ା ନିଜ ଦେହକୁ ଟିକେ ଥଣ୍ଡା କରିବା ପାଇଁ ଊର୍ଦ୍ଧ୍ୱଶ୍ୱାସ ନିଏ। ଏହାଦ୍ୱାରା 'ରେସ୍ପିରେଟୋରୀ ଆଲ୍‌କାଲୋଇସ୍' ନାମକ ଅବସ୍ଥା ସୃଷ୍ଟି ହୁଏ। ରକ୍ତର ପିଏଚ୍ କ୍ଷାରୀୟ ହୋଇଯାଏ ଏବଂ ଅଣ୍ଡାର ଖୋଳପା ପାଇଁ ଯଥେଷ୍ଟ କ୍ୟାଲ୍‌ସିୟମ୍‌ର ଅଭାବ ଘଟେ। ସେଥିପାଇଁ ଅଣ୍ଡାର ଖୋଳପା ପତଳା ହୋଇଯାଏ। ବୀଜାଣୁ ଓ ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଅଣ୍ଡା ଖୋଳପାର ମୋଟେଇ ହେଉଛି ଗୁରୁତ୍ୱପୂର୍ଣ୍ଣ। ଖୋଳପା ପତଳା ହେଲେ ତା' ଭିତରକୁ ଜୀବାଣୁମାନେ ସହଜରେ ପ୍ରବେଶ କରିପାରନ୍ତି।

ଗୋଟିଏ ଅଣ୍ଡାରେ ଫସ୍‌ଫରସ୍, ଜିଙ୍କ୍, ଭିଟାମିନ୍ ଏ, ବି୬, ବି୧୨, ଫଲିକ୍ ଏସିଡ୍, ଥାୟାମିନ୍ ଓ ଭିଟାମିନ୍ ଡି ରହିବା ଉଚିତ। କିନ୍ତୁ ଖରାଦିନର ଗରମ ସମ୍ଭାଳି ନ ପାରି କୁକୁଡ଼ାମାନେ ଖାଇବା କମାଇଦିଅନ୍ତି ଏବଂ କମ୍ ଖାଦ୍ୟରେ ସେମାନେ କମ୍ କ୍ୟାଲ୍‌ସିୟମ୍ ପାଇଥାନ୍ତି। ଫଳରେ ତାଙ୍କ ରକ୍ତରେ ଫସ୍‌ଫରସ୍‌ର ପରିମାଣ ବଢ଼ିଯାଏ। ଅଣ୍ଡା ଖୋଳର ଉପଯୁକ୍ତ ମାନ ପାଇଁ କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍‌ର ସନ୍ତୁଳନ ରହିବା ଜରୁରୀ। କିନ୍ତୁ ଫସ୍‌ଫରସ୍‌ର ପରିମାଣ ବଢ଼ିଗଲେ ତାହା କ୍ୟାଲ୍‌ସିୟମ୍‌ର ସୃଷ୍ଟିକୁ ବାଧା ଦିଏ। କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍‌ର ସନ୍ତୁଳନ ନଷ୍ଟ ହେଲେ ଜିଙ୍କ୍ ଓ ମ୍ୟାଗ୍ନେସିୟମ୍ ପରିମାଣ ମଧ୍ୟ କମିଯାଏ। ଏପରି ରୋଗଣା କୁକୁଡ଼ା ଦେହରେ ଭିଟାମିନ୍ ଡି ପରିମାଣ ବି କମିଯାଏ। ତେଣୁ ଅଣ୍ଡାରେ ଯଥେଷ୍ଟ ପରିମାଣରେ ଭିଟାମିନ୍ ଡି ରହିପାରେ ନାହିଁ। ବ୍ୟାୟାମ ଅଭାବରୁ ପିଞ୍ଜରାବଦ୍ଧ କୁକୁଡ଼ାମାନେ ମୋଟା ହୋଇଯାନ୍ତି ଓ ତାଙ୍କ ଦେହରେ ଚର୍ବି ବଢ଼ିଯାଏ। ସେଥିପାଇଁ ଅଣ୍ଡା କେଶରରେ ଥିବା ଫ୍ୟାଟି ଏସିଡ୍ କମ୍ପୋଜିଶନ ମଧ୍ୟ ବଦଳିଯାଏ।

କୁକୁଡ଼ାମାନେ ଯାହା ଖାଆନ୍ତି, ତାହା ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ହାଇବ୍ରିଡ୍ ଅଣ୍ଡାଦିଆ କୁକୁଡ଼ାକୁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଖାଦ୍ୟ ଦିଆଯିବା ଉଚିତ, ଯାହା ଭାରତରେ ଦିଆଯାଉ ନାହିଁ। ଭାରତରେ କୁକୁଡ଼ାଙ୍କୁ ପୁଷ୍ଟିସାରହୀନ ଶସ୍ତା ଖାଦ୍ୟ ଖାଇବାକୁ ଦିଆଯାଉଛି।

ଆପଣ ଯେତେବେଳେ ଫାର୍ମରେ ପାଳିତ ଆଣ୍ଟିବାୟୋଟିକ୍ସ ଦିଆ କୁକୁଡ଼ା ଅଣ୍ଡା ଖାଆନ୍ତି, ସେତେବେଳେ ତା' ସହିତ ଆପଣ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ବୀଜାଣୁଙ୍କୁ ମଧ୍ୟ ଖାଆନ୍ତି। ତା'ପରେ ରୋଗରେ ପଡ଼ିଲେ ଆଣ୍ଟିବାୟୋଟିକ୍ସ ଆଉ ଆପଣଙ୍କ ଦେହରେ କାମ କରିବ ନାହିଁ। ଭାରତରେ ଏପରି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ହୋଇଯାଇଛନ୍ତି। ଏହାର ମୂଳ କାରଣ ହେଉଛି ଫାର୍ମ କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା ଖାଇବା।

Email: gandhim@nic.in

# ଆସନ୍ନ ବେକାରି ବିସ୍ଫୋରଣ



ବିମଳ ପ୍ରସନ୍ନ ଦାସ

ପୃଥିବୀର ଦ୍ୱିତୀୟ ଜନବହୁଳ ଦେଶ ଭାରତରେ ବେକାରି ସମସ୍ୟା ବଡ଼ ବିପଦ ଭାବେ ଉଭା ହୋଇଛି। ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି ସେହି ଅନୁଯାୟୀ ଲୋକମାନଙ୍କୁ କର୍ମସଂସ୍ଥାନ ମିଳୁନାହିଁ। ଏକ ଗଣତାନ୍ତ୍ରିକ ଶାସନର ସମୟସୀମା ୫ ବର୍ଷ ପୂରିବା ଆଗରୁ ସରକାର, ରାଜନୈତିକ ଦଳ, ନିର୍ବାଚନ କମିଶନ ପ୍ରଭୃତି ସଚେତନ ହୋଇ ଉଠନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି କି ନାହିଁ ସେ ବିଷୟରେ ଖୋଳତାଡ କରନ୍ତି। ଅନୁରୂପ ଭାବେ ସାଂସଦ ଓ ବିଧାୟକ ବର୍ଷ ବର୍ଷ ଧରି ଲୋକଙ୍କ ଅନୁରୋଧ ସତ୍ତ୍ୱେ ମନ ଦେଇ ନ ଥିବା କର୍ମ ଓ କର୍ତ୍ତବ୍ୟ ପ୍ରତି ହଠାତ୍ ସଜାଗ ହେଇ ଉଠନ୍ତି। ଏଥିରେ ବିସ୍ମିତ ହେବାର କିଛି ନାହିଁ। ଯଦି ପୂର୍ବର ପ୍ରତିଶ୍ରୁତି ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ହୋଇ ନ ଥିବା ପ୍ରଶ୍ନ ଉଠେ, ତେବେ ନିର୍ଦ୍ଦିଷ୍ଟ ଉତ୍ତର ପରିବର୍ତ୍ତେ କୁହାଯାଏ ଏ ପର୍ଯ୍ୟନ୍ତ ସବୁ ଗ୍ରାମକୁ ସଡ଼କ, ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟାଳୟ, ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଛି, ଯାହା ହୁଏତ ପୂର୍ବରୁ କରାଯାଇଥାଏ। ତଥାପି ସରକାର ଯେପରି ନିଜର ପଦମର୍ଯ୍ୟାଦା ରକ୍ଷା କରିବା ପାଇଁ ଦୃଢ଼ସଙ୍କଳ୍ପ, ପ୍ରତିନିଧିମାନେ ପୁଣି କ୍ଷମତାକୁ ଫେରିବା ପାଇଁ ବଦ୍ଧପରିକର।

ଲୋକମାନେ ରାସ୍ତାଘାଟ, ଛକ ସହର ବଜାରକୁ ଗଲେ ଦେଖନ୍ତି ରଙ୍ଗ ବେରଙ୍ଗର କେତେ ଆଖିଝଲସା ବିଜ୍ଞାପନ ଓ ଛବି। କେଉଁଠି ପ୍ରଧାନମନ୍ତ୍ରୀଙ୍କର ହାସ୍ୟମୁଖ ତ କେଉଁଠି ମୁଖ୍ୟମନ୍ତ୍ରୀଙ୍କ ପ୍ରସନ୍ନ ବଦନ। ଏମାନଙ୍କ ସହ ରାଜନୀତିରେ ନିଜକୁ ଚଳଚଞ୍ଚଳ ରଖିଥିବା ଲୋକପ୍ରତିନିଧିମାନଙ୍କ ମନୋଲୋଭା ଚିତ୍ର। କିନ୍ତୁ ସହରଠାରୁ ଆରମ୍ଭ କରି ଗାଁ ଗହଳରୁ ଉଚ୍ଚଶିକ୍ଷା ପାଇଥିବା ଯୁବତୀଯୁବକମାନଙ୍କୁ ଘର ଆଗରେ ବା ବଜାରରେ ମୁହଁ ଶୁଖାଇ ଚାଲୁଥିବା ଦେଖାଯାଏ। କାରଣ ପରିସଂଖ୍ୟାନ ବିଭାଗ ସୂଚନା ଦେଇଛି ଯେ, ଏମାନଙ୍କୁ ଛୋଟବଡ଼ ଚାକିରିଟିଏ ଯୋଗାଇଦେବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଚଳିତବର୍ଷ ବେକାରଙ୍କ ସଂଖ୍ୟା ୭.୨ ପ୍ରତିଶତରେ ରହିଛି ଏବଂ ୪୦ ପ୍ରତିଶତ ଲୋକ ବେକାର ରହିଛନ୍ତି। ନିଯୁକ୍ତି ମିଳିବାର ଆଶା ନାହିଁ। ନେତାଙ୍କୁ ହାତରେ ରଖିଲେ, ତାଙ୍କ ପଛରେ ଗୋଡାଇଲେ ହୁଏତ ଚାକିରିଟିଏ ମିଳିଯିବ। ସେହି ଆଶାରେ ବେକାର ଯୁବତୀଯୁବକ ତାଙ୍କ ପଛରେ ଧାଡି ବାନ୍ଧିବାକୁ ବାଧ ହେଉଛନ୍ତି।

ଓଡ଼ିଶା ପରି ଏକ କୃଷିପ୍ରଧାନ ରାଜ୍ୟରେ କର୍ମନିଯୁକ୍ତି କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ୧୨ ଲକ୍ଷରୁ ଅଧିକ। ଅନୁରୂପ ଭାବେ ଦେଶରେ ବେକାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୩/୪ ବର୍ଷ ଧରି ନିଯୁକ୍ତି କ୍ଷେତ୍ରର ଅବସ୍ଥା ଅତ୍ୟନ୍ତ ନିରୁତ୍ସାହଜନକ ଓ ଉଦ୍‌ବେଗପୂର୍ଣ୍ଣ। ପରିସଂଖ୍ୟାନ କହେ, ଦେଶର ବେକାର ସଂଖ୍ୟା ୪୦ ପ୍ରତିଶତ।

ଆଉ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୧୭-୧୮ରେ ଭାରତର ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇ ୪୫ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ଅର୍ଥାତ୍ ଏହି ସମୟରେ ସବୁଠାରୁ କମ୍ ଲୋକ ନିଯୁକ୍ତି ପାଇଛନ୍ତି। ସରକାରଙ୍କ ପ୍ରମୁଖ ନିଯୁକ୍ତିପ୍ରଦାନକାରୀ ସଂସ୍ଥା କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି), ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି) ଏବଂ ରେଳୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ବିଗତ ୪ ବର୍ଷ ମଧ୍ୟରେ ୩୮ ପ୍ରତିଶତ କମ୍ ନିଯୁକ୍ତି ସୃଷ୍ଟି କରିଛନ୍ତି। ୨୦୧୪-୧୫ରେ ଉପରୋକ୍ତ ସଂସ୍ଥା ୧ ଲକ୍ଷ ୩୦ ହଜାର ଯୁବତୀଯୁବକଙ୍କୁ ରୋଜଗାର ଦେଇଥିବା ବେଳେ ୨୦୧୭-୧୮ରେ ୭୦,୮୦୫କୁ ଖସିଆସିଛି। ବିଡ଼ମ୍ବନାର କଥା ହେଲା, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ବ୍ୟାପକ ପଦବୀ ଖାଲି ପଡିଥିବା ବେଳେ ସେଗୁଡିକ ପୂରଣ କରାଯାଉନାହିଁ। ମାତ୍ର ଆହୁରି ଦୁଃଖଦ କଥା, ସରକାର ଏହା ସ୍ୱୀକାର କରିବାକୁ ରାଜି ନୁହନ୍ତି। ଅପରନ୍ତୁ ବାହୁସ୍ଫୋଟ ମରାଯାଇ କୁହାଯାଉଛି ଯେ, ଦେଶରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଅର୍ଥନୈତିକ ଅଭିବୃଦ୍ଧି ଘଟୁଛି। 'ବାହାପିଆଙ୍କ ବାରବାଟି ଚାଷ' ବ୍ୟତୀତ ଏହା ବା ଆଉ କ'ଣ ହୋଇପାରେ?

କେନ୍ଦ୍ରରେ ଭାଜପା ସରକାର କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାର ନିଷ୍ଠୁର ବାସ୍ତବତା ଯୁବତୀଯୁବକ ଏବଂ ତାଙ୍କ ହତଭାଗ୍ୟ ମାତାପିତା ଅଙ୍ଗେ ନିଭାଉଛନ୍ତି। ଏପରି କି ପକୁଡିବାଲାଙ୍କୁ ନିଯୁକ୍ତି ପରିସରକୁ ଆଣି ସରକାର ରୋଜଗାର ସୁଯୋଗର ଯେଉଁ ନୂଆ ପରିଭାଷା ସୃଷ୍ଟି କଲେ, ତାହା ହାସ୍ୟାସ୍ପଦ ଓ ଲଜ୍ଜାଜନକ। ପ୍ରତ୍ୟେକ ଯୁବ ନାଗରିକଙ୍କ ଆଗରେ ସକାରାତ୍ମକ ଉପାୟରେ ଅର୍ଥ ଉପାର୍ଜନର ସମ୍ଭାବନା ଥିଲେ ସେ ଲକ୍ଷ୍ୟଭ୍ରଷ୍ଟ ହେବେନାହିଁ। ଯଦି ରାଷ୍ଟ୍ର ଯୁବଶକ୍ତିଙ୍କ ପାଇଁ ଚାକିରି ବା ଔଦ୍ୟୋଗିକ ନିଯୁକ୍ତି ସୃଷ୍ଟି କରିବାକୁ ସମର୍ଥ ହେବନାହିଁ, ସେମାନେ ହୁଏତ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ବିଭିନ୍ନ ପ୍ରଲୋଭନର ଶିକାର ହୋଇ ବଞ୍ଚି ରହିବାକୁ ବାଧ୍ୟ ହେବେ। ଆଜିର 'ବେକାରି' ସରକାର ଓ ସମାଜ ପାଇଁ ଏକ ସତର୍କ ଘଣ୍ଟି। ସମାଧାନରେ ବିଳମ୍ବ ହେଲେ ବିସ୍ଫୋରଣ ଅବଶ୍ୟମ୍ଭାବୀ।

ମୋ-୯୪୩୮୧୮୬୨୨୬

# ଉତ୍ତରାଧିକାରୀର ଔଦ୍ଧତ୍ୟ



ଡ. ସୁବାସ ଚନ୍ଦ୍ର ପାତ୍ର

ନିଜର ପୂର୍ବଜ, ପୂର୍ବାଧିକାରୀ ବା ପୂର୍ବସୂରିଙ୍କୁ ଉପହାସ କରିବା, ସେମାନଙ୍କ ଅବଦାନକୁ ଅସ୍ୱୀକାର କରିବା, ସେମାନଙ୍କୁ ଲୋକଲୋଚନରେ ଗୌଣ କରି ତୋଳିବା ମଣିଷର ଏକ ସହଜାତ ଗୁଣ। ସାଂପ୍ରତିକ ସ୍ଥିତିରେ ଏହା ଅତି ଉତ୍କଟ, ଦୃଶ୍ୟମାନ ଓ ଚର୍ଚ୍ଚିତ ହେଲାଣି। ଏ ପ୍ରକାର ଏକ ଅଭାବନୀୟ ପରମ୍ପରା ପାରିବାରିକ, ସାମାଜିକ, ସାରସ୍ୱତ କ୍ଷେତ୍ରରେ ଦେଖାଯାଏ। ତେବେ ସବୁଠୁ ଦୁଃଖ ଦିଏ ପ୍ରଶାସନିକ ଓ ରାଜନୈତିକ ମହଲରେ ଏହାର ପ୍ରତିଫଳନ।

ପ୍ରଖ୍ୟାତ କବି ଆଲେକ୍‌ଜାଣ୍ଡର ପୋପ୍ ପାରିବାରିକ ତଥା ସାମାଜିକ ସ୍ତରରେ ଏ ପ୍ରକାର ମନୋଭାବକୁ ବ୍ୟଙ୍ଗ କରିବାକୁ ଯାଇ ଯେଉଁ ପଂକ୍ତିଯୁଗଳ ରଚନା କରିଥିଲେ ତା'ର ସାରମର୍ମ ହେଲା, ''ଆମେ ଏଡ଼େ ବିଜ୍ଞ ଯେ ଆମ ବାପାଙ୍କୁ ନିର୍ବୋଧ ଭାବୁଁ; ଏହା ନିଃସନ୍ଦେହ ଯେ ଆମର ବିଜ୍ଞତମ ପିଲାମାନେ ଆମକୁ ସେଇଆ ହିଁ ଭାବିବେ।'' (ୱି ଥିଙ୍କ୍ ଆୱାର ଫାଦର୍ସ ଫୁଲ ସୋ ୱାଇଜ୍ ୱି ଗ୍ରୋ; ଆୱାର ୱାଇଜେଷ୍ଟ ସନସ୍ ୱିଲ୍ ନୋ ଡାଉଟ୍ ଥିଙ୍କ୍ ଅସ୍ ସୋ)। ପୂର୍ବଜଙ୍କୁ ଉପହାସ କଲାବେଳେ ମଣିଷ ଭୁଲିଯାଏ ସେ ତାଙ୍କ ସମୟ ତଥା ପରିସ୍ଥିତିର ସୃଷ୍ଟି। ତେଣୁ ଶିକ୍ଷା, ଦୀକ୍ଷା, ପାରଦର୍ଶିତା କ୍ଷେତ୍ରରେ ତାଙ୍କର ସୀମିତତା ଥିବ। ଫକୀରମୋହନଙ୍କ 'ଡାକମୁନ୍‌ସୀ' ଗଳ୍ପରେ ପୁଅ ଗୋପାଳ ସିଂହର ବାପା ହରି ସିଂହଙ୍କ ପ୍ରତି ଦୁର୍ବ୍ୟବହାରର ମୂଳ ଉତ୍ସ ଥିଲା ମନସ୍ତାତ୍ତ୍ୱିକ- ଅପାଠୁଆ ବାପାଙ୍କୁ ନିର୍ବୋଧ ଭାବି ହେୟଜ୍ଞାନ କରିବା। ତେବେ ଶିକ୍ଷା ସହ ମାନବିକ ଗୁଣାତ୍ମକତାର କି ସଂପର୍କ? ଉଚ୍ଚଶିକ୍ଷିତ ଗୋପାଳ ସିଂହମାନେ କହିପାରିବେ କି ଅଳ୍ପ ଶିକ୍ଷିତ ବା ଅଶିକ୍ଷିତ ହରି ସିଂହମାନଙ୍କଠୁ ସେମାନେ ଉଚ୍ଚତର, ମହତ୍ତର ମଣିଷ? ପାରିବାରିକ ପୂର୍ବଜମାନଙ୍କ ପ୍ରତି ଅବଜ୍ଞା ସାମାଜିକ ସ୍ତରକୁ ସଂକ୍ରମିତ ହୁଏ ଏବଂ ସାଧାରଣ ଭାବରେ ନବଶିକ୍ଷିତ ଯୁବତୀଯୁବକମାନଙ୍କର ବୟସ୍କ ଅଭିଭାବକମାନଙ୍କ ପ୍ରତି ହତାଦର ସବୁଠୁ ଯନ୍ତ୍ରଣାଦାୟକ ଲାଗେ ଯେତେବେଳେ ସେମାନେ ବରିଷ୍ଠମାନଙ୍କର ସଂସ୍କାର, ସମାଜ ନିର୍ମାଣ ପାଇଁ ତ୍ୟାଗ, ବଦାନ୍ୟତାକୁ ତଥାକଥିତ ଶିକ୍ଷାର ମାପକାଠିରେ ତଉଲି ସେମାନେ ସମ୍ମାନାସ୍ପଦ ନୁହନ୍ତି ବୋଲି ଭାବି ନିଅନ୍ତି।

ଅନୁରୂପ ଦୃଶ୍ୟ ଦେଖିବାକୁ ମିଳେ କୌଣସି ଅନୁଷ୍ଠାନ ବା ଗୁରୁତ୍ୱପୂର୍ଣ୍ଣ ପଦବୀରେ ଯୋଗ ଦେଇଥିବା ଅଧିକାରୀମାନଙ୍କର ପୂର୍ବାଧିକାରୀମାନଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀରେ। କାର୍ଯ୍ୟରେ ଯୋଗ ଦେଉ ନ ଦେଉଣୁ ଆଗେ ଆରମ୍ଭ ହୁଏ ପୂର୍ବାଧିକାରୀମାନଙ୍କ ସମୟରେ କ'ଣ ହୋଇ ନାହିଁ, କ'ଣ ସବୁ ସେ ଛାଡ଼ି ଯାଇ ନାହାନ୍ତି। ସେମାନଙ୍କ ଅବଦାନକୁ ନ ଦେଖିବାର ବା ସ୍ୱୀକାର ନ କରିବାର ଅଭିନୟ କରି ସେମାନେ ନିଜର ଗୁରୁତ୍ୱ ବଢ଼େଇବାକୁ ଚେଷ୍ଟା କରନ୍ତି ଏବଂ ନିଜେ କେଡ଼େ କାର୍ଯ୍ୟଦକ୍ଷ, ବିଜ୍ଞ ଓ ପାରଙ୍ଗମ ଏବଂ କି ପ୍ରକାର ସ୍ୱର୍ଣ୍ଣିମ ଯୁଗ କର୍ମଚାରୀମାନଙ୍କୁ ଅପେକ୍ଷା କରିଛି ତା'ର ସଂକେତ ଦେବା ସହିତ ସେମାନେ ବୋଧହୁଏ ଧରି ନିଅନ୍ତି ଅନ୍ୟର ବଦନାମ ନିଜର ସୁନାମ ବୃଦ୍ଧିର ଏକମାତ୍ର ମାର୍ଗ।

ଦୁର୍ଭାଗ୍ୟର କଥା କଳା ଓ ସାହିତ୍ୟ ଜଗତରେ ସମଧର୍ମା ପୂର୍ବଜଙ୍କୁ ଚାପୁଡ଼ା ମାରି ନିଜର ବୈଶିଷ୍ଟ୍ୟ ପ୍ରଦାନ କରିବାକୁ ଚେଷ୍ଟା କରାଯାଏ। ଏ ପ୍ରକାର ମନୋଭାବରୁ ବଡ଼ ବଡ଼ ଲେଖକ ଓ କଳାକାର ବାଦ୍ ପଡ଼ନ୍ତି ନାହିଁ। ପ୍ରଖ୍ୟାତ ରୁଷୀୟ ଲେଖକ ଟଲ୍‌ଷ୍ଟୟଙ୍କ ଉକ୍ତି ଉପରେ ନଜର ପକାଇଲେ ସମସ୍ୟାଟି କେଡ଼େ ଦୁର୍ବିଷହ ଜଣାପଡ଼ିବ। ଏକଦା ଟଲ୍‌ଷ୍ଟୟ ତାଙ୍କର ସମସାମୟିକ ବିଖ୍ୟାତ ଲେଖକ ଆଣ୍ଟନ୍ ଚେକୋଭଙ୍କୁ କହିଥିଲେ, ''ମୁଁ ଭାବୁଥିଲି ତୁମେ ଜଣେ ବଡ଼ ଲେଖକ ହେବ। କିନ୍ତୁ ଦେଖୁଛି ତୁମେ ସେକ୍ସପିୟରଙ୍କଠୁ ଆହୁରି ଖରାପ ଲେଖୁଛ।'' ଅର୍ଥାତ୍ ବିଶ୍ୱର ସର୍ବଶ୍ରେଷ୍ଠ କବି ଓ ନାଟ୍ୟକାର ସେକ୍ସପିୟର ଜଣେ ଖରାପ ଲେଖକ ଏବଂ ଚେକୋଭ ତାଙ୍କଠୁ ହୀନ! ଅନ୍ୟ ଜଣେ ଲେଖକ ବିଷୟରେ ତାଙ୍କର ମତ ଥିଲା, ''ସେ ଆତ୍ମହତ୍ୟା ନ କରି କାହିଁକି ଲେଖୁଛନ୍ତି?'' ଦୁଃଖର କଥା ପରବର୍ତ୍ତୀ ସମୟରେ ଆବିର୍ଭୂତ ଲେଖକମାନେ ସେମାନଙ୍କ ପୂର୍ବଜ ଲେଖକମାନଙ୍କର ସମୟ ତଥା ସମାଜକୃତ ସୀମିତତାର ଅନୁଧ୍ୟାନ କରନ୍ତି ନାହିଁ। ଅହଂକାରର ଅନ୍ଧକାରରେ ସେମାନେ ନିଜ ଛଡ଼ା ଆଉ କାହାକୁ ଦେଖି ପାରନ୍ତି ନାହିଁ। ସେଇଥିପାଇଁ ସାରସ୍ୱତ ଗୁଣବତ୍ତା ସହିତ ଐତିହାସିକ ଦାୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ କିଛି ନ ଥାଇ କିଛି ଗୋଟିଏ ସୃଷ୍ଟି କରିବା, ବହୁତ ଥାଇ କ'ଣ ଗୋଟିଏ ସୃଷ୍ଟି କରିବାଠୁ ଗୌଣ ନୁହେଁ।

ଫକୀରମୋହନଙ୍କ ପ୍ରସଙ୍ଗରେ ମନୋଜ ଦାସ କହନ୍ତି, ''ଫକୀରମୋହନଙ୍କ ପରେ ଅନେକ ଲେଖକ ଆସିଛନ୍ତି ବା ଆସିବେ ଯେଉଁମାନେ ତାଙ୍କଠୁ ଅଧିକ ଭଲ ଗଳ୍ପ ବା ଉପନ୍ୟାସ ଲେଖିଛନ୍ତି ବା ଲେଖିବେ, ତେବେ ଫକୀରମୋହନ ଏଇଥିପାଇଁ ଅନତିକ୍ରମଣୀୟ ଯେ ତାଙ୍କ ଆଗରେ ଉଦାହରଣ ନ ଥିଲା।'' ତାଙ୍କ ଆଗରେ ଓଡ଼ିଆ କଥାସାହିତ୍ୟର ପୁଞ୍ଜି ବା ମୂଳଦୁଆ ନ ଥିଲା। ସେ ହିଁ ସେ ପୁଞ୍ଜିର ମଞ୍ଜି, ସେ ହିଁ ମୂଳଦୁଆ। ପରବର୍ତ୍ତୀ କଥାସାହିତ୍ୟ ଭିନ୍ନଭଙ୍ଗୀରେ ଫକୀରମୋହନ କଥାସାହିତ୍ୟର ଏକ ବିକଶିତ ରୂପ।

ରାଜନୈତିକ କ୍ଷେତ୍ରରେ ପୂର୍ବସୂରୀମାନଙ୍କୁ ଅହରହ 'ହତ୍ୟା' କରାଯାଏ। ଏବେ ନେହେରୁ-ହନନର ଯୁଗ। ଏବେ କିଛିଲୋକ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କୁ ରାତିଦିନ ଖିନ୍‌ଭିନ୍ କରୁଛନ୍ତି। ନେହେରୁଙ୍କ ମୃତ୍ୟୁକୁ ହେଲାଣି ୫୫ବର୍ଷ। ପାଞ୍ଚ ଦଶନ୍ଧି ପୂର୍ବରୁ ଇହଧାମ ତ୍ୟାଗ କରିଥିବା ଜଣେ ପ୍ରଧାନମନ୍ତ୍ରୀ କ'ଣ କରିଥିଲେ, କ'ଣ କରିପାରି ନ ଥିଲେ ତାକୁ ନେଇ ମାଳା ଜପିବା ପରିବର୍ତ୍ତେ ବରଂ ଆମେ ଏବେ କ'ଣ କରିପାରିବା ତାକୁ ନେଇ ଚିନ୍ତା କରିବା ଉଚିତ। ଯଦି ୫୦/୬୦ ବର୍ଷ ତଳେ ମୃତ୍ୟୁବରଣ କରିଥିବା ଜଣେ ପ୍ରଧାନମନ୍ତ୍ରୀଙ୍କ ଶବକୁ ଟାଣିଓଟାରି ଆମେ ଆମର ଗୁରୁତ୍ୱ ପ୍ରତିପାଦନ କରିବାକୁ ଚାହୁଁ, ତା'ହେଲେ ଦିନ ଆସିବ କୌଣସି ଶାସନମୁଖ୍ୟ ଅଶୋକ ବା ଆକବରଙ୍କ ବିଫଳତାକୁ ନିଜର ମନ୍ଥର ପ୍ରଗତିର କାରଣ ହିସାବରେ ଉପସ୍ଥାପନ କରିବେ। ପୂର୍ବସୂରୀମାନଙ୍କୁ ପ୍ରହାର ଆଳରେ ଏମିତି ଚିତ୍ର ପ୍ରଦାନ କରାଯାଏ ଯେମିତି ଆମ ଦେଶରେ ରାସ୍ତାଘାଟ, ରେଳଲାଇନ, ନଦୀବନ୍ଧ, ବେତାରକେନ୍ଦ୍ର, ଟେଲି ଯୋଗାଯୋଗ, ଉପଗ୍ରହ ପ୍ରକଳ୍ପ, ଯୁଦ୍ଧ ବିମାନ, ଉଚ୍ଚତର ଶିକ୍ଷାନୁଷ୍ଠାନ, ବିମାନବନ୍ଦର, ବନ୍ଦର ଇତ୍ୟାଦି କିଛି ନ ଥିଲା। ଉତ୍ତରାଧିକାର ସୂତ୍ରରେ ଆମେ କେବଳ ମରୁଭୂମିଟିଏ ପାଇଥିଲୁ, ଯାହାକୁ ବିକଶିତ କରି ଆମେ ଏହି ରୂପକୁ ଆଣିଛୁ। ବାଛି ବାଛି ନିଜର କଳ୍ପିତ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ଛାଇକୁ ହତ୍ୟା କରିବା ପରିବର୍ତ୍ତେ ରାଜନୈତିକ ଆଦର୍ଶ ନିର୍ବିଶେଷରେ ଯଦି ଆମର ସମସ୍ତ ପୂର୍ବସୂରୀଙ୍କର କିଛି କିଛି ଅବଦାନ ଓ ଭଲଗୁଣକୁ ସ୍ୱୀକାର ତଥା ସ୍ମରଣ କରି ନିଜର କାର୍ଯ୍ୟଶୈଳୀକୁ ପରିବର୍ଦ୍ଧିତ କରିପାରନ୍ତେ, ରାଷ୍ଟ୍ରର ମଙ୍ଗଳ ହୁଅନ୍ତା। ପୂର୍ବଜ ବା ପୂର୍ବସୂରୀ ଆମର ପ୍ରତିବନ୍ଧକ ନୁହନ୍ତି। ସେମାନଙ୍କର ସଫଳତା ଆମ ପାଇଁ ପ୍ରେରଣା, ସେମାନଙ୍କର ବିଫଳତା ଆମ ପାଇଁ ଶିକ୍ଷା ସଦୃଶ। କିନ୍ତୁ ସେମାନଙ୍କୁ ଅପମାନିତ କରି, ପ୍ରହାର କରି ଆମେ ଆମର ଅହଂକାର ଜାହିର କରୁ ସିନା, ଏହାଦ୍ୱାରା ସମାଜ ବା ରାଷ୍ଟ୍ରର କିଛି ମଙ୍ଗଳ ହୁଏ ନାହିଁ। କେବଳ ଉତ୍ତରାଧିକାରୀର ଔଦ୍ଧତ୍ୟ ହିଁ ସାବ୍ୟସ୍ତ ହୁଏ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର,
ମୋ-୯୪୩୭୩ ୭୬୨୧୯,
subashbls56@gmail.com

## ଏଇ ଭାରତରେ

କନ୍ୟାକୁ ଦେଖି ବେଦି ଉପରେ ନିଜର ଡ୍ରେସ୍ ଚିରି ନାକ ଘଷିଲେ ବର। ବିହାରର ଫୁଲୱାରି ଥାନା ଅନ୍ତର୍ଗତ ବ୍ରହ୍ମପୁର ଗାଁରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଘଟଣା। ଏହି ଗାଁରେ କାମେଶ୍ୱର ସିଂଙ୍କ ଝିଅ ବାହାଘର ହେଉଥିଲା। ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ପାଖ ଗାଁରୁ ବର ମଧ୍ୟ ଠିକ୍ ସମୟରେ ଆସି ପହଞ୍ଚିଯାଇଥିଲେ। ତେବେ ବେଦି ଉପରେ ବରଣମାଳା ବିନିମୟବେଳେ ସବୁ ଓଲଟପାଲଟ ହୋଇଯାଇଥିଲା। ବର ମାଳା ପିନ୍ଧାଇବା ପୂର୍ବରୁ କନ୍ୟାଙ୍କ କୁତ୍ସିତ ରୂପ ଦେଖି ନିଜକୁ ସମ୍ଭାଳି ପାରି ନ ଥିଲେ। ସେ ତୁରନ୍ତ ତାଙ୍କ ପିନ୍ଧା ଡ୍ରେସ୍ ଚିରି ପକାଇବା ସହ ବେଦି ଉପରେ ନାକ ଘଷିବା ଦେଖିବାକୁ ମିଳିଥିଲା। ତେବେ କେହି କିଛି ବୁଝିବା ପୂର୍ବରୁ କୌଣସି ବ୍ୟକ୍ତି ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ବର ଓ ତାଙ୍କ ପିତାଙ୍କୁ ଥାନାକୁ ନେଇଯାଇଥିଲା। ଏହାପରେ କନ୍ୟା ଉକ୍ତ ବରଙ୍କୁ ବିବାହ କରିବାକୁ ସିଧା ସିଧା ମନା କରି ଦେଇଥିଲେ। କନ୍ୟା ଅଭିଯୋଗ କରିଥିଲେ, ବର ହେଉଛନ୍ତି ଜଣେ ପାଗଳ। ହେଲେ ବର ପିତା କହିଥିଲେ ଯୌତୁକ ପାଇଁ କନ୍ୟାଘର ବାହାଘର ଭାଙ୍ଗି ଦେଇଛନ୍ତି। ଏବେ ଘଟଣାର ତଦନ୍ତ ଚାଲିଥିବା ବେଳେ ବର ଶିଶୁପାଳ ହୋଇ ଫେରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ହମା ରବ ଛାଡି ଛୁଆକୁ ଆଗରେ ଚାହିଁ
ଫେରୁଥିବ ପରା ଗୋଠୁଁ ତା'ର କାଳୀଗାଈ।
କେଉଁ ରମଣୀର ନୟନ ତାହାରି ପଥ
ଚାହିଁ ଚାହିଁ ପୁଣି ଫେରୁଥିବ ଅବିରତ।
ପରିଚିତ କେଉଁ ରୂପ ସେ ଦେଖିବା ଲାଗି
କୋଳେ ଶିଶୁ ଧରି ଚାହିଁଥିବ ଅନୁରାଗୀ,
ପାହାଡ଼ ଉପରେ ପରିଚିତ କଳା ଛାଇ
ଦେଖିବାକୁ ପରା ରହିଥିବ ପଥ ଚାହିଁ!

(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | | | | | | | | | | 0 |
| | | | E | 2 | C | 0 | | | | | | 9 | | |
| 6 | | | 0 | | | 9 | | 7 | | D | | | | 5 |
| | 4 | C | | 1 | 9 | 3 | 6 | | | | | 2 | | |
| | | | | | | | | | 7 | 0 | 9 | B | | C |
| A | 3 | 9 | | 0 | | | | 2 | D | | | C | | B |
| | | 7 | 3 | | | 4 | | | C | | 8 | | | 6 |
| | | 2 | | 6 | | C | | | | 9 | 0 | | | 5 |
| | | D | | | E | | | | | | 3 | | 4 | |
| | | 1 | | A | | | | | B | | E | 7 | | |
| | 5 | | | | | 7 | | | | | B | | 3 | 2 |
| | | 8 | | | 2 | | | | | | | | | 4 |
| | | | | | 5 | | 0 | E | | 7 | 2 | | | |
| E | | | | | | 8 | | | | 5 | | | | 6 |
| D | B | 3 | | | 6 | 5 | | | | 4 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍‌କାଟ କାହିଁକି

ମହାଶୟ,

ଫନୀ ବାତ୍ୟା ପରେ ଦୀର୍ଘଦିନ ଧରି ଲାଇନ ରହିଲା ନାହିଁ। ଏବେ ବି ଅନେକ ଅଞ୍ଚଳକୁ ଲାଇନ ଆସିନାହିଁ। ଯେଉଁ ଅଞ୍ଚଳକୁ ଲାଇନ ଆସିଛି, ସେଠାରେ ଘନ ଘନ ବିଦ୍ୟୁତ୍‌କାଟ ହେଉଛି। ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍‌ର କବାଟବନ୍ଧ ଏବଂ ଆରୁହା ଫିଡରରେ ମନମୁଖି ଭାବେ ବିଦ୍ୟୁତ୍‌କାଟ ହେଉଛି। ଏହା କେବଳ ଗୋଟିଏ ଅଞ୍ଚଳର ଦୃଷ୍ଟାନ୍ତ। ସାରା ଓଡିଶା ଏହି ଯନ୍ତ୍ରଣା ଓ ସମସ୍ୟାରେ ବିବ୍ରତ, ବିଚଳିତ। ସରକାର ଫନୀ ପରେ ଉପୁଜିଥିବା ଦୁର୍ବିଷହ ପରିସ୍ଥିତିରୁ ଅନ୍ତତଃ ଲୋକଙ୍କୁ ଟିକେ ଶାନ୍ତିରେ ବଞ୍ଚିବା ପାଇଁ ବିଦ୍ୟୁତ୍ ସେବା ଟିକକ ଦେଲେ ଅସୁବିଧା କ'ଣ?

ସୁଧାଂଶୁ କୁମାର ବିଶ୍ୱାଳ, ଗଡ଼ମଧୁପୁର, ଯାଜପୁର

### ପାଠଶୂନ୍ୟ ଶିକ୍ଷା

ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପାଠ ନ ପଢି ପରୀକ୍ଷା ଦେବା ଓ ଅସାଧୁ ଉପାୟ ଅବଲମ୍ବନ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏକ ସାଧାରଣ ଘଟଣା ହୋଇଗଲାଣି। ଅଧିକାଂଶ ଛାତ୍ରୀଛାତ୍ର ବିନା ପାଠରେ ସାର୍ଟିଫିକେଟ ହାସଲ କରୁଛନ୍ତି। ଶିକ୍ଷା ବିଭାଗ ଓ ପ୍ରଶାସନ ଏହାକୁ ରୋକିବାରେ ଅସମର୍ଥ। ଗୋଟିଏ ଉଦାହରଣ ଦେଲେ କଥାଟି ସ୍ପଷ୍ଟ ହୋଇଯିବ। ଗତବର୍ଷ ଜୁଲାଇରେ ଗୋଆରେ ୮୦ଟି ହିସାବ ରକ୍ଷକ ପଦବୀ ପାଇଁ ୮୦୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପୂର୍ଣ୍ଣସଂଖ୍ୟା ଥିଲା ୧୦୦। ପାସ୍ ନମ୍ବର ୫୦ ରଖାଯାଇଥିଲା। ମାତ୍ର ଜଣେ ହେଲେ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇପାରି ନ ଥିଲେ। ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ନ ଆଣିଲେ ଏପରି ଦୁଃସ୍ଥିତି ଲାଗି ରହିଥିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୯୪

- ରୁଆଣ୍ଡାରେ ଚାଲିଥିବା ଗୃହଯୁଦ୍ଧକୁ ନିୟନ୍ତ୍ରଣ କରିବା ପାଇଁ ଜାତିସଂଘ ନିରାପତ୍ତା ପରିଷଦ ଆହୁରି ୫୫୦୦ ସୈନ୍ୟ ପଠାଇବାକୁ ଏକ ପ୍ରସ୍ତାବ ଗ୍ରହଣ କରିଥିବା ଜଣାପଡିଛି।
- ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସମସ୍ୟା ସମାଧାନ ପାଇଁ ଦୁଇ ରାଜ୍ୟର ଅଫିସରସ୍ତରୀୟ ଆଲୋଚନା ଆରମ୍ଭ।

# ମୁଖ୍ୟମନ୍ତ୍ରୀ କହିଥିଲେ, ୱେଲ୍‌କମ୍ ମାଇଁ ବଏଜ୍..

## ମୋ ଅନୁଭୂତି

୨୦୦୯ ଅଗଷ୍ଟ ୨୨ ତାରିଖ। ସାରା ବିଶ୍ୱରେ ଆମେ ପରିଚୟ ପାଇଲୁ। ଇଣ୍ଡିଆ ଗଟସ୍ ଟ୍ୟାଲେଣ୍ଟ ରିୟଲିଟି ଶୋରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ବିଜେତା ହେବା ସହ ଓଡ଼ିଶାର ପରିଚୟ ଆମେରିକା ପର୍ଯ୍ୟନ୍ତ ଲମ୍ବିଗଲା। ଷ୍ଟେଜ ଉପରେ ଆମେ ୱିନର ବୋଲି ଘୋଷଣା ହେବା ମାତ୍ରେ ବହୁତ ଖୁସି ମିଳିଥିଲା ସତ, ହେଲେ ଓଡ଼ିଶା ଫେରିବା ପରେ ଆମକୁ ଯେଉଁଭଳି ଭାବେ ସମ୍ମାନ ଦିଆଗଲା, ଯେଉଁ ଭଲପାଇବା ଲୋକମାନେ ଦେଲେ ତାହା ସେ ଷ୍ଟେଜ ଉପରର ଖୁସିଠାରୁ ଅଧିକା ଥିଲା। ୨୪ ତାରିଖରେ ଆମେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ବେଳକୁ ଜନସମୁଦ୍ର। ଲୋକମାନେ ଆମକୁ ଦେଖିବାକୁ ପାଇଁ ଭିଡ଼ ଲଗାଇଥାନ୍ତି। ଏୟାରପୋର୍ଟରୁ ବାହାରିବା ପାଇଁ ବି ଆମକୁ ହାଲକା ଛାନିଆ ଲାଗିଥିଲା। ହେଲେ ବାହାରିବା ବେଳକୁ ଆମକୁ ୧୦୦ରୁ ୧୫୦ ପୋଲିସ କର୍ମଚାରୀ ସୁରକ୍ଷା ବଳୟ ଭିତରେ ବାହାରକୁ ଆଣିଲେ। କେବେ ସ୍ୱପ୍ନରେ ବି ଭାବି ନ ଥିଲି ଏମିତି ଦିନ ଦେଖିବାକୁ ମିଳିବ ବୋଲି। ବାହାରେ ବିଧାୟକ, ମନ୍ତ୍ରୀ, ବଡ଼ ବଡ଼ ଅଫିସରମାନେ ଆମକୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଉଥାନ୍ତି। ତେବେ ଏୟାରପୋର୍ଟରୁ ଗାଡ଼ି ସିଧାଗଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନକୁ। ମୁଖ୍ୟମନ୍ତ୍ରୀଙ୍କୁ କେବେ ଆଗରୁ ଏମିତି ଭେଟି ନ ଥିବା ପିଲାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତାଙ୍କ ସହ ସିଧା କଥା ହେବେ, ତାହା ଦିବାସ୍ୱପ୍ନ ଭଳି ଅନୁଭବ ହେଉଥାଏ। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଗାଡ଼ି ଲାଗିଲା। ଆମେ ଓହ୍ଲାଇବା ବେଳକୁ ମୁଖ୍ୟମନ୍ତ୍ରୀ ବାହାରେ ଛିଡ଼ା ହୋଇଥାନ୍ତି। ପାଖକୁ ଯିବା ମାତ୍ରେ ପିଠିରେ ହାତ ଥାପୁଡ଼ାଇ କହିଥିଲେ ୱେଲକମ୍ ମାଇଁ ବଏଜ୍..। ଏହି କଥାଟି ଜୀବନ ଯାକ ମନେ ରହିବ। ସେ ଦିନ ମୁଖ୍ୟମନ୍ତ୍ରୀଙ୍କ ସହ ଅନେକ କଥାବାର୍ତ୍ତା ହୋଇଥିଲୁ। ଇଣ୍ଡିଆ ଗଟ୍‌ସ ଟ୍ୟାଲେଣ୍ଟର ଚମ୍ପିୟନ କ୍ରିଷ୍ଣା ରେଡ୍ଡୀଙ୍କର ଏହା ହେଉଛି ଅନୁଭୂତିରୁ କିଛି। କ୍ରିଷ୍ଣାଙ୍କ ଘର ବ୍ରହ୍ମପୁରର ହାଉସିଂ ବୋର୍ଡ ଅଞ୍ଚଳରେ। ତାଙ୍କ ପିତା ହେଲେ ସ୍ୱର୍ଗତ ଈଶ୍ୱର ରାଓ ଓ ମା' ଟି. ଲୀଳାବତୀ। କ୍ରିଷ୍ଣାଙ୍କ କହିବା ଅନୁଯାୟୀ, ସମ୍ମାନ ଯେତେ ଦେଶବିଦେଶରେ ପାଇଲେ ବି ନିଜ ମାଟିରେ ଯଦି ଲୋକମାନେ ତୁମକୁ ଭଲପାଇବା ଦେବେ କିମ୍ବା ସମ୍ମାନ ଜଣାଇବେ ତାହା ସବୁଠାରୁ ବଡ଼ କଥା। କ୍ରିଷ୍ଣାଙ୍କ ଜୀବନୀକୁ ନେଇ ଏକ ଚଳଚ୍ଚିତ୍ର ମଧ୍ୟ ପ୍ରସ୍ତୁତ ହୋଇଛି, ଯାହାର ନାଁ ରହିଛି କ୍ରିଷ୍ଣା-ଷ୍ଟୋରି ଅଫ ଏ ଡ୍ୟାନ୍ସର।

–ରିପୋର୍ଟ: କୁମାରଶ୍ରୀ ସାହୁ


କ୍ରିଷ୍ଣା ରେଡ୍ଡୀ

# ଲତା, କିଶୋରଙ୍କ ଗୀତରେ ନିଜକୁ ହଜାଇଥାଏ


ପ୍ରଫେସର ଦଣ୍ଡେଶ୍ୱର ହୋତା

ବହୁ ଦୁଃଖ ଲାଗିଥାଏ ଯେତେବେଳେ କୌଣସି ରୋଗୀ ଚେରମୂଳ ଖାଇ କିମ୍ବା ଗୁଣିଗାରେଡିର ଆଶ୍ରୟ ନେଇ ଗୁରୁତର ହେବା ପରେ ଡାକ୍ତରଖାନାକୁ ଆସିଥାନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନ ଅନେକ ଅସାଧ ରୋଗକୁ ଆରୋଗ୍ୟ କରିପାରୁଛି। ହେଲେ ଏମାନଙ୍କୁ ସେ ସବୁ ଜଣାନାହିଁ। ତେଣୁ ମୋ ଜୀବନରେ ଏକ ମିଶନ ନେଇ ମୁଁ କାର୍ଯ୍ୟ କରୁଛି। ଯେଉଁଠି ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଅଛି, ସେଠାରେ କିଭଳି ଆଧୁନିକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଲୋକଙ୍କୁ ଅବଗତ କରିହେବ ସେ ଲକ୍ଷ୍ୟ ନେଇ ମୁଁ କାର୍ଯ୍ୟ କରୁଛି। ଏବେ ରାଜ୍ୟର ଦୁର୍ଗମ ଅଞ୍ଚଳଗୁଡ଼ିକୁ ଯାଇ ସ୍ୱାସ୍ଥ୍ୟ କ୍ୟାମ୍ପ ମାଧମରେ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରୁଛି। ୨୦୧୭ରେ ମାଲକାନଗିରି ଜିଲାର କୋରକୁଣ୍ଡା ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ କ୍ୟାମ୍ପ କରିଥିଲି। ବହୁସଂଖ୍ୟାରେ ବଣ୍ଡା ଜନଜାତିର ଲୋକ ସେଠାକୁ ଆସିଥିଲେ। ସେମାନଙ୍କ ସରଳତା ଓ ନିଷ୍କପଟତା ମୋତେ ଅନେକ ଭାବରେ ପ୍ରଭାବିତ କରିଛି। ତେଣୁ ସମୟ ପାଇବା ମାତ୍ରେ ଏହିସବୁ ଅଞ୍ଚଳକୁ ଗସ୍ତ କରି ଲୋକଙ୍କୁ ଆଧୁନିକ ଚିକିତ୍ସା ବିଜ୍ଞାନ ପ୍ରତି ସଚେତନ କରିବା କାର୍ଯ୍ୟ ଜାରି ରଖିବି। ଏ କଥା କହିଛନ୍ତି ଏସସିବି ମେଡିକାଲ ମୂତ୍ରଶଲ୍ୟ ବିଭାଗ(ୟୁରୋଲୋଜି)ର ବରିଷ୍ଠ ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା। ୧୯୫୮ ଜାନୁୟାରୀ ୧୩ରେ ସୋନପୁରଠାରେ ଜନ୍ମଗ୍ରହଣ କରିଥିବା ଡାକ୍ତର ହୋତା ରାଜ୍ୟରେ ଏକ ପରିଚିତ ଚେହେରା। ବାପା ଚିତ୍ତରଞ୍ଜନ ଓ ମା' ଜ୍ଞାନୀ ଦେବୀ ଚାହିଁଥିଲେ ଯେ ପୁଅ ଜଣେ ବଡ ଡାକ୍ତର ହେଉ। ବାପା, ମା'ଙ୍କ ଲକ୍ଷ୍ୟକୁ ପୂରଣ କରିବା ଲକ୍ଷ୍ୟରେ ଦଣ୍ଡେଶ୍ୱର ସ୍କୁଲ ଜୀବନରୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ୧୯୭୬ରେ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲେ। ଏହାପରେ ମାଷ୍ଟର ଅଫ ସର୍ଜରୀ ଓ ୧୯୯୩ରେ ଚଣ୍ଡିଗଡ଼ରୁ ୟୁରୋଲୋଜିରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତ୍ୟାରୋପଣ କରି ସଫଳତାର ମାଇଲ ଖୁଣ୍ଟ ସ୍ଥାପନ କରିଥିବା ଡାକ୍ତର ହୋତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।

## ନିଜ କଥା

**ପ୍ରଥମ ଦରମାରେ କ'ଣ କରିଥିଲେ?**

▶▶୧୯୮୬ରେ ବୁର୍ଲା ମେଡିକାଲରେ ଡାକ୍ତରଭାବେ ଚାକିରିରେ ଯୋଗଦେଇଥିଲି। ପ୍ରଥମ ମାସର ଦରମା ମା'ଙ୍କୁ ଦେଇଥିଲି।

**କେଉଁ ରଙ୍ଗକୁ ଆପଣ ପସନ୍ଦ କରନ୍ତି?**

▶▶ସବୁଜ ରଙ୍ଗ ମୋର ବହୁତ ପସନ୍ଦ। ଏହି ରଙ୍ଗରେ ମୁଁ ଶାନ୍ତି ଓ ସହାନୁଭୂତି ଲାଭ କରିଥାଏ।

**ସିନେମା ଦେଖନ୍ତି?**

▶▶ସମୟ ପାଇବା ମାତ୍ରେ ମୁଁ ସିନେମା ଦେଖିବାକୁ ଯାଇଥାଏ। ଶେଷଥର ପାଇଁ ହଲ୍‌ରେ ବସି ପଦ୍ମାବତ୍ ସିନେମା ଦେଖିଥିଲି।

**ପସନ୍ଦର କଳାକାର କେଉଁମାନେ?**

▶▶ଅମିତାଭ ବଚ୍ଚନ ଓ ୱାହିଦା ରହମାନ ମୋର ପସନ୍ଦର ଅଭିନେତା, ଅଭିନେତ୍ରୀ।

**ଗୀତ ଶୁଣନ୍ତି?**

▶▶ହଁ, ବହୁତ ଭଲ ପାଏ। ଲତା ଓ କିଶୋରକୁମାରଙ୍କ ଗୀତରେ ମୁଁ ନିଜକୁ ହଜାଇଥାଏ। ଓଡ଼ିଆରେ ନିର୍ମଳା ମିଶ୍ରଙ୍କ କଣ୍ଠସ୍ୱର ମୋର ପସନ୍ଦ।

**ରୋଷେଇ ଜାଣିଛନ୍ତି?**

▶▶ପୂରା ସିଦ୍ଧହସ୍ତ। ଭେଜ୍, ନନ୍‌ଭେଜ୍ ସବୁ ପ୍ରସ୍ତୁତ କରିପାରିବି। ହେଲେ ଏବେ ସମୟ ଅଭାବରୁ ଆଉ କିଚେନକୁ ଯାଇପାରୁନି।

**ବହି ପଢ଼ନ୍ତି?**

▶▶ବହି ପଢିବା ମୋର ପିଲା ଦିନରୁ ଅଭ୍ୟାସ। ଏବେ ସୁଧାମୂର୍ତ୍ତିଙ୍କ ଥ୍ରି ଥାଉଜାଣ୍ଡାସ(୩୦୦୦) ଷ୍ଟିଚେସ ବହି ପଢୁଛି।

**ଲଭ୍ ନା ଆରେଞ୍ଜ୍ ମ୍ୟାରେଜ?**

▶▶ସମ୍ପୂର୍ଣ୍ଣ ଆରେଞ୍ଜ ମ୍ୟାରେଜ। ୧୯୮୯ ଜୁନ୍ ୩୦ରେ ମୁଁ ସୁଜାତା ପୂଜାରୀଙ୍କୁ ବିବାହ କରିଥିଲି। ସେ ଏବେ ଏସ୍‌ସିବି ମେଡିକାଲର ପାଥୋଲୋଜି ବିଭାଗରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ।

**ସ୍ତ୍ରୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**

▶▶ତାଙ୍କ ପାଖରେ କୌଣସି ଖରାପ ଗୁଣ ମୁଁ ଦେଖିନି, ତେଣୁ ତାଙ୍କର ସମସ୍ତ ଗୁଣ ମୋତେ ଭଲ ଲାଗେ।

–ସାକ୍ଷାତ: ନିର୍ମଳ ପଣ୍ଡା

# ଚିକେନ୍ ମହାରାନୀ ମୋତାଲାଇ

## ଖାଦ୍ୟ ରୁଚି

ଚିକେନକୁ ନେଇ ବିଭିନ୍ନ ପ୍ରକାର ଡିଶ୍ ପ୍ରସ୍ତୁତ ହେଉଛି। ଗ୍ରାହକଙ୍କ ସ୍ୱାଦ ଅନୁଯାୟୀ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବ୍ୟଞ୍ଜନ ତିଆରି କରାଯାଉଛି। ତେବେ ପୁରୀ ସିଟି ରୋଡରେ ଥିବା ହୋଟେଲ ସୂର୍ଯ୍ୟ ବିଚ୍ ଇନ୍ ମଧ ସୁସ୍ୱାଦୁପୂର୍ଣ୍ଣ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଆସୁଛି। ଏଠାରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ଦିଆଯାଏ। ଆମିଷ ମଧ୍ୟରେ ଚିକେନ ମହାରାନୀ ମୋତାଲାଇ ହେଉଛି ହୋଟେଲ ସୂର୍ଯ୍ୟ ବିଚ୍ ଇନର ଏକ ଚାହିଦାଯୁକ୍ତ ଡିଶ୍। ଏହି ଇଣ୍ଡିଆନ ଡିଶ୍‌ର ପ୍ଲେଟ୍ ଦାମ୍ ରହିଛି ୨୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ସାଗର ପ୍ରସାଦ ଦାସଙ୍କ ମୁହଁରୁ...




ସାଗର ପ୍ରସାଦ ଦାସ

### ଆବଶ୍ୟକ ସାମଗ୍ରୀ

ଚିକେନ୍-୭୦୦ ଗ୍ରାମ୍
ସୋରିଷ ତେଲ-୧୦୦ଗ୍ରାମ୍
କଟା ପିଆଜ-୧୫୦ଗ୍ରାମ୍
କ୍ଷୀର-୩୦୦ଗ୍ରାମ୍
ଅମୂଲ କ୍ରିମ୍-୧୦୦ଗ୍ରାମ୍
ଦହି-୩୦୦ଗ୍ରାମ୍
ଚିନି-୧ଚାମଚ
ଗୋଟା ଜିରା-୧ଚାମଚ
ଗୋଟା ଧନିଆ-୧ଚାମଚ
ପାନମଧୁରୀ-୧ଚାମଚ
ଜାଇତ୍ରୀ-୧ପିସ୍
ଗୋଟା କାଜୁ-୮ରୁ ୧୦ଟା
ବାଦାମ-୮ଟାରୁ ୧୦ଟା
କଞ୍ଚାଲଙ୍କା-୫/୬ଟା
ଲଙ୍କାଗୁଣ୍ଡ-୧ ଚାମଚ
ହଳଦୀଗୁଣ୍ଡ-ଅଧ ଚାମଚ
ଗରମ ମସଲା-ଅଧ ଚାମଚ
ଗୁଜରାତି-୫/୬ଟା
ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପ୍ରଥମେ ଚିକେନକୁ ମଧମ ଧରଣର ପିସ୍ କରିବେ। ଏହାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖିବେ। ଚୁଲା ଉପରେ କଡ଼େଇ ବସାଇ ୨ ଚାମଚ ତେଲ ପକାଇବେ। ଗରମ ହୋଇଗଲା ପରେ ଏଥିରେ ପ୍ରଥମେ ଗୁଜରାତି ଏବଂ ଏହାପରେ କଟା ପିଆଜ ପକାଇ ଭାଜିବେ। ପିଆଜ ସାମାନ୍ୟ ଲାଲରଙ୍ଗ ହୋଇଯିବା ପରେ ଚିକେନ ପକାଇ ଗୋଳାଇବେ। ପ୍ରାୟ ୩ ମିନିଟ୍ ପରେ ଦହି, କଞ୍ଚାଲଙ୍କା ପେଷ୍ଟ ଏବଂ ହଳଦୀ ପକାଇ କଷିବେ। ୨/୩ ମିନିଟ୍ ପରେ କ୍ଷୀର ପକାଇ ଗୋଳାଇଦେବେ। ପୂର୍ବରୁ କଟାଯାଇଥିବା କାଜୁ ଏବଂ ବାଦାମ୍‌କୁ ପକାଇ କଷିବେ। ଏଥିରୁ ପାଣି ମରିଯିବା ପରେ ଗୋଟା ଧନିଆ, ଜିରା, ପାନମଧୁରୀ, ଜାଇତ୍ରୀକୁ ଗ୍ରାଇଣ୍ଡିଂ କରି ପକାଇବେ। ଏହାପରେ ଚିନି ଏବଂ ଗରମ ମସଲା ପକାଇ ଘାଣ୍ଟିବେ। ଶୁଖିଲା ହେବା ପର୍ଯ୍ୟନ୍ତ କଷିବେ। ଶେଷରେ ଅମୂଲ କ୍ରିମ୍ ପକାଇ ଗୋଳାଇବେ ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇବେ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ମହାରାନୀ ମୋତାଲାଇ। ଏହାକୁ ଏକ ପାତ୍ରରେ ଗରମ ଗରମ କାଢ଼ି ତା' ଉପରେ ଧନିଆପତ୍ର ପକାଇ ନିଜେ ଖାଇବେ ଏବଂ ଅନ୍ୟଙ୍କୁ ପରଷି ଦେବେ।

ରିପୋର୍ଟ: ହେମନ୍ତ ନାୟକ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com


ଦୁଷ୍ମନ୍ତ


ମନୀଷା


ସଞ୍ଜିତାପ୍ରିୟଦର୍ଶିନୀ


ଶୁଭଜିତ


ଦେବେନ୍ଦ୍ର


ମିଥୁନ


ସୁଶାନ୍ତ


ପ୍ରଣବ


ରାକେଶ


ଶିବା



ପାକିସ୍ତାନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୩ ବରିଷ୍ଠ ଅଧିକାରୀଙ୍କ ବିରୋଧରେ ଆମେରିକା ପକ୍ଷରୁ ଭିଜା କଟକଣା ଲଗାଯାଇଛି। ପାକିସ୍ତାନ ବହିର୍ବ୍ୟାପାରମନ୍ତ୍ରୀ ଶାହ ମେହମୁଦ କୁରେଶୀ ଏନେଇ ଅନ୍ତର୍ଜାତୀୟ ବ୍ୟାପାର ସଂକ୍ରାନ୍ତୀୟ ସଂସଦର ସ୍ଥାୟୀ କମିଟିକୁ ସୂଚନା ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅତିରିକ୍ତ ସଚିବ, ଯୁଗ୍ମ ସଚିବ ଓ ପାସପୋର୍ଟ ଡିଜିଙ୍କ ବିରୋଧରେ ଆମେରିକା ଏହି ଭିଜା କଟକଣା ଲଗାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ମୋବାଇଲ ଟର୍ଚ୍ଚ ଲାଇଟ୍‌ରେ ଯୁକ୍ତ୨ ଖାତାଦେଖା ଘଟଣା
## ପୁନଃ ଯାଞ୍ଚ ପାଇଁ ସିଏଚ୍‌ଏସ୍‌ଇର ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୫(ବ୍ୟୁରୋ): ବାରିପଦା କଲେଜରେ ମୋବାଇଲ ଫୋନ୍ ଟର୍ଚ୍ଚ ଲାଇଟ୍‌ରେ ଯୁକ୍ତ୨ ଖାତାଦେଖା ଘଟଣା ପଦାକୁ ଆସିବା ପରେ ଖାତାର ପୁନଃ ଯାଞ୍ଚ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ନିର୍ଦ୍ଦେଶ ଦେଇଛି। ଏହାଛଡ଼ା ସମ୍ପୃକ୍ତ ଅଧାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପରିଷଦ ପକ୍ଷରୁ ଏ ନେଇ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ କୁହାଯାଇଛି, ହଠାତ୍ ଝଡ଼ ପବନ ପାଇଁ ଲାଇନ କଟିଯାଇଥିଲା। ଡିଜି ସେଟ୍ ନ ଥିବାରୁ ମୂଲ୍ୟାୟନ କେନ୍ଦ୍ର ଅନ୍ଧାରରେ ଥିଲା। ଏହି ସମୟରେ ସାଧାରଣତଃ ଖାତା ଦେଖାଯିବା କଥା ନୁହେଁ। ଅଫ୍‌ଲାଇନ୍ କେନ୍ଦ୍ରରେ ମୋବାଇଲ ବ୍ୟାନ୍ ଥିବାବେଳେ ଅଧାପକମାନେ ନେଇକି ଯାଇଛନ୍ତି। ଏହା ଗାଇଡ୍‌ଲାଇନର ଉଲ୍ଲଂଘନ ହୋଇଛି। ଏ ନେଇ ସମ୍ପୃକ୍ତ ଜୋନ୍ ସୁପରଭାଇଜରଙ୍କଠାରୁ ତାଲିକା ମଗାଯାଇଛି। ଏହାପରେ ସମ୍ପୃକ୍ତ ଅଧାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ରାଜ୍ୟରେ ୫୮ ଅଫ୍‌ଲାଇନ୍ କେନ୍ଦ୍ରରେ ଯୁକ୍ତ୨ ଖାତାଦେଖା ଚାଲିଛି। ବାରିପଦାରେ ମୋବାଇଲ ଟର୍ଚ୍ଚ ଲାଇଟ୍ ଖାତାଦେଖା ଘଟଣା ସାମ୍ନାକୁ ଆସିଥିଲା। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏଭଳି ଦାୟିତ୍ୱହୀନ କାର୍ଯ୍ୟ ଦେଖିବାକୁ ମିଳିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

ଭୁବନେଶ୍ୱର,୧୫।୫(ବ୍ୟୁରୋ): ଫନୀ ପରବର୍ତ୍ତୀ ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ସହାୟତାର ସୁଅ ଛୁଟିଛି। ଏହି କ୍ରମରେ ବୁଧବାର ବହୁ ସଂସ୍ଥା ଓ ବ୍ୟକ୍ତିବିଶେଷ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ୨୫ ସଂସ୍ଥା ଏବଂ କେତେଜଣ ବ୍ୟକ୍ତିବିଶେଷଙ୍କ ଦ୍ୱାରା ୫ କୋଟି ୮୩ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମିଳିଛି। କେଜେଏସ୍ ଆଲୁୱାଲିଆ ଗ୍ରୁପ୍ ୪ କୋଟି, ହ୍ୟୁଣ୍ଡାଇ ମୋଟର୍ସ ଏକ କୋଟି, ଜଷ୍ଟିସ୍ ଅରଜିତ୍ ପଶାୟତ ୫ ଲକ୍ଷ, ଫାର୍ମାସ୍ୟୁଟିକାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏକ ଲକ୍ଷ, ଶୋଭାବତୀ ସାହୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

# ମହାମାରୀ: ୫ ଜିଲାରେ ହାଇଆଲର୍ଟ

ଭୁବନେଶ୍ୱର,୧୫।୫(ବ୍ୟୁରୋ)

ବାତ୍ୟା ପରବର୍ତ୍ତୀ ଅବସ୍ଥାରେ ଯେଉଁଭଳି କୌଣସିଠାରେ ମହାମାରୀ ନ ବ୍ୟାପେ, ସେଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୫ ଜିଲାକୁ ହାଇ ଆଲର୍ଟରେ ରଖାଯାଇଛି। ସେଗୁଡ଼ିକ ହେଲା ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା। ଏ ସବୁ ଜିଲାରେ ଥିବା ଡାକ୍ତରଖାନାକୁ ଯଦି ଝାଡ଼ାବାନ୍ତି ଆକ୍ରାନ୍ତ କିମ୍ବା ଜ୍ୱର ଆଦିରେ ପୀଡ଼ିତ ରୋଗୀ ଚିକିତ୍ସା ପାଇଁ ଭର୍ତ୍ତି ହୁଅନ୍ତି, ତେବେ ନିଶ୍ଚିତ ଭାବେ ସେମାନଙ୍କ ନମୁନା ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନମୁନା ପରୀକ୍ଷାରୁ କୌଣସି ଅଞ୍ଚଳରେ କି ପ୍ରକାର ରୋଗ ଦେଖାଦେଇଛି, ତାହା ସହଜରେ ଜଣାପଡ଼ିବା ସହିତ ସେ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇପାରିବ। ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନରେ ମହାମାରୀର ସୂଚନା ନ ଥିବାବେଳେ କାଁ ଭାଁ ଲୋକେ ସାଧାରଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଆସୁଛନ୍ତି। ବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ପୁରୀ ଜିଲାର ୬ ବ୍ଲକ ଯଥା ଗୋପ, ପୁରୀ ସଦର, କଣାସ, ସତ୍ୟବାଦୀ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟିସ୍କାନ, ଆଇସିୟୁ, ଏସ୍‌ଏନ୍‌ସିୟୁ ଏବଂ ଡାଏଲିସିସ୍ ବ୍ୟବସ୍ଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଛି। ଉପରୋକ୍ତ ସମସ୍ତ ସ୍ଥାନରେ ଯଥେଷ୍ଟ ପରିମାଣର ଆବଶ୍ୟକ ଔଷଧ, ହାଲୋଜିନ୍ ଓ କ୍ଲୋରିନ ବଟିକା, ସାଲାଇନ୍, ସାପକାମୁଡ଼ା ଇଞ୍ଜେକଶନ ଆଦି ମହଜୁଦ ରହିଛି। ଏହି ବ୍ଲକଗୁଡ଼ିକରେ ୧୨୦ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ଲୋକଙ୍କ ଘର ନିକଟରେ ସେବା ଯୋଗାଉଛନ୍ତି। ଉପରୋକ୍ତ ୫ ଜିଲାରେ ୭୪ଜଣ ଡାକ୍ତର ଓ ୨୩୪ଜଣ ପାରାମେଡିକ୍ ମୁତୟନ ହୋଇଥିବା ବେଳେ ପୁରୀ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱତନ୍ତ୍ର ଭାବେ ୨୦ଜଣ ଡାକ୍ତର ଓ ୨୦୦ଜଣ ପାରାମେଡିକ୍ ନିୟୋଜିତ ହୋଇଛନ୍ତି। ପୁରୀ ଜିଲାର ୧୫ରୁ ୪୫ବର୍ଷ ବୟସର ବାଳିକା ଓ ମହିଳାମାନଙ୍କୁ ମାଗଣାରେ ସାନିଟାରି ନାପ୍‌କିନ୍ ଯୋଗାଇ ଦିଆଯାଇଛି। ଆସନ୍ତା ୨ମାସ ପର୍ଯ୍ୟନ୍ତ ସେମାନଙ୍କୁ ଏହା ମାଗଣାରେ ମିଳିବ। ଜିଲାର ସମସ୍ତ ଗାଁ କଲ୍ୟାଣ ସମିତିକୁ ସେମାନଙ୍କ ଅଞ୍ଚଳକୁ ସଫାସୁତୁରା ରଖିବା ପାଇଁ ଅଧିକ ୧୦ହଜାର ଟଙ୍କା ଲେଖାଏ ଯୋଗାଇ ଦିଆଯାଇଛି। ବାତ୍ୟାଞ୍ଚଳରେ ଜଳ ଓ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଲାଗି ଗାଁ କଲ୍ୟାଣ ସମିତି ଜରିଆରେ ବର୍ତ୍ତମାନ ସୁଦ୍ଧା ୧୮,୫୩୬ଟି ସଫେଇ କାର୍ଯ୍ୟ ହୋଇଥିବା ବେଳେ ପ୍ରାୟ ୬୯,୬୭୨ ମୁକ୍ତ ପାନୀୟଜଳ ଉତ୍ସଗୁଡ଼ିକୁ ବିଶୋଧନ କରାଯାଇଛି। ଏହି ବିଶୋଧନ ସମୟରେ ପ୍ରାୟ ୧୫ ଜଳ ଉତ୍ସରେ ମୃତ ପ୍ରାଣୀ ଓ ପକ୍ଷୀ ଭାସୁଥିବା ପରିଲକ୍ଷିତ ହେବାରୁ ସେହି ଉତ୍ସଗୁଡ଼ିକୁ ବ୍ୟବହାର ନ କରିବାକୁ ବାରଣ କରାଯାଇଛି। କୌଣସି ରୋଗର ପୂର୍ବ ସୂଚନା ଜାଣିବା ପାଇଁ କେନ୍ଦ୍ରରୁ ଆସିଥିବା ୧୨ଜଣିଆ ବିଶେଷଜ୍ଞ ଦଳ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ୧୦ଜଣିଆ ଦଳ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ସର୍ବେକ୍ଷଣ ଜାରି ରଖିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି।

## ହାତୀ ଛୁଆ ମୃତଦେହ ଉଦ୍ଧାର

ଚୌଦ୍ୱାର,୧୫।୫(ଡି.ଏନ୍.ଏ.)



ଉଦ୍ଧାର ହୋଇଥିବା ମୃତ ହାତୀଛୁଆ।

କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଅନ୍ତର୍ଗତ ଜାମେଣା ଗ୍ରାମ ନିକଟରୁ ବୁଧବାର ଏକ ହାତୀଛୁଆର ମୃତଦେହ ଉଦ୍ଧାର କରାଯାଇଛି। ତାର ବୟସ ଆନୁମାନିକ ୧ମାସ ହେବ। ହାତୀଛୁଆର ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଡମଣୀ ସଂରକ୍ଷିତ ଜଙ୍ଗଲରେ ପୋତି ଦିଆଯାଇଥିବା ଡାଳିଯୋଡା ଏସିଏଫ୍ ମନୋରଞ୍ଜନ ସ୍ୱାଇଁ କହିଛନ୍ତି। ସୂଚନା ଅନୁଯାୟୀ, ଜାମେଣା ଗ୍ରାମ ନିକଟରେ ଏକ ହାତୀଛୁଆ ମରିପଡିଥିବା ଦେଖି ଗ୍ରାମବାସୀ ବନବିଭାଗକୁ ଜଣାଇଥିଲେ। ରେଞ୍ଜର ଓ ଫରେଷ୍ଟର ପହଞ୍ଚି ହାତୀଛୁଆର ମୃତଦେହ ଆଣି ବ୍ୟବଚ୍ଛେଦ ବ୍ୟବସ୍ଥା କରିଥିଲେ। ଚନ୍ଦକା ଜଙ୍ଗଲରୁ ୧୭ଘରିଆ ହାତୀପଲ କିଛିଦିନ ହେବ ଆଠଗଡ ବନଖଣ୍ଡ ଅଧୀନରେ ରହୁଥିବାବେଳେ ଗତ ୩ଦିନ ହେବ ଏହି ଅଞ୍ଚଳକୁ ପଶି ଆସିଥିଲେ। ସେମାନଙ୍କ ମଧ୍ୟରେ ଥିବା ଏହି ହାତୀଛୁଆକୁ ଅନ୍ୟ ହାତୀମାନେ ଦଳିଦେଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହାତୀଛୁଆର ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ଏସିଏଫ୍ ସ୍ୱାଇଁ କହିଛନ୍ତି।

## ବାଲୁଖଣ୍ଡକୁ ଫେରିଲେ ହରିଣ

ଭୁବନେଶ୍ୱର,(ବ୍ୟୁରୋ)/ ପୁରୀ ଅଫିସ୍,୧୫।୫



ଅଭୟାରଣ୍ୟରେ ଠାବ କରାଯାଇଥିବା ହରିଣ ।

କଥାରେ ଅଛି ପ୍ରାକୃତିକ ଦୁର୍ବିପାକର ସୂଚନା ଜୀବଜନ୍ତୁ ଆଗୁଆ ପାଇଥାଆନ୍ତି। ବାଲୁଖଣ୍ଡ ଅଭୟାରଣ୍ୟର ହରିଣମାନଙ୍କ କ୍ଷେତ୍ରରେ ଏହା ସତ୍ୟ ପ୍ରମାଣିତ ହୋଇଛି। ସେଠାରେ ପ୍ରାକୃତିକ ପରିବେଶ ମଧ୍ୟରେ ପ୍ରାୟ ୪ ହଜାରରୁ ଊର୍ଦ୍ଧ୍ୱ ହରିଣ ଥିଲେ, ଯେଉଁଥିପାଇଁ ବାଲୁଖଣ୍ଡ ଅଭୟାରଣ୍ୟର ନିଜସ୍ୱ ସୌନ୍ଦର୍ଯ୍ୟ ଓ ବିଶେଷ ଆକର୍ଷଣ ରହିଥିଲା। କିନ୍ତୁ ପ୍ରଳୟଙ୍କରୀ ବାତ୍ୟା 'ଫନୀ' ପରେ ହରିଣମାନଙ୍କର କୌଣସି ଖୋଜଖବର ନ ଥିଲା। ଏଥିପାଇଁ ବନ ବିଭାଗ ଆଶା ଆଶଙ୍କା ମଧ୍ୟରେ ଥିଲା। ଖୁସିର କଥା ବାତ୍ୟା ଯିବାର ପ୍ରାୟ ୫ ଦିନ ପରେ ହରିଣମାନେ ଗୋଟିଏ ଗୋଟିଏ ହୋଇ ତାଙ୍କର ପୂର୍ବସ୍ଥାନକୁ ଫେରି ଆସୁଛନ୍ତି। ଅଭୟାରଣ୍ୟ ମଧ୍ୟରେ କୌଣସି ହରିଣଙ୍କର ମୃତାହତ ଖବର ନଜରକୁ ମଧ୍ୟ ଆସି ନ ଥିଲା। ତେବେ ହରିଣମାନେ କୁଆଡ଼େ ଗଲେ ତାହାକୁ ନେଇ ବନ ବିଭାଗ ଚିନ୍ତାରେ ଥିଲା। ଏଥିପାଇଁ ଟିମ୍ ଗଠନ କରାଯାଇ ନିକଟବର୍ତ୍ତୀ ଜଙ୍ଗଲରେ ଖୋଜା ଚାଲିଥିଲା। କିନ୍ତୁ ହରିଣଙ୍କର ସନ୍ଧାନ ମିଳିପାରି ନ ଥିଲା। ଇତିମଧ୍ୟରେ ବନ ବିଭାଗ ତରଫରୁ ଡ୍ରୋନ୍ କ୍ୟାମେରା ସହାୟତାରେ ଅଭୟାରଣ୍ୟ ମଧ୍ୟରେ ହରିଣ ଠାବ କରାଯାଇଛି।

## ପ୍ରସୂତି ମାଓବାଦୀଙ୍କୁ ସହୃଦୟତା ଦେଖାଇଲେ ଯବାନ

ମାଲକାନଗିରି,୧୫।୫(ଡି.ଏନ୍.ଏ.)

- ସାଥୀ ମାଓବାଦୀ ଗର୍ଭବତୀ କରିବା ପରେ ସଙ୍ଗଠନ ଛାଡ଼ିଥିଲେ ମହିଳା
- ଉଦ୍ଧାର ପରେ କଲେ ଆତ୍ମସମର୍ପଣ
- ମୁଣ୍ଡ ଉପରେ ଥିଲା ୧ ଲକ୍ଷ ପୁରସ୍କାର

ମାଓବାଦୀ ଦମନ ଅଭିଯାନରେ ସାମିଲ ଥିବା ଛତିଶଗଡ଼ ପୋଲିସର ଡିଆରଜି ଯବାନମାନେ ଗର୍ଭବତୀ ଥିବା ଜଣେ ଇନାମି ମହିଳା ମାଓବାଦୀଙ୍କ ପ୍ରତି ସହୃଦୟତା ଦେଖାଇ ପ୍ରକୃତ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୫ ଦିନ ତଳେ ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲା ଅଞ୍ଚଳରେ ଡିଆରଜି ଯବାନମାନେ କୋମ୍ବିଂ ଅପରେସନ କରୁଥିଲେ। ଏହି ସମୟରେ ସେଠାକାର ଆଲପରସ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ମହିଳା ସଦ୍ୟ ପ୍ରସବ କରି ରହିଥିବା ଦେଖିବାକୁ ପାଇଥିଲେ ଯବାନ। ତେଣୁ ସେମାନେ ପ୍ରସୂତି ମହିଳା ଓ ତାଙ୍କ ୫ ଦିନର ନବଜାତ ଶିଶୁକୁ ତୁରନ୍ତ ଉଦ୍ଧାର କରି ପ୍ରଥମେ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପରେ ଘଟଣାର ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ଏହି ମହିଳା ଜଣକ ମାଓବାଦୀଙ୍କ କ୍ୟାମ୍ପରେ ଥିବାବେଳେ ସାଥୀ ସଦସ୍ୟମାନଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଗର୍ଭବତୀ ହୋଇଥିଲେ। ମାଓବାଦୀ ସଙ୍ଗଠନ ତାଙ୍କୁ ଗର୍ଭପାତ କରିବା ପାଇଁ ବାଧ କରିଥିଲେ ମଧ୍ୟ ସେ ରାଜି ନ ହେବାରୁ ମାଓବାଦୀମାନେ ତାଙ୍କୁ ସେଠାରେ ଛାଡ଼ି ଚାଲିଯାଇଥିଲେ। ଏହାପରେ ମହିଳା ମାଓବାଦୀ ଜଣକ ବିଭିନ୍ନ ସ୍ଥାନରେ ଘୁରି ବୁଲିବା ସହ ୫ ଦିନ ତଳେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଯବାନମାନେ ତାଙ୍କୁ ଉଦ୍ଧାର କରିବା ପରେ ସେ ନିଜକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ଜଣାପଡ଼ିଛି।



ନବଜାତ ଶିଶୁ ସହ ମହିଳା ମାଓବାଦୀ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ପୁଅକୁ କୁମ୍ଭୀର ଖାଏ,**
**ତା' ମା ଢେଙ୍କି ଦେଖିଲେ ଡରେ ।**

ବିପଦକୁ ସାମ୍ନା କରିଥିବା ବ୍ୟକ୍ତି ମନରେ ଭୟ ଏକପ୍ରକାର ଘର କରି ରହିଯାଇଥାଏ। ଯେତେ ଚେଷ୍ଟା କଲେ ମଧ୍ୟ ସେଥିରୁ ସେ ନିଜକୁ ମୁକୁଳାଇ ପାରି ନ ଥାଏ। ସାଧାରଣ କୁମ୍ଭୀର ଓ ଢେଙ୍କି ମଧ୍ୟରେ ଅନେକ ସାମଞ୍ଜସ୍ୟ ରହି ଥାଏ। ଦୂରରୁ ଦେଖିଲେ ଏକାପରି ଲାଗି ଥାଏ। ଏପରିସ୍ଥଳେ କୁମ୍ଭୀର ଆକ୍ରମଣରେ ଶିକାର ହୋଇଥିବା ବ୍ୟକ୍ତିର ଆତ୍ମୀୟ ପୂର୍ବ ଅଭିଜ୍ଞତାର ସ୍ମୃତି ହେତୁ ଭୟର କାରଣ ନ ଥାଇ ମଧ୍ୟ ଭୟ ପାଇବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେତେ କଲେ ଦିଶେ ନାହିଁ,**
**ଯେତେ ଦେଲେ ହସେ ନାହିଁ ।**

ମଣିଷର ଆଶା ଅସୁମାରୀ। ଯିଏ ଯେତେ କଲେ ଆଖିକୁ ସେତେ ଦିଶେ ନାହିଁ କି ଯିଏ ଯେତେ ଦେଲେ ମନରେ ହରଷ ଆସେ ନାହିଁ। ମନରେ ସନ୍ତୁଷ୍ଟି ଆଣିବା ମଣିଷର ସାଧ ବାହାରେ। ସେହିପରି ଯେତେ ଧନ ପାଖରେ ଥିଲେ ବି ମନୁଷ୍ୟର ତୃପ୍ତି ଆସି ନ ପାରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ଜାତିସଂଘକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ

## ଭୁବନେଶ୍ୱରରେ ହେଉ ଡିଜାଷ୍ଟର ମିଟିଗେଶନ୍ ଆଣ୍ଡ ରିକଭରି ସେଣ୍ଟର

ଭୁବନେଶ୍ୱର,୧୫।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ 'ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଡିଜାଷ୍ଟର ମିଟିଗେଶନ ଆଣ୍ଡ ରିକଭରି ଇନ୍ ଓଡ଼ିଶା' ପ୍ରତିଷ୍ଠା କରିବା ନେଇ ଜାତିସଂଘ(ୟୁଏନ୍) ପ୍ରତିନିଧି ମଣ୍ଡଳୀକୁ ପ୍ରସ୍ତାବ ଦେଇଛନ୍ତି। ୟୁଏନ୍ ସମେତ ବିଶ୍ୱବ୍ୟାଙ୍କ୍ ଏବଂ ଏଡିବି ପ୍ରତିନିଧିଗଣ ବୁଧବାର ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ଅର୍ଥନୈତିକ ବ୍ୟାପାର ବିଭାଗୀୟ ଅଧିକାରୀ ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ସେମାନଙ୍କ ସହ ହୋଇଥିବା ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସ୍ୱାର୍ଥ ସମ୍ବଳିତ କେତେକ ପ୍ରସ୍ତାବ ରଖିଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ପ୍ରକାଶ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ସାରା ବିଶ୍ୱରେ ମାନବ ସମାଜର ଉନ୍ନତି ପାଇଁ ୟୁଏନ୍ ବହୁ ପଦକ୍ଷେପ ଗ୍ରହଣ କରିଥାଏ। ତେଣୁ ବିପର୍ଯ୍ୟୟପ୍ରବଣ ଓଡ଼ିଶାରେ ଜାତିସଂଘ ପକ୍ଷରୁ ଏକ 'ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଡିଜାଷ୍ଟର ମିଟିଗେଶନ ଆଣ୍ଡ ରିକଭରି' ପାଇଁ ବିଚାର କରାଯାଉ। ରାଜଧାନୀ ଭୁବନେଶ୍ୱରରେ ଏହି ସେଣ୍ଟର କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ଏହା ଦ୍ୱାରା ଓଡ଼ିଶା ଉପଲବ୍ଧ କରିଥିବା ଅନୁଭବକୁ ଆହୁରି ଶାଣିତ କରାଯାଇପାରିବ, ଏଥିରୁ ସାରା ବିଶ୍ୱର ଲୋକେ ମଧ୍ୟ ଶିକ୍ଷା ଗ୍ରହଣ କରିପାରିବେ। ସେହିପରି ୟୁଏନ୍ ଯଦି ଏହି ସେଣ୍ଟର ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଏ, ତେବେ ରାଜ୍ୟ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ରାଜ୍ୟରେ ବିପର୍ଯ୍ୟୟ ପ୍ରତିରୋଧକ ଶକ୍ତି ଭିତ୍ତିଭୂମି, ଜୀବିକା ବିକାଶ ଏବଂ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତା ରହିଛି। ସେହିପରି ନିକଟରେ କ୍ଷତିଗ୍ରସ୍ତ ହୋଇଥିବା ରାଜ୍ୟର ବିଭିନ୍ନ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ୟୁଏନ୍ ପ୍ରଚେଷ୍ଟା କରୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ବାତ୍ୟା ପୂର୍ବରୁ ଓଡ଼ିଶା ସରକାର ନେଇଥିବା କେତେକ ପଦକ୍ଷେପକୁ ୟୁଏନ୍ ପ୍ରତିନିଧିଦଳ ପ୍ରଶଂସା କରିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

BUSINESS BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457


GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra


### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ମେ, ୨୦୧୯



“ ସବୁଠାରୁ ଅଳ୍ପରେ ସିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ । କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ ।
- ସକ୍ରେଟିସ୍



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚର ପ୍ରତିଷ୍ଠା ଦିବସ, ଜନତା ମଇଦାନ ନିକଟ, ପଣ୍ଡିତ ନୀଳକଣ୍ଠ କଲେଜ ଅଫ ଲାଇବ୍ରେରି ସାଇନ୍ସ, ମଧ୍ୟାହ୍ନ ୧୨ଟା।
- ଶ୍ରୀ ଜୟଦେବ ଶିକ୍ଷାକେନ୍ଦ୍ରର ରଜତ ଜୟନ୍ତୀ ସମାରୋହ, ପଟିଆ, କାନନ ବିହାର, ଅପରାହ୍ନ ୫ଟା ୩୦।

## ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର,୧୫।୫(ବ୍ୟୁରୋ)- ରାଜ୍ୟରେ ଥିବା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ବିଏଡ୍, ସିଟି, ଏମ୍.ଇଡି, ଏମ୍.ଫିଲ୍(ଶିକ୍ଷା), ବି.ପି.ଇ.ଡି ଆଦି ପାଠ୍ୟକ୍ରମ ପାଇଁ ଆସନ୍ତା ୧୮ରୁ ୩୦ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ହେବାର ଥିଲା। କିନ୍ତୁ ରାଜ୍ୟରେ ଯୁକ୍ତ୨ ମୂଲ୍ୟାଙ୍କନ ପ୍ରକ୍ରିୟା ଚାଲିଛି। ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ରାଜ୍ୟର ୪୫ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ତେବେ ସେଥିମଧ୍ୟରୁ ୨୨ କେନ୍ଦ୍ରରେ ଯୁକ୍ତ୨ ଇ-ମୂଲ୍ୟାୟନ ଚାଲିଛି ଏବଂ ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଆଶା କରାଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏ ନେଇ ଶିକ୍ଷକ ଶିକ୍ଷା ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ପରୀକ୍ଷାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରାଯାଇଛି। ପୁଣିଥରେ ସମୟ ସାରଣୀ ପ୍ରକାଶ କରାଯିବ। ଏ ନେଇ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପରୀକ୍ଷାର୍ଥୀଙ୍କୁ ଜଣାଇ ଦିଆଯିବ ବୋଲି ଷ୍ଟୁଡେଣ୍ଟ୍ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍(ସାମ୍‌ସ) ପକ୍ଷରୁ କୁହାଯାଇଛି।

### ରିଲିଫ ବଣ୍ଟନ ଦାୟିତ୍ୱରେ ଅବହେଳା

## ଭିଏଲ୍‌ଡବ୍ଲ୍ୟୁ ଚାକିରିରୁ ନିଲମ୍ବିତ

ପୁରୀ ଅଫିସ,୧୫।୫: ରିଲିଫ ବଣ୍ଟନ ଦାୟିତ୍ୱରେ ଥିବା ଜଣେ ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ଯୋଗୁ ବୁଧବାର ଚାକିରିରୁ ନିଲମ୍ବିତ କରାଯାଇଛି। ସେ ହେଲେ ପୁରୀ ଜିଲା ବ୍ରହ୍ମଗିରି ବ୍ଲକ କହଲପଡ଼ା ଗ୍ରାମପଞ୍ଚାୟତର ଭିଏଲ୍‌ଡବ୍ଲ୍ୟୁ ମୁରଲୀଧର ବିଶ୍ୱାଳ। ସେ ଗତ ୯ ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ପଞ୍ଚାୟତରେ ଅନୁପସ୍ଥିତ ଥିଲେ। ଫଳରେ ତାଙ୍କୁ ଦାୟିତ୍ୱ ଦିଆଯାଇଥିବା ଅଞ୍ଚଳରେ ରିଲିଫ ବଣ୍ଟନ ବ୍ୟାହତ ହୋଇଥିଲା। ଏହି ଘଟଣା ଜିଲା ପ୍ରଶାସନର ନଜରକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବିତ କରାଯାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଶ୍ରୀହୀନ ବ୍ରହ୍ମଗିରି
# ଖାଁ ଖାଁ ପର୍ଯ୍ୟଟନସ୍ଥଳୀ

ବ୍ରହ୍ମଗିରି, ୧୫।୫- ପ୍ରଳୟଙ୍କରୀ ବାତ୍ୟା 'ଫନୀ' ପ୍ରଭାବରେ ଶ୍ରୀହୀନ ହୋଇଯାଇଛି ବ୍ରହ୍ମଗିରି। ଉଜୁଡ଼ି ଯାଇଛି ରୂପରେଖ। ଭୁଶୁଡ଼ି ପଡ଼ିଛି ଅର୍ଥନୀତି। ଖାଁ ଖାଁ ଲାଗୁଛି ବ୍ରହ୍ମଗିରି ଅଞ୍ଚଳର ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସାତପଡ଼ା, ଅଲାରନାଥ ଓ ବାଲିହରଚଣ୍ଡୀ ପୀଠ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ସ୍ଥାନଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଫଳରେ ଏ ଅଞ୍ଚଳର ଅର୍ଥନୈତିକ ବିକାଶ ହେଉଥିଲା। କିନ୍ତୁ ବାତ୍ୟା ଦ୍ୱାରା ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକ ଅତ୍ୟଧିକ ପ୍ରଭାବିତ ହୋଇଛି। ନଷ୍ଟ ହୋଇଯାଇଛି ଏଠାକାର ପ୍ରାକୃତିକ ପରିବେଶ। ଜୀବିକା ହରାଇଛନ୍ତି ସ୍ଥାନୀୟ ଲୋକେ। ଏବେ ଶ୍ରୀହୀନ ଦିଶୁଛି ବ୍ରହ୍ମଗିରି।

ରିପୋର୍ଟ-ସ୍ୱାଧୀନ ଚମ୍ପତିରାୟ

### ଜନଶୂନ୍ୟ ସାତପଡ଼ା, ଜୀବିକା ହରାଇଛନ୍ତି ମତ୍ସ୍ୟଜୀବୀ

ଚିଲିକାରେ ନୌବିହାର କରିବାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଡଙ୍ଗାରେ ବସାଇ ବୁଲାଇ ନେଉଥିଲେ ମତ୍ସ୍ୟଜୀବୀମାନେ। ଚିଲିକା କୂଳର ସାତପଡ଼ା, ସିପକୁଦା, ମିର୍ଜାପୁର, ଗବକୁଣ୍ଡ, ଗଙ୍ଗାଧରପୁର ପ୍ରଭୃତି ସ୍ଥାନମାନଙ୍କରେ ଗଢ଼ିଉଠିଥିଲା ପର୍ଯ୍ୟଟନ କେନ୍ଦ୍ର। ଏଠାକାର ମତ୍ସ୍ୟଜୀବୀମାନଙ୍କ ଜୀବନଜୀବିକା ପାଳଟିଥିଲା ଚିଲିକା। ଫଳରେ ଚଳଚଞ୍ଚଳ ଥିଲା ସାତପଡ଼ା। ଏହା ଉପରେ ନିର୍ଭର କରୁଥିଲେ ସେଠାକାର ୧୨ଶହରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର। ଫନୀ ପ୍ରଭାବରେ ସାତପଡାରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ସବୁ ଭାଙ୍ଗିଯାଇଛି। ପର୍ଯ୍ୟଟକ ନ ଆସିବାରୁ ଏମାନେ ଜୀବିକା ହରାଇଛନ୍ତି। ଏ ସମ୍ପର୍କରେ ସାତପଡ଼ା ମତ୍ସ୍ୟଜୀବୀ ମହାସଂଘ ସଭାପତି ସଦାଶିବ ଜେନା କୁହନ୍ତି, ବାତ୍ୟା ପ୍ରଭାବରେ ସବୁ ନଷ୍ଟ ହୋଇଯାଇଛି। ଆମ ଜୀବନଜୀବିକା ଉପରେ ପ୍ରଭାବ ପଡିଛି। ଏବେ ସରକାରୀ ପ୍ରୋତ୍ସାହନକୁ ଅପେକ୍ଷା କରିଛୁ ବୋଲି କହିଥିଲେ।





### ପର୍ଯ୍ୟଟକଶୂନ୍ୟ ଅଲାରନାଥ ପୀଠ

ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ଅଳ୍ପଦିନ ପରେ ସ୍ନାନପୂର୍ଣ୍ଣମୀରେ ମହାସ୍ନାନ କରି ଗୁପ୍ତସେବା ପାଇବେ। ଏହି ସମୟରେ ବ୍ରହ୍ମଗିରିର ଅଲାରନାଥ ପୀଠରେ ଆରମ୍ଭ ହେବ ଅନବସର ଦର୍ଶନ। ମାତ୍ର ଏହା ପୂର୍ବରୁ ବାତ୍ୟା ଫନୀ ସବୁକିଛି ବିଗାଡ଼ି ଦେଇଛି। ଏବେ ପର୍ଯ୍ୟଟକଶୂନ ହୋଇପଡ଼ିଛି ଅଲାରନାଥ ପୀଠ। ଏହି ପୀଠକୁ ପ୍ରତ୍ୟେକ ଦିନ ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଆସୁଥିବାରୁ ପୀଠରେ ଗହଳଚହଳ ଲାଗିରହିଥାଏ। ମନ୍ଦିରକୁ ଲାଗି ରହିଥିବା ବ୍ରହ୍ମଗିରି ବଜାର ବାହାର ପର୍ଯ୍ୟଟକଙ୍କୁ ନେଇ ବେଶ୍ ସମୃଦ୍ଧ ହୋଇଥିଲା। ବାତ୍ୟା ପ୍ରଭାବରେ ଏହି ମନ୍ଦିରର ହୋଇଛି ବଡ଼ କ୍ଷତି। ମନ୍ଦିରରେ ଫାଟ ସୃଷ୍ଟି ହୋଇ ପାଣି ଗଳୁଥିବାବେଳେ ଭାଙ୍ଗିଯାଇଛି ଚନ୍ଦନ ଗୃହ, ଆଲୋକୀକରଣ। କୋଟି କୋଟି ଟଙ୍କା ବ୍ୟୟରେ ହୋଇଥିବା ନବୀକରଣ ବାତ୍ୟା ଯୋଗୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ହାତ ବାନ୍ଧି ବସିଛନ୍ତି ଏହା ଉପରେ ନିର୍ଭର କରି ଜୀବିକ ନିର୍ବାହ କରୁଥିବା ବ୍ୟବସାୟୀମାନେ।

### ଉଜୁଡ଼ି ଯାଇଛି ବାଲିହରଚଣ୍ଡୀ ପୀଠ

ବିସ୍ତୀର୍ଣ୍ଣ ବାଲିବନ୍ତ ଉପରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ମନମୁଗ୍ଧକର ପରିବେଶରେ ଗଢିଉଠିଥିଲା ମା' ବାଲିହରଚଣ୍ଡୀ ପୀଠ। ଏହାର ପ୍ରାକୃତିକ ପରିବେଶ ପର୍ଯ୍ୟଟକମାନଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଏହାରି କୋଳରେ ବଣଭୋଜି କରି ଆମୋଦପ୍ରମୋଦ କରିଥାନ୍ତି ପର୍ଯ୍ୟଟକ। ଏହାର ସୌନ୍ଦର୍ଯ୍ୟ ଏବେ ଫନୀ ପ୍ରଭାବରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଛି। ଏହି ପୀଠରେ ଥିବା ବହୁ ପୁରାତନ ଗଛ ଭାଙ୍ଗିଯାଇ ପୀଠ ଶ୍ରୀହୀନ ହୋଇପଡିଛି। ଆଉ ଏଠାକୁ ଆସୁନାହାନ୍ତି ପର୍ଯ୍ୟଟକ କି ବଣଭୋଜି ଦଳ। ଏଠାକାର ପରିବେଶ କ୍ଷତିଗ୍ରସ୍ତ ହୋଇପଡିଥିବାରୁ ଭାଙ୍ଗିପଡିଛନ୍ତି ଏଠାକାର ବାସିନ୍ଦା। ଏ ନେଇ ମନ୍ଦିର ପୂଜକ ଲକ୍ଷ୍ମୀଧର ପୂଜାରୀ କୁହନ୍ତି, ଏଠାରେ ରହିଥିଲା ପ୍ରାୟ ୭ଶହ ବର୍ଷର ଜଙ୍ଗଲ, ଯାହା ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକଙ୍କୁ ବଣଭୋଜି ପାଇଁ ଆକୃଷ୍ଟ କରୁଥିଲା। ଏବେ ଏହାର ପରିବେଶ ସମ୍ପୂର୍ଣ୍ଣ ଧ୍ୱଂସ, ଯାହାକୁ ସଜାଡ଼ିବା କଷ୍ଟକର ହୋଇପଡ଼ିବ। ତେଣୁ ଏହାର ପ୍ରଭାବ ଆମ ଜୀବନଜୀବିକା ଉପରେ ପଡ଼ିବ।



## ରାସ୍ତାରେ ଗଡ଼ିଲା ୪୦୦ ମୋ ସାଇକେଲ୍

ଭୁବନେଶ୍ୱର,୧୫।୫(ବ୍ୟୁରୋ)

ବାତ୍ୟା 'ଫନୀ' ପରେ ଭୁବନେଶ୍ୱରରେ ପୁଣିଥରେ ଗଡ଼ିଛି 'ମୋ ସାଇକେଲ୍'। ୨ହଜାର ସାଇକେଲ୍ ମଧ୍ୟରୁ ପ୍ରାରମ୍ଭିକ ଭାବେ ୪୦୦ ଛଡ଼ାଯାଇଛି। ପ୍ରାୟ ୩୦୦ ମୋ ସାଇକେଲ୍ ଷ୍ଟାଣ୍ଡରେ ଏବେ ଏହି ସେବା ଯୋଗାଇ ଦିଆଯିବ। ଇଣ୍ଟରନେଟ୍ ଓ ବ୍ଲୁଟୁଥ୍ ମାଧ୍ୟମରେ ଚାଲୁଥିବାରୁ ମୋ ସାଇକେଲ୍‌ଗୁଡ଼ିକୁ ବାତ୍ୟା ପରେ ବନ୍ଦ କରିଦିଆଯାଇଥିଲା। ସ୍ଥିତି ସ୍ୱାଭାବିକ ହେବା ପରେ ବୁଧବାରଠାରୁ ସେଗୁଡ଼ିକୁ ପୁଣିଥରେ ଆରମ୍ଭ କରାଯାଇଛି। ପ୍ରାରମ୍ଭିକ ଭାବେ ଅଳ୍ପ କେତେକ ମୋ ସାଇକେଲ୍‌କୁ ସେବାରେ ଲଗାଯାଇଥିବା ବେଳେ ଆଗକୁ ପର୍ଯ୍ୟାୟକ୍ରମେ ଛଡ଼ାଯିବ। ପୂର୍ବରୁ ୨ହଜାର ମୋ ସାଇକେଲ୍‌ରୁ ୨୦୦କୁ ରିଜର୍ଭ ରଖି ୧୮ଶହ ସାଇକେଲ୍‌କୁ ରାସ୍ତାରେ ରଖାଯାଉଥିଲା।



### ୧୯ ରୁଟ୍‌ରେ ୧୭୦ ମୋ ବସ୍



ସେହିପରି ସହରର ୧୯ଟି ରୁଟ୍‌ରେ ୧୯୦ ମୋ ବସ୍ ମଧ୍ୟରୁ ୧୭୦ ମୋ ବସ୍ ଗଡୁଛି। କେବଳ ହାଇଟେକ୍‌ରୁ ମାଷ୍ଟରକ୍ୟାଣ୍ଟିନକୁ ସଂଯୋଗ କରୁଥିବା ୩୧୧ନଂ. ରୁଟ୍‌କୁ ବନ୍ଦ କରିଦିଆଯାଇଛି। ସ୍ଥାନୀୟ ଜିଜିପି କଲୋନୀଠାରେ ଏକ ବ୍ରିଜ୍ ଭାଙ୍ଗିପଡ଼ିଥିବା କାରଣରୁ ଏହି ରୁଟ୍ ବନ୍ଦ ହୋଇଛି। ବାକି ଅନ୍ୟ ସମସ୍ତ ରୁଟ୍‌ରେ ମୋ ବସ୍ ସେବା ଜାରି ରହିଛି। ଅନ୍ୟପକ୍ଷରେ ଆଉ ୧୨ଟି ବସ୍ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଚଳାଚଳ କରିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ଉଜୁଡ଼ା ସହରରେ ପର୍ଯ୍ୟଟନ ମୋହ

### ■ ପୁରୀ ବୁଲିଆସି ଆଦରିଛନ୍ତି ପ୍ରତିକୂଳ ପରିସ୍ଥିତି

ପୁରୀ ଅଫିସ,୧୫।୫

ବାତ୍ୟାରେ ଉଜୁଡ଼ିଛି ପୁରୀ ପର୍ଯ୍ୟଟନ ଭିତ୍ତିଭୂମି। ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଛାରଖାର ହୋଇ ଯାଇଥିବାବେଳେ ହୋଟେଲ ଇଣ୍ଡଷ୍ଟ୍ରି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପର୍ଯ୍ୟଟନ ଭିତ୍ତିଭୂମି ସଜାଡ଼ିବା ଲାଗି ପୁନରୁଦ୍ଧାର କାମ ଚାଲିଛି। ଏଭଳି ସ୍ଥିତିରେ ଧୀରେ ଧୀରେ ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହୋଇଗଲାଣି। ତେବେ ହୋଟେଲ ଶିଳ୍ପ କ୍ଷତିଗ୍ରସ୍ତ ଯୋଗୁ ପର୍ଯ୍ୟଟକମାନେ ପୁରୀରେ ରାତ୍ରୀଯାପନ ନ କରି ଭୁବନେଶ୍ୱରରେ ରହୁଛନ୍ତି। କିନ୍ତୁ ପଶ୍ଚିମବଙ୍ଗର ଏକ ଦମ୍ପତି ଏଭଳି ପ୍ରତିକୂଳ ପରିସ୍ଥିତିରେ ରହିବାକୁ ପସନ୍ଦ କରିଛନ୍ତି। ବିଦ୍ୟୁତ୍, ପାଣି ବିନା ପୁରୀବାସୀ ଯେପରି ଜୀବନଯାପନ କରୁଛନ୍ତି ସେମାନେ ମଧ୍ୟ ସେହିଭଳି କଷ୍ଟେମଷ୍ଟେ ଚଳିବାକୁ ନିଷ୍ପତ୍ତି ନେଇଛନ୍ତି। ପୁରୀ ପାନ୍ଥନିବାସରେ ରହୁଥିବା ଏହି ଦମ୍ପତି ଦିନରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲି ଯାଉଥିବାବେଳେ ରାତିରେ ବିଞ୍ଚଣା, ମଶାବତି ଏବଂ ସୋଲାର ଲାଇଟ୍‌ରେ ରାତି କାଟୁଛନ୍ତି।

ପଶ୍ଚିମବଙ୍ଗର ସମୀର କୁମାର ଜାନା ଓ ତାଙ୍କ ସ୍ତ୍ରୀ ଚମ୍ପା ଜାନା। ଗତ ସୋମବାର ଏହି ଦମ୍ପତି ପୁରୀ ବୁଲିବାକୁ ଆସିଥିଲେ। ଅପରାହ୍ନରେ ପୁରୀରେ ପହଞ୍ଚି ରହିବା ଲାଗି ବିଭିନ୍ନ ହୋଟେଲକୁ ଯାଇଥିଲେ। ମାତ୍ର କୌଣସି ହୋଟେଲ କାର୍ଯ୍ୟକ୍ଷମ କରି ନ ଥିବାରୁ ନିରାଶ ହୋଇଥିଲେ। ଶେଷରେ ପାନ୍ଥନିବାସରେ ପହଞ୍ଚିଥିଲେ। ପାନ୍ଥନିବାସ କ୍ଷତିଗ୍ରସ୍ତ ହୋଇଥିବାରୁ କର୍ତ୍ତୃପକ୍ଷ ମନା କରିଥିଲେ। ପାନ୍ଥନିବାସର କେତେକ ଘର ଭାଙ୍ଗିଯାଇଥିବା ବେଳେ ବିଦ୍ୟୁତ୍ ଯୋଗାଣ ହୋଇପାରିନାହିଁ। ତେଣୁ ଏଠାରେ ରହି ହେବନାହିଁ ବୋଲି କର୍ତ୍ତୃପକ୍ଷ ଜଣାଇଥିଲେ। ମାତ୍ର ସମ୍ପୃକ୍ତ ଦମ୍ପତି ଭିନ୍ନତାର ପରିଚୟ ଦେଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଛନ୍ତି। ଏଥିସହ ପୁରୀ ଆଖପାଖର ଦର୍ଶନୀୟ ସ୍ଥାନ ମଧ୍ୟ ବୁଲିବେ। ବାତ୍ୟା ପରେ ପୁରୀ ଲୋକେ କଷ୍ଟରେ ରହୁଛନ୍ତି। ବିଦ୍ୟୁତ୍ ନାହିଁ, ପାନୀୟଜଳ ସୁବିଧା ବି ଅନେକ ପାଉନାହାନ୍ତି। ତଥାପି ଏଠାରେ ଲୋକେ ଯେମିତି ରହୁଛନ୍ତି ଆମେ ମଧ୍ୟ ସେହିଭଳି ଆଡଜଷ୍ଟ ହୋଇ ରହିବୁ ବୋଲି କହିଥିଲେ। ଶେଷରେ ପାନ୍ଥନିବାସ କର୍ତ୍ତୃପକ୍ଷ ସେମାନଙ୍କୁ ରହିବା ପାଇଁ ଅନୁମତି ଦେଇଛନ୍ତି । ଏହି ଦମ୍ପତି ଦିନରେ ଆଖପାଖର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯାଇ ବୁଲାବୁଲି କରୁଛନ୍ତି। ରାତିରେ ପାନ୍ଥନିବାସ ଫେରି ରାତି ବିତାଉଛନ୍ତି। ପାନ୍ଥନିବାସ ପକ୍ଷରୁ ସେମାନଙ୍କୁ ମଶାବତି, ବିଞ୍ଚଣା ଏବଂ ସୋଲାର ଲାଇଟ୍ ଦିଆଯାଇଛି। ଏଥିରେ ଏମିତି ୩ ରାତି ବିତାଇଲେଣି ବୋଲି କହିଛନ୍ତି ସମୀର। ଏ ସମ୍ପର୍କରେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ବାତ୍ୟା ପରେ ପୁରୀକୁ ଏତେମାତ୍ରାରେ ପର୍ଯ୍ୟଟକ ଆସିନାହାନ୍ତି। ତଥାପି ଯେଉଁମାନେ ଆସୁଛନ୍ତି ସେମାନେ କିପରି ଭଲରେ ରହି ଫେରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ପଶ୍ଚିମବଙ୍ଗର ଦମ୍ପତି ହୋଟେଲ ନ ପାଇ ନିରାଶରେ ପାନ୍ଥନିବାସରେ ପହଞ୍ଚିଥିଲେ। ବର୍ତ୍ତମାନ ପୁରୀବାସୀ ଯେଭଳି ରହୁଛନ୍ତି ସେମାନେ ସେହିଭଳି ଚଳିବେ ବୋଲି କହିଥିଲେ। ତେଣୁ ଏହି ଦମ୍ପତିଙ୍କୁ ପାନ୍ଥନିବାସରେ ରଖାଯାଇଛି। ରାତିରେ ସେମାନଙ୍କୁ ବିଞ୍ଚଣା, ମଶାବତି, ସୋଲାର ଲାଇଟ୍ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି।

**ବିଞ୍ଚଣା, ମଶାବତିରେ ରାତି କାଟୁଛନ୍ତି ପଶ୍ଚିମବଙ୍ଗ ଦମ୍ପତି**



ପାନ୍ଥନିବାସରେ ରହିଥିବା ପର୍ଯ୍ୟଟକ ଦମ୍ପତି।

## ତିନି ସହରରେ ଖୋଲିଲା ୨୦ ଆହାର କେନ୍ଦ୍ର

- ■ ଭୁବନେଶ୍ୱରରେ ୧୧, କଟକରେ ୮ ଓ ପୁରୀରେ ୨କେନ୍ଦ୍ରରେ ମିଳୁଛି ଖାଦ୍ୟ
- ■ ଭୁବନେଶ୍ୱରରେ ସେବା ଯୋଗାଉଛି ୬୫ ଜଳସେବା ଶିବିର

କଟକ ଅଫିସ/ ଭୁବନେଶ୍ୱର, ୧୫।୫(ବ୍ୟୁରୋ)

ବାତ୍ୟାଠାରୁ ପୁରୀ, ଭୁବନେଶ୍ୱର ଓ କଟକରେ ବନ୍ଦ ଥିବା ଆହାର କେନ୍ଦ୍ର ମଧ୍ୟରୁ ବୁଧବାରଠାରୁ ୨୦ଟି ଖୋଲିଛି। ଭୁବନେଶ୍ୱରରେ ୧୧, କଟକରେ ୮ ଓ ପୁରୀରେ ୨ ଆହାର କେନ୍ଦ୍ରରେ ଲୋକେ ଖାଦ୍ୟ ଖାଇଛନ୍ତି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହା ଖୋଲା ରହୁଛି। ବାତ୍ୟାରେ ନାନା ଦୁର୍ଦ୍ଦଶାରେ ରହୁଥିବା ଲୋକଙ୍କ ପାଇଁ ଏହି ଆହାର ବେଶ୍ ଗୁରୁତ୍ୱ ବହନ କରୁଛି। ଏଠାରୁ ଖାଦ୍ୟ ଖାଇ ଖୁସି ମନରେ ଯାଉଥିବା ଦେଖିବାକୁ ମିଳିଛି।



ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଆହାର କେନ୍ଦ୍ରରେ ଲୋକେ ଖାଉଛନ୍ତି।

ମିଳିଥିବା ସୂଚନାନୁସାରେ, ଖୋଲିଥିବା ସମସ୍ତ ଆହାର କେନ୍ଦ୍ର ଅକ୍ଷୟପାତ୍ର ଫାଉଣ୍ଡେଶନ ସେଣ୍ଟ୍ରାଲ କିଚେନ ଅଧୀନରେ କାର୍ଯ୍ୟ କରୁଛି। ଫନୀ ପରେ କଟକ ମହାନଗର ନିଗମ (ସିଏମ୍‌ସି)ରେ ଥିବା ଆହାର କେନ୍ଦ୍ରଗୁଡ଼ିକ ବନ୍ଦ ଥିଲା। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ତୁରନ୍ତ ଆହାର କେନ୍ଦ୍ର ଖୋଲିବା ପାଇଁ ବାରମ୍ବାର ଦାବି ହେଉଥିଲା। କିନ୍ତୁ ଫନୀ ପ୍ରଭାବରେ ଆହାର ଯୋଗାଉଥିବା ଅକ୍ଷୟପାତ୍ର ଫାଉଣ୍ଡେଶନ ରନ୍ଧାଗୃହ ଭାଙ୍ଗିଯାଇଥିବାରୁ ଆହାର ଯୋଗାଇବାରେ ସମସ୍ୟା ଉପୁଜିଥିଲା। ଏବେ ସିଏମ୍‌ସିର ମାଲଗୋଦାମ, ଏସ୍‌ସିବି, ଶିଶୁଭବନ, ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ପରିସର, ସିଟି ହସ୍ପିଟାଲ, ବାଦାମବାଡି, ଜଗତ୍‌ପୁର ଅଞ୍ଚଳରେ ଥିବା ଆହାର କେନ୍ଦ୍ରକୁ ଖୋଲାଯାଇଛି। ପ୍ରଥମ ଦିନରେ ଆହାର କେନ୍ଦ୍ରକୁ ସିଏମ୍‌ସି କମିଶନର ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ରନ୍ଧାଖାଦ୍ୟର ମାନ ପରୀକ୍ଷା କରିଥିଲେ। ଲୋକେ ଲାଇନରେ ଛିଡାହୋଇ ୫ଟଙ୍କା ଦେଇ ଆହାର ଟିକେଟ କିଣିବା ସହ ଖାଦ୍ୟ ଖାଇଥିଲେ।

ସେହିଭଳି ଭୁବନେଶ୍ୱରରେ ଖୋଲିଥିବା ୧୧ଟି କେନ୍ଦ୍ରରେ ପାଖାପାଖି ୮ହଜାର ଲୋକଙ୍କ ପାଇଁ ଆହାର ବ୍ୟବସ୍ଥା ହୋଇଛି। ରାତିରେ ଖୋଲାଥିବା ୩ଟି ଆହାର କେନ୍ଦ୍ର (କ୍ୟାପିଟାଲ ହସ୍ପିଟାଲ, କଳିଙ୍ଗ ହସ୍ପିଟାଲ ଓ ସମ୍ ହସ୍ପିଟାଲ)କୁ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ କରାଯାଇ ପାରି ନ ଥିବାବେଳେ ସେଗୁଡିକ ଶୀଘ୍ର ଖୋଲାଯିବାକୁ ଉଦ୍ୟମ ଚାଲିଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବିଏମ୍‌ସି ଓ ଅନ୍ୟ କେତେକ ସଂଗଠନ ପକ୍ଷରୁ ସହରରେ ୬୫ଟି ଜଳସେବା ଶିବିର ଖୋଲାଯାଇଛି। ପ୍ରଥମଥର ଲାଗି ପାଣିପାଗ ବିଭାଗ ଜଳସେବା ପ୍ରଦାନ ଲାଗି ଇଚ୍ଛା ପ୍ରକାଶ କରିଛି। ବିଏମ୍‌ସି ପକ୍ଷରୁ ସ୍ଥିର କରାଯାଇଥିବା ୨୦୦ଟି ଜଳସେବା ଶିବିର ସମ୍ପୂର୍ଣ୍ଣ ଭାବେ ଲୋକଙ୍କୁ ସେବା ଯୋଗାଇବ ବୋଲି ବିଏମ୍‌ସି କହିଛି।

### ପଲିଥିନ ବଣ୍ଟନରେ ଅନିୟମିତତା ଅଭିଯୋଗ

## ବିଡିଓଙ୍କୁ ଘେରିଲେ ଗ୍ରାମବାସୀ

**କଣ୍ଟାପଡା, ୧୫।୫(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ପାଟସୁନ୍ଦରପୁର ପଞ୍ଚାୟତରେ ବାତ୍ୟା ପ୍ରଭାବିତ ଲୋକଙ୍କୁ ପଲିଥିନ ବଣ୍ଟନରେ ଅନିୟମିତତା ହୋଇଛି। ଏ ନେଇ ପାଟସୁନ୍ଦରପୁର ଗ୍ରାମବାସୀ ବୁଧବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ଗ୍ରାମବାସୀ ତହସିଲଦାରଙ୍କୁ ନ ପାଇ ସେଠାରେ ଉପସ୍ଥିତ ବିଡିଓଙ୍କୁ ଘେରାଉ କରିଥିଲେ। ସୂଚନା ଅନୁଯାୟୀ, ବାତ୍ୟା ପ୍ରଭାବରେ ପାଟସୁନ୍ଦରପୁରରେ କୋଠାଘର ଥିବା କେତେଜଣ ଲୋକଙ୍କୁ ପଲିଥିନି ଦିଆଯାଉଥିବାବେଳେ ଘର ଭାଙ୍ଗିଥିବା ଗରିବ ପରିବାର ଏଥିରୁ ବଞ୍ଚିତ ହେଉଛନ୍ତି। ଘରଭଙ୍ଗା ତଦନ୍ତରେ ଥିବା କର୍ମଚାରୀ ଦଳୀୟ ଭିତ୍ତିରେ ପ୍ରଭାବିତ ହୋଇ ଏପରି କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ରାଶନ କାର୍ଡ ନ ଥିବା ବହୁ ଗରିବ ପରିବାର ରିଲିଫ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ସେମାନଙ୍କୁ ପ୍ରଶାସନ ରିଲିଫ ଦେବାର ବ୍ୟବସ୍ଥା କରୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ତେବେ ତହସିଲଦାର ଅଫିସକୁ ଆସିଲେ ତାଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ବିଡିଓ କେ. ଅଶୋକ କୁମାର କହିବା ପରେ ଗ୍ରାମବାସୀ ଫେରିଯାଇଥିଲେ।

**ପୂର୍ବ ତଟ ରେଳପଥ**

**ଭଡ଼ା ସୂତ୍ରରେ ଗାଡ଼ି**

ଟେଣ୍ଡର ବିଜ୍ଞପ୍ତି ସଂ.03-KUR-TRD-OT-2019-20, ତା.09.05.2019ରିଖ

କାର୍ଯ୍ୟର ନାମ : 24 ଘଣ୍ଟିଆ ଉପଲବ୍ଧତା ସହିତ ଦୁଇ ବର୍ଷ ନିମନ୍ତେ କଟକ ସ୍ଥିତ OHE ଡିପୋ ପାଇଁ TATA LPT-1613 କିମ୍ବା ଅନୁରୂପ (କ୍ୟାବିନ୍ ଭିତରେ ବସିବା କ୍ଷମତା 1+5 ସହିତ) ମେକ୍ ଏବଂ ମଡେଲର 9 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା।

ଆନୁମାନିକ ମୂଲ୍ୟ (ଟଙ୍କାରେ) : 21,16,671/-, EMD (ଟଙ୍କାରେ) : 42,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-।

ବିଡ୍ ଦାଖଲ ହେବା ତାରିଖ ଓ ସମୟ : ତା.30.05.2019 ରିଖ 1330 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.30.05.2019 ରିଖ 1530 ଘଟିକାରେ।।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-82/K/19-20

# ବିଦ୍ୟୁତ୍ କର୍ମଚାରୀଙ୍କ ଖାମଖିଆଲ ନେଲା ଜୀବନ

## ୧୧କେଭି ବିଦ୍ୟୁତ୍‌ରେ ଜଳିଗଲେ ଠିକା ମିସ୍ତ୍ରି

- ଲାଇନ୍‌ମ୍ୟାନ ନିର୍ଦ୍ଦେଶରେ ଏଲ୍‌ଟି ତାର ସଂଯୋଗ କରୁଥିଲେ
- ଠିକାଦାରଙ୍କ ଅଧୀନରେ ମରାମତି କାର୍ଯ୍ୟରେ ନିୟୋଜିତ ଥିଲେ

ଭୁବନେଶ୍ୱର, ୧୫।୫(ବ୍ୟୁରୋ)

ବାତ୍ୟାରେ ଧ୍ୱସ୍ତବିଧ୍ୱସ୍ତ ଭୁବନେଶ୍ୱରରେ ବିଦ୍ୟୁତ୍ ସେବାକୁ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବାକୁ ଠିକା ମିସ୍ତ୍ରି ଓ ଶ୍ରମିକମାନେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ହେଲେ ବିଦ୍ୟୁତ୍ ବିଭାଗର କେତେଜଣ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲି ଯୋଗୁ ସେମାନେ ଅନେକ ଜୀବନମରଣ ସ୍ଥିତିକୁ ସାମ୍ନା କରୁଛନ୍ତି। ବୁଧବାର ୧୧ କେଭି ସହ ଏଲ୍‌ଟି ଲାଇନ୍ ସଂଯୋଗ କରିବାକୁ ଯାଇ ବିଦ୍ୟୁତ୍ ଆଘାତରେ ଜଣେ ଠିକା ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୟୂରଭଞ୍ଜ ଜିଲା ଭିଜିଡିହି ଗ୍ରାମର ମଟକା ମୁର୍ମୁ (୨୨)। ଖାରବେଳ ନଗର ଥାନା ଅନ୍ତର୍ଗତ ପୋଷ୍ଟାଲ ଗୋଦାମ ନିକଟରେ ଘଟିଛି ଏହି ଘଟଣା। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବିଦ୍ୟୁତ୍ ଷ୍ଟେଶନ କର୍ମଚାରୀ ଓ ଲାଇନମ୍ୟାନଙ୍କ ମଧ୍ୟରେ ତାଳମେଳ ନ ରହିବାରୁ ଏହି ଦୁଃଖଦ ଘଟଣା ଘଟିଥିବା କୁହାଯାଉଛି।

ଘଟଣା ପରଠାରୁ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ମୁହଁ ଖୋଲୁନାହାନ୍ତି। ତେବେ ମିଳିଥିବା ସୂଚନା ମୁତାବକ, ଜଣେ ବିଦ୍ୟୁତ୍ ଠିକାଦାରଙ୍କ ଅଧୀନରେ ମଟକା ଓ ତାଙ୍କର ଟିମ୍ ରାଜ୍ୟ ତଥା ବାହାରେ କାର୍ଯ୍ୟ କରନ୍ତି। ୮ଦିନ ହେବ ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ୍ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ। କିଛିଦିନ ହେବ ଭୁବନେଶ୍ୱରରେ ଖୁଣ୍ଟ ପକାଇବା ସହ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ କରୁଥିଲେ। ୫ଦିନ ପୂର୍ବରୁ ସତ୍ୟନଗର, ହାଉସିଂବୋର୍ଡ, ଦୁର୍ଗାମଣ୍ଡପ ଆଦି ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ହେଲେ ଏହି ଅଞ୍ଚଳରେ ରହିଯାଇଥିବା ଆଉ କିଛି ସ୍ଥାନରେ ଖୁଣ୍ଟି ପକା ଓ ତାର ଟଣା ସରିଥିଲେ ମଧ୍ୟ ବିଦ୍ୟୁତ୍ ସଂଯୋଗ ବାକି ରହିଛି। କେନ୍ଦ୍ରୀୟ ବିଦ୍ୟାଳୟ କଲୋନୀକୁ ବିଦ୍ୟୁତ୍ ସଂଯୋଗ ପାଇଁ ମଟକା ଓ ତାଙ୍କ ଟିମ୍ ଏଲ୍‌ଟି ଲାଇନ୍‌ର ମରାମତି କାର୍ଯ୍ୟ କରୁଥିଲେ। ପୋଷ୍ଟାଲ ଗୋଦାମ ନିକଟରେ ଖୁଣ୍ଟକୁ ତାର ଭିଡା ସରିଥିଲା। ବାକିଥିଲା ୧୧ କେଭି ସହ ଟ୍ରାନ୍ସଫର୍ମର ଓ ଏଲ୍‌ଟି ଲାଇନ୍ ସଂଯୋଗ। ସେଠାରେ ଉପସ୍ଥିତ ଲାଇନ୍‌ମ୍ୟାନ ୧୧ କେଭି ଲାଇନ କାଟିବାକୁ ବିଦ୍ୟୁତ ଅଫିସ ଜଣାଇଥିଲେ। ପରେ ଲାଇନ୍‌ମ୍ୟାନଙ୍କ ନିର୍ଦ୍ଦେଶ ଅନୁସାରେ, ଅପରାହ୍ନ ପ୍ରାୟ ସାଢେ ୫ଟାରେ ମଟକା ତାରକୁ ଯୋଡ଼ିବା ପାଇଁ ଖୁଣ୍ଟକୁ ଚଢ଼ିଥିଲେ। ମାତ୍ର ସେତେବେଳକୁ ୧୧ କେଭି ତାରରେ ବିଦ୍ୟୁତ୍ ସରବରାହ କଟି ନ ଥିଲା। ମଟକା ଉକ୍ତ ଉଚ୍ଚଶକ୍ତିସମ୍ପନ୍ନ ତାରକୁ ଛୁଇଁବାମାତ୍ରେ ତାଙ୍କ ହାତରେ ଶକ୍ତ ଆଘାତ ଲାଗିବା ସହ ଜଳି ଉଠିଥିଲା। ଏହି ସମୟରେ ଜୋର୍‌ରେ ଶବ୍ଦ ମଧ୍ୟ ହୋଇଥିଲା। ମଟକା କିଛି ସମୟ ୧୧ କେଭି ତାରରେ ଓହଳି ରହି ତଳକୁ ଖସି ପଡିଥିଲେ। ଫଳରେ ତାଙ୍କ ଡାହାଣ ହାତ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଶରୀରର ଅନେକ ସ୍ଥାନରେ ପୋଡ଼ା ଓ କ୍ଷତ ସୃଷ୍ଟି ହୋଇଛି। ସେହିଭଳି ତାଙ୍କ ମୁଣ୍ଡ ଫାଟିଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସହକର୍ମୀମାନେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଡକାଇ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବରପାଇ ଖାରବେଳନଗର ଓ କ୍ୟାପିଟାଲ ଥାନା ଅଧିକାରୀ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଖାରବେଳନଗର ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ବିଭାଗୀୟ ଜେଇ ଓ ଠିକାଦାରଙ୍କୁ ଥାନାକୁ ଡକାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏଥିପାଇଁ ଯେଉଁମାନେ ଦାୟୀ ରହିବେ ସେମାନଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### କାନ୍ଦି କାନ୍ଦି ଦୋଷଦେଲେ

ହସ୍ପିଟାଲ ପରିସରରେ ମୃତଦେହ ନିକଟରେ ଲୁହ ଗଡ଼ାଉଥିଲେ ସହକର୍ମୀ। ସେମାନଙ୍କ କହିବାନୁସାରେ, ମଟକା ମିସ୍ତ୍ରି ଦାୟିତ୍ୱ ତୁଲାଉଥିବାବେଳେ ଅନ୍ୟମାନେ ସମସ୍ତେ ସହଯୋଗୀ ଶ୍ରମିକ। ସମସ୍ତଙ୍କ ଘର ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳରେ। ଦୁଇମାସ ହେବ ଏକାଠି ହୋଇ ଠିକାଦରଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ବିଦ୍ୟୁତ୍ ବିଭାଗର ଅସାବଧାନତା ଯୋଗୁ ଆମେ ଜଣେ ଭଲ ସାଥୀଙ୍କୁ ହରାଇଲୁ। ଏଭଳି ପରିସ୍ଥିତିରେ କେହି ଅଧିକାରୀ କିମ୍ବା ଠିକାଦାର ସେମାନଙ୍କ ନିକଟକୁ ଆସିନାହାନ୍ତି। ଏଥିପାଇଁ ବିଦ୍ୟୁତ୍ ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି କହିବା ସହ ଭୋ ଭୋ ହୋଇ କାନ୍ଦି ପକାଇଥିଲେ।




### ଦିଆଯାଇ ନ ଥିଲା ସୁରକ୍ଷା ସରଞ୍ଜାମ

ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ବିଦ୍ୟୁତ୍ ଆଘାତରେ ପୁରୀରେ ଜଣେ ଓ ଭୁବନେଶ୍ୱରରେ ଜଣଙ୍କର ମୃତ୍ୟୁ ଘଟିଛି। ଏଥିସହ ବିଭିନ୍ନ ସ୍ଥାନରେ ବହୁ କର୍ମଚାରୀ ଓ ଶ୍ରମିକ ଆହତ ହୋଇଛନ୍ତି। ତେବେ ଏସବୁ ଦୁର୍ଘଟଣାକୁ ନେଇ ଏବେ ତର୍ଜମା ଆରମ୍ଭ ହୋଇଛି। ଫନୀ କ୍ଷୟକ୍ଷତିଜନିତ ମୁକାବିଲା ପାଇଁ ଶକ୍ତି ବିଭାଗ ନିକଟରେ ଯଥେଷ୍ଟ କର୍ମଚାରୀ ନାହାନ୍ତି। ଏଥିପାଇଁ ମଧ୍ୟ ସେପରି ପ୍ରସ୍ତୁତ ନ ଥିଲା ବିଭାଗ। ତେଣୁ ବିଜ୍ଞାପନ ଜରିଆରେ ବାରମ୍ବାର ତାଗିଦ ପରେ ସ୍ୱୀକୃତ ଓ ଅଣସ୍ୱୀକୃତ ଠିକାଦାରମାନେ ଏକାଧିକ ଟିମ୍ ସହ କାର୍ଯ୍ୟକ୍ଷେତ୍ରରେ ଯୋଗଦେଇଥିଲେ। ସେହିପରି ବାହାର ରାଜ୍ୟରୁ ମଧ୍ୟ ବହୁ କର୍ମଚାରୀ ଓ ଶ୍ରମିକ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମାତ୍ର ଅପ୍ରସ୍ତୁତ ଥିବା ବିଦ୍ୟୁତ୍ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ସେମାନଙ୍କୁ ଠିକ୍ ଭାବେ ପରିଚାଳିତ କରିପାରୁ ନ ଥିବା ଅଭିଯୋଗ ହେଉଛି। ଏପରିକି ସେମାନଙ୍କୁ ଆବଶ୍ୟକ ସୁରକ୍ଷା ସରଞ୍ଜାମ ଦିଆଯାଇ ନ ଥିବାରୁ ବିପଜ୍ଜନକ ଭାବେ କାର୍ଯ୍ୟ କରୁଛନ୍ତି। ଏପରିସ୍ଥିତିରେ ବିଦ୍ୟୁତ୍ ବିଭାଗର ଅଧିକାରୀ ଏବଂ କର୍ମଚାରୀ ସେମାନଙ୍କ ସୁରକ୍ଷା ପ୍ରତି ମଧ୍ୟ ସେତେଟା ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳୁଛି। କାର୍ଯ୍ୟସ୍ଥଳରେ ତାଳମେଳ ରହୁ ନ ଥିବାରୁ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ଜୀବନ ଯାଉଛି ବୋଲି ଏକାଧିକ ଘଟଣାରୁ ଜଣାପଡୁଛି।

କାଳବୈଶାଖୀ ୧୧ କେଭିରେ ଲାଗିଗଲା ଲୁହା ଶିଡି

## ବିଦ୍ୟୁତ୍ ମରାମତି ବେଳେ ୪ ଆହତ

ପୁରୁଣା ଭୁବନେଶ୍ୱର/ଭୁବନେଶ୍ୱର, ୧୫।୫(ବ୍ୟୁରୋ)

ଧଉଳି ଥାନା ଅଞ୍ଚଳରେ ବିଦ୍ୟୁତ ମରାମତି କାର୍ଯ୍ୟ ଚାଲିଥିବାବେଳେ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୪ଜଣ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବିହାର ଅଞ୍ଚଳର ଗୋଲୁ ଯାଦବ, ପୁରୀ ଜିଲା ବଡ଼ଭିଙ୍ଗୁରା ଅଞ୍ଚଳର ଗୟା ପାତ୍ର, ଅନୁଗୋଳ ଜିଲା ବାଲିଜିରାଙ୍ଗ ଅଞ୍ଚଳର ଦୁଷ୍ମନ୍ତ ପ୍ରଧାନ ଓ ସାମନ୍ତରାପୁର ଅଞ୍ଚଳର ସଂଗ୍ରାମ ମହାପାତ୍ର। ଖବରପାଇ ପିସିଆର୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି।

ସୂଚନା ମୁତାବକ, ପୁରୀ ବାଇପାସ୍ ରାସ୍ତା ପାର୍ଶ୍ୱରେ ଥିବା ଚ୍ୟାମ୍ବଲର ହୋଟେଲରେ ବିଦ୍ୟୁତ କାର୍ଯ୍ୟ ଚାଲିଥିଲା। ହୋଟେଲ ସାମ୍ନା ଷ୍ଟ୍ରିଟଲାଇଟ୍ କାର୍ଯ୍ୟ କରିବା ପାଇଁ ୪ଜଣ ବିଦ୍ୟୁତ୍ ମିସ୍ତ୍ରି ଏ ଲୁହା ଶିଡି ଜରିଆରେ ଖୁଣ୍ଟରେ ଚଢି ମରାମତି କାର୍ଯ୍ୟ କରୁଥିଲେ। ଅପରାହ୍ନରେ ହଠାତ୍ ପବନ ହେବାରୁ ନିୟନ୍ତ୍ରଣ ହରାଇ ଲୁହା ସିଡିଟି ନିକଟରେ ଯାଇଥିବା ୧୧ କେଭି ତାରକୁ ଲାଗିଯାଇଥିଲା। ବିଦ୍ୟୁତ୍ ଆଘାତରେ ଦୁଇଜଣ ଶିଡିରୁ ଖସି ପଡିଥିବାବେଳେ ତଳେ ଲାଇଟ ଓ ଶିଡି ଧରିଠିଆ ହୋଇଥିବା ଅନ୍ୟ ଦୁଇଜଣ ମଧ୍ୟ ବିଦ୍ୟୁତ ଆଘାତରେ ଛିଟିକି ପଡିଥିଲେ। ତେବେ ଆହତଙ୍କ ମଧ୍ୟରୁ ଦୁଇଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡିଛି।



ବିଜୁଳି ଆଲୋକରେ ଆଲୋକିତ ପୁରୀ ବଡ଼ଦାଣ୍ଡ।

■ ୧୩ ଦିନ ପ୍ରତୀକ୍ଷାର ଅନ୍ତ: ପୁରୀକୁ ଆସିଲା ବିଦ୍ୟୁତ୍

## ଶ୍ରୀମନ୍ଦିର, ବଡ଼ଦାଣ୍ଡ ଆଲୋକିତ

ପୁରୀ ଅଫିସ,୧୫।୫

୧୩ଦିନ ପ୍ରତୀକ୍ଷାର ଅନ୍ତ ଘଟିଛି। ବୁଧବାର ପୁରୀକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ଅପରାହ୍ନରେ ଶ୍ରୀମନ୍ଦିରକୁ ପ୍ରଥମେ ବିଦ୍ୟୁତ ସଂଯୋଗ ଦିଆଯାଇଥିବାବେଳେ ସନ୍ଧ୍ୟାରେ ଜଳିଛି ବଡ଼ଦାଣ୍ଡର ହାଇମାଷ୍ଟ ଲାଇଟ୍। ଫଳରେ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ଉଜ୍ଜଳ ଆଲୋକରେ ଆଲୋକିତ ହୋଇଛି। ପର୍ଯ୍ୟାୟ କ୍ରମେ ସହରର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇଛନ୍ତି।


ବାତ୍ୟାରେ ପୁରୀ ଜିଲାରେ ଅଧିକ କ୍ଷୟକ୍ଷତି ଘଟିଛି। ବହୁ ସଂଖ୍ୟାରେ ଘର, ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି। ଫଳରେ ପୁରୀକୁ ଗତ ୩ତାରିଖଠାରୁ ବିଦ୍ୟୁତ୍ ସେବା ବନ୍ଦ ରହିଥିଲା। ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବା ଲାଗି ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ ରାଜ୍ୟ ସରକାର। ୧୨ତାରିଖରେ ପୁରୀକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି ଶକ୍ତି ବିଭାଗ ପକ୍ଷରୁ ପ୍ରଥମେ କୁହାଯାଇଥିଲା। ମାତ୍ର ଏହା ସମ୍ଭବ ହୋଇ ନ ଥିଲା। ବୁଧବାର ପୁରୀକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ପ୍ରଥମେ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡକୁ ସଂଯୋଗ ଦିଆଯାଇଛି। ଏ ସମ୍ପର୍କରେ ଜିଲାପାଳ ସିଂ କହିଛନ୍ତି, ପୁରୀକୁ ବିଦ୍ୟୁତ୍ ଆସିଛି। ଶ୍ରୀମନ୍ଦିର, ବଡ଼ଦାଣ୍ଡ ସମେତ କିଛି ଅଞ୍ଚଳକୁ ସଂଯୋଗ ଦିଆଯାଇଛି। ପର୍ଯ୍ୟାୟକ୍ରମେ ଟେଷ୍ଟ କରାଯାଇ ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ। ଲୋକେ ବ୍ୟତିବ୍ୟସ୍ତ ନ ହୋଇ ଦୀର୍ଘ ୧୩ଦିନ ଧରି ଯେଭଳି ଭାବେ ପ୍ରଶାସନକୁ ସହଯୋଗ କରିଆସିଛନ୍ତି ସେହିଭଳି ଆଉ ଅଳ୍ପ କିଛିଦିନ ସହଯୋଗ କରନ୍ତୁ। ଫଳରେ ସବୁ ଅଞ୍ଚଳରେ ନିରାପଦ ଭାବେ ବିଦ୍ୟୁତ୍ ପହଞ୍ଚି ପାରିବ। ସହରର ବୁଦ୍ଧିଜୀବୀ ମହେନ୍ଦ୍ର ବିଶୋଇ କହିଛନ୍ତି, ବାତ୍ୟା ପରେ ପୁରୀକୁ ବିଦ୍ୟୁତ୍ ଆସିବା ନିଶ୍ଚିତ ଆମ ପାଇଁ ଏକ ଭଲ ଖବର। ଖରାଦିନ ଯୋଗୁ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଦିନେ ଦୁଇଦିନ ମଧ୍ୟରେ ସହରର ସବୁ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେଲେ ଭଲ। ସୂଚନା ମୁତାବକ, ବାତ୍ୟାରେ ପୁରୀ ଜିଲାରେ ୯୦,୦୦୦ ବିଦ୍ୟୁତ୍ ଖୁଣ୍ଟ, ୩୩ କେଭି ୧୬୯ କିମି, ୧୧ କେଭି ୨,୫୬୦ କିମି ଓ ୩,୦୧୧ କିମି ଏଲ୍‌ଟି ଲାଇନ୍ ନଷ୍ଟ ହୋଇଛି। ବିଦ୍ୟୁତ୍ ଯୋଗାଣକୁ ସ୍ୱାଭାବିକ କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଛି। ସେସୁ, ସାଉଥ୍‌କୋ ଏବଂ ୱେସ୍କୋର ୭୪ ଓ ଆନ୍ଧ୍ରପ୍ରଦେଶରୁ ୬୦ ଅଫିସର ନିୟୋଜିତ ଅଛନ୍ତି। ଖୁବ୍‌ଶୀଘ୍ର ସହରର ଅନ୍ୟ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହେବ ବୋଲି କୁହାଯାଇଛି।

### ଏତେ ଶୀଘ୍ର ଆଶା ନ ଥିଲା



ବାତ୍ୟାରେ ସହରର ବହୁ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିଲା। ଏକମାସ ପୂର୍ବରୁ ବିଦ୍ୟୁତ ଆସିବ ବୋଲି ଆଶା ନ ଥିଲା। ଆଜି ବିଦ୍ୟୁତ ଆସିବା ପରେ ଖୁସିର ଲହରି ଖେଳିଯାଇଛି। ଏବେ ବଡଦାଣ୍ଡ ଝଲସୁଛି।

- ସୌମ୍ୟରଞ୍ଜନ ପାତ୍ର, ଯୁବ ସାମାଜିକ କର୍ମୀ



ପ୍ରଥମେ ସକାଳେ କିଛି ସମୟ ଲାଗି ବିଦ୍ୟୁତ ଚାର୍ଜ ହୋଇଥିଲା। ଅପରାହ୍ନ ପରଠୁ ଘରେ ବିଦ୍ୟୁତ ଲାଇଟ ଜଳୁଛି। ଗରମ ଓ ଗୁଳୁଗୁଳିରୁ ତ୍ରାହି ମିଳିଛି। ଏତେ କମ୍ ସମୟ ମଧ୍ୟରେ ବିଦ୍ୟୁତ ଆସିବ ବୋଲି ଆଶା ନ ଥିଲା।

- ସାଗରିକା ରଥ, ବଡଶଙ୍ଖ



ବାତ୍ୟାରେ ବିଦ୍ୟୁତ ବିଭାଗର ବ୍ୟାପକ କ୍ଷତି ଘଟିଥିଲା। ସ୍ଥିତିକୁ ଦେଖିଲେ ଜୁନ୍ ମାସ ପୂର୍ବରୁ ଲାଇନ ଆସିବ ବୋଲି ଆଶା ନ ଥିଲା। ଆଜି ଲାଇନ ଚାର୍ଜ ହେବ ବୋଲି ଗଣମାଧ୍ୟମରୁ ଜାଣିବାକୁ ପାଇଥିଲି। କିନ୍ତୁ ବିଶ୍ୱାସ ନ ଥିଲା। ମାତ୍ର ଅପରାହ୍ନରେ ଲାଇଟ ଜଳିବା ପରେ ଖୁସି ଲାଗୁଛି।

- ଇତିଶ୍ରୀ ସରିତା ମହାନ୍ତି



ବାତ୍ୟାରେ ପୁରୀ ସହର ଛାରଖାର ହୋଇଯାଇଥିଲା। ବହୁ ବିଦ୍ୟୁତ ଖୁଣ୍ଟ ଧରାଶାୟୀ ହୋଇଥିଲା ଏବଂ ଅନେକ ଖୁଣ୍ଟ ବଙ୍କି ଯାଇଥିଲା। ଏଭଳି ସ୍ଥିତିରେ ବାତ୍ୟାର ୧୨ଦିନ ପରେ ବିଦ୍ୟୁତ ଯୋଗାଇ ଦିଆଯିବା ନିଶ୍ଚୟ ଆନନ୍ଦ ଓ ସ୍ୱାଗତର କଥା। ଏଥିପାଇଁ ବିଦ୍ୟୁତ କର୍ମଚାରୀ ଓ ଶ୍ରମିକମାନେ ପ୍ରଶଂସାର ଯୋଗ୍ୟ।

- ଚନ୍ଦ୍ରଶେଖର ମିଶ୍ର, ରେଡକ୍ରସ ରୋଡ

## ଘରଭଙ୍ଗା ସର୍ଭେବେଳେ ଜିଓଟ୍ୟାଗ ପାଇଁ ଦାବି

**କଟକ ସଦର, ୧୫।୫(ଡି.ଏନ୍.ଏ.):** ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ସେଥିମଧ୍ୟରେ ଚାଳଘର ଭାଙ୍ଗି ଯାଇଥିବା ବ୍ୟକ୍ତିଙ୍କୁ ନୂତନ ପକ୍କାଘର ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏହାର ସୁଯୋଗ ନେଇ କଟକ ସଦର ବ୍ଲକ ଅଞ୍ଚଳର କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଫାଇଦା ଉଠାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳବର୍ଗ ବ୍ୟକ୍ତିଙ୍କୁ ଘରଭଙ୍ଗା ତାଲିକାରେ ସାମିଲ ନ କରିବା ପାଇଁ ପ୍ରମୁଖ ତଫସିଲଭୁକ୍ତ ଜାତି ଓ ଜନଜାତି ସଂଘ ପକ୍ଷରୁ ବୁଧବାର ଦାବିପତ୍ର ପ୍ରଦାନ କରାଯାଇ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି। ଏହି ବର୍ଗର ପରିବାର ସର୍ବସ୍ୱାନ୍ତ ହୋଇଥିଲେ ମଧ୍ୟ ସେମାନଙ୍କ କଥାକୁ ଶୁଣାଯାଉନାହିଁ। ତେଣୁ ଘରଭଙ୍ଗା ଫଟୋ ସହ ଜିଓଟ୍ୟାଗ ପାଇଁ ଦାବିପତ୍ରରେ ଅନୁରୋଧ କରାଯାଇଛି। ଫଳରେ ଗୋଟିଏ ଭଙ୍ଗାଘରକୁ ଦେଖାଇ ଏକାଧିକ ବ୍ୟକ୍ତି ସାହାଯ୍ୟ ନେଇପାରିବେ ନାହିଁ। ଏହି ଆଧୁନିକ ପଦ୍ଧତି ଚଳିତ ବାତ୍ୟା ସର୍ଭେରେ ପ୍ରୟୋଗ ପାଇଁ ରାମଚନ୍ଦ୍ର ଗୋଚ୍ଛାୟତ ଦାବି କରିଛନ୍ତି।

## ଭୁବନେଶ୍ୱରରେ ଆରମ୍ଭ ହେଲା ମାଇକ୍ରୋ ଏଟିଏମ୍ ସେବା

- ମେଡ଼ିକାଲ, ଏୟାରପୋର୍ଟ, ରେଳଷ୍ଟେଶନର ୫ ସ୍ଥାନରେ ଉପଲବ୍ଧ
- ଆଧାର ଲିଙ୍କ୍ ଥିଲେ ବିନା ଏଟିଏମ୍‌ରେ ମିଳିବ ଟଙ୍କା
- ଆକ୍ସିସ୍ ବ୍ୟାଙ୍କ୍ ଓ ବିଏମ୍‌ସି ମଧ୍ୟରେ ଚୁକ୍ତି




ଭୁବନେଶ୍ୱର, ୧୫।୫(ବ୍ୟୁରୋ)

ବାତ୍ୟାଜନିତ ବ୍ୟାଙ୍କ ଓ ଆର୍ଥିକ ସମସ୍ୟା ଦୂର କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ମାଇକ୍ରୋ ଏଟିଏମ୍ ସେବା। ଆକ୍ସିସ୍ ବ୍ୟାଙ୍କ ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମିଳିତ ପ୍ରୟାସରେ ପ୍ରଥମ ପର୍ଯ୍ୟାୟରେ ୫ଟି ମାଇକ୍ରୋ ଏଟିଏମ୍ ବୁଧବାରଠାରୁ ସେବା ପ୍ରଦାନ କରିଛି। ବିଏମ୍‌ସି ମୁଖ୍ୟାଳୟରେ ଅତିରିକ୍ତ କମିଶନର ଅନନ୍ୟା ଦାସ ଏହି ସେବାକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରି କହିଲେ, ମାଇକ୍ରୋ ଏଟିଏମ୍‌ରେ ସମସ୍ତ ବ୍ୟାଙ୍କର କାର୍ଡ଼ ଗ୍ରହଣ କରାଯିବ। ଜଣେ ଲୋକ ଥରକରେ ୧୦୦ରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ଉଠାଇପାରିବେ। ଅଧିକ ଟଙ୍କା ଆବଶ୍ୟକ ଥିଲେ ଆଉଥରେ କାର୍ଡ଼ ସ୍ୱାଇପ୍ କରିବାକୁ ପଡ଼ିବ। ପ୍ରତ୍ୟେକ ମାଇକ୍ରୋ ଏଟିଏମ୍ ସହ ଜଣେ ଲେଖାଏ ବ୍ୟାଙ୍କ କର୍ମଚାରୀ ରହିଛନ୍ତି। ଏହି ଏଟିଏମ୍‌ରେ ଜିପିଏସ୍ ସିଷ୍ଟମ ରହିଛି। ଗ୍ରାହକଙ୍କ ଏଟିଏମ୍ କାର୍ଡ଼ ସ୍ୱାଇପ୍ ହୋଇ ଆପ୍ରୁଭ ହେବାପରେ ଉପସ୍ଥିତ ବ୍ୟାଙ୍କ କର୍ମଚାରୀ ଜଣକ ନଗଦ ଟଙ୍କା ଦେବେ। ବର୍ତ୍ତମାନ ସହରର ପ୍ରମୁଖ ସ୍ଥାନ ଏୟାରପୋର୍ଟ, ମେଡ଼ିକାଲ ଓ ରେଳ ଷ୍ଟେଶନରେ ମାଇକ୍ରୋ ଏଟିଏମ୍ ସେବା ଉପଲବ୍ଧ ହୋଇଛି। ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଅଧିକ ମାଇକ୍ରୋ ଏଟିଏମ୍ ଆସିଲେ ଆଗାମୀ ଦିନରେ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଏହି ସେବା ଯୋଗାଇ ଦିଆଯିବ। ବିଏମ୍‌ସି ଓ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ଏନେଇ ଚୁକ୍ତି ହୋଇଛି। ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ କହିଛନ୍ତି, ଯଦି କାହାର ଏଟିଏମ୍ ନାହିଁ, କିନ୍ତୁ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ଲିଙ୍କ୍ ଅଛି ତା'ହେଲେ ବିନା ଏଟିଏମ୍‌ରେ ବି ଟଙ୍କା ମିଳିପାରିବ। କେବଳ ଆଧାରକାର୍ଡ଼ ନମ୍ବର ମନେ ରଖିବା ଆବଶ୍ୟକ ବୋଲି ସେ କହିଛନ୍ତି।

ସୂଚନା ଥାଉକି, ବାତ୍ୟା ଫନୀ ପରେ ବ୍ୟାଙ୍କ ଓ ଏଟିଏମ୍ ସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏବେ ବି ଏହି ସେବା ସ୍ୱାଭାବିକ ହୋଇପାରି ନାହିଁ। ଲୋକଙ୍କୁ ସୁବିଧାରେ ଟଙ୍କା ନେଣଦେଣ କରିବା ଲାଗି ଆକ୍ସିସ୍ ବ୍ୟାଙ୍କ ଓ ବିଏମ୍‌ସି ସହଯୋଗର ହାତ ବଢ଼ାଇଛି। ଯେପର୍ଯ୍ୟନ୍ତ ସହରରେ ସମସ୍ତ ପୁନରୁଦ୍ଧାର କାର୍ଯ୍ୟ ନ ସରିଛି ଓ ବ୍ୟାଙ୍କ ସେବା ସ୍ୱାଭାବିକ୍ ନ ହୋଇଛି ସେପର୍ଯ୍ୟନ୍ତ ଏହି ସେବା ଜାରି ରହିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ଫନୀରୁ ବର୍ତ୍ତିଲାନି କୁକୁଡ଼ା ଫାର୍ମ

## କନ୍ତିଆସ୍ଥିତ ୫ ଫାର୍ମ ଧ୍ୱସ୍ତବିଧ୍ୱସ୍ତ



ଜଟଣୀ ୧୫। ୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବିତ ଅଞ୍ଚଳରେ ଥିବା କୁକୁଡା ଫାର୍ମଗୁଡିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଜଟଣୀ ବ୍ଲକ୍ ଅନ୍ତର୍ଗତ କନ୍ତିଆ ଗ୍ରାମ ନିକଟରେ ଥିବା ୫ କୁକୁଡା ଫାର୍ମରେ କୋଟି କୋଟି ଟଙ୍କାର କ୍ଷତି ହୋଇଛି। ଏଠାରେ ଥିବା ଜଗନ୍ନାଥ, କଳିଙ୍ଗ, ବିଜୟଦୁର୍ଗା, ବିଜୟକ୍ରିଷ୍ଣା ଓ ବିଜୟବାଣୀ ପୋଲଟ୍ରି ପ୍ରାଇଭେଟ୍ ଲିମିଟେଡ୍ ୫ଟି ଫାର୍ମରେ ୨ ଲକ୍ଷରୁ ଅଧିକ କୁକୁଡା ମରିଥିବା ବେଳେ ଛୁଆ, ଅଣ୍ଡା ଓ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ଏହାଛଡା ଉପରୋକ୍ତ ଫାର୍ମଗୁଡିକର ଶେଡ୍, ପାଚେରି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଯାହାକି ୨୦ କୋଟିରୁ ଅଧିକ ଟଙ୍କାର କ୍ଷତି ହୋଇଥିବା ଜଗନ୍ନାଥ ପୋଲଟ୍ରି ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରୋପ୍ରାଇଟର୍ ବଳରାମ ରାଜୁ କହିଛନ୍ତି। ସେହିପରି ଖୋର୍ଦ୍ଧା କୁମ୍ଭାରବସ୍ତସ୍ଥିତ କଳିଙ୍ଗ ଦୁର୍ଗା ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ଫାର୍ମରେ ମଧ୍ୟ ଅନେକ କ୍ଷତି ହୋଇଥିବା ଜଣାପଡିଛି। ଖୋର୍ଦ୍ଧା ଓ ଜଟଣୀ ସମେତ ଜିଲାର କରଡଗାଡିଆ, ବାଲିପାଟଣା, ଦିନଗୁଡିଆ, ଗୌରୀପଡା, ମଦନପୁର ଆଦି ଅଞ୍ଚଳରେ ଥିବା କୁକୁଡା ଫାର୍ମଗୁଡିକ ବାତ୍ୟାକୋପରୁ ବର୍ତ୍ତିପାରି ନ ଥିଲା। ଯାହାଦ୍ୱାରା ଫାର୍ମ କରିଥିବା ଚାଷୀ ଓ ବ୍ୟବସାୟୀମାନଙ୍କ କୋଟି କୋଟି ଟଙ୍କାର ବ୍ୟବସାୟ କ୍ଷତି ଘଟିଛି। କ୍ଷତିର ପରିମାଣ ୨୦୦ କୋଟିରୁ ଅଧିକ ହେବ ବୋଲି କୁକୁଡା ଚାଷୀମାନେ ଅନୁମାନ କରୁଛନ୍ତି। ଏହି ଫାର୍ମଗୁଡିକ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ରୋଜଗାର କରି ପାରୁଥିବା ଶତାଧିକ ଯୁବକ ବେକାର ହୋଇ ଯାଇଛନ୍ତି। ଜଟଣୀ କନ୍ତିଆସ୍ଥିତ ୫ ଫାର୍ମ ଦ୍ୱାରା ରୋଜଗାରକ୍ଷମ ହୋଇ ପାରୁଥିବା ଏକହଜାରରୁ ଅଧିକ ଯୁବକ ଜୀବିକା ହରାଇଛନ୍ତି। କ୍ଷତିଗ୍ରସ୍ତ କୁକୁଡା ଫାର୍ମଗୁଡିକ ଜନବସତିଠାରୁ ଦୂରରେ କରାଯିବା ସହ କିପରି ପୁନରୁଦ୍ଧାର ହୋଇପାରିବ ସେଥିପ୍ରତି ସରକାର ଗୁରୁତ୍ୱ ଦେବାକୁ ଚାଷୀମାନେ ଆଶାପୋଷଣ କରିଛନ୍ତି।



### ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା ।

-କନ୍‌ଫୁସିଅସ୍



## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କୁ ହାଣି ଟଙ୍କା ଲୁଟ୍

**ବୋଲଗଡ଼,୧୫।୫(ଡି.ଏନ.ଏ.):** ବାଙ୍କୋଇ ଫାଣ୍ଡି ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ଠଣାପଲ୍ଲୀ-ଭାପୁର ରାସ୍ତାର ଶ୍ରୀରାମପୁର ନିକଟରେ ଜଣେ ଫାଇନାନ୍ସ କମ୍ପାନୀ କର୍ମଚାରୀଦିବ୍ୟ ପ୍ରସାଦ ସାହୁଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ଲକ୍ଷାଧିକ ଟଙ୍କା ସହ ସୁନା ଚେନ୍ ଲୁଟି ନେଇଥିବା ବାଙ୍କୋଇ ଫାଣ୍ଡିରେ ଅଭିଯୋଗ ହୋଇଛି। ଖୋର୍ଦ୍ଧା ଏସ୍‌ପି ଅମୂଲ୍ୟ ଦାଶ ଓ ଏସ୍‌ଡିପିଓ ସୁଶୀଲ୍ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ସେ ଭାପୁର ବ୍ଲକସ୍ଥିତ ମରିଚିଆ ଗ୍ରାମକୁ ଋଣ ଟଙ୍କା ଅସୁଲ ନିମନ୍ତେ ଶ୍ରୀରାମପୁର ଛକଦେଇ ରାଜସୁନାଖଳା ଆସୁଥିଲେ। ସେ ଶ୍ରୀରାମପୁର ନିକଟରେ ପହଞ୍ଚିବାବେଳେ ୨ଟି ବାଇକ୍‌ରେ ୪ ଦୁର୍ବୃତ୍ତ ତାଙ୍କୁ ଅଟକାଇ ହେଲମେଟ୍ ନେଇଯାଇଥିଲେ। ପରେ ଲୁଟେରାମାନେ ବନ୍ଧୁକ ଦେଖାଇ ତାଙ୍କ ହାତକୁ ଖଣ୍ଡାରେ ହାଣି ୧ଲକ୍ଷ ୩ଶହ ଟଙ୍କା ଲୁଟି ନେଇଥିଲେ।

### ୧୦ ନିଶାଖୋରଙ୍କଠାରୁ ଜରିମାନା ଆଦାୟ

**ପୁରୁଣା ଭୁବନେଶ୍ୱର, ୧୫।୫(ଡି.ଏନ.ଏ.):** ଏକାମ୍ର କ୍ଷେତ୍ରର ବିଭିନ୍ନ ମଠ ମନ୍ଦିର ପରିସର ଏବେ ନିଶାଖୋରଙ୍କ ଆଡାସ୍ଥଳୀ ପାଲଟିଛି। ଏହାଦ୍ୱାରା ସାଧାରଣ ଭକ୍ତ କେବଳ ନୁହନ୍ତି ପର୍ଯ୍ୟଟକମାନେ ନିଜକୁ ନିରାପଦ ମଣୁନାହାନ୍ତି। ବୁଧବାର ଶ୍ରୀଲିଙ୍ଗରାଜ ମନ୍ଦିର ପରିସର ବାହାରେ ବିଭିନ୍ନ ସ୍ଥାନରେ ୧୦ ଜଣ ନିଶାଖୋରଙ୍କୁ ଲିଙ୍ଗରାଜ ପୋଲିସ ଅତର୍କିତ ଚଢ଼ାଉ କରି ଥାନାରେ ଆଣି ଅଟକ ରଖିଥିଲା। ଖବର ଲେଖା ହେବା ବେଳକୁ ପୋଲିସ ସେମାନଙ୍କଠାରୁ ଜରିମାନା ଆଦାୟ କରି ଛାଡି ଦେଇଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

### ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ମେଡିକାଲ କ୍ୟାମ୍ପ

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ବାତ୍ୟା 'ଫନୀ'ରେ ସର୍ବାଧିକ କ୍ଷତିଗ୍ରସ୍ତ ପୁରୀ ଜିଲା ପୁରୀ ସହରର ବିଭିନ୍ନ ବସ୍ତି ଏବଂ ବ୍ରହ୍ମଗିରି ବ୍ଲକର ବିଭିନ୍ନ ଗ୍ରାମରେ ମେଡିକାଲ ସର୍ଭିସ୍ ସେଣ୍ଟର ତରଫରୁ ମେଡିକାଲ କ୍ୟାମ୍ପ ଆୟୋଜିତ ହୋଇଯାଇଛି। ଭୟଙ୍କର ବାତ୍ୟା ପ୍ରଭାବିତ ଜନସାଧାରଣଙ୍କର ବିଭିନ୍ନ ଚିକିତ୍ସା କରାଯାଇ ଆବଶ୍ୟକ ଔଷଧ ବିତରଣ କରାଯାଇଛି। ମେଡିକାଲ ଚିକିତ୍ସା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ ତଥା ସଙ୍ଗଠନର ଶୁଭେଚ୍ଛୁମାନଙ୍କଠାରୁ ସଂଗୃହୀତ ଅର୍ଥରେ ଏହି କ୍ୟାମ୍ପ ପରିଚାଳିତ ହୋଇଥିଲା। ମେଡିକାଲ ସର୍ଭିସ୍ ସେଣ୍ଟରର ଓଡ଼ିଶା ରାଜ୍ୟ ସଭାପତି ଡା. ସୁରଜିତ, ଡା. ସଂଗ୍ରାମ ବ୍ରହ୍ମ, ଡା. ଦୀପିକା ପ୍ରମୁଖ କ୍ୟାମ୍ପଗୁଡ଼ିକୁ ପରିଚାଳନା କରିଥିଲେ। ଚଳିତ ସପ୍ତାହରେ ପୁରୀର ଅନ୍ୟାନ୍ୟ ଅଞ୍ଚଳରେ ମଧ ମେଡିକାଲ କ୍ୟାମ୍ପ ଆୟୋଜନ କରାଯିବ ବୋଲି ସଙ୍ଗଠନ ତରଫରୁ କୁହାଯାଇଛି।

### ସାଲିଆ ସାହିରେ ସ୍ୱାସ୍ଥ୍ୟସେବା, ସଚେତନତା ଅଭିଯାନ

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମୁଖ୍ୟ ବସ୍ତି ଭାବେ ପରିଚିତ ସାଲିଆ ସାହିରେ ବୁଧବାର ସଫେଇ ଅଭିଯାନକୁ ଜୋରଦାର କରାଯାଇଛି। ଏଠାରେ ଅଧିକ ସଂଖ୍ୟାରେ ଗରିବ ଓ ଦିନମଜୁରିଆ ଲୋକେ ବସବାସ କରୁଥିବାରୁ ସେମାନଙ୍କ ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଅପରିଷ୍କୃତ ପରିବେଶରେ ରାସାୟନିକ ଦିଆଯାଇ ମଶାଡିମ୍ବ ନଷ୍ଟ କରାଯାଇଛି। ସେହିପରି ଖୋଲାସ୍ଥାନରେ ଥିବା ବିଭିନ୍ନ ଜଳ ଉତ୍ସକୁ ମଧ ବିଶୋଧନ କରାଯାଇଛି। ସାଲିଆ ସାହିରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ନେଇ ଚିନ୍ତା ପ୍ରକଟ କରିଥିବା ସ୍ୱାସ୍ଥ୍ୟ ବିଭାଗର ଏପରି ସଚେତନତା କାର୍ଯ୍ୟକୁ ବସ୍ତିବାସିନ୍ଦା ପ୍ରଶଂସା କରିଛନ୍ତି।

## ■ ବାଂଲାଦେଶ ସୀମାରୁ ଉଦ୍ଧାର ଗୋରୁପଲ ବୋଲଗଡ଼ରେ

# ଜଙ୍ଗଲରେ ଯନ୍ତ୍ରଣା, ମଲେଣି ୨୨

**ଖୋର୍ଦ୍ଧା ଅଫିସ/ବୋଲଗଡ, ୧୫।୫(ଡି.ଏନ.ଏ.)**

ବାଂଲାଦେଶ ସୀମାରୁ ଉଦ୍ଧାର ଗୋରୁପଲଙ୍କୁ ବୋଲଗଡର ବ୍ରହ୍ମପୁରସ୍ଥିତ ଜଙ୍ଗଲରେ ରଖାଯାଇ ନିର୍ଯାତନା ଦିଆଯାଉଛି। ଗୋଶାଳା ନ କରି ଜଙ୍ଗଲରେ ରଖାଯାଉଥିବାବେଳେ ଯତ୍ନ, ସୁରକ୍ଷା ଓ ଖାଦ୍ୟ ଅଭାବରୁ ୨୨ ଗୋରୁ ପ୍ରାଣ ହରାଇ ସାରିଲେଣି। ୫ ଗୋରୁ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେମାନଙ୍କୁ ଚିକିତ୍ସା ମିଳୁନି। ପୁଣି ୨୫ ଗୋରୁ ନିଖୋଜ ହୋଇ ସାରିଲେଣି। ଏଠାରେ ଥିବା ଗୋରୁପଲଙ୍କ ଦୁର୍ଦ୍ଦଶାକୁ ଦେଖିଲେ କଂସେଇ ଖାନାର ନିଷ୍ଠୁରତା ଅପେକ୍ଷା ଅଧିକ ବୋଲି କେତେଜଣ ଗୋଭକ୍ତ ମତ ରଖିଛନ୍ତି। ଗୋମାତା ପ୍ରତି ଏପରି ଅବହେଳାକୁ ଦେଖିଲେ ଜୀବେଦୟା ଓ ନିଷ୍ଠୁରତାର ଉପେକ୍ଷା କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି କାହିଁକି ବୋଲି କୁହାଯାଉଛି। ସେହିପରି ଜଙ୍ଗଲରେ ନିର୍ଯାତନା ପାଉଥିବା ଗୋରୁଙ୍କୁ ପ୍ରଶାସନ ଉଦ୍ଧାର କରି ସେବା ଯୋଗାଇ ସୁରକ୍ଷିତ ସ୍ଥାନରେ ନ ରଖିବାର କାରଣ କ'ଣ। ଏତେସଂଖ୍ୟକ ଗୋରୁ ମରିଥିବାବେଳେ ପ୍ରାଣୀଧନ ବିଭାଗ କିପରି ଜାଣିପାରୁନି ତାହା ସାଧାରଣରେ ଚିନ୍ତାର କାରଣ ପାଲଟିଛି। ପୁଣି ଗୋଶାଳା ନ ଥାଇ ଜଙ୍ଗଲରେ ଉଦ୍ଧାର ଗୋରୁଙ୍କୁ ରଖିବାର ଅନୁମତି କିଏ ଦେଲା ତାହା ତଦନ୍ତସାପେକ୍ଷ। ଗୋମାତା ନିର୍ଯାତିତ



ଅସୁସ୍ଥ ଅବସ୍ଥାରେ ପଡ଼ିଥିବା ଏକ ଗୋରୁ।

■ ୨୫ଗୋରୁଙ୍କ ପତ୍ତା ମିଳୁନି
■ ୫ ଗୋରୁଙ୍କ କରାଯାଉନି ଚିକିତ୍ସା

ଖବର ମିଳିବା ପରେ ଗୋରୁପଲଙ୍କ ଦାୟିତ୍ୱରେ ଥିବା ନିରଞ୍ଜନ ହରିଚନ୍ଦନଙ୍କୁ ପଚାରିବାରୁ କୁହନ୍ତି, ବାଂଲାଦେଶ ସୀମାରୁ ଉଦ୍ଧାର ଗୋରୁ ୨୫ଟିକୁ ବୋଲଗଡର ବ୍ରହ୍ମପୁରାସ୍ଥିତ ଜଙ୍ଗଲରେ ଗୋଶାଳା କରି ରଖିବାର ଲକ୍ଷ୍ୟ ରଖାଯାଇଥିଲା। ଏ ନେଇ ଧ୍ୟାନ ଫାଉଣ୍ଡେଶନ ଉକ୍ତ ଗୋରୁଙ୍କୁ ପ୍ରାୟ ୨୫ ଦିନ ତଳେ ଟେଷ୍ଟିଂ ଉଦ୍ଦେଶ୍ୟରେ ବ୍ରହ୍ମପୁରା ଜଙ୍ଗଲରେ ରଖିଥିଲେ। ମୋତେ ଗୋ ସେବକ ଭାବେ ନିଯୁକ୍ତି ମିଳିଛି। ୧୨ ତାରିଖରେ ଗୋଶାଳା ଆରମ୍ଭ କରିବାର ଥିଲା। ତେବେ ୩ ତାରିଖରେ ଫନୀ ଯୋଗୁ ଗୋରୁମାନେ ମୃତ୍ୟୁ ମୁଖରେ ପଡିଲେ। ତେବେ ମଝିରେ ୭୨ ଓ ୩୫ ଗୋରୁ ଏପରି ମୋଟରେ ୧୩୫ ଗୋରୁ ବ୍ରହ୍ମପୁର ଜଙ୍ଗଲରେ ରହିଛନ୍ତି। ଏବେ ୨୨ ଗୋରୁ ମରି ସାରିଲେଣି। ୫ ଗୋରୁ ଚିକିତ୍ସିତ ହେଉଛନ୍ତି। ଗୋରୁଙ୍କ ସେବାରେ ମୁଁ ଅବହେଳା କରୁନାହିଁ। ୮ ଘଣ୍ଟା ପାଇଁ କାର୍ଯ୍ୟ କରିବା ବଦଳରେ ୨୪ ଘଣ୍ଟାର ଡ୍ୟୁଟି କରିଚାଲିଛି। ତେବେ ଗୋରୁଙ୍କ କଷ୍ଟ ଦେଖି ମୁଁ ଚିନ୍ତିତ। ସମସ୍ତେ କହୁଛନ୍ତି ଗୋରୁମାନେ ଛଟପଟ ହେଉଛନ୍ତି। ହେଲେ କେହି ସେବା କରିବାକୁ ଆଗେଇ ଆସୁନାହାନ୍ତି। ୨୫ଟି ଗୋରୁ ନିଖୋଜ ବୋଲି ଭାବୁଛି। ହେଲେ ଏକୁଟିଆ ଯୋଗୁ ଗଣି ପାରିନି। ସ୍ଥାନୀୟ ଅଞ୍ଚଳରେ ଭୋଜିଥିବାରୁ ମୃତ ୫ଟି ଗୋରୁଙ୍କର ମୃତଦେହ ପୋତୁଥିଲି। କାଳେ ଦୁର୍ଗନ୍ଧ ଭୋଜିସ୍ଥଳକୁ ଚାଲିଯିବ। ଅନ୍ୟପକ୍ଷେ ଗୋ ସେବାରେ ଟିକିଏ ବିଳମ୍ବ ହୋଇଗଲା ବୋଲି ସେ କହିଛନ୍ତି। ଖୋର୍ଦ୍ଧା ସିଡିଭିଓ ନରେଶ ରଥ କୁହନ୍ତି, ବ୍ରହ୍ମପୁରା ଓ ଗୋପାଳିପଡା ମଧବର୍ତ୍ତୀ ଜଙ୍ଗଲରେ ଗୋରୁ ପଲ ଚରୁଛନ୍ତି। ଏଠାରେ ଗୋରୁପଲଙ୍କ ପାଇଁ ଖାଦ୍ୟର ଅଭାବ ରହିଛି। ଯେଉଁ ସଂସ୍ଥା ଏଠାରେ ଗୋଶାଳା ଖୋଲିଛନ୍ତି ଗୋରୁଙ୍କୁ ଖାଇବାକୁ ଦେଉନାହାନ୍ତି କାହିଁକି। ତଥାପି ପ୍ରାଣୀ ବିଭାଗ ପକ୍ଷରୁ ଚିକିତ୍ସା କରାଯାଉଛି। ଅଥଚ ଖାଇବାକୁ ଦିଆଯାଇ ପାରିବ ନାହିଁ। ଏ ସମ୍ପର୍କରେ ପୁରୁଣା ଓ ନୂଆ ଜିଲାପାଳଙ୍କୁ ଅବଗତ କରାଇଛି ବୋଲି କହିଛନ୍ତ। ବୋଲଗଡ ବିଡିଓ ମଧୁସୂଦନ ବେହେରା କୁହନ୍ତି ୨ ଦିନ ତଳେ ଖବରପାଇ ଗୋରୁଙ୍କୁ ଚେକ୍ କରାଯାଉଛି। ଯେଉଁ ସଂସ୍ଥା ଏଠାରେ ଗୋରୁଙ୍କୁ ରଖିଛି ତାର ଠିକଣା କେୟାରଟେକର ଦେଉନାହାନ୍ତି। ନିକଟରେ ଗୋଶଳା ନାହିଁ। ଏତେ ସଂଖ୍ୟକ ଗୋରୁଙ୍କୁ କେଉଁଠାରେ ରଖାଯିବ ଚିନ୍ତାର ବିଷୟ। ତଥାପି ଏ ନେଇ ଉପଜିଲାପାଳଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ନେବି ବୋଲି କହିଛନ୍ତି। ବୋଲଗଡ ଥାନା ଆଇଆଇସି ସେଖ୍ ଆବକର ଅଲ୍ଲୀ କୁହନ୍ତି, ଖବର ପାଇବା ପରେ ଘଟଣାସ୍ଥଳ ତଦନ୍ତ କରି ଫେରିଛନ୍ତି। ଗୋମାତା ପାଇଁ ସୁରକ୍ଷା ଓ ଗୋଶାଳା ନ କରି ଗୋରୁ ନ ଆଣିବାକୁ କହିଛନ୍ତି। ମୃତ ଗୋରୁଙ୍କୁ ପୋତିବାକୁ ପରାମର୍ଶ ଦେଇଛନ୍ତି।

## ବାଙ୍ଗାଲୋରରୁ ରିଲିଫ ପଠାଇଲେ ଓଡ଼ିଆ କର୍ମଚାରୀ



**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ 'ଫନୀ'ରେ ଓଡ଼ିଶା ଉପକୂଳବର୍ତ୍ତୀ ଜିଲାରେ ବହୁ କ୍ଷତି ଘଟିଛି। ବିଶେଷତଃ ଏହାର ପ୍ରଭାବ ପୁରୀ ଓ ଖୋର୍ଦ୍ଧା ଜିଲାରେ ଅଧିକ ଅନୁଭୂତ ହୋଇଛି। ବାତ୍ୟାର ୧୩ଦିନ ପରେ ବି ଅନେକ ଲୋକ ମୌଳିକ ଆବଶ୍ୟକତାଠାରୁ ଦୂରରେ ରହିଛନ୍ତି। ପାନୀୟ ଜଳ, ବିଦ୍ୟୁତ୍, ଯାତାୟାତ ସ୍ୱାଭାବିକ ହୋଇପାରି ନାହିଁ। ଏଭଳି ସ୍ଥିତିରେ ବାଙ୍ଗାଲୋର 'ମ୍ୟାନହାଟନ୍ ଆସୋସିଏଟ୍' ନାମକ ଏକ ଘରୋଇ ସଂସ୍ଥାର କେତେଜଣ ଓଡ଼ିଆ କର୍ମଚାରୀ ଇମେଲ ମାଧ୍ୟମରେ ଫନୀ ପୀଡ଼ିତଙ୍କ ପାଇଁ ସାହାର୍ଯ୍ୟ କାମନା କରିଥିଲେ। ଶତାଧିକ କର୍ମଚାରୀ ନିଜ ଦରମାର ସଂଗୃହୀତ ଅର୍ଥରେ ଚୁଡ଼ା, ଚିନି, ବିସ୍କୁଟ୍, ସୁଜି, ମ୍ୟାଗି, ସାବୁନ, ପେଷ୍ଟ, ଡେଟଲ୍, ମଶା ଅଗରବତି ଏବଂ ମହିଳା ଓ ଶିଶୁଙ୍କ ପାଇଁ ଜରୁରୀ ସାମଗ୍ରୀ କିଣି ବାଙ୍ଗାଲୋର ଓପିସି ରିଲିଫ୍ ଫଣ୍ଡରେ ଜମା କରିଥିଲେ। ମଙ୍ଗଳବାର ଏକ ଘରୋଇ ବିମାନରେ ସମସ୍ତ ସାମଗ୍ରୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ବିଭିନ୍ନ ରିଲିଫ କେନ୍ଦ୍ରକୁ ପଠାଯାଇଛି। ମ୍ୟାନହାଟନ ପକ୍ଷରୁ ପବିତ୍ର ପଟ୍ଟନାୟକ, ସୁମିତା ସାହୁ, ବିରଞ୍ଚି ଦାଶ, ସ୍ମୃତି ରଂଜନ ସାହୁ ଓ ପଲ୍ଲବୀ ପାଢ଼ୀ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

## ବାତ୍ୟା ସମୟରେ ୩ ହଜାରରୁ ଅଧିକ ରୋଗୀଙ୍କୁ ଆମ୍ବୁଲାନ୍ସ ସେବା

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଓ ଏହାର ପରବର୍ତ୍ତୀ ସମୟରେ ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ପକ୍ଷରୁ ବାତ୍ୟା ପ୍ରଭାବିତ ଅଞ୍ଚଳରେ ବ୍ୟାପକ ସେବା ଯୋଗାଇ ଦିଆଯାଇଛି। ବାତ୍ୟା ପୂର୍ବରୁ ଓ ଏହାର ପରବର୍ତ୍ତୀ ୪ ଦିନ ମଧ୍ୟରେ ପ୍ରଭାବିତ ୫ ଜିଲାରୁ ୩ ହଜାରରୁ ଅଧିକ ଆହତ ଓ ଗର୍ଭବତୀ ମହିଳା ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ସେବା ପାଇଛନ୍ତି। ମେ ୨ରୁ ୭ ମଧ୍ୟରେ ୧୦୮ ଆମ୍ବୁଲାନ୍ସରେ ୧୭୪୧ ଏବଂ ୧୦୨ରେ ୧୬୦୭ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଥିବା କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି।

ବାତ୍ୟାର ଗୋଟିଏ ଦିନ ପୂର୍ବରୁ ୧୦୮ ଓ ୧୦୨ ଆମ୍ବୁଲାନ୍ସରେ ବାତ୍ୟା ପ୍ରଭାବିତ ଅଞ୍ଚଳରୁ ରୋଗୀଙ୍କୁ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲାରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବାତ୍ୟା ଯୋଗୁ ଅନେକ ଅଞ୍ଚଳରେ ଯୋଗାଯୋଗ ଏବଂ ଗମନାଗମନ ବିଚ୍ଛିନ୍ନ ହୋଇଥିଲେ ମଧ ଆମ୍ବୁଲାନ୍ସ କର୍ମଚାରୀମାନେ ସବୁଠାରେ ସବୁ ସମୟରେ ପହଞ୍ଚିଥିବା କୁହାଯାଇଛି। ଏହାବ୍ୟତୀତ ବିଭିନ୍ନ ସ୍ଥାନରେ ରୋଗୀଙ୍କ ନିକଟରେ ପହଞ୍ଚିବା ପାଇଁ ଆମ୍ବୁଲାନ୍ସ କର୍ମଚାରୀଙ୍କ ଦ୍ୱାରା ରାସ୍ତା ସଫା ମଧ କରାଯାଇଥିଲା। ଯୋଗାଯୋଗରେ ଅସୁବିଧା ଯୋଗୁ ବହୁ ରୋଗୀଙ୍କୁ ସିଡିଏମ୍‌ଓ ଓ ଆମ୍ବୁଲାନ୍ସର କ୍ଲଷ୍ଟର ଲିଡରମାନଙ୍କ ମଧ୍ୟରେ ସିଧାସଳଖ କଥାବାର୍ତ୍ତା ମାଧ୍ୟମରେ ସେବା ଯୋଗାଇ ଦିଆଯାଇଥିବା କୁହାଯାଇଛି।



ସାରସ୍ୱତ ସମାରୋହରେ କବି ଡ. ହୁସେନ ରବିଗାନ୍ଧୀଙ୍କୁ କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ସମ୍ମାନ ପ୍ରଦାନ କରାଯାଉଛି।

## ସଚ୍ଚି ରାଉତରାୟଙ୍କ ସ୍ମୃତି ସନ୍ଧ୍ୟା

**କଟକ ଅଫିସ, ୧୫।୫**

**ହୁସେନ ରବିଗାନ୍ଧୀ ପାଇଲେ କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ସମ୍ମାନ**

କଟକ ସାରଳା ଭବନଠାରେ ବୁଧବାର ସାରଳା ସାହିତ୍ୟ ସଂସଦ ପକ୍ଷରୁ କବି ସଚ୍ଚି ରାଉତରାୟଙ୍କ ସ୍ମୃତିରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳକାନ୍ତ ମିଶ୍ର ଉଦ୍‌ଘାଟନ କରି କହିଲେ, ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ହେଉଛନ୍ତି ସଚ୍ଚି ରାଉତରାୟ। ସେ କେବଳ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ନୁହନ୍ତି ଜଣେ ଜୀବନଧର୍ମୀ କବି ବୋଲି ସେ କହିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକା ମନୋରମା ମହାପାତ୍ର ମୁଖ୍ୟଅତିଥି ଓ ଯଶସ୍ୱୀ କବି ଓ ପ୍ରଶାସକ ପ୍ରସନ୍ନ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଚିନ୍ମୟୀ ମହାପାତ୍ର କହିଥିଲେ, ସଚ୍ଚି ରାଉତରାୟ ଓଡ଼ିଆ କବିତା କ୍ଷେତ୍ରରେ ଯେଉଁ ପରୀକ୍ଷା ନିରୀକ୍ଷା କରିଯାଇଛନ୍ତି ତାହା ଆଗାମୀ ପିଢ଼ିପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତାଙ୍କ ରଚିତ ଛୋଟ ମୋର ଗାଆଁଟି, ବାଜିରାଉତ, ରାଜଜେମା, ପଲ୍ଲିଶ୍ରୀ, ମାଟିର ତାଜ, ମଶାଣିର ଫୁଲ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ଓଡ଼ିଆ ସାରସ୍ୱତ ଜଗତର ଏକ ମାଇଲଖୁମ୍ବ। ଏହି ଅବସରରେ ବିଶିଷ୍ଟ କବି ଡ. ହୁସେନ ରବିଗାନ୍ଧୀଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଡ. ସଞ୍ଜିତା ମିଶ୍ର ମାନପତ୍ର ପାଠ କରିଥିଲେ। ଶ୍ରୀହର୍ଷ ରାଉତରାୟ, କବି ଅମରେଶ ପଟ୍ଟନାୟକ, ଡ. ନୃସିଂହ ଷଡଙ୍ଗୀ, ଡ. ପ୍ରଭାତୀ ମିଶ୍ର ପ୍ରମୁଖ ସଚ୍ଚି ରାଉତରାୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବନଶ୍ରୀ ମହାପାତ୍ର, ବିଭୂପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

## ତାର, ବାଇକ୍ ଜବତ: ୨ ଗିରଫ

**କଟକ ଅଫିସ,୧୫।୫**

ସେସୁ ସବ୍‌ଷ୍ଟେଶନରୁ କପର୍ ତାର ଚୋରି କରିବା ଅଭିଯୋଗରେ ମର୍କତନଗର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଞ୍ଚଳର ପଦନ ଭୋଇ ଓ କଟକ ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ସରୋଜ ଭୋଇ। ପୋଲିସ ସେମାନଙ୍କଠାରୁ କପର୍ ତାର ଓ ଏକ ନମ୍ବର ବିହୀନ ବାଇକ ଜବତ କରିଛି। ଉକ୍ତ ତାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୭୩/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ ଅଞ୍ଚଳରେ ଥିବା ସେସୁର ଏକ ସବ୍‌ଷ୍ଟେଶନରୁ ଉକ୍ତ କପର୍ ତାର ଗତ ୧୩ ତାରିଖରେ ଚୋରି ହୋଇଥିଲା। ଏ ନେଇ ସେସୁର ଇଲେକ୍ଟ୍ରିକାଲ ଜେନେରାଲ ମ୍ୟାନେଜର ଗୋପାଳକୃଷ୍ଣ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ତାରକୁ କବାଡିଆ ଦୋକାନରେ ବିକ୍ରି କରିବା ପାଇଁ ଚୋରି କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ।



## ଏଜି ଅଡିଟ କର୍ମଚାରୀଙ୍କ ପକ୍ଷରୁ ପୁରୀରେ ରିଲିଫ ବଣ୍ଟନ

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ଆକାଉଣ୍ଟାଣ୍ଟ ଜେନେରାଲ ଅଡିଟ କର୍ମଚାରୀଙ୍କ ପକ୍ଷରୁ ପୁରୀର ରଘୁରାଜପୁର, ନାୟକପାଟଣା, ତଳଗାଁ ଓ ଗୋମତେଶ୍ୱର ଆଦି ୪ ଗ୍ରାମରେ ରିଲିଫ୍ ବଣ୍ଟନ କରାଯାଇଛି। ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ଡ. ଜ୍ୟୋତି ଚୌରାସିଆଙ୍କ ନେତୃତ୍ୱରେ ପି.ଡି. ଦାସ, ଅମରେନ୍ଦ୍ର ମହାପାତ୍ର, ସୁଶାନ୍ତ ସାହୁ, ଶିଶିର ସାହୁ, ବିଭୁଦତ୍ତ ସସାଣୀ, ପି.ସି. ଜେନାଙ୍କ ସମେତ ଅନେକ କର୍ମଚାରୀ ସେଠାରେ ରିଲିଫ୍ ବଣ୍ଟନ କରିଥିଲେ। ପାଖାପାଖି ଏକହଜାର ଶିଶୁଙ୍କ ପାଇଁ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ୍ ଉକ୍ତ ଗ୍ରାମଗୁଡ଼ିକରେ ବାଣ୍ଟିଥିଲେ। ଜିଲା ପ୍ରଶାସନର ଦାବି ମୁତାବକ ଶିଶୁଙ୍କ ପାଇଁ ପୋଷଣଯୁକ୍ତ ଖାଦ୍ୟ ସଂଗ୍ରହ କରାଯାଇ ବଣ୍ଟନ କରାଯାଇଥିଲା।



## ଗାନ୍ଧୀ ପୀଠରେ ରହଣି ଦିବସ

**ବାଲିଅନ୍ତା,୧୫।୫(ଡି.ଏନ୍.ଏ.)**–ବାଲିଅନ୍ତାସ୍ଥିତ ଗାନ୍ଧୀ ସ୍ମୃତି ପରିଷଦ ପକ୍ଷରୁ ଗାନ୍ଧୀ ପୀଠରେମହାତ୍ମାଗାନ୍ଧୀଙ୍କ୩ଦିନରରହଣିଉତ୍ସବବୁଧବାରପାଳିତହୋଇଯାଇଛି।ଗାନ୍ଧିଜୀ ୧୯୩୪ ମେ ୧ରେ ଉତ୍କଳ ପଦଯାତ୍ରା ସମୟରେ ବାଲିଅନ୍ତାର ନିକୁଞ୍ଜବିହାରୀ ମନ୍ଦିରରେ ୩ଦିନ ରହିଥିଲେ। ଏଥିରେ ଦିଲୀପ ସାହୁ, ପ୍ରଶାନ୍ତ ସାହୁ, ବିନୋଦ ସାହୁ, ପାଲାକାର ସୁରେନ୍ଦ୍ର ଛୋଟରାୟ, ନବୀନ ଚନ୍ଦ୍ର ସାହୁଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ଥିଲେ।




କୋଲକାତାରେ ଭାଜପା ଅଧକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ' ବେଳେ ତୃଣମୂଳ କଂଗ୍ରେସର ଆକ୍ରମଣ ବିରୋଧରେ ବୁଧବାର ଭୁବନେଶ୍ୱର ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ ନେତା ଓ କର୍ମୀ ମୁହଁରେ କଳାପଟି ବାନ୍ଧି ଧାରଣାରେ ବସିଛନ୍ତି।

## ଫନୀରେ ଭାଙ୍ଗିଛି ୧୨୫ ସ୍କୁଲଘର

**ବାଲକାଟୀ,୧୫।୫(ଡି.ଏନ୍.ଏ.)**

**୨କୋଟି ୬୩ ଲକ୍ଷ ଟଙ୍କାର କ୍ଷତି**

ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକର ୧୨୫ଟି ସ୍କୁଲଘର ଭାଙ୍ଗି ନଷ୍ଟ ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨କୋଟି ୬୩ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଆକଳନ କରାଯିବାର ଏକ ରିପୋର୍ଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଖୋର୍ଦ୍ଧା ଜିଲା ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କ କାର୍ଯ୍ୟାଳୟକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଏହାସହ ଜୁନ ୧୮ରେ ସ୍କୁଲ ଖୋଲିବା ପୂର୍ବରୁ ମରାମତି କରାଯିବା ପାଇଁ ଅନୁରୋଧ କରାଯାଇଛି। ବାତ୍ୟାରେ ବ୍ଲକର ମୋଟ ୧୨୫ ସ୍କୁଲ କ୍ଷୟକ୍ଷତି ହୋଇଥିବା ବେଳେ ସେଥିରୁ ୪୩ଟିରେ ସମ୍ପୂର୍ଣ୍ଣ କ୍ଷତି ଏବଂ ୮୨ଟି ସ୍କୁଲର ଆଂଶିକ କ୍ଷତି ଘଟିଛି। କେତେକ ସ୍କୁଲର ଛାତ ଓ କାନ୍ଥଗୁଡିକ ଉପରେ ଗଛ ପଡିଯିବାରୁ ଭାଙ୍ଗିରୁଜି ଯାଇଥିବା ବେଳେ ଅନେକ ସ୍କୁଲରେ ଆଜବେଷ୍ଟସ, କବାଟ, ଝରକା ମଧ ଭାଙ୍ଗି ନଷ୍ଟ ହୋଇଯାଇଛି। ୧୨୫ଟି ସ୍କୁଲ ମଧ୍ୟରୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଅନୁଦାନପ୍ରାପ୍ତ ସ୍କୁଲଥିବା ବେଳେ ବ୍ଲକର ୮ହଜାର ଛାତ୍ରୀଛାତ୍ର ଶିକ୍ଷାଦାନ କରୁଛନ୍ତି। ବାତ୍ୟା ସମୟରେ ଏହିସବୁ ସ୍କୁଲଗୁଡିକୁ ବାତ୍ୟା ଆଶ୍ରୟସ୍ଥଳୀ ଭାବେ ନିଆଯାଇଥିବା ବେଳେ ଭାଙ୍ଗିଯିବା ପରେ ଆଶ୍ରୟୀମାନେ ସ୍କୁଲଛାଡ଼ି ନିଜ ବାସସ୍ଥଳୀକୁ ଚାଲିଯାଇଛନ୍ତି। ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସ୍କୁଲଗୁଡିକର ପ୍ରଧାନଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିସରକୁ ପରିଷ୍କାର ଓ ପରିଚ୍ଛନ୍ନ କରାଯାଉଛି। ଅପରପକ୍ଷେ ଆସନ୍ତା ୧୮ରେ ଗ୍ରୀଷ୍ମଛୁଟି ସରି ସ୍କୁଲ ଖୋଲିବାକୁ ଥିବାବେଳେ ଭାଙ୍ଗିଯାଇଥିବା ସ୍କୁଲଗୁଡିକ ପୁନଃନିର୍ମାଣ ହୋଇ ଖୋଲିବା ନେଇ ଆଶା ଆଶଙ୍କାରେ ରହିଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ରଙ୍କୁ ପଚାରିବାରୁ କୁହନ୍ତି, ବାତ୍ୟାରେ ବ୍ଲକର ୧୨୫ଟି ସ୍କୁଲର କ୍ଷତି ସମ୍ପର୍କରେ ବିଡିଓ ଓ ଡିସିପିଙ୍କୁ ରିପୋର୍ଟ କରିଛୁ। ଆଶାକରୁଛି ଛୁଟି ମଧ୍ୟରେ ଗୁରୁତ୍ୱ ଦେଇ ଭଙ୍ଗା ସ୍କୁଲକୁ ସରକାର ମରାମତି କରିଦେଇ ପାଠପଢ଼ାକୁ ସ୍ୱାଭାବିକ କରିବେ।



ବାତ୍ୟାରେ ଭାଙ୍ଗିଯାଇଥିବା ବାଲିଅନ୍ତା ଅଞ୍ଚଳର ଏକ ବିଦ୍ୟାଳୟ।



ଦୀପିକା

ଅପେରା ହାଲଚାଲ

# ନିଆରା ଅଭିନେତା ସୁଜୟ

ମଞ୍ଚ ଉପରେ ତାଙ୍କୁ ଦେଖିଲେ ଦର୍ଶକଙ୍କ ମନରେ ଖେଳିଯାଏ ଖୁସିର ଲହରି। କାରଣ ତାଙ୍କ ଅଭିନୟ ସ୍ୱତନ୍ତ୍ରତା ପ୍ରଦର୍ଶିତ ନାଟକରେ ଭରିଦିଏ ରୋମାଞ୍ଚ। ଭୂମିକାଟି ଯାହା ହେଉ ନା କାହିଁକି ତାକୁ ସେ ଏପରି ଉପସ୍ଥାପନା କରନ୍ତି ଯାହା ଦର୍ଶକଙ୍କୁ ଦିଏ ଭିନ୍ନ ସ୍ୱାଦର ମନୋରଞ୍ଜନ। ଦିନ ଥିଲା ନାୟକ ଭାବରେ ସେ ଜଲିଉଡ୍‌ରେ ଦର୍ଶକଙ୍କର ନିକଟତର ହୋଇଥିଲେ। ଆଉ ଏବେ ଜଣେ ଚରିତ୍ର ଅଭିନେତା ଭାବରେ ସେ ନିଜର ଆସନକୁ ଏପରି ଦୃଢ଼ କରିଛନ୍ତି ଯାହା ଅନ୍ୟ କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି। ସେ ହେଲେ ଓଡ଼ିଆ ଯାତ୍ରା ଜଗତର ଅନ୍ୟତମ ଲୋକପ୍ରିୟ କଳାକାର ସୁଜୟ ମହାପାତ୍ର। ଦୀର୍ଘ ୪୦ବର୍ଷର ଯାତ୍ରା ଜୀବନର ଖଟାମିଠା ଅନୁଭୂତି ଆଜି ବି ତାଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ତୃତୀୟ ଶ୍ରେଣୀରେ ପଢ଼ିବା ସମୟରେ ସେ ପାଦ ଥାପନ୍ତି ମଞ୍ଚରେ। ତା'ପରେ କଲେଜରେ ଡ୍ରାମାଟିକ ସେକ୍ରେଟାରି ଦାୟିତ୍ୱ ତୁଲାଇବା ଏବଂ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହେବା ପରେ ଭବିଷ୍ୟତରେ ଅଭିନୟକୁ କ୍ୟାରିୟର କରିବା ନିଶା ଆହୁରି ଘାରେ। ଭୁବନେଶ୍ୱରସ୍ଥ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ଡିପ୍ଲୋମା ହାସଲ ପରେ ସେ ଯୋଗ ଦିଅନ୍ତି ଅନ୍ନପୂର୍ଣ୍ଣା ଥିଏଟରରେ। ମଞ୍ଚ ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରି ସେ ସାଉଁଟନ୍ତି ଅନେକ ସଫଳତା। ସୁଜୟଙ୍କ ଅପେରା ଜୀବନ ଆରମ୍ଭ ହୁଏ ତାରିଣୀ ଗଣନାଟ୍ୟରୁ। ପ୍ରଥମ ନାଟକ ଥିଲା 'କନିଆ ହଜିଛି ତମ ଗାଁରେ'। ପ୍ରଥମେ ନାୟକ ଭାବରେ ମିଳିଥିବା ସୁଯୋଗକୁ ଆଦୌ ହାତଛଡ଼ା କରନ୍ତି ନାହିଁ ସେ। ତା'ପରେ ମା', ତ୍ରିନାଥ, ପାର୍ବତୀ, ବାଘାଯତୀନ ଲୋକନାଟ୍ୟ, ସୋମନାଥ ଅପେରା, ଜଗଧାତ୍ରୀ, କଳିଙ୍ଗ, କୋଣାର୍କ ଆଉ ଏବେ ଯାତ୍ରା ସଚ୍ଚିଦାନନ୍ଦମରେ ପତ୍ନୀ ତଥା ଲୋକପ୍ରିୟ ଅଭିନେତ୍ରୀ ମିନୁଙ୍କ ସହ ଅଭିନୟ ଜାରି ରଖିଛନ୍ତି। ତ୍ରିନାଥ ଗଣନାଟ୍ୟରେ ଏହି ଯୋଡ଼ିଙ୍କୁ ପ୍ରଥମ ଥର ପାଇଁ ନାୟକ-ନାୟିକା ଭାବରେ ଦେଖିବାକୁ ମିଳିଥିଲା। ସୁଜୟଙ୍କ ସ୍ମରଣୀୟ ଅଭିନୟର ସାକ୍ଷରତା ବହନ କରୁଥିବା ୨୫୦ ନାଟକ ମଧ୍ୟରୁ 'ଜହ୍ନ ରାତିର ଝଡ଼, ମଇଳା କାଗଜ, ଅଚଳ ପଇସା, ବୁଢ଼ିଆଣୀ ଜାଲ, ଶବ ଉପରେ ମୋ ବାସର ରାତି', ଗୀତା ସୁନୀତା ମଧୁମିତା, ଭଲ ମଣିଷ ଖୋଜା ଚାଲିଛି' ଆଦି ଅନ୍ୟତମ। 'ଦିନ ଥିଲା ନାଟକ ଦେଖିଲେ ତାହା ଦର୍ଶକଙ୍କ ମନରେ ଦୀର୍ଘବର୍ଷ ଧରି ମନେ ରହୁଥିଲା। ହେଲେ ଏବେକାର ନାଟକରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଚରିତ୍ର ନାହିଁ କି କେତେକ କଳାକାରଙ୍କଠାରେ ନିଷ୍ଠା ଏବଂ ଚେଷ୍ଟାର ଅଭାବ ପରିଲକ୍ଷିତ ହେଉଛି। ଅଭିନୟ ତ ଚାଲିଛି। ଏହା ମୋ ପାଇଁ ଏପରି ଏକ ନିଶା ପାଲଟି ଯାଇଛି, ଯେଉଁଥିରୁ ମୁକୁଳିବା ସହଜ ନୁହେଁ। ଦର୍ଶକ ମୋ ପାଇଁ ସବୁକିଛି। ସେମାନଙ୍କୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ ବୋଲି କହନ୍ତି ବାଲେଶ୍ୱର ସୋର ଅନ୍ତର୍ଗତ ଦୁର୍ଗାପୁର ଗ୍ରାମରେ ଜନ୍ମିତ (ବାପା-ଗଙ୍ଗାଧର ମହାପାତ୍ର, ମା'-ପଦ୍ମାବତୀ) ସୁଜୟ।'



## ଦେବାନନ୍ଦଙ୍କ ଟାଇଟଲ ସିଲେକ୍ସନ



ଦେବାନନ୍ଦ-ହିନ୍ଦୀ ସିନେମା ଜଗତର ଅନ୍ୟତମ ମାଇଲଖୁଣ୍ଟ। ତାଙ୍କର ଅଭିନୟ କେତେ ହୃଦୟସ୍ପର୍ଶୀ ତାହା ଯିଏ ତାଙ୍କ ଅଭିନୀତ ଫିଲ୍ମ ଦେଖିଛି ସିଏ ହିଁ ଜାଣିଛି। ସେ କେବଳ ଜଣେ ଅଭିନେତା ନ ଥିଲେ ଜଣେ ସଫଳ ପ୍ରଯୋଜକ ମଧ୍ୟ ଥିଲେ। ଯେତେବେଳେ ସେ ସିନେମାଟିଏ ନିର୍ମାଣ କରିବାକୁ ଯାଆନ୍ତି ତନ୍ନ ତନ୍ନ କରି ଖବର କାଗଜ ପଢ଼ନ୍ତି। ଏହି ସମୟରେ ସେ ବିଶେଷ ଭାବରେ ନ୍ୟୁଜ୍ ହେଡଲାଇନ୍ ପ୍ରତି ଅଧିକ ଧ୍ୟାନ ଦିଅନ୍ତି। କାରଣ ତା' ଭିତରେ ଏକ ରୋଚକ କଥା ଲୁଚି ରହିଥାଏ। ସେହି ହେଡଲାଇନ୍‌ଗୁଡ଼ିକରୁ ହିଁ ଦେବାନନ୍ଦ ତାଙ୍କ ଫିଲ୍ମର ଟାଇଟଲ ଫାଇନାଲ କରିଥାଆନ୍ତି।

# ଦୀପିକାଙ୍କ ସ୍ଲିମ୍ ଟ୍ରିମ୍ ମିଶନ

ଦୀପିକା ପାଦୁକୋନ ଏବେ ନିଜ ସ୍ଲିମ୍ ଟ୍ରିମ୍ ମିଶନକୁ ନେଇ ବ୍ୟସ୍ତ। ସୀମିତ ସମୟ ଭିତରେ ତାଙ୍କୁ ଆହୁରି ସ୍ଲିମ୍ ହେବା ସହ ନିଜର ଫିଜିକାଲ ଫିଟନେସକୁ ଆହୁରି ଆକ୍ଟିଭ ରଖିବାକୁ ପଡ଼ିବ। ତେଣୁ ସେ ସବୁ କାମ କ୍ୟାନସେଲ କରି ସ୍ଲିମ୍ ଟ୍ରିମ୍ ମିଶନରେ ଲାଗିପଡ଼ିଛନ୍ତି। ତେଣୁ ତାଙ୍କର ଅଧିକାଂଶ ସମୟ ଏବେ ଜିମ୍‌ରେ ହିଁ କଟୁଛି। ତା'ସହ ପ୍ରତିଦିନ ଯୋଗ, ପ୍ରାଣାୟାମ ମଧ୍ୟ କରୁଛନ୍ତି। ବାକି ରହିଲା ଡାଏଟିଂ କଥା। ଏହାକୁ ନେଇ ସେ ଆରମ୍ଭରୁ ସଚେତନ ବୋଲି କହିଛନ୍ତି। ଏ ବିଷୟରେ ଦୀପିକା କହନ୍ତି, 'ନିଜେ ପ୍ରଥମେ ଫିଟ୍ ରହିବା ବଡ଼ କଥା। ଯା ଭିତରେ ମୋତେ କେତୋଟି ମେଗା ଇଭେଣ୍ଟରେ ଭାଗ ନେବାର ଅଛି। ତେଣୁ ତା' ପୂର୍ବରୁ ମୁଁ ନିଜ ଫିଜିକାଲ ଫିଟ୍‌ନେସ୍ ପ୍ରତି ଧ୍ୟାନ ଦେଉଛି। ଏଭଳି ମିଶନ ପଛରେ ଆଉ କିଛି କାରଣ ନାହିଁ।'



ଶ୍ରଦ୍ଧା

## ସମୟ ନାହିଁ

ଶ୍ରଦ୍ଧା କପୁର ଏବେ ପୂରା ବ୍ୟସ୍ତ। ଯେତିକି ଫିଲ୍ମ ସାଇନ୍ କରିଛନ୍ତି ତାହାର ଶୁଟିଂ କେମିତି ଶେଷ କରିବେ ସେ ନେଇ ଲାଗିପଡ଼ିଛନ୍ତି। ନିକଟରେ ସେ ଏକ ଫିଲ୍ମ ସାଇନ୍ କରିଛନ୍ତି, ଯାହାର ଫଟୋ ସେସନ ସମୟରେ ସେ ଏକଥା କହିଛନ୍ତି। 'ପ୍ରଥମେ ଯେତିକି ଫିଲ୍ମ ସାଇନ୍ କରିଛି ତାହାକୁ ଶେଷ କରିବା ପରେ ନୂଆ ସିନେମା କଥା ଚିନ୍ତା କରିବି। ଏଥିପାଇଁ ମୋତେ ୩-୪ଟି ଭଲ ଭଲ ଅଫର ହାତଛଡ଼ା କରିବାକୁ ପଡ଼ିଛି। ଯେହେତୁ ମୋ ପାଖରେ ସମୟ ନାହିଁ ତେଣୁ ଅଯଥାରେ ଗୁଡ଼ିଏ ଫିଲ୍ମ ସାଇନ୍ କରି କିଛି ଲାଭ ନାହିଁ। ଏବେ ମୁଁ କେତୋଟି ଭଲ ଷ୍ଟୋରି ସିଲେକ୍ସନ କରିଛି। ଯଦି କୌଣସି ପ୍ରଯୋଜକ ଏହାକୁ ନେଇ ସିନେମା ନିର୍ମାଣ କରିବାକୁ ମୋତେ ପ୍ରସ୍ତାବ ଦିଅନ୍ତି ତେବେ ମୁଁ ବହୁତ ଖୁସି ହେବି ବୋଲି କହନ୍ତି ଶ୍ରଦ୍ଧା।

## ଚୁଜି ହେବେ ଅନୁଷ୍କା

ଅନୁଷ୍କା ଶର୍ମା ଆଉ ତରତର ହୋଇ ଆଗେଇବେ ନାହିଁ। କାରଣ ଆକ୍ଟିଂ କ୍ୟାରିୟର ଯାହା ଥିଲା ଛାଡନ୍ତୁ, କେତୋଟି ଫିଲ୍ମ ପ୍ରଯୋଜନା କରି ସେ ଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ତାହା ନ କହିବା ଭଲ। ସିନେମାଗୁଡିକ ଫ୍ଲପ ତାଲିକାଭୁକ୍ତ ହେବା ପରେ ଏବେ ତାଙ୍କ ମନ ଘର ଧରିଛି। ଆଉ ତରବର ହୋଇ ସିନେମା ସାଇନ୍ କରିବେ ନାହିଁ କି ଫିଲ୍ମଟିଏ ପ୍ରଯୋଜନା କରିବେ ନାହିଁ। ଏହା ପୂର୍ବରୁ ଶହେ ଥର ଚିନ୍ତା କରିବେ। ଜାଣିଶୁଣି କେତେକ ଭୁଲକୁ ଗୁରୁତ୍ୱ ନ ଦେବାକୁ ଏପରି ଦଶା ତାଙ୍କୁ ଭୋଗିବାକୁ ପଡିଛି ବୋଲି କହିଛନ୍ତି ଅନୁଷ୍କା। ତେବେ ଏଣିକି ମାପିଚୁପି ଚାଲିବାକୁ ମାଇଣ୍ଡ ମେକ୍‌ଅପ କରିଥିବା ଏହି ଅଭିନେତ୍ରୀ ତାଙ୍କ କଥାରେ କେତେ ଦୃଢ଼ ରହୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।

## ଫନୀକୁ ନେଇ ସିନେମା



ସନ୍ତୋଷ ପଣ୍ଡା

ନିକଟରେ ବାତ୍ୟା 'ଫନୀ' ଆମ ରାଜ୍ୟର କେତେକ ଅଞ୍ଚଳରେ ପ୍ରଳୟ ରଚାଇ ସାରିଛି। ବିଶେଷ ଭାବରେ ଏଥିରେ ପୁରୀ ଏବଂ ଖୋର୍ଦ୍ଧା ଜିଲା ଅଧିକ ପ୍ରଭାବିତ ହୋଇଛି। ଏହାର ଅନୁଭୂତିକୁ ଚଳଚ୍ଚିତ୍ରର ରୂପ ଦେବାକୁ ଅଣ୍ଟା ଭିଡିଛନ୍ତି ନିର୍ଦ୍ଦେଶକ ସନ୍ତୋଷ ପଣ୍ଡା। ଏହାର ପ୍ରାରମ୍ଭିକ କାମ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ସନ୍ତୋଷ କହନ୍ତି, 'ଏହି ବାତ୍ୟା ଦେଖିବା ପରେ ଏହାକୁ ନେଇ ଏକ ସିନେମା ନିର୍ମାଣ କରିବାକୁ ସ୍ଥିର କରିଛି। ସ୍ୱଳ୍ପ ସମୟ ଭିତରେ କାହାଣୀ ପ୍ରସ୍ତୁତ କରି ସ୍କ୍ରିପ୍ଟିଂ କାମ ଚାଲିଛି। ସିନେମାଟି କିପରି ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କ ମନକୁ ଛୁଇଁବ ସେ ନେଇ ଯଥାସମ୍ଭବ ଚେଷ୍ଟା କରାଯିବ। ଏହାର କାଷ୍ଟିଂ ଏବଂ ଅନ୍ୟାନ୍ୟ କାମ ଶେଷ ହେବା ପରେ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ।'

ନୂଆ ସିନେମା

# ତୁ ମୋ ଲଭ୍ ଷ୍ଟୋରି-୨



ଭୂମିକା-ଅନୁ

ଥରେ ମନେ ପକାନ୍ତୁ ନା ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋ ଲଭ୍ ଷ୍ଟୋରି'କୁ। ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ନବାଗତ ଯୋଡ଼ି ସ୍ୱରାଜ-ଭୂମିକାଙ୍କୁ ଏହି ଫିଲ୍ମରେ ବ୍ରେକ୍ ମିଳିଥିଲା। ଟିନ୍ ଏଜ ଲଭ ଷ୍ଟୋରି ଉପରେ ପ୍ରସ୍ତୁତ ଏହି ଚିତ୍ରଟି ହିଟ୍ ହୋଇଥିଲା। ଆଉ ଏବେ ଏହି ବ୍ୟାନରରେ ଏହାର ସିକ୍ୱେଲର ଶୁଟିଂ ଚାଲୁ ରହିଛି, ଯାହାର ଟାଇଟଲ ହେଲା 'ତୁ ମୋ ଲଭ୍ ଷ୍ଟୋରି-୨'। ଖାସ୍ କଥା ହେଲା ପ୍ରଯୋଜକ ସୁଧାଂଶୁ ମୋହନ ସାହୁ ଏବଂ ନିର୍ଦ୍ଦେଶକ ତାପସ ଏଥିରେ ପୁଣି ଥରେ ସ୍ୱରାଜ-ଭୂମିକା ଯୋଡିକୁ ରିପିଟ୍ କରିଛନ୍ତି। ସ୍ୱରାଜ ଏହି ଫିଲ୍ମରେ ଜଣେ ମ୍ୟୁଜିକ ଲଭର ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ବେଳେ ଭୂମିକାକୁ ମିଳିଛି ଏକ ଭିନ୍ନ ଧରଣର ରୋଲ୍। ଏହି କ୍ୟାରେକ୍ଟରରେ ରୋମାଣ୍ଟିକ ଥିଲେ ମଧ୍ୟ ମେମୋରିକୁ ନେଇ ସସ୍‌ପେନ୍ସ ରହିଛି। ଆଣ୍ଡାମାନରେ ଏହାର ୧୨ଦିନବ୍ୟାପୀ ଶୁଟିଂ ପରେ ଏବେ ବାରିପଦାରେ ଏକ ଗୀତର ଶୁଟିଂ ଚାଲୁ ରହିଛି। ଏଥିରେ ସଂଯୋଜିତ ଗୀତଗୁଡିକ ଦର୍ଶକଙ୍କୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ। ଏହି ଫିଲ୍ମରେ ଏକ ହୋଲି ଗୀତର ମଜା ଦର୍ଶକ ପାଇବେ ବୋଲି ସୂଚନା ଦେଇଛନ୍ତି ପ୍ରେମ। ପୂର୍ବରୁ ବେଶ୍ କେତୋଟି ସିନେମାରେ ଶିଶୁ କଳାକାର ଭାବରେ ଅଭିନୟ କରିଥିବା ଭୂମିକାଙ୍କୁ ନାୟିକା ଭାବରେ 'ତୁ ମୋ ଲଭ୍ ଷ୍ଟୋରି'ରେ ବ୍ରେକ୍ ମିଳିଥିଲା। ସ୍ୱରାଜ-ଭୂମିକା ଯୋଡି ବ୍ୟତୀତ ଏହି ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ, ଶୁଭାଶିଷ ଶର୍ମା (ମଣ୍ଟୁ) ଏବଂ ପାର୍ଥ ସାରଥି ରାୟ ଆଦି କଳାକାର ଅଭିନୟ କରୁଛନ୍ତି।

Dollar 70.34 (10) | Sensex 203.65 37,114.88 | Nifty 65.05 11,157.00 | Gold ₹135 33,260.00 | Silver ₹100 38,200.00



“ପାନାସୋନିକ ଇଣ୍ଡିଆ ଏହାର ବ୍ୟବସାୟ ଅଭିବୃଦ୍ଧି ଲାଗି ବିଭିନ୍ନ ସେଗ୍‌ମେଣ୍ଟରେ ବିବିଧତା ଆଣିବା ଆରମ୍ଭ କରିଛି। କମ୍ପାନୀ ଏବେ ଏନର୍ଜି ସେଗ୍‌ମେଣ୍ଟ ଉପରେ ଅଧିକ ଜୋର୍ ଦେଉଛି।

– ମନୀଷ ଶର୍ମା, ପ୍ରେସିଡେଣ୍ଟ ତଥା ସିଇଓ, ପାନାସୋନିକ ଇଣ୍ଡିଆ



“ମୁରୁଗାପ୍ପା ଗ୍ରୁପ୍ ଅର୍ଥନିବେଶ ପ୍ରତି ଏହାର ବଚନବଦ୍ଧତା ଦୋହରାଇବ। ନିଜର କ୍ଷମତା ଓ ଦକ୍ଷତା ବୃଦ୍ଧି ଲାଗି ନିବେଶ ବୃଦ୍ଧି ଠିକ୍ ରାସ୍ତାରେ ଚାଲିଛି।

–ଏମ୍.ଏମ୍. ମୁରୁଗାପ୍ପାନ, ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ, ମୁରୁଗାପ୍ପା ଗ୍ରୁପ୍



## ସଂକ୍ଷେପରେ

### ବିମଳ ଝା ପାରାଦୀପ ବନ୍ଦର ସଚିବ

ପାରାଦୀପ,୧୫।୫(ସ୍ୱ.ପ୍ର.): ପାରାଦୀପ ବନ୍ଦରରେ ଦୀର୍ଘଦିନ ହେଲା ଖାଲିପଡ଼ିଥିବା ସଚିବ ପଦବୀ ଏବେ ପୂରଣ ହେବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ଅନୁସାରେ କାଣ୍ଡଲା ପୋର୍ଟ (ଦୀନଦୟାଲ)ର ସଚିବ ଥିବା ବିମଳ କୁମାର ଝାଙ୍କୁ ପାରାଦୀପ ବନ୍ଦର ସଚିବ ଭାବେ ବଦଳି କରାଯାଇଛି। ଚଳିତ ୯ରେ ଏହି ଅର୍ଡର ବାହାରିଥିଲେ ହେଁ ଏବେ ସୁଦ୍ଧା ସେ ପାରାଦୀପ ବନ୍ଦରରେ ଯୋଗ ଦେଇନାହାନ୍ତି। ବୁଧବାର ତାଙ୍କର ଯୋଗଦେବାର ଥିଲା। କୌଣସି କାରଣବଶତଃ ଝା ଆସିପାରିନାହାନ୍ତି ବୋଲି ବନ୍ଦର ଲୋକ ସମ୍ପର୍କ ଅଧିକାରୀ ପ୍ରକାଶ ମିଶ୍ର କହିଛନ୍ତି। ପାରାଦୀପ ବନ୍ଦରର ସଚିବ ଥିବା ଯୁ.ଆର.ମୋହନରାଜୁଙ୍କୁ ମାସେ ତଳେ ଚେନ୍ନାଇ ପୋର୍ଟକୁ ବଦଳି କରାଯାଇଛି। ସେବେଠାରୁ ଉକ୍ତ ପଦବୀ ଖାଲି ପଡିଥିଲା।

### କୋଟିଏ ଲୋକଙ୍କୁ ନିଯୁକ୍ତି ଲାଗି ବ୍ଲୁପ୍ରିଣ୍ଟ



ନୂଆଦିଲ୍ଲୀ,୧୫-୫: ଦେଶରେ ଇଲେକ୍ଟ୍ରିକ ଯାନ ପ୍ରଚଳନକୁ ପ୍ରୋତ୍ସାହିତ କରିବାକୁ ଯାଇ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର କର୍ମବଳ ସୃଷ୍ଟି କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏହି ମିଶନକୁ ସଫଳତା ପୂର୍ବକ ଲାଗୁ କରାଗଲେ ଦେଶରେ ପ୍ରାୟ ୧ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡିଛି। ମିଶନକୁ ସଫଳ କରିବା ଉଦ୍ଦେଶ୍ୟରେ ଏକ କୁଶଳୀ କର୍ମଶକ୍ତି ତିଆରି କରିବା ପାଇଁ ସରକାର ଅଣ୍ଟାଭିଡ଼ିଛନ୍ତି। ଏହି କ୍ଷେତ୍ରରେ ବିଶେଷଜ୍ଞ ଥିବା କର୍ମବଳ ତିଆରି କରାଯିବ। ଏଥିଲାଗି ଡିଜାଇନ ଏବଂଟେଷ୍ଟିଙ୍ଗ, ବ୍ୟାଟେରି ମାନୁଫାକ୍‌ଚରିଂ ସହିତ ମ୍ୟାନେଜମେଣ୍ଟ, ସେଲ୍ସ, ସର୍ଭିସେସ୍ ଏବଂ ଭିତ୍ତିଭୂମି ଭଳି କ୍ଷେତ୍ରରେ ନୂଆ ନିଯୁକ୍ତି ସୃଷ୍ଟି କରାଯିବ। ଏହାବ୍ୟତୀତ ଅଟୋମୋଟିଭ ମିଶନ ପ୍ଲାନ ୨୦୨୬ରେ ଅଟୋ ସେକ୍ଟରରେ ଅତିରିକ୍ତ ୬.୫୦ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି। ଇ-ଯାନ କ୍ଷେତ୍ରରେ ମାନବ ସମ୍ବଳର ଚାହିଦା ପୂରଣ କରିବା ଲାଗି କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଏକ ଯୋଜନା ପ୍ରସ୍ତୁତିରେ ଲାଗି ପଡିଛି। ଏଥିଲାଗି ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଛି, ଯାହାଦ୍ୱାରା ଇଲେକ୍ଟ୍ରିକ ଯାନ କ୍ଷେତ୍ରରେ ଚାହିଦା ପୂରଣ କରାଯାଇପାରିବ। ଏକ ନିଶ୍ଚିତ ସମୟାବଧିରେ ନୂଆ କାର୍ଯ୍ୟବଳ ସୃଷ୍ଟି କରିବା ଉପରେ କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ନଜର ରଖିବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

### ଏପ୍ରିଲରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି

ନୂଆଦିଲ୍ଲୀ,୧୫-୫: ଦେଶର ରପ୍ତାନି ଏପ୍ରିଲରେ ୦.୬୪% ବୃଦ୍ଧି ପାଇ ୨୬ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଏହି ଅବଧିରେ ଆମଦାନୀ ୪.୫%ବୃଦ୍ଧି ପାଇ ୪୧.୪ ବିଲିୟନ ଡଲାର ହୋଇଛି। ବୁଧବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଏହା ଜଣାପଡିଛି। ଫଳରେ ଦେଶର ବାଣିଜ୍ୟ ନିଅଣ୍ଟ ଏପ୍ରିଲରେ ୧୫.୩୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି; ଯାହା କି, ଗତବର୍ଷର ଏହି ଅବଧିରେ ୧୩.୭୨ ବିଲିୟନ ଡଲାର ଥିଲା। ଆଲୋଚ୍ୟ ମାସରେ ଦେଶର ଅଶୋଧିତ ତୈଳ ଆମଦାନୀ ୯.୨୬% ବୃଦ୍ଧି ପାଇ ୧୧.୩୮ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଅଣତୈଳ ସାମଗ୍ରୀ ଆମଦାନୀ ୨.୭୮% ବଢ଼ିଛି। ସେହିପରି ଏପ୍ରିଲରେ ସୁନା ଆମଦାନୀ ୫୪% ସହ ୩.୯୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

### ମାଲ୍ୟା, ମୋଦିଙ୍କ ପ୍ରତ୍ୟର୍ପଣ ତଥ୍ୟ ଦେଲାନି ଏମ୍‌ଇଏ

ନୂଆଦିଲ୍ଲୀ,୧୫-୫: ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଏବଂ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ତଥ୍ୟ ଦେବାକୁ ମନା କରିଦେଇଛନ୍ତି ବୈଦେଶିକ ମନ୍ତ୍ରଣାଳୟ(ଏମ୍‌ଇଏ)। ଏ ସମ୍ପର୍କରେ ଆର୍‌ଟିଆଇରେ ପ୍ରଶ୍ନ ପଚାରାଯାଇଥିଲା ବେଳେ ଏହି ଆଇନର ଦ୍ୱାହି ଦେଇ ବୈଦେଶିକ ମନ୍ତ୍ରଣାଳୟ ଉକ୍ତ ତଥ୍ୟ ଦେବ ନାହିଁ ବୋଲି କହିଛି। ଆର୍‌ଟିଆଇ ଉତ୍ତରରେ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ମାଲ୍ୟା ଓ ମୋଦିଙ୍କୁ ପ୍ରତ୍ୟର୍ପଣ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ରିଟେନକୁ ଅନୁରୋଧ କରାଯାଇଛି। ଏବେ ବ୍ରିଟେନ ସରକାର ଏ ସମ୍ପର୍କରେ ବିଚାର କରୁଛନ୍ତି।

# ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ନଗଦ ସଙ୍କଟ

ନୂଆଦିଲ୍ଲୀ,୧୫-୫



- ସରକାରଙ୍କ ଖର୍ଚ୍ଚହ୍ରାସ କାରଣରୁ ୪୦,୮୫୯ କୋଟି ନଗଦ ଅଭାବ
- ବର୍ଷକ ପୂର୍ବରୁ ୧୫,୮୫୭ କୋଟି ବଳକା ଥିଲା
- ମେ ୧୩ରେ ସରକାରଙ୍କ ଥିଲା ୪୪,୩୧୫ କୋଟି ବଳକା ନଗଦ
- ଜୁନ୍‌ରୁ ସଙ୍କଟ ଟଳିବା ସମ୍ଭାବନା

ଦେଶରେ ସାଧାରଣ ନିର୍ବାଚନ କାରଣରୁ କେନ୍ଦ୍ର ସରକାର ଖର୍ଚ୍ଚ କମାଇ ଦେଇଛନ୍ତି। ଫଳରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ୪୦,୮୫୯ କୋଟି ଟଙ୍କାର ନଗଦ ସଙ୍କଟ ଦେଖାଦେଇଛି। ପୂର୍ବବର୍ଷ ଏହି ଅବଧିରେ ୧୫,୮୫୭ କୋଟି ଟଙ୍କା ବଳକା ଥିଲା ବୋଲି ବ୍ଲୁମବର୍ଗ ଏକ ରିପୋର୍ଟ ପ୍ରକାଶ କରିଛି।

ଏସ୍‌ବିଆଇର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତି ଘୋଷ ଉକ୍ତ ରିପୋର୍ଟକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ସରକାର ଏପ୍ରିଲରେ ଖର୍ଚ୍ଚ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ। ଏହି କାରଣରୁ ଏବେ ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ଅପ୍ରତ୍ୟାଶିତ ଭାବେ ନଗଦ ସଙ୍କଟ ଦେଖାଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ରେପୋ ରେଟ୍ ହ୍ରାସ କରିଥିଲେ ମଧ୍ୟ ଏହି କାରଣରୁ ଲୋକେ ଏହାର ଫାଇଦା ପାଇଲେ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଅର୍ଥନୀତିରେ ଅଭିବୃଦ୍ଧି ଲାଗି ଆର୍‌ବିଆଇ ଗତ ଦୁଇଟି ମୁଦ୍ରାନୀତିରେ ରେପୋ ରେଟ୍‌କୁ ୦.୨୫% ହିସାବରେ ଦୁଇଥର ବୃଦ୍ଧି କରିଥିଲେ। କିନ୍ତୁ ନଗଦ ସଙ୍କଟ କାରଣରୁ ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ ହାର ହ୍ରାସ କରିବାରେ ଅସମର୍ଥ ହେଲେ। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞ ଉପାସନା ଭରଦ୍ୱାଜ କହିଛନ୍ତି, ଏପ୍ରିଲରେ ବ୍ୟାଙ୍କିଙ୍ଗ ସିଷ୍ଟମରେ ନଗଦ ଅଭାବ ଚକିତ କରିଛି। ସରକାର ଖର୍ଚ୍ଚ ହ୍ରାସ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ୨ ସପ୍ତାହ ଭିତରେ ସିଷ୍ଟମରେ ନଗଦ ହ୍ରାସ ଆହୁରି ବଢ଼ିବ ବୋଲି ତାଙ୍କର ମତ। ତେବେ ଏପ୍ରିଲ ତୁଳନାରେ ଏବେ ନଗଦ ସ୍ଥିତି ଅଧିକ ଉନ୍ନତ ହୋଇଛି। ଗତ ମାସରେ ଏହା ୧.୪୯ ଲକ୍ଷ କୋଟି ଟଙ୍କା ପହଞ୍ଚିଯାଇଥିଲା। ଏହାପରେ ଆର୍‌ବିଆଇ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅଧିକ ନଗଦ ବଢ଼ାଇଥିଲେ। କେନ୍ଦ୍ରରେ ନୂଆ ସରକାର ଆସିବା ପରେ ଜୁନ୍‌ରୁ ସ୍ଥିତି ସ୍ୱାଭାବିକ ହେବା ଆରମ୍ଭ କରିବ ବୋଲି ଘୋଷ ପ୍ରକାଶ କରିଛନ୍ତି। ଭରଦ୍ୱାଜ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ନୂଆ ସରକାର ଖର୍ଚ୍ଚ କରିବା ଆରମ୍ଭ କରିବା ମାତ୍ରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନଗଦ ବଳକା ହେବ। ମେ ୧୩ରେ କେନ୍ଦ୍ରର ବଳକା ପରିମାଣ ୪୪,୩୧୫ କୋଟି ଟଙ୍କା ଥିଲା। ଅନ୍ୟପକ୍ଷରେ ଗତବର୍ଷ ଏହି ସମୟରେ ଏହା ଶୂନ ଥିଲା। କେନ୍ଦ୍ର ନିକଟରେ ଏତେ ପରିମାଣ ନଗଦ ରହିବା ଅର୍ଥ ଏହା ଖର୍ଚ୍ଚ କାଟ କରିଛି। ଏପ୍ରିଲ ୩୦ ସୁଦ୍ଧା ବଳକା ୭୯,୪୦୦ କୋଟି ଟଙ୍କା ଥିଲା। କେୟାର ରେଟିଙ୍ଗସ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନବୀସ୍ କହିଛନ୍ତି, ନଗଦ ସଙ୍କଟ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲେ ସରକାରୀ ବଣ୍ଡ ସୁଧ ହାର ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଆର୍‌ବିଆଇ ପକ୍ଷରୁ ରେପୋ ରେଟ୍ ହ୍ରାସର କୌଣସି ଫାଇଦା ମିଳିବ ନାହିଁ। ବର୍ତ୍ତମାନ ଋଣ ଅଭିବୃଦ୍ଧି ଜମାଠାରୁ ବହୁ ଅଧିକ ହୋଇଗଲାଣି। ଏହି କାରଣରୁ ମଧ୍ୟ ବ୍ୟାଙ୍କିଙ୍ଗ ସିଷ୍ଟମରେ ନଗଦ ସଙ୍କଟ ଦେଖାଦେଇଛି। ସେ କହିଛନ୍ତି, ଆର୍ଥିକ ବର୍ଷ ୨୦୧୮ ପରେ ଏପ୍ରିଲ ୨୬ ସୁଦ୍ଧା ବ୍ୟାଙ୍କଗୁଡ଼ିକର ଋଣ ଅଭିବୃଦ୍ଧି ୧୩ ପ୍ରତିଶତ ଥିଲା ବେଳେ ଜମା ୯.୭% ରହିଛି। ଅନ୍ୟପକ୍ଷରେ ଆର୍‌ବିଆଇ ସିଷ୍ଟମରେ ଅଧିକ ନଗଦ ପହଞ୍ଚାଇବା ଲକ୍ଷ୍ୟରେ ଓପନ ମାର୍କେଟ ଅପରେଶନ୍ସ(ଓଏମ୍‌ଓ) ଜରିଆରେ ସରକାରୀ ବଣ୍ଡ କିଣିଛି। ଆର୍‌ବିଆଇ ଡଲାର-ଟଙ୍କା ଅଦଳବଦଳ ଜରିଆରେ ମଧ୍ୟ ବ୍ୟାଙ୍କିଙ୍ଗ ସିଷ୍ଟମରେ ୧୦ ବିଲିୟନ ଡଲାର ଭାରତୀୟ ଟଙ୍କା ବଜାରରେ ପ୍ରବେଶ କରାଇଛି।

# ଧୀରେ ଧୀରେ କମୁଛି ଏଟିଏମ୍

ନୂଆଦିଲ୍ଲୀ,୧୫-୫



ସାରା ଦେଶରେ ଏଟିଏମ୍ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ଲାଭ କମିବା କାରଣରୁ ବ୍ୟାଙ୍କ ଏବଂ ଘରୋଇ କମ୍ପାନୀଗୁଡ଼ିକ ଏଟିଏମ୍ ବନ୍ଦ କରିବା ଆରମ୍ଭ କରିଛନ୍ତି। ତେବେ ଏଥିରେ ଟ୍ରାଞ୍ଜାକଶନ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଜାରି ଆର୍‌ବିଆଇ ତଥ୍ୟ ଅନୁଯାୟୀ, ୨୦୧୧ ପରେ ଗତ ୨ ବର୍ଷରେ ହିଁ ଏଟିଏମ୍ ସଂଖ୍ୟା ହ୍ରାସ ପାଇଛି। ଆର୍‌ବିଆଇ ତଥ୍ୟ ଅନୁସାରେ ୨୦୧୧ରେ ଦେଶରେ ମୋଟ ଏଟିଏମ୍ ସଂଖ୍ୟା ୭୫,୬୦୦ ଥିଲା ବେଳେ ୨୦୧୭ ସୁଦ୍ଧା ଏହା ବୃଦ୍ଧି ପାଇ ୨ ଲକ୍ଷ ୨୨ ହଜାର ୫୦୦ରେ ପହଞ୍ଚିଯାଇଥିଲା। ଏହାପରେ ଗତ ୨ ବର୍ଷରେ ଏଟିଏମ୍ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏଟିଏମ୍ ସଂଖ୍ୟା ୮୦୦ ହ୍ରାସ ପାଇ ୨,୨୧,୭୦୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ୨୦୧୭ରେ ଦେଶରେ ୭୧.୦୬ କୋଟି ଥର ଏଟିଏମ୍ ବ୍ୟବହାର ହୋଇଥିଲା ବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୮୯.୨୩ କୋଟି ଥର ହୋଇଛି। ଅର୍ଥାତ୍ ଗତ ୨ ବର୍ଷରେ ଏଟିଏମ୍‌ରେ ୧୮.୧୭ କୋଟି ଥର ଟ୍ରାଞ୍ଜାକଶନ ହୋଇଛି। ଏ ସମ୍ପର୍କରେ ଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି ମହାନିର୍ଦ୍ଦେଶକ ଲଳିତ ସିହ୍ନା କହିଛନ୍ତି ଯେ, ଆର୍‌ବିଆଇ ଏବଂ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏଟିଏମ୍ ପରିଚାଳନା ଓ ଟ୍ରାଞ୍ଜାକଶନ ନିୟମକୁ ଅଧିକ କଠୋର କରାଯିବାରୁ ଏହାର ଖର୍ଚ୍ଚ ବଢ଼ିଯାଇଛି। ଏବେ ଏଟିଏମ୍ ଦେଖାଶୁଣା କରିବା ଲାଗି ଗତବର୍ଷ ଅପେକ୍ଷା ୪୦% ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏଟିଏମ୍ ସଂଖ୍ୟା ହ୍ରାସ ପାଉଥିବାରୁ ଲୋକେ ଅଧିକ ମାତ୍ରାରେ ମୋବାଇଲ ବ୍ୟାଙ୍କିଙ୍ଗ ଉପରେ ଭରସା କରିବେ ବୋଲି ଫେଡେରାଲ ବ୍ୟାଙ୍କ ଲିମିଟେଡର ଚିଫ୍ ଫାଇନାନ୍ସିଆ ଅଫିସର ଆଶୁତୋଷ ଖଜୁରିଆ କହିଛନ୍ତି।

# ନଜରରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା

ନୂଆଦିଲ୍ଲୀ,୧୫-୫

**ଆଇଏଲ୍‌ଆଣ୍ଡଏଫ୍‌ଏସ୍ ସଙ୍କଟ**

ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍) ରେ ଦେଖାଦେଇଥିବା ସଙ୍କଟ ମୂଳରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ସରକାରଙ୍କ ସନ୍ଦେହ ଯେ, ସେମାନେ ନିଜ କାର୍ଯ୍ୟ ସୁଚାରୁରୂପେ ତୁଲାଇବାରେ ବିଫଳ ହେବାରୁ ଆଇଏଲ୍‌ଆଣ୍ଡଏଫ୍‌ଏସରେ ସଙ୍କଟ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆଇଏଲ୍‌ଆଣ୍ଡଏଫ୍‌ଏସର ସମସ୍ତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକାର ଯାଞ୍ଚ କରିବାକୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ବିଚାର କରୁଛି। ଏକାଧିକ ଗ୍ରୁପ୍ କମ୍ପାନୀ ବକେୟା ଋଣ ଫେରସ୍ତ ଦେବାରେ ବିଫଳ ହେବା କାରଣରୁ ଆଇଏଲ୍‌ଆଣ୍ଡଏଫ୍‌ଏସ ଉପରେ ଏବେ ପ୍ରାୟ ୯୪ ହଜାର କୋଟି ଟଙ୍କାର ଋଣଭାର ରହିଛି। ଆଇଏଲ୍‌ଆଣ୍ଡଏଫ୍‌ଏସ ସଙ୍କଟ ପାଇଁ ଦାୟୀ ଏକାଧିକ ଅଡିଟର, କ୍ରେଡିଟ ରେଟିଂ ଏଜେନ୍ସି ଓ ପୂର୍ବତନ ଅଧିକାରୀଙ୍କ ପରେ ଏବେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି।

# ୨୫୦ କମ୍ପାନୀକୁ ଜରିମାନା କଲା ଏନ୍‌ଏସ୍‌ଇ

ମୁମ୍ବାଇ,୧୫-୫



ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବାର ନିୟମ ତଥା ଅନ୍ୟାନ୍ୟ ବହୁ କାରଣରୁ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ମାର୍ଚ୍ଚ ତ୍ରୈମାସରେ ୨୫୦ କମ୍ପାନୀଠାରୁ ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିବା ବେଳେ ବହୁ କମ୍ପାନୀକୁ ନୋଟିସ ଜାରି କରିଛି। ଜରିମାନା ଆଦାୟ ହୋଇଥିବା ବଡ଼ କମ୍ପାନୀଙ୍କ ମଧ୍ୟରେ ରହିଛନ୍ତି ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶିଆଲ ଇକୋନୋମିକ ଜୋନ୍, ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ, ଇନ୍ଦ୍ରପ୍ରସ୍ଥ ଗ୍ୟାସ, ମନ୍ନପୁରମ୍ ଫାଇନାନ୍ସ, ଭାରତ ପେଟ୍ରୋଲିୟମ କର୍ପୋରେଶନ, ଜେଟ୍ ଏୟାରୱେଜ(ଇଣ୍ଡିଆ), ଭାରତ ଇଲେକ୍ଟ୍ରୋନିକ୍ସ ଏବଂ ଅଏଲ ଇଣ୍ଡିଆ ପ୍ରମୁଖ। ୩୧ କମ୍ପାନୀଙ୍କ ଠାରୁ ଜରିମାନା ବାବଦରେ ୪ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଆଦାୟ କରାଯିବ। ଏହି ଅର୍ଥକୁ ପରେ ଇନ୍‌ଭେଷ୍ଟର ପ୍ରୋଟେକ୍ସନ ଫଣ୍ଡକୁ ପ୍ରଦାନ କରାଯିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ ପ୍ରକାଶ କରାଯାଇଛି। ତାଲିକାଭୁକ୍ତ ନିୟମରେ ଖିଲାପ କଲେ ଏହା ସମ୍ପୃକ୍ତ କମ୍ପାନୀ, ଏହାର ପ୍ରମୋଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସମ୍ପତ୍ତି ଜବତ କରିପାରିବ ଅଥବା ଜରିମାନା ଆଦାୟ କରିପାରିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଶସ୍ତାରେ ମିଳିବ ଇଣ୍ଡିଗୋର ବିଜ୍‌ନେସ କ୍ଲାସ୍ ସିଟ୍

ନୂଆଦିଲ୍ଲୀ,୧୫-୫

ସ୍ୱଳ୍ପ ମୂଲ୍ୟର ବିମାନ କମ୍ପାନୀ ଭାବେ ପରିଚିତ ଇଣ୍ଡିଗୋ ଏୟାରଲାଇନ୍ସ ଖୁବ୍‌ଶୀଘ୍ର ବିମାନ ଯାତ୍ରୀଙ୍କୁ ଶସ୍ତା ଦରରେ ବିଜ୍‌ନେସ କ୍ଲାସ୍‌ରେ ଯାତ୍ରା କରିବାର ସୁଯୋଗ ଦେବ। ୟୁରୋପ୍ ଓ ଏସିଆର ଦେଶଗୁଡ଼ିକରେ କମ୍ ଖର୍ଚ୍ଚରେ ଲୋକଙ୍କୁ ବିମାନ ଯାତ୍ରା ସୁବିଧା ଯୋଗାଇ ଦେବାକୁ କମ୍ପାନୀ ପ୍ରୟାସ କରୁଛି। ଏଥିଲାଗି କମ୍ପାନୀ ଏକ ଯୋଜନା ପ୍ରସ୍ତୁତ କରୁଛି। ଏୟାରଲାଇନ୍ସ ଲମ୍ବା ଦୂରତାର ଉଡ଼ାଣ ନେଟ୍‌ୱାର୍କ ପ୍ରସ୍ତୁତି ଉପରେ ଧ୍ୟାନ ଦେଇଛି। ଇଣ୍ଡିଗୋ ସିଇଓ ରନଜୟ ଦତ୍ତ ଗତ ସପ୍ତାହରେ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ୬ ମାସ ଭିତରେ ଇଣ୍ଡିଗୋ ପକ୍ଷରୁ ୟୁରୋପକୁ ନନ୍ ଷ୍ଟପ୍ ଉଡାଣ ଆରମ୍ଭ କରାଯିବ। ବର୍ତ୍ତମାନ କମ୍ପାନୀ ୧୮ ଅନ୍ତଃରାଷ୍ଟ୍ରୀୟ ରୁଟ୍‌ରେ ନିଜର ଉଡ଼ାଣ ଜାରି ରଖିଛି। ଇଣ୍ଡିଗୋର ଯୋଜନା ଅନୁଯାୟୀ, ୬ରୁ ୧୦ ଘଣ୍ଟା ଅଥବା ଏହାଠାରୁ ଅଧିକ ସମୟର ଉଡ଼ାଣରେ ଯାଉଥିବା ଯାତ୍ରୀଙ୍କୁ ବିଜ୍‌ନେସ କ୍ଲାସ୍‌ରେ ଯାତ୍ରା ପାଇଁ ଏକାଧିକ ଅତିରିକ୍ତ ସୁବିଧା ପ୍ରଦାନ କରାଯିବ। ସେମାନଙ୍କୁ ବାରମ୍ବାର ଖାଦ୍ୟପଦାର୍ଥ ପ୍ରଦାନ ସହ ୱେଲକମ୍ ଡ୍ରିଙ୍କସ ଏବଂ ଆଲ୍‌କୋହଲିକ୍ ଡ୍ରିଙ୍କ ପ୍ରଦାନ କରାଯିବ।

# ଘର କ୍ରେତା ବକେୟା ଉପରେ ଦେବେ ୧୨% ଜିଏସ୍‌ଟି

ନୂଆଦିଲ୍ଲୀ,୧୫-୫



ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ବିଲ୍‌ଡରଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପକୁ ଯଦି ନିର୍ମାଣ ଶେଷ ହୋଇଥିବା ସାର୍ଟିଫିକେଟ ମିଳିଯାଏ, ତେବେ ଘର କ୍ରେତା ବକେୟା ଅର୍ଥ ଉପରେ ୧୨% ଜିଏସ୍‌ଟି ଦେବାକୁ ବାଧ୍ୟ ରହିବେ ବୋଲି ସିବିଆଇସି ସ୍ପଷ୍ଟ କରିଛି। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ୍(ସିବିଆଇସି) କହିଛି ଯେ, ବିଲ୍‌ଡର ଯଦି ୫%ର ଜିଏସ୍‌ଟି ପାଇଁ ଆବେଦନ କରିଥିବେ, ତେବେ ତାଙ୍କୁ ଚାଲିଥିବା ପ୍ରକଳ୍ପ ଉପରେ ସଂଗୃହୀତ କ୍ରେଡିଟ୍ ଆଡ୍‌ଜଷ୍ଟ କରିବାର ସୁବିଧା ମିଳିବ ନାହିଁ। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସ୍‌ଟି କାଉନସିଲ ରିୟଲ ଇଷ୍ଟେଟ ସେକ୍ଟରକୁ ଆଶ୍ୱସ୍ତ କରି ଜିଏସ୍‌ଟି ହାରକୁ ୫%କୁ ହ୍ରାସ କରିଥିଲେ।

- ଅଂଶଧନ କିଣିବାକୁ ଅନୁରୋଧ କଲା ଏଟିହାଦ, ବ୍ୟାଙ୍କ ସମୂହ

# ଜେଟ୍ ପାଇଁ ହିନ୍ଦୁଜା ଭ୍ରାତାଙ୍କୁ ଗୁହାରି

ନୂଆଦିଲ୍ଲୀ,୧୫-୫



ଜେଟ୍ ଏୟାରୱେଜ ପାଇଁ ଏନ୍‌ଆର୍‌ଆଇ ହିନ୍ଦୁଜା ଭ୍ରାତା ଏବେ ଶେଷ ଆଶା ହୋଇଛନ୍ତି। କମ୍ପାନୀ ବଡ଼ ଆକାରର ଅଂଶଧନ କିଣିବା ଲାଗି ଏଟିହାଦ ଏୟାରୱେଜ ଏବଂ ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ ସମୂହ ପକ୍ଷରୁ ସେମାନଙ୍କୁ ଅନୁରୋଧ କରାଯାଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜେଟ୍ ଏୟାରୱେଜର ଅଂଶଧନ କିଣିବା ଲାଗି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବଡ଼ କମ୍ପାନୀ ଆଗେଇ ଆସିନାହାନ୍ତି। ଆବୁଧାବୀର ଏୟାରଲାଇନ୍ସ କମ୍ପାନୀ ଏଟିହାଦ ସମେତ ୩ କମ୍ପାନୀ ବିଡ୍ ଦାଖଲ କରିଛନ୍ତି ସତ ସେମାନେ ବଡ଼ ଆକାରର ନିବେଶ ଲାଗି ଆଗ୍ରହୀ ନ ଥିବା ଜଣାଇ ଦେଇଛନ୍ତି। ଏହି କାରଣରୁ ଏବେ ଜେଟ୍‌ରେ ନିବେଶଲାଗି ଇଚ୍ଛୁକ କମ୍ପାନୀ କିମ୍ବା ଗ୍ରୁପ୍‌କୁ ଖୋଜିବା ଉଦ୍ୟମ ଆରମ୍ଭ ହୋଇଛି। ତେବେ ହିନ୍ଦୁଜା ଭ୍ରାତା ଜେଟ୍‌ରେ ନିବେଶ ଲାଗି କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି। ଅନ୍ୟପକ୍ଷରେ ଏଟିହାଦର ପ୍ରତିନିଧିମାନେ ହିନ୍ଦୁଜା ଭ୍ରାତାଙ୍କ ମଧ୍ୟରେ ବଡ଼ ଜେ.ପି. ହିନ୍ଦୁଜାଙ୍କ ସହ ଯୋଗାଯୋଗ କରିଛନ୍ତି। ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ଜେଟ୍‌ରେ ନିବେଶ ନେଇ ସେ ଆଗ୍ରହ ପ୍ରକାଶ କରିଥିବା ଜଣାପଡିଛି। ହିନ୍ଦୁଜା ଗ୍ରୁପ୍‌ର ପରିଚାଳନା ଦାୟିତ୍ୱ ଜେ.ପିଙ୍କ ହାତରେ ରହିଛି। ନିବେଶ ସମ୍ପର୍କରେ ସବୁ ଶୁଣିବା ପରେ ଜେ.ପି. ତାଙ୍କ ସାନଭାଇ ଅଶୋକ ହିନ୍ଦୁଜାଙ୍କ ନିକଟକୁ ଏଟିହାଦ ପ୍ରତିନିଧିଙ୍କୁ ପଠାଇ ଦେଇଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜରେ ନିବେଶ ଲାଗି ହିନ୍ଦୁଜା ଗ୍ରୁପ୍ କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି, କିନ୍ତୁ ସମସ୍ତ ବିକଳ୍ପ ଖୋଲା ରଖିଛନ୍ତି। ଆଗାମୀ ଦିନରେ ସେମାନେ ଏଟିହାଦ ଓ ବ୍ୟାଙ୍କ କନ୍‌ସୋର୍ଟିୟମ ପ୍ରତିନିଧିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ଏଥିଲାଗି ଦିନ ଧାର୍ଯ୍ୟ ହୋଇନାହିଁ। ସୂଚନାଥାଉ କି, ସାରା ବିଶ୍ୱରେ ହିନ୍ଦୁଜା ଗ୍ରୁପ୍ ଅଟୋମୋଟିଭ, ଅଏଲ ଆଣ୍ଡ ସ୍ପେଶିଆଲିଟି କେମିକାଲ୍ସ, ମିଡିଆ, ଆଇଟି, ପାୱାର, ହେଲ୍‌ଥକେୟାର ଏବଂ ରିଏଲ ଇଷ୍ଟେଟ୍ ଆଦି ୧୦ ସେକ୍ଟରରେ ବ୍ୟବସାୟ କରୁଛନ୍ତି। ବିକ୍ରି ଦୃଷ୍ଟିରୁ ଭାରତରେ ଏକ ନମ୍ବର ସ୍ଥାନରେ ଥିବା ଟ୍ରକ କମ୍ପାନୀ ଅଶୋକ ଲେଲ୍ୟାଣ୍ଡର ମାଲିକାନା ହିନ୍ଦୁଜା ଗ୍ରୁପ୍ ନିକଟରେ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ଜେଟ୍‌ର ପୁନରୁଦ୍ଧାର ଲାଗି ହିନ୍ଦୁଜା ଗ୍ରୁପ୍ ନିକଟରେ ପର୍ଯ୍ୟାପ୍ତ ଅର୍ଥ ରହିଛି।

ODISHA POWER GENERATION CORPORATION LTD.
(A Government Company of the State of Odisha)
Regd. Office: Zone A, 7th Floor, Fortune Towers, Chandrasekharpur, Bhubaneswar – 751023, Odisha, India
Ph: +91 674- 2303765/66, Fax: +91 674 2303755/56
OPGC Power for Progress

REQUEST FOR PROPOSAL FOR ENGAGEMENT OF COAL COORDINATION AGENCY

OPGC invites proposals for selection of Coal Coordination Agency for coordination and handling coal supplies to its power plant situated at IB Thermal Power Station, Banharpali, Jharsuguda, Odisha. Interested Parties may download the RFP detailing terms and conditions from website www.opgc.co.in till 27th May 2019.

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
ODISHA POWER TRANSMISSION CORPORATION LIMITED
OPTCL
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- BONEIKALA, DIST.- KEONJHAR, PIN: 758038 (ODISHA), PHONE NO.: 7328829375, E-mail: ehtm.div.jod@optcl.co.in
CIN: U40102OR2004SGC007553
Letter No.: 123 Dated: 15.05.2019

TENDER CALL NOTICE NO.- 02/2019-2020

Sealed tenders are invited from the Civil & HT Contractors having valid "C" & "D" Class Civil Contractor licence issued by Govt. of Odisha/Military/Railways & having valid IT PAN Card/GST registration for the work of "SUPPLY, FITTING & FIXING OF FLOOR TILES AT DIFFERENT ROOMS OF DIVISION OFFICE, JODA" under EHT(O&M) Division Joda. Cost of tender paper Rs.2240/-, EMD = Rs.5000/-. Sale of tender documents from Dt.17.05.2019 to 26.05.2019. Last date of submission of tender - 27.05.2019 upto 1.00 P.M. Date of opening of tender - 27.05.2019 at 3.00 P.M. For details visit our website: www.optcl.co.in. Corrigendum if any will be published in the OPTCL website only.
Sd./- Dy. General Manager (Elect.), EHT (O&M) Division, Joda

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର
ନଂ. ୫୬୨୮ ତା.୧୪।୦୫।୨୦୧୯
ବିଜ୍ଞାପନ
ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବା ନିମନ୍ତେ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେତେକ ମାର୍ଗର ବସ୍‌କୁ ଭଡ଼ା ସୂତ୍ରରେ ଚଳାଚଳ କରିବା ନିମନ୍ତେ ଜଉମୁଦଦିଆ ଦରଖାସ୍ତ ଆହ୍ୱାନ କରୁଛନ୍ତି। ତଥ୍ୟାବଳୀ ତା.୧୮।୦୫।୨୦୧୯ରୁ ୨୮।୦୫।୨୦୧୯ରିଖ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପରିବହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟମାନଙ୍କରେ ଟ.୧୭୫/- (ଏକଶତ ପଞ୍ଚସ୍ତରୀ ଟଙ୍କା) ମାତ୍ର ଜମା କରି www.osrtc.in ରେ ଡାଉନଲୋଡ କରି ଟେଣ୍ଡର ଫର୍ମ ସହ ଟ.୧୭୫/- (ଏକଶତ ପଞ୍ଚସ୍ତରୀ ଟଙ୍କା) ମାତ୍ର ମୂଲ୍ୟର I.P.O ଯାହାକି G.P.O ଭୁବନେଶ୍ୱରରୁ ଉଠାଣ ନିମନ୍ତେ ଗ୍ରହଣଯୋଗ୍ୟ ଏବଂ ଆବେଶିକ ଫିସ୍ ଟ.୧୨୦୦/- (ଏକ ହଜାର ଦୁଇ ଶହ ଟଙ୍କା) ମାତ୍ର (ଫେରସ୍ତଯୋଗ୍ୟ ନୁହେଁ), ଯେକୌଣସି ଜାତୀୟକରଣ ବ୍ୟାଙ୍କର Bank Draft, Accounts Officer, OSRTC ଭୁବନେଶ୍ୱରଙ୍କ ନାମରେ ଗ୍ରହଣ କରାଯିବ।

ସମସ୍ତ ଟେଣ୍ଡର ଫର୍ମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ତା.୨୮।୦୫।୧୯ରିଖ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ସମୟ ଓ ତାରିଖ ପରେ କୌଣସି ଟେଣ୍ଡର ଫର୍ମ ଗ୍ରହଣ କରାଯିବ ନାହିଁ।

ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ଟେଣ୍ଡର ପୁସ୍ତିକାରେ ତଥା OSRTC Website- www.osrtc.in ରେ ଉପଲବ୍ଧ।

ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶ କ୍ରମେ
ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ
ସାଧାରଣ ପରିଚାଳକ (ପ୍ରଶାସନ)
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର



ବ୍ୟାଟିଂ ଓ ବୋଲିଂରେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଯେଉଁ ଦକ୍ଷତା ରହିଛି ଟିମ୍ ଇଣ୍ଡିଆରେ ଆଉ କେହି ତାଙ୍କ ନିକଟତର ହୋଇପାରିବେ ନାହିଁ।

—ବୀରେନ୍ଦ୍ର ସେହ୍ୱାଗ, ପ୍ରାକ୍ତନ ଭାରତୀୟ କ୍ରିକେଟର



ଗତ ଆଇପିଏଲ୍‌ରେ ଭିନ୍ନ କୋଚ୍ ଓ ଖେଳାଳିଙ୍କ ନିକଟରୁ କିଛି ନୂତନ କଥା ଶିଖିପାରିଲି।

—ଜନି ବେୟାରଷ୍ଟୋ, ଇଂଲଣ୍ଡ କ୍ରିକେଟର

## ସଂକ୍ଷେପରେ

### ଆଟ୍‌ଲେଟିକୋ ଛାଡ଼ିବେ ଗ୍ରିଜମ୍ୟାନ



ମାଡ୍ରିଡ୍,୧୫।୫(ଏଏଫ୍‌ପି)- ଫ୍ରାନ୍ସ ଷ୍ଟ୍ରାଇକର ଆଣ୍ଟିନୋ ଗ୍ରିଜମ୍ୟାନ ଚଳିତ ସିଜନ ଶେଷରେ ଆଟ୍‌ଲେଟିକୋ ମାଡ୍ରିଡ୍ ଦଳ ଛାଡ଼ିବେ। ଏ ନେଇ ଗ୍ରିଜମ୍ୟାନ ଟୁଇଟରରେ ପ୍ରକାଶ କରିଛନ୍ତି। କୋଚ ଓ ପ୍ରଶଂସକଙ୍କ ସହ ଆଲୋଚନା କରିବା ପରେ ମୁଁ ଏହି ନିଷ୍ପତ୍ତି ନେଇଛି। ମୁଁ ଏଠାରେ ୫ଟି ସଫଳ ସିଜନ ଖେଳିଛି। ଏହା ସର୍ବଦା ମୋ ହୃଦୟରେ ରହିବ ବୋଲି ୨୦୧୮ ଫିଫା ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ସଦସ୍ୟ କହିଛନ୍ତି। ୨୮ ବର୍ଷୀୟ ଗ୍ରିଜମ୍ୟାନ ସ୍ପାନିଶ କ୍ଲବ ଆଟ୍‌ଲେଟିକୋ ସହ ୨୦୨୩ ପର୍ଯ୍ୟନ୍ତ ଚୁକ୍ତି କରିଥିଲେ। ହେଲେ ୧୩୪ ନିୟୁତ ଆମେରିକୀୟ ଡଲାର ଦେଇ ଚୁକ୍ତିକୁ ଖାରଜ କରିଛନ୍ତି। ଆଟଲେଟିକୋ ପାଇଁ ୨୫୨ ମ୍ୟାଚ୍ ଖେଳି ଫ୍ରେଞ୍ଚ ଷ୍ଟାର ୧୩୩ ଗୋଲ ସ୍କୋର କରିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଆଟଲେଟିକୋ ମାଡ୍ରିଡ୍ ୨୦୧୬ ଚାମ୍ପିୟନ୍ସ ଲିଗ୍ ରନର୍ସଅପ୍ ହୋଇଥିଲା। ୨୦୧୮ରେ ଦଳ ୟୁରୋପ ଲିଗ୍‌ରେ ଚାମ୍ପିୟନ ହୋଇଥିଲା। ଏହାବାଦ୍ ୨୦୧୬ ବାଲନ ଡି' ଅର ପୁରସ୍କାର ପାଇବା ଦୌଡ଼ରେ ୩ୟ ସ୍ଥାନରେ ରହିଥିଲେ।

### ବର୍ଷର ଶ୍ରେଷ୍ଠ ମ୍ୟାନେଜର ଗାର୍ଡିୟୋଲା



ଲଣ୍ଡନ,୧୫।୫(ଏଏଫ୍‌ପି)- ମାଞ୍ଚେଷ୍ଟର ସିଟି କୋଚ୍ ପେପ ଗାର୍ଡିୟୋଲା ଜୁର୍ଗନ କ୍ଲାପଙ୍କୁ ପଛରେ ପକାଇ ତିନି ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ୨୦୧୮ ବର୍ଷର ଶ୍ରେଷ୍ଠ ମ୍ୟାନେଜର ସମ୍ମାନ ପାଇଛନ୍ତି। ସ୍ପାନିଶ କୋଚ୍ ଭୋଟ ପ୍ରକ୍ରିୟାରେ କ୍ଲାପ, ଟୋଟେନହାମ ମ୍ୟାନେଜର ମୌରିସିୟୋ ପୋଚେଟିନୋଙ୍କୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି। ନିକଟରେ ଗାର୍ଡିୟୋଲା ଲିଗ୍ ମ୍ୟାନେଜରଙ୍କ ଆସୋସିଏଶନ ପକ୍ଷରୁ ସମାନ ବର୍ଷ ପାଇଁ ଶ୍ରେଷ୍ଠ କୋଚ୍ ପୁରସ୍କାର ମିଳିଥିଲା। ଗାର୍ଡିୟୋଲାଙ୍କ ଦଳ ରବିବାର କ୍ଲାପଙ୍କ ଲିଭରପୁଲକୁ ହରାଇ ପ୍ରିମିୟର ଲିଗ୍ ଟାଇଟଲ ବଜାୟ ରଖିଛି। ପୂର୍ବରୁ ମାଞ୍ଚେଷ୍ଟର ସିଟି ଲିଗ୍ କପ୍ ହାସଲ କରିଥିଲା।

# ଫିଟ୍ ରହିବାକୁ ଯୋଗ କରୁଛନ୍ତି ଗେଲ୍

ନୂଆଦିଲ୍ଲୀ,୧୫।୫(ପି.ଟି.)

ୱେଷ୍ଟଇଣ୍ଡିଜ୍ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଏଥର କ୍ୟାରିୟରର ପଞ୍ଚମ ତଥା ଅନ୍ତିମ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ୩୯ ବର୍ଷରେ ମଧ୍ୟ ସେ ନିଜକୁ ଆବଶ୍ୟକ ଅନୁସାରେ ଫିଟ୍ ରଖିପାରିଛନ୍ତି। ଏଥିପାଇଁ ସେ ନିଜସ୍ୱ ଢଙ୍ଗରେ ପ୍ରୟାସ ଜାରି ରଖିଛନ୍ତି। ସେ ଜିମ୍ ଯିବା ବଦଳରେ ଯୋଗ କରୁଛନ୍ତି। ସେ ସ୍ୱତଃପ୍ରବୃତ୍ତ ଭାବେ ଶକ୍ତିଶାଳୀ ଓ ଦୃଢ଼। ତେଣୁ ତାଙ୍କ ଜିମ୍ ଯିବାର ଆବଶ୍ୟକତା କମ୍ ରହିଛି। ତେଣୁ ସେ ବ୍ୟାପକ ଭାବେ ଯୋଗ କରୁଛନ୍ତି। ସଦ୍ୟ ସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୪୦.୮୩ ହାରରେ ମୋଟ ୪୯୦ ରନ କରି ଜବରଦସ୍ତ ଫର୍ମର ନମୁନା ପ୍ରଦର୍ଶନ କରିଛନ୍ତି। ଆସନ୍ତା ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁଥିବା ବିଶ୍ୱକପ୍‌ରେ ସେ ଏହି ଫର୍ମ ଜାରି ରଖିବାକୁ ଚେଷ୍ଟା କରୁଛନ୍ତି। ମୋର ଅଭିଜ୍ଞତା ରହିଛି। ତେଣୁ ବିଶ୍ୱକପ୍‌ରେ କିଭଳି ଖେଳିବାକୁ ହେବ ତାହା ଅବଶ୍ୟ ମୁଁ ଜାଣିଛି। ଏବେ ଭଲ ବ୍ୟାଟିଂ କରୁଛି ଓ ବିଶ୍ୱକପ୍‌ରେ ଏହା ଜାରି ରହିବ ବୋଲି ଗେଲ୍ ଆଶାପ୍ରକାଶ କରିଛନ୍ତି।




ପ୍ରଦର୍ଶନ ଉପରେ ବୟସର ପ୍ରଭାବ ରହିବା କଥା ସେ ସ୍ୱୀକାର କରିଛନ୍ତି। ଆଇପିଏଲ୍‌ରେ ସେ ୩୪ ଓ ଇଂଲଣ୍ଡ ବିପକ୍ଷ ୪ଟି ଦିନିକିଆରେ ସେ ୩୯ଟି ଛକା ମାରିଛନ୍ତି। ତେବେ ଫିଟ୍ ରହିବା ନିହାତି ଜରୁରୀ ବୋଲି ସେ କହିଛନ୍ତି। ଇଂଲଣ୍ଡ ବିପକ୍ଷ ଗତ ଦିନିକିଆ ସିରିଜରେ ସେ ୧୦୬ ରନ ଆଭରେଜରେ ୪୨୪ ରନ ସଂଗ୍ରହ କରିଛନ୍ତି। ଏଥିରେ ଦୁଇଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଛି। ୧୯୯୯ରେ ପଦାର୍ପଣ କରିଥିବା ଗେଲ ଦିନିକିଆରେ ୧୦,୧୫୧ ରନ ସଂଗ୍ରହ କରିଛନ୍ତି।

# ଷ୍ଟିମାକ୍ ଭାରତୀୟ ଫୁଟ୍‌ବଲ କୋଚ

ନୂଆଦିଲ୍ଲୀ,୧୫।୫(ପିଟି)

କ୍ରୋଏସିଆ ୧୯୯୮ ବିଶ୍ୱକପ୍ ଦଳର ସଦସ୍ୟ ଇଗୋର ଷ୍ଟିମାକ ବୁଧବାର ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ପଦରେ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ୨ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ଦିଆଯାଇଛି। ଏଏଫ୍‌ସି ଏସିଆନ୍ କପ୍‌ରେ ଭାରତୀୟ ଦଳ ଆଶାନୁଯାୟୀ ପ୍ରଦର୍ଶନ କରିବାରେ ବିଫଳ ହେବା ପରେ ଷ୍ଟିଫେନ କନଷ୍ଟାଟିନେ ଇସ୍ତଫା ଦେଇଥିଲେ। ସେବେଠୁ ଜାତୀୟ ଦଳର କୋଚ୍ ପଦ ଖାଲି ପଡ଼ିଥିଲା। ନୂଆ କୋଚ୍ ଷ୍ଟିମାକଙ୍କୁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରୀ କମିଟି ନିଯୁକ୍ତ କରିଛି। ୫୧ ବର୍ଷୀୟ ଷ୍ଟିମାକଙ୍କ ନେତୃତ୍ୱରେ କ୍ରୋଏସିଆ ୧୯୯୮ ବିଶ୍ୱକପ୍‌ରେ ୩ୟ ସ୍ଥାନ ଅଧିକାର କରିଥିଲା। ୟୁଫା ୟୁରୋପିଆନ ଚାମ୍ପିୟନଶିପ୍ ୧୯୯୬ କ୍ୱାର୍ଟର ଫାଇନାଲ ଖେଳିଥିବା କ୍ରୋଏସିଆ ଦଳର ମଧ୍ୟ ସଦସ୍ୟ ଥିଲେ। ଏହାବାଦ୍ ତାଙ୍କ ପ୍ରତିନିଧିତ୍ୱରେ ୧୯୮୭ରେ ଯୁଗୋସ୍ଲୋଭିଆ ୨୦ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ହାତେଇଥିଲା। ୨୦୦୧ରେ ସେ ଅବସର ନେଇଥିଲେ। ଏହାପରେ ୧୮ ବର୍ଷ ହେଲା ସେ ବିଭିନ୍ନ ଦଳର କୋଚ୍ ଦାୟିତ୍ୱରେ କାର୍ଯ୍ୟ କରି ଆସୁଛନ୍ତି। କ୍ରୋଏସିଆ ଦଳକୁ ୨୦୧୪ ଫିଫା ବିଶ୍ୱକପ୍ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବା କୋଚ୍ ଭାବେ ଷ୍ଟିମାକଙ୍କ ସବୁଠୁ ବଡ଼ ସଫଳତା। ତାଙ୍କୁ ଭାରତୀୟ ଫୁଟ୍‌ବଲକୁ ସ୍ୱାଗତ କରିଛନ୍ତି ଏଆଇଏଫ୍‌ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ। ଭାରତୀୟ ଦଳର କୋଚ ହେବା ପାଇଁ ଇଗୋର ସବୁଠୁ ଭଲ ପ୍ରାର୍ଥୀ। ତାଙ୍କ ଅଭିଜ୍ଞତା ଭାରତୀୟ ଦଳକୁ ବିଶେଷ ସହାୟତା କରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଟେକନିକାଲ କମିଟି ମୁଖ୍ୟ ଶ୍ୟାମ ଥାପ୍ପା କହିଛନ୍ତି, ସଭିଙ୍କ ଏକମତ କ୍ରମେ ଷ୍ଟିମାକଙ୍କୁ କୋଚ୍ ପଦ ଲାଗି ଚୟନ କରାଯାଇଛି। ଟେକନିକାଲ ନିର୍ଦ୍ଦେଶକ ଆଇଜାକ ଡୋରୁଙ୍କ ସମେତ ସମସ୍ତ ସଦସ୍ୟ ଷ୍ଟିମାକଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେ ଜଣେ ବିଶ୍ୱକପ୍‌ରେ ସଫଳତା ପାଇଥିବା ଦଳର ସଦସ୍ୟ ଓ କୋଚ୍ ଭାବେ କ୍ରୋଏସିଆ ଦଳକୁ ବିଶ୍ୱକପ୍‌ରେ ପହଞ୍ଚାଇଛନ୍ତି। ଏଣୁ ତାଙ୍କଠାରୁ ଭଲ ପ୍ରାର୍ଥୀ ଆଉ କିଏ ହୋଇପାରିବ। ଥାଇଲାଣ୍ଡରେ ଆଗାମୀ ମାସରେ ହେବାକୁ ଥିବା କିଙ୍ଗ୍ସ କପ୍ ଷ୍ଟିମାକଙ୍କ ଲାଗି ପ୍ରଥମ ଆସାଇମେଣ୍ଟ ହେବ।



ଇଗୋର ଷ୍ଟିମାକ

# ଭାରତର ଅପରାଜେୟ ଧାରା ଭାଙ୍ଗିଲା

ପର୍ଥ, ୧୫।୫(ପି.ଟି.)

ଅଷ୍ଟ୍ରେଲିଆ ଟୁର୍

ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ହକି ଦଳର ଅପରାଜେୟ ଧାରାରେ ରୋକ୍ ଲାଗିଛି। ବୁଧବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତୀୟ ଦଳ ୦-୪ ଗୋଲରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଛି। ଗସ୍ତରେ ୪ର୍ଥ ମ୍ୟାଚ୍‌ରୁ ଭାରତର ଏହା ପ୍ରଥମ ପରାଜୟବରଣ ଥିଲା। ଘରୋଇ ଦଳ ପକ୍ଷରୁ ବ୍ଲାକେ ଗ୍ରୋଭର୍ସ ଓ ଜେର୍ମି ହେୱାର୍ଡ ୨ଟି ଲେଖାଏ ଗୋଲସ୍କୋର କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଏହି ଗସ୍ତର ପ୍ରଥମ ୩ଟି ମ୍ୟାଚ୍‌ରେ ଅପରାଜେୟ ରହିଥିବା ଭାରତକୁ ଏକପାଖିଆ ଭାବେ ହରାଇବାରେ ଅଷ୍ଟ୍ରେଲିଆ ସଫଳ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ୫ମ ମିନିଟ୍‌ରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ହରମନ୍‌ପ୍ରୀତ୍ ସିଂଙ୍କ ପ୍ରୟାସ ପ୍ରତିପକ୍ଷ ଖେଳାଳିଙ୍କ ଦ୍ୱାରା ନିଷ୍ପ୍ରଭ ଯାଇଥିଲା। ଏହାର କିଛି ସମୟ ପରେ ଉଭୟ ହରମନ୍‌ପ୍ରୀତ୍ ଓ ନୀଳକାନ୍ତ ଶର୍ମାଙ୍କ ମିଳିତ ପ୍ରୟାସରେ ଅଷ୍ଟ୍ରେଲିଆ ଉପରେ ଆଟାକ୍ ହୋଇଥିଲେ ମଧ୍ୟ ଏହା ମଧ୍ୟ ବିଫଳ ହୋଇଥିଲା। କିନ୍ତୁ ଘରୋଇ ଅଷ୍ଟ୍ରେଲିଆ ଏହାପରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ୫ ମିନିଟ୍‌ର ଅନ୍ତରରେ ୨ଟି ଗୋଲ କରି ଅଷ୍ଟ୍ରେଲିଆ ଭ୍ରମଣକାରୀ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ମ୍ୟାଚ୍‌ର ୧୫ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ମିଳିଥିବା ପ୍ରଥମ ପେନାଲ୍ଟି କର୍ନରକୁ ଗ୍ରୋଭର୍ସ କୌଣସି ତ୍ରୁଟି ନ କରି ଭାରତୀୟ ନେଟ୍ ମଧ୍ୟକୁ ବଲ୍ ପଠାଇ ଦେଇଥିଲେ। ଫଳରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ୨୦ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ହେୱାର୍ଡଙ୍କ ପାଳି ପଡ଼ିଥିଲା। ହେୱାର୍ଡ କୌଣସି ତ୍ରୁଟି ନ କରି ଭାରତୀୟ ଗୋଲକିପର କ୍ରିଷ୍ଣା ବାହାଦୁର ପାଠକଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ନେଟ୍ ମଧ୍ୟକୁ ପଠାଇ ଦେଇଥିଲେ। ଏହାର ୩ ମିନିଟ୍ ପରେ ଅଷ୍ଟ୍ରେଲିଆ ୩ୟ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ପାଠକ ନିଶ୍ଚିତ ଗୋଲକୁ ଅଟକାଇ ଦେଇଥିଲେ। ଭାରତ ପକ୍ଷରୁ ସୁମିତ୍ କୁମାରଙ୍କ ଏକ ପେନାଲ୍ଟି କର୍ନର ଶଟ୍‌କୁ ଅଷ୍ଟ୍ରେଲିଆ ଗୋଲକିପର ଜୋହାନ ଡ୍ରଷ୍ଟ ଅଟକାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ କଡ଼ା ଟକ୍କର ହୋଇଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଅଷ୍ଟ୍ରେଲିଆ ସପକ୍ଷରେ ଯାଇଥିଲା। ଅନ୍ତିମ ୨ ମିନିଟ୍‌ରେ ୨ଟି ଗୋଲସ୍କୋର କରି ଘରୋଇ ଦଳ ୪-୦ ଗୋଲରେ ଏକପାଖିଆ ବିଜୟ ଲାଭ କରିଥିଲା। ଗୋଲ ଆଶାରେ ଭାରତ ଅନ୍ତିମ ମୁହୂର୍ତ୍ତରେ ଗୋଲକିପରଙ୍କୁ ଅତିରିକ୍ତ ଖେଳାଳି ଭାବେ ମଧ୍ୟଭାଗରେ ଖେଳାଇଥିଲା। କିନ୍ତୁ ଏହାର ଫାଇଦା ଉଠାଇ ୫୯ତମ ମିନିଟ୍‌ରେ ହେୱାର୍ଡ ଓ ୬୦ତମ ମିନିଟ୍‌ରେ ଗ୍ରୋଭର୍ସ ବ୍ୟକ୍ତିଗତ ଭାବେ ନିଜର ୨ୟ ଗୋଲ ଦେଇଥିଲେ। ଏହି କ୍ୱାର୍ଟରରେ କେତୋଟି ସୁଯୋଗ ମିଳିଥିଲେ ମଧ୍ୟ ଗୋଲରେ ରୂପାନ୍ତରିତ କରିବାରେ ଭାରତୀୟ ଖେଳାଳି ବିଫଳ ହୋଇଥିଲେ।



ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ରୋମାଞ୍ଚକ ମୁହୂର୍ତ୍ତ।

## ମନଙ୍ଗ-ମିନର୍ଭା ମ୍ୟାଚ୍ ଡ୍ର

କାଠମାଣ୍ଡୁ, ୧୫।୫(ପି.ଟି.)

ଏଏଫ୍‌ସି କପ୍‌ରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ଇ'ର ଏକ ମ୍ୟାଚ୍‌ରେ ମିନର୍ଭା ପଞ୍ଜାବ ୧-୧ ଗୋଲରେ ଘରୋଇ ନେପାଳଭିତ୍ତିକ କ୍ଲବ ମନଙ୍ଗ ମର୍ଶିଆଙ୍ଗଡି ବିପକ୍ଷରେ ଡ୍ର' ରଖିଛି। ଏହି ଡ୍ର' ଫଳରେ ପ୍ରତିଯୋଗିତାର ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଥିବା ମିନର୍ଭା ପାଇଁ ଅଡୁଆ ବଢ଼ିଯାଇଛି। ସ୍ଥାନୀୟ ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପ୍ରଥମାର୍ଦ୍ଧ ଶେଷ ଭାଗରେ ମିନର୍ଭା ପକ୍ଷରୁ ପ୍ରଥମେ ଗୋଲସ୍କୋର ହୋଇଥିଲା। ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ମିନର୍ଭାର ଥୋଇବା ସିଂଙ୍କ ଗୋଲବଳରେ ଦଳ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ପ୍ରଥମାର୍ଦ୍ଧ ଶେଷ ହେବାକୁ କିଛି ସମୟ ଥିବାବେଳେ ପ୍ରତୀକ ଜୋଷୀଙ୍କୁ ରେଡ୍ କାର୍ଡ ମିଳିଥିଲା। ଫଳରେ ମିନର୍ଭା ୧୦ ଜଣ ଖେଳାଳିଙ୍କୁ ନେଇ ଦ୍ୱିତୀୟାର୍ଦ୍ଧ ସାରା ଖେଳିଥିଲା। ଏହାର ଫାଇଦା ଉଠାଇ ଘରୋଇ ଦଳ ଗୋଲ ଶୁଝାଇବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୮୧ତମ ମିନିଟ୍‌ରେ ଡିଫେଣ୍ଡର ଓଲୁୱାଶିନ ଅଜିଜ୍‌ଙ୍କ ଗୋଲବଳରେ ମନଙ୍ଗ ମ୍ୟାଚ୍‌କୁ ୧-୧'ର ବରାବରସ୍ଥିତିକୁ ଆଣିଥିଲା। ଏହାପରେ ଆଉ କୌଣସି ଗୋଲ ନ ହେବାରୁ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା।

# ୧୯୯୨: ଭାରତର ନୈରାଶ୍ୟଜନକ ପ୍ରଦର୍ଶନ

ଆଇସିସି ବିଶ୍ୱକପ
ଆଉ ୧୩ ଦିନ

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମିଳିତ ଆୟୋଜନରେ ୧୯୯୨ ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା। ପଡୋଶୀ ପାକିସ୍ତାନ ଫାଇନାଲରେ ଇଂଲଣ୍ଡକୁ ହରାଇ ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲେ ମଧ୍ୟ ଭାରତ ଏହି ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଅବଶ୍ୟ ଭାରତୀୟ ଦଳ ସେତେଟା ଶକ୍ତିଶାଳୀ ବିବେଚିତ ହେଉ ନ ଥିଲା। ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ, ବିସ୍ଫୋରକ ଓପନର କେ. ଶ୍ରୀକାନ୍ତ, ଅଲରାଉଣ୍ଡର କପିଳଦେବ, ରବି ଶସ୍ତ୍ରୀ ଓ ସଞ୍ଜୟ ମଞ୍ଜରେକରଙ୍କୁ ନେଇ ଭାରତୀୟ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ଼ ମନେହେଉଥିଲା। ପୁଣି ଦଳରେ ଉଦୀୟମାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲି ମଧ୍ୟ ସ୍ଥାନ ପାଇଥିଲେ। ଭାରତର ବୋଲିଂ ବିଭାଗ କିନ୍ତୁ ସେତେଟା ଦୃଢ଼ ନ ଥିଲା। କପିଳଦେବଙ୍କ ନେତୃତ୍ୱରେ ସ୍ପିନର ରବି ଶାସ୍ତ୍ରୀ, ଭେଙ୍କଟପତି ରାଜୁଙ୍କ ସମେତ ଦ୍ରୁତ ବୋଲର ମନୋଜ ପ୍ରଭାକରଙ୍କୁ ନେଇ ଭାରତୀୟ ବୋଲିଂ ସେଭଳି ଚମତ୍କାର କରିବ ବୋଲି ଆଶା କରାଯାଉ ନ ଥିଲା। ଗ୍ରୁପ୍ ପର୍ଯ୍ୟାୟ ବଦଳରେ ରାଉଣ୍ଡ ରବିନ୍ ପଦ୍ଧତିରେ ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ସବୁ ଦଳ ବାକି ୮ଟି ଦଳ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମଥର ପାଇଁ ଏହି ବିଶ୍ୱକପ୍‌ରେ ଖେଳାଳିମାନେ ରଙ୍ଗିନ ପୋଷାକ ସହ ଏହି ବିଶ୍ୱକପ୍‌ରେ ଡେ ଆଣ୍ଡ ନାଇଟ୍ ମ୍ୟାଚ୍ ଖେଳିଥିଲେ। ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ୮ଟି ମ୍ୟାଚ୍ ଖେଳି ମାତ୍ର ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୫ଟିରେ ପରାଜୟ ବରଣକରି ସାଂଘାତିକ ଭାବେ ବିଫଳ ହୋଇଥିଲା। ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ଫଳାଫଳ ବାହାରି ପାରି ନ ଥିଲା। ୫ ପଏଣ୍ଟ ପାଇ ଭାରତ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ପ୍ରଥମ ମ୍ୟାଚ୍‌ରେ ଭାରତ ପର୍ଥରେ ଇଂଲଣ୍ଡକୁ ଭେଟିଥିଲା ଓ ୯ ରନରେ ପରାସ୍ତ ହୋଇଥିଲା। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୩୭ ରନର ଟାର୍ଗେଟରେ ପିଛା କରି ଭାରତ ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇଥିଲା। ଶାସ୍ତ୍ରୀ ୫୭ ଓ ଶ୍ରୀକାନ୍ତ ୩୯ ରନ କରି ଓପନିଂ ଯୋଡ଼ିରେ ୬୩ ରନ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତେନ୍ଦୁଲକର ୩୫, ପ୍ରବୀଣ ଆମ୍ରେ ୨୨, କପିଳଦେବ ୧୭, ସୁବ୍ରାତୋ ବାନର୍ଜୀ ୨୫ ରନ କରିଥିଲେ। ଇଂଲଣ୍ଡ ତରଫରୁ ଡେର୍ମୋଟ ରିଭ୍ ସର୍ବାଧିକ ୩, ଇଆନ ବୋଥାମ ୨ ଉଇକେଟ ନେଇଥିଲେ। ୩ ଭାରତୀୟ ବ୍ୟାଟ୍ସମ୍ୟାନ ରନ୍‌ଆଉଟ ହୋଇଥିଲେ। ଏହାପରେ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିଥିଲା। ବର୍ଷା ଯୋଗୁ ଏହି ମ୍ୟାଚ ବାତିଲ ହୋଇଥିଲା ଓ ପଏଣ୍ଟ ଭାଗ ହୋଇଥିଲା। ମ୍ୟାଚ୍‌ରେ ମାତ୍ର ୨ଟି ବଲ୍ ପଡିଥିଲା। ଭାରତୀୟ ଓପନର ଶ୍ରୀକାନ୍ତ ୨ ରନ ସ୍କୋର କରିଥିଲେ। ଭାରତ ୧ ପଏଣ୍ଟ ପାଇ ଖାତା ଖୋଲିଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ଗତଥରର ଚାମ୍ପିୟନ ତଥା ଅନ୍ୟତମ ଆୟୋଜକ ଅଷ୍ଟ୍ରେଲିଆକୁ ଭେଟିଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୩୭ ରନ କରିଥିଲା। ଜବାବରେ ବର୍ଷା କାରଣରୁ ଭାରତ ସମ୍ମୁଖରେ ୪୭ ଓଭରରେ ପରିବର୍ତ୍ତିତ ୨୩୬ ରନ ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ତେବେ ଗୋଟିଏ ବଲ ବାକିଥାଇ ଭାରତ ୨୩୪ ରନରେ ଅଲଆଉଟ ହୋଇ ମାତ୍ର ୧ ରନରେ ପରାସ୍ତ ହୋଇଥିଲା। ଭାରତ ପକ୍ଷରୁ ମହମ୍ମଦ ଆଝାରୁଦ୍ଦିନ ୯୧, ଶାସ୍ତ୍ରୀ ୨୫, କପିଳ ଦେବ ୨୧, ମଞ୍ଜରେକର ୪୭ ରନ କରିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଡିନ୍ ଜୋନ୍ସ ସର୍ବାଧିକ ୯୦, ଡେଭିଡ ବୁନ ୪୩ ରନ କରିଥିବା ବେଳେ ଭାରତ ତରଫରୁ ବୋଲିଂରେ କପିଳ ଓ ପ୍ରଭାକର ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଭାରତ ତା'ର ଚତୁର୍ଥ ମ୍ୟାଚ୍‌ରେ ସିଡନୀରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିଥିଲା ଓ ଏଥିରେ ଭାରତ ୪୩ ରନରେ ବିଜୟୀ ହୋଇଥିଲା। ଟସ୍ ଜିତ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ବର୍ଷା କାରଣରୁ ମ୍ୟାଚ୍‌କୁ ୪୯ ଓଭରକୁ କମାଇ ଦିଆଯାଇଥିଲା। ଭାରତ ୪୯ ଓଭରରେ ୭ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲା। ଭାରତ ତରଫରୁ ସଚିନ ୫୪, ଅଜୟ ଜାଡେଜା ୪୬, ଆଝାରୁଦ୍ଦିନ ୩୨, କାମ୍ବିଲି ୨୪, କପିଳ ୩୫ ରନ କରିଥିଲେ। ପାକିସ୍ତାନର ମୁସ୍ତାକ ଅହମ୍ମଦ ୩, ଆକ୍ୱିବ ଜାଭେଦ ୨ ଉଇକେଟ ନେଇଥିଲେ। ଜବାବରେ ୪୮.୧ ଓଭରରେ ମାତ୍ର ୧୭୩ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ପାକିସ୍ତାନ ପକ୍ଷରୁ ଅମୀର ସୋହେଲ ୬୨, ଜଭେଦ ମିଆଁଦାଦ ୪୦ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଭାରତ ତରଫରୁ କପିଳ, ପ୍ରଭାକର ଓ ଜାଭାଗାଲ ଶ୍ରୀନାଥ ୨ଟି ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ମିଆଁଦାଦ କିରନ ମୋରେଙ୍କୁ ନକଲ କରି ବିବାଦ ସୃଷ୍ଟି କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସଚିନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ପରବର୍ତ୍ତୀ ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ଯାଇ ଜିମ୍ବାୱେକୁ ଭେଟିଥିଲା ଓ ୫୫ ରନରେ ବିଜୟୀ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ୩୨ ଓଭରରେ ୭ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଜିମ୍ବାୱେ ସମ୍ମୁଖରେ ୧୯ ଓଭରରେ ୧୫୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଜିମ୍ବାୱେ ୧ ଉଇକେଟ ହରାଇ ୧୦୪ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ସଚିନ ୮୧ ରନ କରିବା ସହ ୧ ଉଇକେଟ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲା। ଏହାପରେ ସେମିଫାଇନାଲରେ ସ୍ଥାନ ପାଇବା ପାଇଁ ଭାରତକୁ ତା'ର ଅନ୍ତିମ ୩ଟି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇ ପଡିଥିଲା। କେବଳ ସେତିକି ନୁହଁ, ଅନ୍ୟ ମ୍ୟାଚର ଫଳାଫଳ ଉପରେ ମଧ୍ୟ ଭାରତ ନିର୍ଭର କରୁଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଭାରତକୁ ୩୪ଟି ବଲ୍ ବାକି ରଖି ୫ ଉଇକେଟରେ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭାରତ ୪୯.୪ ଓଭରରେ ୧୯୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୪୦.୨ ଓଭରରେ ୫ ଉଇକେଟ ହରାଇ ବର୍ଷା ଯୋଗୁ ପରବର୍ତ୍ତୀତ ଲକ୍ଷ୍ୟ ୧୯୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ପରାଜୟ ସହ ଭାରତ ସେମି ଦୌଡ଼ରୁ ବାଦ୍ ପଡିଥିଲା। ଏହାପରେ ମ୍ୟାଚ୍‌ରେ ଭାରତ ୧୭ଟି ବଲ ବାକିଥାଇ ନ୍ୟୁଜିଲାଣ୍ଡଠାରୁ ୪ ଉଇକେଟରେ ପରାସ୍ତ ହୋଇଥିଲା। ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ସଚିନଙ୍କ ୮୪ ଓ ଆଝାରୁଦ୍ଦିନଙ୍କ ୫୫ ରନ ସହ ୫୦ ଓଭରରେ ୬ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ମାର୍କ ଗ୍ରେଟବ୍ୟାଚ୍‌ଙ୍କ ୭୩, ଆଣ୍ଡ୍ରୁ ଜୋନ୍ସଙ୍କ ୬୭, ମାର୍ଟିନ କ୍ରୋଙ୍କ ୨୬ ରନ ବଳରେ ୪୭.୧ ଓଭରରେ ୬ ଉଇକେଟ ହରାଇ ୨୩୧ ରନ କରି ବିଜୟୀ ହୋଇଥିଲା। ଅନ୍ତିମ ରାଉଣ୍ଡ ରବିନ ମ୍ୟାଚ୍‌ରେ ଭାରତକୁ ୫ଟି ବାକିଥାଇ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ପରାସ୍ତ କରିଥିଲା। ବର୍ଷା ଯୋଗୁ ମ୍ୟାଚ୍‌କୁ ୩୦ ଓଭରରେ ସୀମିତ ରଖାଯାଇଥିଲା। ଟସ ହାରି ଭାରତ ୬ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଆଝାରୁଦ୍ଦିନ ୭୯, ମଞ୍ଜରେକର ୨୮, କପିଳ ୪୨ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୨୯.୧ ଓଭରରେ ୪ ଉଇକେଟ ହରାଇ ୧୮୧ ରନ କରି ବିଜୟୀ ହୋଇଥିଲା। ଏହି ପରାଜୟ ସହ ଭାରତର ବିଶ୍ୱକପ୍ ଅଭିଯାନ ଶେଷ ହୋଇଥିଲା।

ଏହି ବିଶ୍ୱକପ୍‌ରେ ଭାରତ ସବୁ ଦୃଷ୍ଟିକୋଣରୁ ବିଫଳ ହୋଇଥିଲା। କୌଣସି ବ୍ୟାଟ୍ସମ୍ୟାନ ଶତକ ହାସଲ କରିପାରି ନ ଥିଲେ। ସେହିପରି କୌଣସ ଭାରତୀୟ ବୋଲର ୩ରୁ ଅଧିକ ଉଇକେଟ ନେଇପାରି ନ ଥିଲେ। ଦଳ ତରଫରୁ ଆଝାରୁଦ୍ଦିନ ସର୍ବାଧିକ ୩୩୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ପ୍ରଭାକର ସର୍ବାଧିକ ୧୨ ଉଇକେଟ ଅକ୍ତିଆର କରିଥିଲେ। ଏହି ବିଶ୍ୱକପ୍ ପରେ ଶ୍ରୀକାନ୍ତଙ୍କ କ୍ୟାରିୟର ଶେଷ ହୋଇଥିଲା ଓ ସେ ଅବସର ଘୋଷଣା କରିଥିଲେ।



ଭାରତ-ପାକିସ୍ତାନ ମ୍ୟାଚର ଏକ ବିବାଦୀୟ ମୁହୂର୍ତ୍ତ।

## ସଂକ୍ଷେପରେ

### ୩ ଓଡ଼ିଆ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୫।୫(ସ୍ପୋର୍ଟ୍ସ ବ୍ୟୁରୋ)- ଜୁନ ୧୦ରୁ ସ୍ପେନଠାରେ ହେବାକୁଥିବା ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୩ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ପ୍ରତାପ ଲାକ୍ରା, ସୁମନ ବେକ୍ ଓ ସୁଦୀପ ଚିରମାକୋ ସ୍ଥାନ ପାଇଛନ୍ତି। ସୁମନଙ୍କୁ ଦଳର ଉପଅଧିନାୟକ ମନୋନୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ଟୁଇଟର ଜରିଆରେ ଏହି ଓଡ଼ିଆ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ଭାରତ, ନେଦରଲାଣ୍ଡ୍ସ, ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଆୟୋଜକ ସ୍ପେନ ଭାଗନେବ।

### 'ହାର୍ଦ୍ଦିକଙ୍କ ପ୍ରତିଭାର ନିକଟତର କେହି ନାହାନ୍ତି'



ନୂଆଦିଲ୍ଲୀ,୧୫।୫(ପିଟି): ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତିଭା ସ୍ୱତନ୍ତ୍ର। ତାଙ୍କ ପ୍ରତିଭାର ନିକଟତର ଭାରତୀୟ ଦଳରେ କେହି ନାହାନ୍ତି ବୋଲି ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି। ସେହ୍ୱାଗଙ୍କ ଅନୁଯାୟୀ, ଭାରତୀୟ ଦଳରେ ହାର୍ଦ୍ଦିକଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ସେ ଏବେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ଯଦି ତାଙ୍କ ପ୍ରତିଭା ନିକଟତର କୌଣସି ଖେଳାଳି ଥାନ୍ତେ, ତେବେ ବିସିସିଆଇ କଦାପି ପାଣ୍ଡ୍ୟାଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ଦେଇ ନ ଥାନ୍ତା। ମୁମ୍ବାଇ ଇଣ୍ଡିଆନ୍ସର ରେକର୍ଡ ୪ର୍ଥ ଟାଇଟଲ ହାସଲ କରିବାରେ ହାର୍ଦ୍ଦିକଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୧୫ଟି ଇନିଂସ୍‌ରେ ୧୯୧.୪୨ ଷ୍ଟ୍ରାଇକ୍ ରେଟ୍‌ରେ ୪୦୨ ରନ୍ କରିଥିଲେ।

### ଯୁବ ବାସ୍କେଟବଲ: ବାଳକ ଦଳ ବିଜୟୀ

କଟକ ଅଫିସ,୧୫।୫- ତାମିଲନାଡୁରେ ଚାଲିଥିବା ୩୬ତମ ଜାତୀୟ ଯୁବ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ବୁଧବାର ଓଡ଼ିଶା ବାଳକ ଦଳ ବିଜୟୀ ହୋଇଛି । ପ୍ରତିଯୋଗିତାର ଗ୍ରୁପ-ଏଫରେ ସ୍ଥାନ ପାଇଥିବା ଓଡ଼ିଶା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଆସାମକୁ ୬୬-୬୩ ପଏଣ୍ଟରେ ହରାଇଛି । ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଗୋଆ ବିପକ୍ଷରେ ଖେଳିବ ।



> ଆଇସିସି ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ଦଳରେ ଜଣେ କ୍ୱାଲିଟ୍ ଦ୍ରୁତ ବୋଲର ଅଭାବ ରହିଛି।
> –ଗୌତମ ଗମ୍ଭୀର, ପ୍ରାକ୍ତନ ଭାରତୀୟ କ୍ରିକେଟର



> ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍‌ରେ ଉଦ୍‌ଘାଟନୀ ମ୍ୟାଚ୍ ବେଳକୁ ଦୁଇ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ ଓ କାଗିସୋ ରାବାଡା ଫିଟ୍ ହୋଇ ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରତିନିଧିତ୍ୱ କରିବେ।
> –ଓଟ୍ଟି ଗିବସନ, ଦକ୍ଷିଣ ଆଫ୍ରିକା କୋଚ୍

## ରାଜ୍ୟରେ ଏମ୍‌ଏସ୍ ଧୋନୀ କ୍ରିକେଟ ଏକାଡେମୀ
# ନିମପୁର କୋଚିଂ କ୍ଲିନିକ୍ ୨୫ରୁ

କଟକ ଅଫିସ,୧୫।୫

ଏମଏସ୍ ଧୋନୀ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଦେଶର ୨୦ଟି ସହରରେ କ୍ରିକେଟ କୋଚିଂ କ୍ଲିନିକ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୫ରୁ ୩୧ ପର୍ଯ୍ୟନ୍ତ ସ୍ଥାନୀୟ ନିମପୁର ଗ୍ରାଉଣ୍ଡରେ ଏହି କ୍ଲିନିକ ଆୟୋଜନ କରାଯିବ। ବୁଧବାର ଏ ନେଇ ନିମପୁର ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏକାଡେମୀର ମୁଖ୍ୟ ଅପରେଟର ସୋହେଲ ରଫ୍ ଉପସ୍ଥିତ ରହି କ୍ରିକେଟ କୋଚିଂ କ୍ଲିନିକର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏମଏସ୍ ଧୋନୀ କ୍ରିକେଟ ଏକାଡେମୀ ଅର୍କ ସ୍ପୋର୍ଟସର ଏକ ଅନୁଷ୍ଠାନ। ଧୋନୀଙ୍କ ବାଲ୍ୟବନ୍ଧୁ ମିହିର ଦିୱାକର ହେଉଛନ୍ତି ଅର୍କ ସ୍ପୋର୍ଟ୍ସର ପ୍ରତିଷ୍ଠାତା। ମିହିର ଭାରତୀୟ ୧୯ବର୍ଷରୁ କମ ବିଶ୍ୱକପ ବିଜେତା ଦଳର ଖେଳାଳି ମଧ୍ୟ ଥିଲେ। ଧୋନୀଙ୍କ ପରାମର୍ଶରେ ଉକ୍ତ ଏକାଡେମୀ ଚାଲିଛି। ନିମପୁରରେ ହେବାକୁ ଥିବା କ୍ରିକେଟ କୋଚିଂ କ୍ଲିନିକରେ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ର ଲେଭଲ-୩ କୋଚ୍ ସତ୍ୟଜିତ ଲହିରୀ ଓ ମନଦାର ଦଳିଭି ପ୍ରଶିକ୍ଷଣ ଦେବେ। ସତ୍ୟଜିତ ଓ ମନଦାର ଏମଏସ୍ ଧୋନୀ କ୍ରିକେଟ ଏକାଡେମୀର ମୁଖ୍ୟ କୋଚ୍। ୭ ଦିନର କ୍ଲିନିକ ନିମନ୍ତେ ୫ହଜାର ଟଙ୍କା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ୨୨ବର୍ଷରୁ କମ୍ ବୟସର ଖେଳାଳିମାନେ କେବଳ ପ୍ରଶିକ୍ଷଣ ନେଇ ପାରିବେ। ଏକାଡେମୀ ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କୁ ଜର୍ସି ଓ ଟୋପି ଦିଆଯିବ। ବିଭିନ୍ନ ବୟସ ବର୍ଗରେ ଅତ୍ୟାଧୁନିକ ଶୈଳୀରେ ଏଠାରେ ପ୍ରଶିକ୍ଷଣ ଦିଆଯିବ। ସମସ୍ତ ଟ୍ରେନିଂର ଭିଡ଼ିଓ ରେକର୍ଡିଂ କରାଯିବା ସହ ଭିଡ଼ିଓ ଆନାଲିସିସ ମାଧ୍ୟମରେ କେଉଁଠାରେ ତ୍ରୁଟି ରହୁଛି ତାହାକୁ ପ୍ରଥମେ ଠାବ କରାଯିବ ଏବଂ ସେହି ଅନୁସାରେ ଶିବିରାର୍ଥୀଙ୍କୁ ଶିକ୍ଷା ଦିଆଯିବ ବୋଲି ଏକାଡେମୀର ମୁଖ୍ୟ ଅପରେଟର ରଫ୍ କହିଛନ୍ତି। ଏହାଛଡ଼ା ସମସ୍ତ ପ୍ରଶିକ୍ଷାର୍ଥୀଙ୍କ ନିମନ୍ତେ ସ୍ୱତନ୍ତ୍ର ଫିଜିକାଲ ଫିଟନେସ ଓ ଡାଏଟ ପ୍ଲାନ ଯୋଗାଇ ଦିଆଯିବ। ଶିବିର ସରିବା ପରେ ମଧ୍ୟ ଏହାକୁ କିପରି ଜାରି ରଖିବେ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ରଫ କହିଥିଲେ। ମୋବାଇଲରେ ଏକ ଆପ୍ଲିକେଶନ ମାଧ୍ୟମରେ ନାମପଞ୍ଜୀକରଣ କରି ପ୍ରଶିକ୍ଷଣ ନେଇଥିବା ଖେଳାଳିମାନଙ୍କ ସହ ଯୋଗାଯୋଗ ରକ୍ଷା କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଆଗାମୀ ଦିନରେ ଏକାଡେମୀ ପକ୍ଷରୁ ଖେଳାଳି ଚୟନ କରାଯିବା ବେଳେ କ୍ରିକେଟ କୋଚିଂ କ୍ଲିନିକରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ରଫ କହିଛନ୍ତି। ଏକାଡେମୀର ଓଡ଼ିଶା ମ୍ୟାନେଜର ବିଭୂ ଶତପଥୀ ଉପସ୍ଥିତ ରହି ଏହି କ୍ରିକେଟ କୋଚିଂ କ୍ଲିନିକ ଯୋଗୁ ରାଜ୍ୟରେ କ୍ରିକେଟ ପ୍ରତିଭା କିପରି ବିକଶିତ ହେବ ସେ ଦିଗରେ ଆଲୋକପାତ କରିଥିଲେ। ସୂଚନା ଥାଉକି, ଜୁନ ୨ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି କ୍ରିକେଟ କୋଚିଂ କ୍ଲିନିକ ଭୁବନେଶ୍ୱରର ସିଭି ରମଣ ଇଞ୍ଜିନିୟରିଂ କଲେଜ ଗ୍ରାଉଣ୍ଡରେ ମଧ୍ୟ ହେବ।



ଏମଏସ୍ ଧୋନୀ କ୍ରିକେଟ କୋଚିଂ କ୍ଲିନିକ ସମ୍ପର୍କରେ ସୂଚନା ଦେଉଛନ୍ତି ସୋହେଲ ରଫ୍। ନିକଟରେ ଅଛନ୍ତି ଏକାଡେମୀର ଓଡ଼ିଶା ମ୍ୟାନେଜର ବିଭୁ ଶତପଥୀ।

## ହିରୱାନି, କୋଟାକ, ଯାଦବ ଭାରତ ଏ' କୋଚ୍

ମୁମ୍ବାଇ,୧୫।୫

ୱେଷ୍ଟଇଣ୍ଡିଜ ଗସ୍ତ ଓ ଶ୍ରୀଲଙ୍କା ଏ' ବିପକ୍ଷରେ ଭାରତ ଏ' ଖେଳିବାକୁ ଥିବା ସିରିଜ୍ ଲାଗି ବିସିସିଆଇ ବୁଧବାର କୋଚ୍ ନିଯୁକ୍ତ କରିଛି। ଭାରତୀୟ ଲେଗ୍ ସ୍ପିନର ନରେନ୍ଦ୍ର ହିରୱାନି, ପୂର୍ବତନ ଉଇକେଟକିପର ବିଜୟ ଯାଦବ ଓ ଘରୋଇ କ୍ରିକେଟ ସୀତାଂଶୁ କୋଟାକଙ୍କୁ ଯଥାକ୍ରମେ ବୋଲିଂ, ଫିଲ୍ଡିଂ ଓ ବ୍ୟାଟିଂ କୋଚ୍ ଦାୟିତ୍ୱ ଦିଆଯାଇଛି। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ରାହୁଲ ଦ୍ରାବିଡ୍‌ଙ୍କୁ ଚଳିତ ଥର କୋଚ୍ ଭାବେ ନିଯୁକ୍ତ କରାଯାଇ ନାହିଁ। ଏହାର କାରଣ ଆଗାମୀ ବର୍ଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏଣୁ ଜୁନିୟର କ୍ରିକେଟକୁ ଦ୍ରାବିଡ ଅଧିକ ସମୟ ଦେବା ଦରକାର। ଏହାବାଦ୍ ପୂର୍ବତନ ଭାରତୀୟ ଅଧିନାୟକଙ୍କ ହାତରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ରହିଛି।

## 'ନିର୍ବାଚିତ ସଂସ୍ଥା କ୍ରିକେଟ ପରିଚାଳନା କରିବା ଉଚିତ୍'

ନୂଆଦିଲ୍ଲୀ,୧୫।୫(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚିତ ସଂସ୍ଥା ବା ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ୍ ବୋଲି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ କ୍ୟୁରି ପି.ଏସ୍. ନରସିହ୍ମା କହିଛନ୍ତି। କୋର୍ଟ କିମ୍ବା ତଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ସଂସ୍ଥା କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିବା ଉଚିତ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଖୁବ୍‌ଶୀଘ୍ର ଏକ ନିର୍ବାଚିତ ସଂସ୍ଥା ଦେଶର କ୍ରିକେଟ ପରିଚାଳନା ଦାୟିତ୍ୱ ହାତକୁ ନେବ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି।

କିଛିଦିନ ତଳେ ବିଭିନ୍ନ ରାଜ୍ୟ ଆସୋସିଏଶନର ପ୍ରତିନିଧି ଓ ଆସୋସିଏଶନ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତିମାନଙ୍କ ସହ ସାକ୍ଷାତ କରି ନରସିହ୍ମା ସୁପ୍ରିମକୋର୍ଟଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରିଛନ୍ତି। ଜଷ୍ଟିସ୍ ଆର.ଏମ୍. ଲୋଧା କମିଟି ମାଣ୍ଡେଟ୍‌ରେ ୯ଜଣିଆ ଆପେକ୍ସ କାଉନସିଲ ଉଲ୍ଲେଖ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଶେଷରେ ଆୟୋଜକ ତଥା ଅଧିକାରୀମାନେ ହିଁ କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିବା ଉଚିତ ହେବ। କ୍ରିକେଟ ପରିଚାଳନା କୋର୍ଟ କିମ୍ବା କୌଣସି ଆଇନଜୀବୀଙ୍କ ଦାୟିତ୍ୱ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ନିର୍ବାଚିତ ବ୍ୟକ୍ତିମାନଙ୍କୁ ଖୁବ୍‌ଶୀଘ୍ର ଦାୟିତ୍ୱ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବହୁଦିନ ପୂର୍ବରୁ କ୍ରିକେଟ ସଂସ୍କାର ପ୍ରକ୍ରିୟାର ଆରମ୍ଭ ହୋଇଛି। ଏବେ ଏହାକୁ ଲାଗୁ କରିବାର ସମୟ ଆସି ଉପନୀତ ହୋଇଛି ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନଗୁଡିକ ସହ ଦୀର୍ଘ ସମୟ ଧରି ଆଲୋଚନା କରିଛି ଓ ଏହା ଫଳପ୍ରଦ ହୋଇଛି। ଖୁବଶୀଘ୍ର ଏହି ପ୍ରକ୍ରିୟାର ସୁଖଦ ଅନ୍ତ ଘଟିବାକୁ ଯାଉଛି। କ୍ରିକେଟ ପ୍ରଶାସକ କମିଟି (ସିଓଏ) ଗତ ଦୁଇ ବର୍ଷ ଧରି କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିଛି। ସିଓଏ ଏହି ଦାୟିତ୍ୱରେ ଅଧିକ ସମୟ ରହିବା ଉଚିତ୍ କି ବୋଲି ପ୍ରଶ୍ନକୁ ସେ ନାପସନ୍ଦ କରିଛନ୍ତି। ଏବେ ସଂସ୍କାର ଲାଗୁ କରିବାର ସମୟ। ତେଣୁ ଏଭଳି ପ୍ରଶ୍ନର କୌଣସି ମୂଲ୍ୟ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବୋର୍ଡ କିମ୍ବା ରାଜ୍ୟ ଆସୋସିଏନଗୁଡ଼ିକର ଯେକୌଣସି ଅଧିକାରୀଙ୍କ କାର୍ଯ୍ୟକାଳ ୧୮ ବର୍ଷ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିସିସିଆଇରେ ୯ ଓ ରାଜ୍ୟ ଆସୋସିଏଶନଗୁଡ଼ିକରେ ୯ ବର୍ଷ, ଅର୍ଥାତ ମୋଟ ଉପରେ ୧୮ ବର୍ଷ ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନଗୁଡ଼ିକର ସମସ୍ୟାର ସମାଧାନ ଉପରେ ଓ ଆପେକ୍ସ କାଉନସିଲ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଥରେ ବିସିସିଆଇର ନିର୍ବାଚନ ହୋଇଗଲେ ରାଜ୍ୟ ଆସୋସିଏଶନଗୁଡ଼ିକ ମଧ୍ୟ ସେମାନଙ୍କ ନିର୍ବାଚନ ପ୍ରକ୍ରିୟାକୁ ଆଗକୁ ନେଇଯିବେ। ତେଣୁ ଖୁବଶୀଘ୍ର ଭାରତୀୟ କ୍ରିକେଟ ପ୍ରଶାସନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ହେବ ବୋଲି ନରସିହ୍ମା ସ୍ପଷ୍ଟ କରିଛନ୍ତି।

## କିଟ୍‌ରେ ସାଇ ଏନ୍‌ଏସ୍‌ଏନ୍‌ଆଇଏସ୍ ସାର୍ଟିଫିକେଟ କୋର୍ସ ଆରମ୍ଭ





କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସାଇ ପକ୍ଷରୁ ୬ ସପ୍ତାହ ବିଶିଷ୍ଟ ଏନଏସଏନଆଇଏସ ସ୍ପୋର୍ଟ୍ସ କୋଚିଂ ସାର୍ଟିଫିକେଟ କୋର୍ସର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଭୁବନେଶ୍ୱର, ୧୫।୫(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ୬ ସପ୍ତାହ ବିଶିଷ୍ଟ ଏନ୍‌ଏସ୍‌ଏନ୍‌ଆଇଏସ୍ ସ୍ପୋର୍ଟ୍ସ କୋଚିଂ ସାର୍ଟିଫିକେଟ କୋର୍ସ ୧୦ମ ଥରପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ୧୪ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଥଲେଟିକ୍ସ, ଆର୍ଚେରି, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, କ୍ରିକେଟ, ଫୁଟବଲ, ହକି, ଜୁଡୋ, ସନ୍ତରଣ, ଟେବୁଲ ଟେନିସ, ଟେନିସ, ଭଲିବଲ ଓ ଭାରୋତ୍ତୋଳନ ଆଦି ୧୩ଟି କ୍ରୀଡ଼ା ଇଭେଣ୍ଟରେ ଏହି କୋର୍ସ ଚାଲିଛି। ଏଥିରେ ଦେଶର ୨୫ ରାଜ୍ୟରୁ ୪୩୨ଜଣ ଅଂଶଗ୍ରହଣ କରିଛନ୍ତି। ଆଥଲେଟିକ୍ସରେ ୪୧, ଆର୍ଚେରିରେ ୩୫, ବ୍ୟାଡ୍‌ମିଣ୍ଟନରେ ୫୨, ବାସ୍କେଟବଲରେ ୩୪, କ୍ରିକେଟରେ ୩୨, ଫୁଟବଲରେ ୨୩, ହକିରେ ୨୮, ଜୁଡୋରେ ୫୨, ସନ୍ତରଣରେ ୫୧, ଟେବୁଲ ଟେନିସରେ ୨୪, ଟେନିସରେ ୨୦, ଭଲିବଲରେ ୨୪ ଓ ଭାରୋତ୍ତୋଳନରେ ୧୬ ଜଣ ଏହି କୋର୍ସ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ବୁଧବାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ତଥା କୋର୍ସ ସଂଯୋଜକ ଗଗନେନ୍ଦୁ ଦାଶ, ସାଇ କ୍ରିକେଟ କୋଚ୍ ଅଜିତ ମିଶ୍ର, ସାଇ ଟେବୁଲ ଟେନିସ କୋଚ୍ ରଞ୍ଜିତା ମିଶ୍ର, ଆଥଲେଟିକ୍ସ କୋଚ୍ ସଞ୍ଜୟ ଗଡ଼ନାୟକ, କ୍ରୀଡ଼ା ବିଭାଗର ଭାରୋତ୍ତୋଳନ କୋଚ୍ ପି. ଧର୍ମାରାଓ, ସାଇ ଭଲିବଲ କୋଚ୍ ଜଗନ୍ନାଥ ସିହି ପ୍ରମୁଖ ଉପସ୍ଥିତ ଥିଲେ।

## ମୋର୍ଗାନ ବାସନ୍ଦ, ବେୟାରଷ୍ଟୋଙ୍କୁ ଭର୍ତ୍ସନା

ବ୍ରିଷ୍ଟଲ,୧୫।୫

ଇଂଲଣ୍ଡ ଦଳର ଅଧିନାୟକ ଇଅନ ମୋର୍ଗାନଙ୍କୁ ପାକିସ୍ତାନ ବିପକ୍ଷ ୪ର୍ଥ ଦିନିକିଆରୁ ବାସନ୍ଦ କରାଯାଇଛି। ଏଠାରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ଧିମା ବୋଲିଂ ହାର ପାଇଁ ଇଂଲଣ୍ଡ ଅଧିନାୟକଙ୍କୁ ଏଭଳି ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଛି। ଆହୁରି ମଧ୍ୟ ତାଙ୍କ ମ୍ୟାଚ୍ ଫି'ର ୪୦ ଓ ଦଳର ଅନ୍ୟ ଖେଳାଳିଙ୍କ ୩୦ ପ୍ରତିଶତ କାଟ୍ କରାଯିବ। ଧାର୍ଯ୍ୟ ସମୟ ଶେଷସୁଦ୍ଧା ଇଂଲଣ୍ଡ ୪୮ ଓଭର ଶେଷ କରିପାରିଥିଲା। ଧିମା ବୋଲିଂ ହାର ଲାଗି ଉଦ୍ଦିଷ୍ଟ ନିୟମ ଅନୁଯାୟୀ ଧାର୍ଯ୍ୟ ସମୟ ସୁଦ୍ଧା ପ୍ରତ୍ୟେକ ବଳକା ଓଭର ପାଇଁ ଦଳୀୟ ଖେଳାଳିଙ୍କ ୧୦ ପ୍ରତିଶତ ଓ ଅଧିନାୟକଙ୍କ ଦୁଇ ଗୁଣ ମ୍ୟାଚ୍ ଫି' କାଟ୍ କରାଯାଏ। କିନ୍ତୁ ମୋର୍ଗାନ ସମାନ ଭୁଲ୍ ବାର୍ବାଡସ୍‌ଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ କରିଥିଲେ। ଏହାବାଦ୍ ଇଂଲଣ୍ଡର ଉଇକେଟକିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ ଭର୍ତ୍ସନା କରାଯାଇଛି। ସେ ମ୍ୟାଚ୍‌ର ୨୯ତମ ଓଭରରେ ବୋଲ୍ଡ ଆଉଟ୍ ହେବା ପରେ ବ୍ୟାଟ୍‌ରେ ଉଇକେଟକୁ ମାରିଥିଲେ। ଏଥିଯୋଗୁ ଉଭୟ ଖେଳାଳି ଦୋଷ ଓ ଦଣ୍ଡାଦେଶକୁ ସ୍ୱୀକାର କରିଛନ୍ତି।

### ଇଂଲଣ୍ଡ ବିଜୟୀ

ଏଠାରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌କୁ ଇଂଲଣ୍ଡ ଦଳ ୬ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଦଳ ୨-୦ରେ ଆଗୁଆ ରହିଛି। ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ପରବର୍ତ୍ତୀ ମ୍ୟାଚ୍ ନଟିଂହାମଠାରେ ଆସନ୍ତା ୧୭ ତାରିଖରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫୦ ଓଭରରେ ୯ ଉଇକେଟ ହରାଇ ୩୫୮ ରନ୍ କରିଥିଲା। ଇମାମ ଉଲ ହକ୍ ୧୫୧, ଅସିଫ ଅଲି ୫୨ ଓ ହାରିସ ସୋହେଲ ୪୧ ରନ୍ କରିଥିଲେ। ବୋଲିଂରେ କ୍ରିସ୍ ୱୋକ୍ସ ୪ ଓ ଟମ୍ କରନ ଦୁଇ ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ଦୁଇ ଓପନର ଜାସନ ରୟ (୭୬ ରନ) ଓ ବେଆରଷ୍ଟୋ (୯୩ ବଲରୁ ୧୨୮ ରନ)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୪୪.୫ ଓଭରରେ ୪ ଉଇକେଟ ହରାଇ ୩୫୯ ରନ୍ କରି ମ୍ୟାଚ୍ ଜିତି ନେଇଥିଲେ। ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ ଲାଗି ବେୟାରଷ୍ଟୋ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ବିବାହ ବନ୍ଧନରେ ନଟରାଜ



ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ନଟରାଜ ବେହେରା।

କଟକ ଅଫିସ,୧୫।୫

ରାଜ୍ୟ କ୍ରିକେଟର ତାରକା ଖେଳାଳି ତଥା ପୂର୍ବତନ ଅଧିନାୟକ ନଟରାଜ ବେହେରା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବେଙ୍ଗାଲୁରୁରେ ବୈଦିକ ରୀତିରେ ବୁଧବାର ନଟରାଜଙ୍କ ବିବାହ ସମ୍ପନ୍ନ ହୋଇଛି। ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କୁ ନଟରାଜ ପ୍ରେମ ବିବାହ କରିଥିବା ବେଳେ ବିବାହ ଅବସରରେ ନଟରାଜ ଓ ଶୁଭଲକ୍ଷ୍ମୀଙ୍କ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ପିତା ସୁବ୍ରତ ଶତପଥୀ ଓ ମା' ତ୍ରିଦେବୀ ଶତପଥୀଙ୍କ ଝିଅ ଶୁଭଲକ୍ଷ୍ମୀ ବେଙ୍ଗାଲୁରୁରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ଗତ ୯ବର୍ଷ ହେବ ନଟରାଜ-ଶୁଭଲକ୍ଷ୍ମୀ ପ୍ରେମ ସମ୍ପର୍କରେ ଥିଲେ। ପିତା ସ୍ୱର୍ଗତ ଭୁବନ ବେହେରା ଓ ମା ଚିତ୍ରା ବେହେରାଙ୍କ ପୁଅ ନଟରାଜ ଓଡ଼ିଶା କ୍ରିକେଟ ଜଗତରେ ଜଣେ ପରିଚିତ ଓ ଖ୍ୟାତନାମା କ୍ରିକେଟର। ନଟରାଜଙ୍କ ବଳିଷ୍ଠ ନେତୃତ୍ୱ ବଳରେ ୨୦୧୧-୧୨ ଓ ୨୦୧୨-୧୩ ସିଜନରେ ପୂର୍ବାଞ୍ଚଳ ଦଳ ଦୁଲୀପ ଟ୍ରଫି ଚାମ୍ପିୟନ ହୋଇଛି। ଦୁଲୀପ ଟ୍ରଫିର ୫୦ଟି ସଂସ୍କରଣ ପରେ ପୂର୍ବାଞ୍ଚଳକୁ ଟାଇଟଲ ଦେଇ ନଟରାଜ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ପୂର୍ବରୁ ରାଜ୍ୟ ଦଳର ଅଧିନାୟକ ରହିଥିବା ନଟରାଜ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୩୦୩୧ ରନ ସଂଗ୍ରହ କରିଛନ୍ତି। ୨୦୧୫-୧୬ ସିଜିନରେ ହରିୟାଣା ବିପକ୍ଷରେ ୨୫୫ରନର ଇନିଂସ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ମାତ୍ର ଏବେ ନଟରାଜ କ୍ରିକେଟରୁ ଦୂରେଇ ରହୁଥିବା ଦେଖିବାକୁ ମିଳୁଛି। ଏପରିକି ଗତ ରଣଜୀ ସିଜନ ନିମନ୍ତେ ରାଜ୍ୟ ଶିବିରରେ ମଧ୍ୟ ସେ ସ୍ଥାନ ପାଇ ନ ଥିଲେ। କଳାହାଣ୍ଡି କପରେ ଅଂଶ ଗ୍ରହଣ ନ କରିବାରୁ ତାଙ୍କୁ ଶିବିରରେ ସାମିଲ କରାଯାଇ ନଥିଲା।

## ବାଂଲାଦେଶର ସହଜ ବିଜୟ

ଡବ୍ଲିନ୍,୧୫।୫

ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଦିନିକିଆ ସିରିଜରେ ବୁଧବାର ଖେଳାଯାଇଥିବା ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ବାଂଲାଦେଶ ୪୨ଟି ବଲ ବାକି ରଖି ୬ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଛି। ଟସ୍ ଜିତି ଘରୋଇ ଆୟର୍ଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୯୨ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୪୩ ଓଭରରେ ୪ ଉଇକେଟ ହରାଇ ୨୯୪ ରନ କରି ବିଜୟୀ ହୋଇଛି। ଏଥିସହ ବାଂଲାଦେଶର ଫାଇନାଲ ଆଶା ଆହୁରି ଦୃଢ ହୋଇଛି। ବାଂଲାଦେଶ ତରଫରୁ ତାମିମ ଇକବାଲ ୫୭, ଲିଟନ ଦାସ ୭୬, ସାକିବ ଅଲ ହାସନ ୫୦, ମୁସଫିକର ରହିମ ୩୫, ମହମୁଦୁଲ୍ଲା ଅପରାଜିତ ୩୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଘରୋଇ ଦଳ ତରଫରୁ ବୋଏଡ ରନ୍‌କିନ ୨, ମାର୍କ ଆଡାଏର ଓ ବେରୀ ମ୍ୟାକକାର୍ଥୀ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ତରଫରୁ ଓପନର ପଲ ଷ୍ଟିର୍ଲିଂ ସର୍ବାଧିକ ୧୩୦, ଅଧିନାୟକ ୱିଲିୟମ ପୋର୍ଟର୍‌ଫିଲ୍ଡ ୯୪ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ଆବୁ ଜାଏଦ ସର୍ବାଧିକ ୫, ମହମ୍ମଦ ସୈଫୁଦ୍ଦିନ ୨ ଓ ରୁବେଲ ହୁସେନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।





ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଆବୁ ଜାଏଦ।

### ସଂକ୍ଷିପ୍ତ ସ୍କୋର

- ଆୟର୍ଲାଣ୍ଡ ୫୦ ଓଭରରେ ୨୯୨/୮ (ଷ୍ଟିର୍ଲିଂ- ୧୩୦, ପୋର୍ଟରଫିଲ୍ଡ- ୯୪, ଜାଏଦ- ୫/୫୮, ସୈଫୁଦ୍ଦିନ- ୨/୪୩)।
- ବାଂଲାଦେଶ ୪୩ ଓଭରରେ ୨୯୪/୪ (ଲିଟନ- ୭୬, ତାମିମ- ୫୭, ସାକିବ- ୫୦, ମୁସଫିକର- ୩୫, ମହମୁଦୁଲ୍ଲା- ୩୫*, ରାନକିନ୍- ୨/୪୮)।

ମନେ ପଡ଼ନ୍ତି

ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ



ସ୍ୱର୍ଗତ ଶ୍ରୀ ହରିହର ଦାଶ
(ଅବସରପ୍ରାପ୍ତ ପ୍ରଧାନଶିକ୍ଷକ)
ଆବିର୍ଭାବ: ୦୬।୦୮।୧୯୪୫
ତିରୋଧାନ: ୨୭।୦୪।୨୦୧୮
ରଂଗିପୁର, ବ୍ରହ୍ମପୁର, ଗଂଜାମ

ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ସହଧର୍ମିଣୀ, ଭାଇ, ଭଉଣୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପଣନାତି-ପଣ ନାତୁଣୀ।
ଧ-୪୯୨୯୭

ପୂର୍ବ ତଟ ରେଳପଥ
ଇଂଜିନିୟରିଂ କାର୍ଯ୍ୟ
ଫାଇଲ ନଂ.DRM/Engg/KUR/19-20/ E-Tender/08, ତା.10.05.2019ରିଖ
(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender CEN-KUR-30-2019,ତା.02.05.2019ରିଖ
ବିବରଣୀ : କୋଚିଙ୍ଗ୍ ଡିପୋ, ଭୁବନେଶ୍ୱରର ପିଟ୍ ଲାଇନ୍‌ଗୁଡ଼ିକର ଉନ୍ନୟନ (Up-gradation)।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 718.28 ଲକ୍ଷ, EMD (ଟଙ୍କାରେ) : 5,09,100/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 18 ମାସ।
(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender SOUTH-KUR-31-2019,ତା.26.04.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସାଉଥ୍) ପରିସୀମା ଅଧୀନରେ ପ୍ରଚଳିତ ଗାର୍ଡ଼ ରେଲ୍‌ଗୁଡ଼ିକର ପ୍ରସ୍ତାବିତ ନବୀକରଣ, ବାଲାଷ୍ଟ ଡେକ୍ ବ୍ରିଜ୍ ଏବଂ ଫୁଟ୍ ଓଭର ବ୍ରିଜ୍ (FOB)ଗୁଡ଼ିକ ସ୍ଥାନରେ ଗାର୍ଡ ରେଲ୍ ଲଗାଇବା, ଜବତ (Seized) ରେଲ ସ୍କ୍ରୁ ଏବଂ ERC ର ଅପସାରଣ, ସ୍ଲାଇଡ୍ ଚେୟାରଗୁଡ଼ିକର ୱେଲ୍ଡିଙ୍ଗ୍ ଏବଂ ଅନ୍ୟ ସଂରକ୍ଷା ସମ୍ବନ୍ଧୀୟ P.Way କାର୍ଯ୍ୟ ସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 160.25 ଲକ୍ଷ, EMD (ଟଙ୍କାରେ) : 2,30,100/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.05.2019 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ୍
PR-80/K/19-20

# ମହାନଦୀରୁ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର

■ ଗତ ସୋମବାରଠାରୁ ନିଖୋଜ ଥିଲେ
■ ଯୋବ୍ରା ବ୍ୟାରେଜ ନିକଟରୁ ମିଳିଥିଲା ସ୍କୁଟି, ପ୍ୟାଣ୍ଟଶାର୍ଟ, ମୋବାଇଲ

**କଟକ ଅଫିସ,୧୫।୫**

ମାଲଗୋଦାମ ଥାନା ଅଞ୍ଚଳରୁ ଗତ ସୋମବାର ନିଖୋଜ ହୋଇଯାଇଥିବା ୨ ଛାତ୍ରଙ୍କ ମୃତଦେହ ବୁଧବାର ଜଗତ୍‌ପୁର ଥାନା ଅନ୍ତର୍ଗତ ମହାନଦୀରୁ ଉଦ୍ଧାର କରାଯାଇଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ପ୍ରତୀକ ପରିଡ଼ା(୨୬) ଓ ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର କୌସ୍ତୁଭ ତ୍ରିପାଠୀ(୨୫)। ଏ ନେଇ ଜଗତ୍‌ପୁର ପୋଲିସ ଦୁଇଟି ଅପମୃତ୍ୟୁ ମାମଲା (୭, ୮/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରତୀକ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଓ କୌସ୍ତୁଭ ଜାତୀୟ କବି ବୀର କିଶୋର(ଜେକେବିକେ) ସରକାରୀ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଉଭୟ ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ର ଥିବାବେଳେ କଲେଜଛକ ଅଞ୍ଚଳର ଏକ ଘରୋଇ ହଷ୍ଟେଲରେ ରହୁଥିଲେ। ସୋମବାର ପୂର୍ବାହ୍ନରେ ସେମାନେ ଯାଜପୁରକୁ ଏକ ବରଯାତ୍ରୀରେ ଯିବେ ବୋଲି ପରିବାର ଲୋକଙ୍କୁ କହିଥିଲେ। ପରବର୍ତ୍ତୀ ସମୟରେ ପରିବାର ଲୋକେ ସେମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଉଭୟଙ୍କ ଫୋନ୍ ଲାଗି ନ ଥିଲା। ଏ ନେଇ ଉଭୟଙ୍କ ପରିବାର ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ମାଲଗୋଦାମ ଥାନାରେ ଅଭିଯୋଗ ହୋଇଥିଲା। ପରେ ମଙ୍ଗଳବାର ସନ୍ଧ୍ୟାରେ ନରାଜ ଫାଣ୍ଡି ନିକଟସ୍ଥ ଯୋବ୍ରା ବ୍ୟାରେଜ ନିକଟରୁ ସେମାନେ ବ୍ୟବହାର କରିଥିବା ସ୍କୁଟି, ପ୍ୟାଣ୍ଟ, ଶାର୍ଟ ଓ ଏକ ମୋବାଇଲ ଫୋନ ପୋଲିସ ପାଇଥିଲା। ବୁଧବାର ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହ ଦ୍ୱୟକୁ ସେମାନଙ୍କ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି। ଉଭୟ ମହାନଦୀରେ ଗାଧୋଉଥିବାବେଳେ ବୁଡ଼ିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜଗତପୁର ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକ କହିଛନ୍ତି।

■ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ

# ୨୦ ପରିବର୍ତ୍ତେ ଜୁନ୍ ପହିଲାରୁ ପରୀକ୍ଷା

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଦ୍ୱାରା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ବହୁଳ ଭାବେ ପ୍ରଭାବିତ ହୋଇଛି। ଏହି କାରଣରୁ ଚଳିତ ମାସ ୨୦ତାରିଖରୁ ଆରମ୍ଭ ହେବାକୁ ଥିବା ପରୀକ୍ଷାଗୁଡ଼ିକୁ ବାତିଲ କରିଦିଆଯାଇଛି। ବାତିଲ ହୋଇଥିବା ପରୀକ୍ଷାଗୁଡ଼ିକ ଜୁନ୍ ପହିଲାରୁ ଆରମ୍ଭ କରାଯିବା ନେଇ ସ୍ଥିର ହୋଇଛି। କିନ୍ତୁ ପୂର୍ବ ବିଜ୍ଞପ୍ତି ଅନୁଯାୟୀ ସ୍ନାତକ ପାଠ୍ୟକ୍ରମ ଯଥା–ବିପିଏ, ବିଭିଏ, ବିଏଚ୍‌ଏମ୍, ବିଟିଟିଏମ୍, ବ୍ୟାଚଲର ଇନ୍ ଫ୍ୟାଶନ ଡିଜାଇନ୍, ବ୍ୟାଚଲର ଇନ୍ ଇଣ୍ଟେରିୟର ଡିଜାଇନ୍, ଛଅ ମାସିଆ

**ସ୍ନାତକ ପରୀକ୍ଷା କାର୍ଯ୍ୟସୂଚୀ ଅପରିବର୍ତ୍ତିତ**

ଜୈନ ଧର୍ମ, ଦର୍ଶନ ଏବଂ ଛଅ ମାସିଆ ତାମିଲ ପରୀକ୍ଷା ପୂର୍ବଭଳି ଆସନ୍ତା ୨୦ତାରିଖରେ ଅନୁଷ୍ଠିତ ହେବ। ସମସ୍ତ ସ୍ନାତକ ପାଠ୍ୟକ୍ରମ ପରୀକ୍ଷା କାର୍ଯ୍ୟସୂଚୀ ଅପରିବର୍ତ୍ତିତ ରଖାଯାଇଛି। ସେହିପରି ଆସନ୍ତା ୨୮ତାରିଖରେ ହଷ୍ଟେଲ ଖୋଲିବ ବୋଲି କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳସଚିବ ତଥା ପରୀକ୍ଷା ନିୟନ୍ତ୍ରକ ମନୋଜ କୁମାର ଦାସ ପରିବର୍ତ୍ତିତ କାର୍ଯ୍ୟସୂଚୀ ନେଇ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**ଖୋର୍ଦ୍ଧା ଅଫିସ,୧୫।୫**- କୋଲକାତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ପିଏନ କଲେଜ ସମ୍ମୁଖ ରାସ୍ତାରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଆନନ୍ଦ ଚନ୍ଦ୍ର ସ୍ୱାଇଁ(୨୭)। ଘର ନୟାଗଡ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ବାଦଭୂଇଁ ଗାଁରେ। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ୨୭୯, ୩୦୪(ଏ)ରେ ୧୪୦/୧୯ରେ ମକଦ୍ଦମା ରୁଜୁ କରି ଘଟଣାର ତଦନ୍ତ କରୁଛି। ବାଦଭୂଇଁର ଆନନ୍ଦ ଭଉଣୀର ଶାଶଙ୍କୁ ଭୁବନେଶ୍ୱର ମେଡିକାଲରେ ଦେଖିବାକୁ ଓଡି ୦୨ ଡି ୬୮୨୩ ବାଇକ୍ ଯୋଗେ ଯାଉଥିଲେ।

### ବଜ୍ରପାତରେ ମା' ଝିଅ ଗୁରୁତର

**ଖୁଣ୍ଟୁଣୀ,୧୫।୫(ଡି.ଏନ୍.ଏ.)**- ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାଶ୍ୟାମପୁର ଗ୍ରାମରେ ବୁଧବାର ସନ୍ଧ୍ୟାରେ ବଜ୍ରପାତ ଘଟି ଗୋଟିଏ ପରିବାରର ମା' ଝିଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୀତା ସାମଡ(୪୦) ଓ ଝିଅ ସୀମା ସାମଡ(୮)। ଚିକିତ୍ସା ପାଇଁ ଉଭୟଙ୍କୁ ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସୀତା ଓ ତାଙ୍କ ଝିଅ ସୀମା ଘରେ ବସିଥିବା ବେଳେ ସନ୍ଧ୍ୟାରେ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ସୀତାଙ୍କ ଘରକୁ ଲାଗିଥିବା ଏକ ଗଛରେ ବଜ୍ରପାତ ପଡିବାରୁ ଗଛ ଜଳିବା ସହ ଉଭୟଙ୍କୁ ମଧ୍ୟ ଆଘାତ ଦେଇଥିଲା। ଫଳରେ ସେମାନେ ଅଚେତ ହୋଇପଡିଥିଲେ। ତାଙ୍କ ପଡୋଶୀ ବର୍ଷା ଛାଡିବା ପରେ ଉଭୟଙ୍କୁ ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ଆମ୍ବୁଲାନ୍ସରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ଅଚେତ ହୋଇ ପଡ଼ିଥିବା ନାବାଳିକା ଉଦ୍ଧାର
### ବଳାତ୍କାର ଅଭିଯୋଗ

**ଫୁଲନଖରା,୧୫।୫(ଡି.ଏନ୍.ଏ.)**- କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ରେଲୱେ ବ୍ରିଜ ନିକଟରେ ଅଚେତ ହୋଇ ପଡ଼ିଥିବା ଜଣେ ନାବାଳିକାଙ୍କୁ ବୁଧବାର ପୋଲିସ ଉଦ୍ଧାର କରିଛି। ଚିକିତ୍ସା ପାଇଁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେହି ଦୁର୍ବୃତ୍ତ ନାବାଳିକାଙ୍କୁ ବଳାତ୍କାର କରି ସେଠାରେ ଛାଡି ଚାଲିଯାଇଥିବା ତାଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା(ନଂ.୨୧୨/୧୯)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ନାବାଳିକାଜଣକ ରେଲୱେ ବ୍ରିଜ ତଳେ ଅଚେତ ଅବସ୍ଥାରେ ପଡିଥିବା ଲୋକେ ଦେଖିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ସେଠାରେ ଲୋକଙ୍କ ଭିଡ ଜମିଥିଲା। ଖବରପାଇ ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଏ ସମ୍ପର୍କରେ କଟକ ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା କୁହନ୍ତି, ନିବାଳିକା ଜଣକ ଅସୁସ୍ଥ ଥିବାରୁ ପ୍ରକୃତ ଘଟଣା କ'ଣ ଜଣାପଡିନାହିଁ। ସେ ସୁସ୍ଥ ହେବା ପରେ ତାଙ୍କୁ ପଚରଉଚରା କରାଯିବ। ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ସେ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ପଶୁପତିନାଥ ମନ୍ଦିର ବୋର୍ଡ କାର୍ଯ୍ୟକାରୀ ନିର୍ଦ୍ଦେଶକ


ପରିବାର ସହ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି ପଶୁପତିନାଥ ମନ୍ଦିର ବୋର୍ଡର କାର୍ଯ୍ୟକାରୀ ନିର୍ଦ୍ଦେଶକ।

**ପୁରୀ ଅଫିସ,୧୫।୫**

ନେପାଳସ୍ଥିତ ପଶୁପତିନାଥ ମନ୍ଦିର ବୋର୍ଡର କାର୍ଯ୍ୟକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଉପର୍ତ୍ତି ବୁଧବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଅପରାହ୍ନରେ ଉପର୍ତ୍ତି ସସ୍ତ୍ରୀକ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେମାନଙ୍କୁ ତାଙ୍କର କୌଳିକ ପଣ୍ଡା ମାଧବ ମହାପାତ୍ର, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ମନ୍ଦିର ପ୍ରଶାସନ ପକ୍ଷରୁ ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ସୁରକ୍ଷା ପ୍ରଶାସକ ପ୍ରଶାନ୍ତ କୁମାର ମହାପାତ୍ର, ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା, ସୂଚନା ଅଧିକାରୀ ସୁଦୀପ୍ ଚାଟାର୍ଜୀ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହାପରେ ସେମାନେ ମନ୍ଦିରକୁ ଯାଇଥିଲେ। ଭିତରକାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ଉପର୍ତ୍ତି ଦମ୍ପତି। ପରେ ବେଢା ପରିସର ବିଭିନ୍ନ ମନ୍ଦିର ବୁଲିଥିଲେ। ଉପର୍ତ୍ତି କହିଥିଲେ, ଶ୍ରୀମନ୍ଦିର ଏବଂ ପଶୁପତିନାଥ ମନ୍ଦିର ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଏହି ଦୁଇ ମନ୍ଦିର ମଧ୍ୟରେ ସାଂସ୍କୃତିକ ଐତିହ୍ୟ ଆହୁରି ଆଗକୁ ବଢାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ଦୁଇ ମନ୍ଦିର ପ୍ରଶାସନ ମଧ୍ୟରେ ସହଯୋଗ ରହିଲେ ଏହା ଫଳପ୍ରଦ ହେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିମନ୍ତ୍ରଣକ୍ରମେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବା ଉପର୍ତ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ମଧ୍ୟ ପଶୁପତିନାଥ ମନ୍ଦିର ଦର୍ଶନ କରିବାକୁ ଯିବା ଲାଗି ନିମନ୍ତ୍ରଣ କରିଥିବା ଜଣାପଡ଼ିଛି ।

# ବନ୍ଦ ହେଲା ବିଏମ୍‌ସି ମଲ୍ଟି କଣ୍ଟ୍ରୋଲ ରୁମ୍

■ ଅଭିଯୋଗ ପାଇଁ ୦୬୭୪-୨୪୩୧୨୫୩ ଫୋନ୍ ନମ୍ବର ଜାରି

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**


ବାତ୍ୟା 'ଫନୀ' ଲାଗି ବିଏମ୍‌ସି ମୁଖ୍ୟାଳୟରେ ଖୋଲିଥିବା ମଲ୍ଟି କଣ୍ଟ୍ରୋଲ ରୁମ୍(ବହୁମୁଖୀ ନିୟନ୍ତ୍ରଣ କକ୍ଷ)କୁ ବୁଧବାର ରାତି ୧୦ଟାରୁ ବନ୍ଦ କରିଦିଆଯାଇଛି। ଶେଷ ସୁଦ୍ଧା ମୋଟ ୧୬୨୪ ଅଭିଯୋଗ ଆସିଥିବା ବେଳେ ବୁଧବାର ମୋଟ ୯୭ ଅଭିଯୋଗ ଆସିଛି। ମୁଖ୍ୟତଃ ଗଛ କାଟିବା, ଷ୍ଟ୍ରିଟଲାଇଟ୍ ନ ଜଳିବା, ପାଣି ସମସ୍ୟା ଓ ରାସ୍ତା ଉପରେ ଗଛ ପଡ଼ିରହିବା ନେଇ କଣ୍ଟ୍ରୋଲ ରୁମ୍‌କୁ ଅଭିଯୋଗମାନ ଆସିଥିଲା। ଅଭିଯୋଗଗୁଡ଼ିକ ପ୍ରତି ବିଏମ୍‌ସି କର୍ମଚାରୀମାନେ ଗୁରୁତ୍ୱ ଦେଇ ସେ ସବୁର ସମାଧାନ କରିଛନ୍ତି। ସୂଚନାଯୋଗ୍ୟ, ବିଏମ୍‌ସି କମିଶନର ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏହି କଣ୍ଟ୍ରୋଲ ରୁମ୍‌କୁ ବନ୍ଦ କରିଦିଆଯିବା ସହିତ ସମସ୍ତ ବିଭାଗୀୟ ଫୋନ୍ ନମ୍ବରକୁ ପୁଣିଥରେ ଆରମ୍ଭ କରାଯାଇଛି। ସମସ୍ତ ନୋଡାଲ ଅଫିସରଙ୍କୁ ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଗ୍ରିଏଭାନ୍ସ ନମ୍ବର ପ୍ରଦାନ କରିବା ଲାଗି କମିଶନର କହିଛନ୍ତି। ଅନ୍ୟପକ୍ଷରେ ଗୁରୁବାରଠାରୁ ବିଏମ୍‌ସି ଗ୍ରିଏଭାନ୍ସ ନମ୍ବର ପୂର୍ବପରି କାର୍ଯ୍ୟକାରୀ ହେବ। କିନ୍ତୁ ଇମରଜେନ୍ସି ବିଭାଗର ଉପଆୟୋଗୀ ସସ୍ମିତା ସାହୁ ନୋଡାଲ ଅଫିସର ଭାବେ କାର୍ଯ୍ୟ କରିବେ। ବର୍ତ୍ତମାନ ବିଏମ୍‌ସି ପକ୍ଷରୁ ବିଭିନ୍ନ ଅଭିଯୋଗ ପାଇଁ ପୂର୍ବପରି ଏକ ଫୋନ୍ ନମ୍ବର ୦୬୭୪-୨୪୩୧୨୫୩ ଜାରି କରାଯାଇଛି। ସେହିପରି ବିଭିନ୍ନ ସ୍ଥାନରେ ଯେପରି ମହାମାରି ନ ବ୍ୟାପିବ, ସେଥିପ୍ରତି ଧ୍ୟାନ ଦିଆଯାଉଛି। ଆଣ୍ଟି ଡାଇରିଆ ମେଡିସିନ୍ ବଣ୍ଟାଯିବା ସହ ଲୋକଙ୍କୁ ସମସ୍ତ ପ୍ରକାରର ମୌଳିକ ସୁବିଧା ଯୋଗାଇ ଦେବାକୁ ବିଏମ୍‌ସି ପକ୍ଷରୁ ଚେଷ୍ଟା ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ପରେ ଏବେ ପବ୍ଲିକ୍ ହେଲ୍‌ଥ ଇଞ୍ଜିନିୟରିଂ ଅର୍ଗାନାଇଜେଶନ(ପିଏଚ୍‌ଇଓ) ପକ୍ଷରୁ ପାନୀୟ ଜଳ ଯୋଗାଣ କରାଯାଉଛି।

# ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟରେ ୧ କୋଟିର କ୍ଷୟକ୍ଷତି

**ଭୁବନେଶ୍ୱର, ୧୫।୫ (ବ୍ୟୁରୋ)**

ଭୁବନେଶ୍ୱର ଗଣ୍ଡମୁଣ୍ଡାରେ ଥିବା ଦେଶର ପ୍ରଥମ ତଥା ଏକମାତ୍ର ହସ୍ତଶିଳ୍ପ ଓ ହସ୍ତତନ୍ତ ସଂଗ୍ରହାଳୟ 'କଳାଭୂମି' ବାତ୍ୟା ଦ୍ୱାରା ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ୧୨ ଏକର ପରିମିତ ଅଞ୍ଚଳରେ ଅବସ୍ଥିତ ଏହି ସଂଗ୍ରହାଳୟ ପରିସରରେ ଥିବା ଶତାଧିକ ଛୋଟ ଗଛ ନଷ୍ଟ ହେବା ସହ ବଡ଼ ବଡ଼ ପୁରୁଣା ଗଛ ଉପୁଡ଼ି ପଡ଼ିଛି। ସଂଗ୍ରହାଳୟ ଭିତରେ ଥିବା ୱାର୍କଶପ୍ ହଲ୍, ହସ୍ତଶିଳ୍ପ ଓ ହସ୍ତତନ୍ତ ବ୍ଲକ, ଟିକେଟ୍ କାଉଣ୍ଟର, ପମ୍ପ୍‌ହାଉସ୍ ଆଦି ଭାଙ୍ଗିରୁଜି ଯାଇଛି। ଅନେକ ବିଜୁଳି ଖୁଣ୍ଟ, ଲ୍ୟାମ୍ପ୍ ଲାଇଟ୍, ବାହାରେ ଥିବା ସୌନ୍ଦର୍ଯ୍ୟବର୍ଦ୍ଧକ ଆଲୋକୀକରଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମ୍ୟୁଜିୟମ୍‌ର ସୌନ୍ଦର୍ଯ୍ୟକରଣ ପାଇଁ ପରିସରରେ ରଖାଯାଇଥିବା ହସ୍ତଶିଳ୍ପ କଳାକୃତି ଏବଂ ଜଳ ଉତ୍ସଗୁଡ଼ିକ ମଧ୍ୟ ନଷ୍ଟ ହୋଇଯାଇଛି। ପ୍ରାୟ ୩୫ କବାଟ ଓ ଝରକା ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପ୍ରାଥମିକ ଆକଳନ ଅନୁଯାୟୀ କୋଠାବାଡ଼ି ବାବଦରେ ପ୍ରାୟ ୭୦ଲକ୍ଷ ଏବଂ ଅନ୍ୟାନ୍ୟ କ୍ଷତି ବାବଦରେ ପ୍ରାୟ ୩୦ଲକ୍ଷକୁ ମିଶାଇ ସମୁଦାୟ ୧କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିବା ଜଣାଯାଇଛି। ତେବେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବା ପରେ ୧୩ ତାରିଖରୁ ଏହି ସଂଗ୍ରହାଳୟକୁ ଜନସାଧାରଣଙ୍କ ପାଇଁ ଖୋଲାଯାଇଛି।








1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ
ହେଲା ନମ୍ରତା ।
-କନ୍‌ଫୁସିଅସ୍



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଘର ଜଳିଗଲା

**ଫୁଲନଖରା, ୧୫।୫(ଡି.ଏନ୍.ଏ.):** ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ନଗରୀ ପଞ୍ଚାୟତ ଅଧୀନ ବାଟପୁରଣ ଗ୍ରାମର ବିଷ୍ଣୁଚରଣ ମହାପାତ୍ରଙ୍କ ଘର ଜଳିଯାଇଛି। ଏଥିରେ ଥିବା ସମସ୍ତ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ।

### କବି ରାମଚନ୍ଦ୍ର ପ୍ରତାପସିଂହଙ୍କ ଅଷ୍ଟମ ସ୍ମୃତିସଭା



**ବାଙ୍କୀ,୧୫।୫(ସ୍ୱ.ପ୍ର.):** କବି ରାମଚନ୍ଦ୍ର ପ୍ରତାପ ସିଂହଙ୍କ ଅଷ୍ଟମ ବାର୍ଷିକ ସ୍ମୃତିସଭା ମଙ୍ଗଳବାର ସନ୍ଧ୍ୟାରେ ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ଅଧକ୍ଷତା କରିଥିଲେ। ବାଙ୍କୀ ମାସିକ ସାହିତ୍ୟ ଆସର ସଭାପତି ଇଂ ସତ୍ୟବ୍ରତ ରଥ ମୁଖ୍ୟଅତିଥି, କବି ପବନୀ ଜେନା, କବି ଶରତଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱର୍ଗତ ସିଂହ ଶିଶୁବେଳୁ ସାହି 'ରାମ'ଲୀଳାରେ ନିଜ କଳାଜୀବନର ଅୟମାରମ୍ଭ କରିଥିଲେ। ବାଙ୍କୀ ସଂସ୍କୃତି ସାହିତ୍ୟ ଜଗତର ସେ ଆଗଧାଡିର ଯୋଦ୍ଧା ଥିଲେ। ଏକା ଧାରାରେ ଜଣେ କବି, ପ୍ରାବନ୍ଧିକ, ଗାଳ୍ପିକ, ନାଟ୍ୟକାର, ଶିଶୁ କବି, ସଂସ୍କାର ଧର୍ମୀ ସାହିତ୍ୟିକ, ଅଭିନେତା, ମଞ୍ଚ, ଦୂରଦର୍ଶନ ଓ ଚଳଚିତ୍ରରେ ମଧ କାର୍ଯ୍ୟ କରିଥିଲେ। ସାଲିସ ବିହୀନ ସାହିତ୍ୟ ପ୍ରତି ତାଙ୍କର ନିଷ୍ଠା ଥିଲା। ସେ ବାଙ୍କୀ କଳାସାହିତ୍ୟ ସଂସ୍କୃତି ପରିଷଦର ପ୍ରତିଷ୍ଠାତା ସଭାପତି, ବାଙ୍କୀ ମହୋତ୍ସବ ଅରମ୍ଭର ଏକ ବିନ୍ଧାଣି, ସ୍ମରଣିକାର ପ୍ରଥମ ସମ୍ପାଦକ, ରଜମହୋତ୍ସବର ଉଦ୍ୟୋକ୍ତା, ପ୍ରଥମ ସାଧାରଣ ସମ୍ପାଦକ, ବାଙ୍କୀ ମାସିକ ସାହିତ୍ୟ ଆସରର ପ୍ରତିଷ୍ଠାତା ସଭ୍ୟଥିଲେ ବୋଲି ଅତିଥି ମତପ୍ରକାଶ କରି ତାଙ୍କପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କବି ଶରତ ଚନ୍ଦ୍ର ମହାପାତ୍ର ନିଜର ସ୍ୱରଚିତ କବିତା ପାଠ କରିଥିଲେ। ବାଙ୍କୀ କଳାସାହିତ୍ୟ ସଂସ୍କୃତି ପରିଷଦ ସଭାପତି ବ୍ରଜକିଶୋର ମହାପାତ୍ର, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଶିକ୍ଷାବିତ୍ ଅଶୋକ ପଟ୍ଟନାୟକ, ରବିନାରାୟଣ ମଙ୍ଗରାଜ, କବି ବିପ୍ଳବ ରମାକାନ୍ତ ଭଞ୍ଜ, ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ଡ.କଲ୍ୟାଣୀ ପଟ୍ଟନାୟକ, ଖବରଦାତା ବିଭୂପ୍ରସାଦ ସାମଲ ଓ ଗୌରାଙ୍ଗ ଚରଣ ବେହେରାଙ୍କ ସମେତ ବହୁବ୍ୟକ୍ତି ଯୋଗ ଦେଇଥିଲେ। ଶେଷରେ ତାଙ୍କ କନ୍ୟା ବନାନୀ ବନଜ୍ୟୋତ୍ସ୍ନା ଧନ୍ୟବାଦ ଦେଇଥିଲେ। ପୁତ୍ର ଅଂଶୁମାନ ପ୍ରତାପ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫନୀ ପ୍ରଭାବରେ ୬୦ ସ୍କୁଲ କ୍ଷତିଗ୍ରସ୍ତ

**ବାଙ୍କୀ, ୧୫।୫(ସ୍ୱ.ପ୍ର)**

**ବାଙ୍କୀ ଉପଖଣ୍ଡ**
- ବାଙ୍କୀରେ ୧୦, ଡମପଡ଼ାରେ ୫୦ ସ୍କୁଲ କ୍ଷତିଗ୍ରସ୍ତ
- ଉପଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ଫନୀ ପ୍ରଭାବରେ ବାଙ୍କୀ ବ୍ଲକ ସମେତ ସମୁଦାୟ ଉପଖଣ୍ଡରେ ବହୁଳ କ୍ଷୟକ୍ଷତି ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ବାସଗୃହ ଭାଙ୍ଗିଯାଇଥିବା ବେଳେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି। ଇତିମଧ୍ୟରେ ୧୩ ଦିନ ବିତିଯାଇଥିବା ବେଳେ ଏସବୁର ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ଏନେଇ ସ୍ଥାନୀୟ ଲୋକେ ବୁଧବାର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ପନିପରିବା ଦର ଆକାଶଛୁଆଁ ହେଉଥିବାରୁ ଖାଉଟିମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଉଛି।

ସୂଚନାଯୋଗ୍ୟ, ଫନୀରେ ବାଙ୍କୀ ବ୍ଲକରେ ୧୦ଟି ଓ ଡମପଡା ବ୍ଲକରେ ୫୦ଟି ସ୍କୁଲ ଗୃହ କ୍ଷତିଗ୍ରସ୍ତ ହୋଇଛି। ଏହା ମଧ୍ୟରେ ବାଙ୍କୀ ବ୍ଲକର ପଥୁରୀପଡା ମହାବେରଣା ବିଦ୍ୟାପୀଠ, କୃଷ୍ଣପଲ୍ଲୀ ପ୍ରାଇମେରି ସ୍କୁଲ, କଳାପଥର କୋ ଏଜୁକେଶନ୍ ସ୍କୁଲ, ସୁବର୍ଣ୍ଣପୁର ସରକାରୀ ଏମ୍.ଇ , ଲେମ୍ବେରି ପ୍ରକଳ୍ପ ୟୁ.ପି. ସ୍କୁଲ, ନରଣପୁର ପି.ଏସ୍.ସ୍କୁଲ, କାଳିପୋଇ ଏମ.ଇ, ଖଳିପଲ୍ଲୀ ପ୍ରାଇମେରି, କାଳିପୋଇ ପଞ୍ଚାୟତ ହାଇସ୍କୁଲ ଓ କରଡାପଲ୍ଲୀ ନୋଡାଲ ସ୍କୁଲ ଆଦି ଅନ୍ତର୍ଭୁକ୍ତ। ସେହିପରି ଡମପଡ଼ା ବ୍ଲକର ଚକାପଦା ସ୍କୁଲ, କୁସୁପଙ୍ଗି ହାଇସ୍କୁଲରେ ସ୍ଥାପିତ ସୋଲାର ସିଷ୍ଟମ୍ , କୁଅମଡା ହାଇସ୍କୁଲ ସମେତ ନୂଆକୂଅ, ଡାହାଣୀଗାଡିଆ, ଢୋଲକାଠ ଓ ପିଠାଖିଆ ସ୍କୁଲ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି। ଖରାଛୁଟି ଖୋଲିବା ପୂର୍ବରୁ ଏହି ସ୍କୁଲ ଗୃହଗୁଡିକର ମରାମତି କରା ନ ଗଲେ ଶିକ୍ଷାଦାନରେ ବାଧା ସୃଷ୍ଟି ହେବ ବୋଲି ଆଶଙ୍କା କରାଯାଉଛି।

ଏହି ବାତ୍ୟାରେ ବାଙ୍କୀର ରତାଗଡ଼ ପଞ୍ଚାୟତ ଅନ୍ତର୍ଗତ ଲୋଚନପୁର ଗ୍ରାମରେ ବହୁ ବ୍ୟକ୍ତଙ୍କ ବାସଗୃହ ସମେତ ଘରର ଆସବାବପତ୍ର ଭାଙ୍ଗିଯାଇଛି। ଏନେଇ କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରାଯାଇଥିଲା। ଏହାପରେ କ୍ଷୟକ୍ଷତିର ଆକଳନ ପାଇଁ ଆରଆଇ ଗ୍ରାମକୁ ଆସିଥିଲେ ମଧ୍ୟ କିଛି ବୁଝାବୁଝି ନ କରି ଗ୍ରାମରୁ ଚାଲିଯାଇଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବା ଲାଗି ବୁଧବାର ଲୋଚନପୁର ଗ୍ରାମର ଜ୍ୟୋତ୍ସ୍ନାରାଣୀ ସାମନ୍ତରାୟ, ଅଭିମନ୍ୟୁ ବିଶ୍ୱାଳ, ଦ୍ରୌପଦୀ ବିଶ୍ୱାଳ, ସନ୍ଧ୍ୟାରାଣୀ ବିଶ୍ୱାଳ ଓ ଆରତୀ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏନେଇ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଅପରପକ୍ଷେ ପନିପରିବା ଦର ବୃଦ୍ଧି ଯୋଗୁ ଖାଉଟିମାନେ ସମସ୍ୟା ଭୋଗୁଛନ୍ତି। ପନିପରିବାର ଦର ଆକାଶ ଛୁଆଁ ହେବାରେ ଲାଗିଛି। ପୋଟଳ କିଲୋ ପ୍ରତି ୬୦ଟଙ୍କା, ଟମାଟୋ ୫୦ଟଙ୍କା, ଲଙ୍କା ୧୦୦ଟଙ୍କା, ଭେଣ୍ଡି ୫୦ଟଙ୍କା ବାଇଗଣ ୪୦ ଟଙ୍କା,ଆଳୁ ୨୦ ଟଙ୍କା ଓ ଉଲି ପିଆଜ ୨୦ ଟଙ୍କା ଦରରେ ବିକ୍ରି ହେଉଛି। ଏପରିକି ଲେମ୍ବୁ ଗୋଟିଏ ୫ ଟଙ୍କା ଦରରେ ବିକ୍ରି ହେଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଯେଉଁମାନେ କିଲେ ଲେଖାଏଁ ପନିପରିବା କିଣୁଥିଲେ ଏବେ ସେମାନଙ୍କୁ ୨୫୦ ଗ୍ରାମ କିମ୍ବା ୫୦୦ ଗ୍ରାମରେ ସନ୍ତୁଷ୍ଟ ହେବାକୁ ପଡୁଛି। ସେହିପରି ଏହି ବାତ୍ୟାରେ ଆମ୍ବଗଛଗୁଡିକ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏବେ ବଜାରରେ ଆଉ ଦେଶୀ ଆମ୍ବ ଦେଖିବାକୁ ମିଳୁନାହିଁ। ଦେଶୀ ସଜନା ଛୁଇଁ ଓ ଅମୃତଭଣ୍ଡା ମିଳୁ ନ ଥିବା ବେଳେ ଆନ୍ଧ୍ରରୁ ଆସୁଥିବା ପନିପରିବା ଲୋକେ କିଣିବାକୁ ବାଧ୍ୟ ହେଉଛନ୍ତି। ଏନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏସବୁ ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।

■ ରିଲିଫ ବଣ୍ଟନ, ଫନୀ କ୍ଷୟକ୍ଷତି ଆକଳନ ନ ହେବାରୁ ବିରୋଧ

## କଂଗ୍ରେସ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ




କଂଗ୍ରେସ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି।

**ନିଶ୍ଚିନ୍ତକୋଇଲି, ୧୫।୫ (ସ୍ୱ.ପ୍ର.)**

ଫନୀ ବାତ୍ୟାରେ କଟକ ଜିଲାର ବହୁ କ୍ଷୟକ୍ଷତି ହୋଇଛି। ଏହି ବାତ୍ୟାର ୨ ସପ୍ତାହ ବିତି ଯାଇଥିଲେ ମଧ ଏଯାବତ୍ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ କ୍ଷୟକ୍ଷତି ଆକଳନ କରାଯାଇନାହିଁ। ଏପରିକି ସରକାର ଦେଇଥିବା ରିଲିଫର ସୁଷମ ବଣ୍ଟନ ହେଉନାହିଁ। ଫଳରେ ବିପନ୍ନମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଅଭିଯୋଗ କରି ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବ୍ଲକ ଅନ୍ତର୍ଗତ ୧୯ ଗ୍ରାମରେ ବାତ୍ୟା ବିପନ୍ନଙ୍କୁ ଅଦ୍ୟାବଧି ପଲିଥିନ ଅବା ପାନୀୟ ଜଳ ଅବା ବିଦ୍ୟୁତ୍ ସେବା ବାତ୍ୟାପରେ ମିଳିନାହିଁ ବୋଲି ଅଭିଯୋଗ ହୋଇଥିଲା। ଏଥିଲାଗି ଆୟୋଜିତ ବିକ୍ଷୋଭ ସଭାରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ପ୍ରଦିପ୍ତ ଦାସ ସଭାପତିତ୍ୱ କରିଥିଲେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲ୍ଲୀ ଯୋଗଦେଇ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଫନୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମାତ୍ର ଏପର୍ଯ୍ୟନ୍ତ ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇନାହିଁ ବୋଲି ଅଭିଯୋଗ କରିଥିଲେ। ଏପରିକି ସେମାନଙ୍କୁ ପଲିଥିନ ମିଳିନାହିଁ। ବିଦ୍ୟୁତ ସଂଯୋଗ ବିଛିନ୍ନ ହୋଇଯାଇଥିବା ବେଳେ ରିଲିଫ କିରୋସିନି ମଧ ପ୍ରଦାନ କରାଯାଇନାହିଁ ବୋଲି ସେ କହିଥିଲେ। ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ବାତ୍ୟାରେ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଛି। ଏଥିରେ ମୁଗ, ବିରି, ପନିପରିବା,ଆଖୁଚାଷ, ପାନବରଜ, କୁକୁଡା ଫାର୍ମ, ନଡିଆ ଓ କଦଳି ଚାଷ ଆଦି ଉଜୁଡି ଯାଇଛି। ମାତ୍ର କୃଷି ବିଭାଗ ପକ୍ଷରୁ ଏଥିପ୍ରତି ଧାନ ଦିଆଯାଉ ନାହିଁ ବୋଲି ସେ କହିଥିଲେ। ତୁରନ୍ତ ଚାଷୀଙ୍କୁ ସୁଧ ବିହୀନ ଋଣ, କ୍ଷତି ପୂରଣ, ବିହନ ଆଦି ଯୋଗାଇ ଦେବା ସହ ଗୃହଶୂନ୍ୟ ଲୋକଙ୍କୁ ତୁରନ୍ତ ପକ୍କାଘର ଯୋଗାଇ ଦେବାକୁ ସେ ଦାବି କରିଥିଲେ। ତୁରନ୍ତ ଏନେଇ ପଦକ୍ଷେପ ନିଆ ନ ଗଲେ କଂଗ୍ରେସ ପକ୍ଷରୁ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ବୋଲି ଅଲ୍ଲୀ ଚେତାବନୀ ଦେଇଥିଲେ। ଏହି ସଭାରେ କଟକ ଜିଲା ଉପସଭାପତି ରବୀନ୍ଦ୍ର ସାହୁ, କଟକ ଜିଲା ସମ୍ପାଦକ ଅମିୟ ବିଶ୍ୱାଳ,ସଂଗ୍ରାମ କେଶରୀ ସାମଲ, ଆଇନଜୀବୀ ଦୀପକମହାନ୍ତି ଓ ଅଜିତ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ତାର, ବାଇକ୍ ଜବତ: ୨ ଗିରଫ

**କଟକ ଅଫିସ, ୧୫।୫**

ସେସୁ ସବ୍‌ଷ୍ଟେଶନରୁ କପର୍ ତାର ଚୋରି କରିବା ଅଭିଯୋଗରେ ମର୍କତନଗର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଞ୍ଚଳର ପଦନ ଭୋଇ(୩୫) ଓ କଟକ ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ସରୋଜ ଭୋଇ(୨୩)। ପୋଲିସ ସେମାନଙ୍କଠାରୁ କପର୍ ତାର ଓ ଏକ ନମ୍ବର ବିହୀନ ବାଇକ ଜବତ କରିଛି। ଉକ୍ତ ତାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୭୩/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ ଅଞ୍ଚଳରେ ଥିବା ସେସୁର ଏକ ସବ୍‌ଷ୍ଟେଶନରୁ ଉକ୍ତ କପର୍ ତାର ଗତ ୧୩ ତାରିଖରେ ଚୋରି ହୋଇଥିଲା। ଏ ନେଇ ସେସୁର ଇଲେକ୍ଟ୍ରିକାଲ ଜେନେରାଲ ମ୍ୟାନେଜର ଗୋପାଳକୃଷ୍ଣ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ତାରକୁ କବାଡିଆ ଦୋକାନରେ ବିକ୍ରି କରିବା ପାଇଁ ଚୋରି କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ।



କୋର୍ଟ ସମ୍ମୁଖରେ ଓକିଲ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

■ ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

## ମାଜିଷ୍ଟ୍ରେଟଙ୍କ ଚାମ୍ବରରେ ତାଲା ପକାଇଲା ସଂଘ

**ବଡ଼ମ୍ବା ୧୫।୫ (ଡ଼ି.ଏନ୍.ଏ.)**

ବଡ଼ମ୍ବା ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଏବେ ୩ୟ ଦିନରେ ପହଞ୍ଚିଛି। ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ମହକିଲମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ବୁଧବାର ସଂଘ ପକ୍ଷରୁ ମାଜିଷ୍ଟ୍ରେଟଙ୍କ ଚାମ୍ବରରେ ତାଲା ପକାଇଦିଆଯାଇଥିଲା। ସ୍ଥାନୀୟ ଜେ.ଏମ୍.ଏଫ୍.ସି. ତଥା ଆଡିସନାଲ୍ ସିଭିଲ୍ ଜଜ୍ (ଜୁନିୟର୍ ଡିଭିଜନ୍) ରେଖାରାଣୀ ପଣ୍ଡା କୋର୍ଟକୁ ଆସିଥିବାବେଳେ ଆନ୍ଦୋଳନରତ ଓକିଲ୍‌ମାନେ ତାଙ୍କୁ ଚାମ୍ବରକୁ ଛାଡ଼ି ନ ଥିଲେ । ସେହିପରି କୋଟ୍ କର୍ମଚାରୀଙ୍କୁ ମଧ ଭିତରକୁ ଛଡ଼ାଯାଇ ନ ଥିଲା। କୋର୍ଟ ତଥା ଚାମ୍ବର ସମ୍ମୁଖରେ ଓକିଲମାନେ ସେମାନଙ୍କ ଦାବି ପୂରଣ ପାଇଁ ବିଭିନ୍ନ ନାରାବାଜି ଦେଇଥିଲେ। ପ୍ରକାଶ ଯେ, ବଡ଼ମ୍ବାରେ ସବ ଜଜ୍ କୋର୍ଟ୍ (ସିନିୟର୍ ଡିଭିଜନ୍) ପ୍ରତିଷ୍ଠା କରିବା, ଏହାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ଓ ମାଣିଆବନ୍ଧ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ କରିବା ପାଇଁ ବଡମ୍ବା ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ସଂଘ ସଭାପତି କୈଳାସ ଚନ୍ଦ୍ର ଜେନା ଓ ସମ୍ପାଦକ ପରେଶ ମହାନ୍ତି କହିଛନ୍ତି ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଦାବି ପୂରଣ ନ ହେଲେ ଏହି ଆନ୍ଦୋଳନ ତୀବ୍ରରୂପ ନେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

■ ବିଦ୍ୟୁତ୍‌କୁ ନେଇ ଅସନ୍ତୋଷ ତେଜିଲା

## ରଘୁନାଥପୁରରେ ୬ ଘଣ୍ଟା ରାସ୍ତାରୋକୋ

- ଖରାରେ ଲୋକଙ୍କ ସହ ବସିଲେ ଏସଡିଓ, ଯନ୍ତ୍ରୀ
- ଲିଖିତ ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭାବିକ

**ରଘୁନାଥପୁର, ୧୫।୫ (ଡି.ଏନ.ଏ.)**

ବିଦ୍ୟୁତ୍ ସମସ୍ୟାକୁ ନେଇ ରଘୁନାଥପୁର ଅଞ୍ଚଳରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପ୍ରତ୍ୟେକ ଦିନ କେଉଁଠିନା କେଉଁଠି ରାସ୍ତାରୋକୋ କିମ୍ବା ସେସୁ କାର୍ଯ୍ୟାଳୟ ଘେରାଉ କରାଯାଉଛି। ବସ୍, କାର ଓ ବାଇକ୍‌ରେ ଯାଉଥିବା ଯାତ୍ରୀ ଅସହ୍ୟ ତାତିରେ ରାସ୍ତା ଉପରେ ଅଟକି ରହି କଲବଲ ହେଉଛନ୍ତି। ସେସୁ ଓ ଏନଜେନଠାରୁ ଆରମ୍ଭ କରି ଜିଲା ପ୍ରଶାସନର ସ୍ଥାଣୁତା ଯୋଗୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ସାଧାରଣ ଜନତା। ବାତ୍ୟା ଫନୀକୁ ୧୨ ଦିନ ବିତିଯାଇଥିଲେ ମଧ ରଘୁନାଥପୁର ବ୍ଲକ ହେଡକ୍ୱାର୍ଟରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ସେସୁ ଓ ଏନ୍‌ଜେଏନ କମ୍ପାନୀ ଏସ୍‌ଡିଓଙ୍କ ଅପାରଗତାକୁ ଦାୟୀ କରି କଟକ-ପାରାଦୀପ ରାସ୍ତାର ରଘୁନାଥପୁର ବ୍ଲକ ଛକ ନିକଟରେ ଲୋକେ ସକାଳ ୮ଟାରୁ ରାସ୍ତାରୋକୋ କରିଥିଲେ। ୨୪ ଘଣ୍ଟା ମଧ୍ୟରେ ହେଡକ୍ୱାର୍ଟରରେ ବିଦ୍ୟୁତ୍ ସଂଯୋଗ ପାଇଁ ଲୋକେ ଜିଦ୍ ଧରିଥିଲେ। ଫଳରେ ପରିସ୍ଥିତି ଜଟିଳ ରୂପ ଧାରଣ କରିଥିଲା। ତିର୍ତ୍ତୋଲ ଏସ୍‌ଡିପିଓ ଡି.ଆର ଜେନା, ସେସୁ ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରି ଓ ଜେଇ ଭବାନୀ ପ୍ରସାଦ ମହାନ୍ତି ଏବଂ ଏନ୍‌ଜେଏନ ଏସଡିଓ ସୁନୀଲ ସାହୁ ରାସ୍ତାରୋକୋ ସ୍ଥଳକୁ ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ କୌଣସି ପ୍ରଭାବ ପଡି ନ ଥିଲା। ବରଂ ଲୋକେ ଦୁଇ ଏସ୍‌ଡିଓ ଓ ଜେଇଙ୍କୁ ଅବରୋଧ ସ୍ଥଳରେ ବସାଇଥିଲେ। ଫଳରେ ୫ କିମି ପର୍ଯ୍ୟନ୍ତ ଗାଡିମୋଟରରେ ଅଟକି ରହିବାରୁ ପଥଚାରୀ ଦୁର୍ଦ୍ଦଶା ଭୋଗିଥିଲେ। ସେସୁ ଓ ଏନ୍‌ଜେଏନ କମ୍ପାନୀର କୌଣସି ଉଚ୍ଚ ଅଧିକାରୀ ଘଟଣାସ୍ଥଳକୁ ନ ଆସିବା ଲୋକଙ୍କୁ ମର୍ମାହତ କରିଥିଲା। ଜିଲା ପ୍ରଶାସନ ଗୋଇନ୍ଦା ବିଭାଗଠାରୁ ଖବର ପାଇଁ ମଧ ଆସିବାକୁ ହେୟ ମଣିଥିଲା। ଦୁଇ ଏସ୍‌ଡିଓ ଓ ଜେଇ ଦୀର୍ଘ ସମୟ ବସି ରହିବା ପରେ କଥା ଆଲୋଚନାସ୍ତରକୁ ଆସିଥିଲା। ଶୁକ୍ରବାର ସୁଦ୍ଧା ବିଦ୍ୟୁତ୍ ନ ଆସିଲେ ଶନିବାର ଥାନା ଘେରାଉ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ଅଧିକାରୀ ଲିଖିତ ପ୍ରତିଶ୍ରୁତି ଲୋକଙ୍କ ପାଖରେ ରଖିବାରୁ ରାସ୍ତାରୋକୋ ହଟିଥିଲା। ପ୍ରଦୋଶ ଜେନା, ଦୀପ୍ତିରଞ୍ଜନ ସାହୁ, ରଞ୍ଜନ ସାହୁ, ସରିତ ମହାପାତ୍ର, ନାରାୟଣ ପ୍ରସାଦ ସାହୁ, ଗୌତମ ରଞ୍ଜନ ମଣ୍ଡଳ, ରଞ୍ଜନ ମଣ୍ଡଳ, ଯଶୋବନ୍ତ ସାହୁଙ୍କ ସମେତ ଜଗନ୍ନାଥପୁର, ରଘୁନାଥପୁର, ନାରାୟଣୀ ଛକ ବଜାରର ବ୍ୟବସାୟୀମାନେ ଏଥିରେ ସାମିଲ ହୋଇଥିଲେ।

## ପରୀକ୍ଷା ଫି' ବୃଦ୍ଧି ପ୍ରତ୍ୟାହାର ଦାବି

**କଟକ ଅଫିସ, ୧୫।୫**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକ ପଞ୍ଚମ ସେମିଷ୍ଟାର ଓ ସ୍ନାତକୋତ୍ତର ତୃତୀୟ ସେମିଷ୍ଟାର ବ୍ୟାକ୍ ପେପର ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ୧ହଜାର ଟଙ୍କା ଅଧିକ ଫି' ସଂଗ୍ରହ କରାଯାଉଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି ଅଲ ଇଣ୍ଡିଆ ଡିଏସଓର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶାଖା। ଏ ନେଇ ବୁଧବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ଏଥିସହ କୁଳପତିଙ୍କ ଉଦ୍ଦେଶ୍ୟରେ ତାଙ୍କ କାର୍ଯ୍ୟାଳୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଫନୀ ପ୍ରଭାବରେ ଓଡ଼ିଶା କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହି ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମନୋମୁଖୀ ଭାବେ ପରୀକ୍ଷା ଫି' ବୃଦ୍ଧି କରିଛନ୍ତି, ଯାହା ନିନ୍ଦନୀୟ ବୋଲି ଅଲ ଇଣ୍ଡିଆ ଡିଏସଓ ପକ୍ଷରୁ କୁହାଯାଇଛି। ଏଥିରେ ଛାତ୍ର ନେତା ରଞ୍ଜନ ସାମଲ, ମିନତୀ ମେହେର, ହେମନ୍ତ ଦାସ, ମୁସ୍‌କାନ ତବସୁମ ଉପସ୍ଥିତ ଥିଲେ।

■ ଗୋରେଖନାଥ ପୀଠ ବିଶ୍ୱଶାନ୍ତି ମହାଯଜ୍ଞ ଶେଷ

## ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

**ରଘୁନାଥପୁର, ୧୫।୫ (ଡି.ଏନ.ଏ.)**



ଗୋରେଖନାଥ ପୀଠ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି।


ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠରେ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଶେଷ ହୋଇଛି। ଏହି ଉପଲକ୍ଷେ ଦିନତମାମ ପୀଠ ପରିସରରେ ଭଜନ କୀର୍ତ୍ତନ ଲାଗି ରହିବା ସହ ପୂର୍ଣ୍ଣାହୁତି ହୋଇଥିଲା। ଏହାକୁ ଦେଖିବା ଲାଗି ରାଜ୍ୟର କୋଣ ଅନୁକୋଣରୁ ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭିଡକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ଥାନା ପକ୍ଷରୁ ପୀଠ ଚତୁଃପାର୍ଶ୍ୱରେ ଥିବା ବିଭିନ୍ନ ରାସ୍ତାରେ ପୋଲିସ ମୁତୟନ କରାଯାଇଥିଲା। ବିଦ୍ୟୁତ୍ ନ ଥିବା ସତ୍ତ୍ୱେ ଜେନେରେଟର ସହାୟତାରେ ଆଲୋକର ବ୍ୟବସ୍ଥା ହୋଇଥିଲା। ପଣ୍ଡିତ ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ୧୦ ଜଣ ବୈଦିକ ପଣ୍ଡିତ ଯଜ୍ଞ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଗୋରେଖନାଥଙ୍କ ୧୦୦୮ ଆହୁତି, ସର୍ବଦେବଦେବୀଙ୍କ ଆହୁତି, ଗୀତାଯଜ୍ଞ, ନାମଯଜ୍ଞ ଓ ହରିହାଟ ଆଦି ଅନୁଷ୍ଠିତ ହୋଇଥିଲା। ଯଜ୍ଞର ଆହୁତି ଲାଗି ଶ୍ରଦ୍ଧାଳୁମାନେ ୫ କୁଇଣ୍ଟାଲ ଘୃତ ଦାନ କରିଥିଲେ। ଏହାଛଡା ଅନ୍ନଯଜ୍ଞରେ ପୀଠକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ୧୫ କୁଇଣ୍ଟାଲ ଚାଉଳରେ ଅନ୍ନ ପ୍ରସ୍ତୁତ କରାଯାଇଥିଲା। ସ୍ଥାନୀୟ ଗାଁର ଯୁବକମାନେ ସ୍ୱେଚ୍ଛାସେବୀ ଭାବେ ମିନାବଜାର, ସାଇକେଲ ଷ୍ଟାଣ୍ଡ ଓ ବିଭିନ୍ନ ସ୍ଥାନରେ ଯାତ୍ରୀଙ୍କୁ ସୁବିଧା ଯୋଗାଇ ଦେଇଥିଲେ। ଆଇଆଇସି କୃଷ୍ଣଚନ୍ଦ୍ର ମିଶ୍ର ସନ୍ଧ୍ୟାରୁ ପୀଠରେ ରହି ଆଇନଶୃଙ୍ଖଳା ପ୍ରତି ଦୃଷ୍ଟି ଦେଇଥିଲେ। ଯଜ୍ଞ ଦର୍ଶନକୁ ଆସି ଶ୍ରଦ୍ଧାଳୁମାନେ ଅଧିକ ସମୟ ମିନାବଜାରରେ କଟାଇଥିଲେ। ଜିନିଷପତ୍ର କିଣାକିଣି ସହ ଫାଷ୍ଟଫୁଡ, ଗୁପ୍‌ଚୁପ, ଚାଟ, ଦହିବରା, ଆଇସକ୍ରିମ ଖାଇ ଭରପୂର ମଜା ନେଇଥିଲେ। ଟ୍ରଷ୍ଟ ବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ସୁଶାନ୍ତ କୁମାର ଦାଶ, ପ୍ରମୋଦ ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା, ପ୍ରଦୀପ ମହାନ୍ତି, କ୍ଷୀରୋଦ ମହାନ୍ତି, ବାଦଲ ଯୋଗାଣିଆ ଓ କିରାଣି ସରୋଜ କୁମାର ସାହାଣୀ ଦିନ ତମାମ ବିଭିନ୍ନ ଦାୟିତ୍ୱରେ ରହି କାର୍ଯ୍ୟ ସମ୍ପାଦନ କରିଥିଲେ।

■ ବିପଦସଙ୍କୁଳ କୋଠାରେ ଚାଲିଛି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

## କାର୍ଯ୍ୟକ୍ଷମ ହେଉନି ନୂତନ କୋଠା

**ଟିଗିରିଆ, ୧୫।୫ (ଡି.ଏନ୍.ଏ.)**





ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ପୁରୁଣା କୋଠା (ବାମ), ନୂତନ କୋଠା (ଡାହାଣ)।

ଟିଗିରିଆ ତହସିଲ ଅନ୍ତର୍ଗତ ଗଦାଧରପୁର ସର୍କଲ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପୁରୁଣା କୋଠାଘରେ ଚାଲିଛି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୂତନ କୋଠାଘର ଉଦ୍‌ଘାଟନ ହେବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ପୁରୁଣା କୋଠାଘରେ ବିପଦ ସଙ୍କୁଳ ଅବସ୍ଥାରେ ଏହି ରାଜସ୍ୱ ନିରୀକ୍ଷକଙ୍କ ସହ କର୍ମଚାରୀମାନେ କାମ କରୁଛନ୍ତି।

ସୂଚନାଯୋଗ୍ୟ, ୧୯୯୯ ମହାବାତ୍ୟାରେ ଏହି ରାଜସ୍ୱ ନିରୀକ୍ଷକଙ୍କ ପୁରୁଣା କାର୍ଯ୍ୟାଳୟରୁ ଆଜବେଷ୍ଟସ୍ ଉଡ଼ିଯାଇଥିଲା। ପରବର୍ତ୍ତୀ ସମୟରେ ବନ୍ୟା ବିଭୀଷିକା କାରଣରୁ ଏହାକୁ ନିଜିଗଡ଼ ଗୋହିରିଦ୍ୱାର ଛକ ନିକଟ ଏକ ରାଜୁଡ଼ା ଅମଳର ଘରକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ଏହି ଘର ଭାଙ୍ଗିରୁଜି ଯାଇଥିବା ବେଳେ ବିପଦ ସଙ୍କୁଳ ଅବସ୍ଥାରେ କାର୍ଯ୍ୟାଳୟ ଚାଲୁ ରହିଛି। ଅପରପକ୍ଷେ, ଗଦାଧରପୁରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟାଳୟ ନିମନ୍ତେ ୨୫ଲକ୍ଷ ଟଙ୍କାର ବ୍ୟୟରେ ନୂତନ ଦ୍ୱିତଳ ବିଶିଷ୍ଟ କୋଠା ନିର୍ମାଣ କରାଯାଇଛି। ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ମାତ୍ର ଏହି କୋଠା ନିର୍ମାଣ ପୂର୍ବରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏଠାରେ ଏକ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇଥିଲା। ସେତେବେଳେ ବନ୍ୟାଞ୍ଚଳ ଦୃଷ୍ଟିରୁ ଏହି କୋଠାରେ ରେକର୍ଡ଼ପତ୍ର ସୁରକ୍ଷିତ ରହିବ ନାହିଁ ବୋଲି ଆଳ ଦେଖାଇ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଗଲା ନାହିଁ। କୋଠା ନିର୍ମାଣ ହେବା ପରେ ଦୀର୍ଘ ବର୍ଷ ଧରି ଏହା ତାଲା ପଡ଼ି ରହିଲା। ପରବର୍ତ୍ତୀ ସମୟରେ ଏହାକୁ ଭାଙ୍ଗିଦିଆଯାଇ ଏହି ନୂତନ ଦ୍ୱିତଳ ବିଶିଷ୍ଟ କୋଠା ନିର୍ମାଣ କରାଯାଇଛି। ଏପରିସ୍ଥଳେ ଦୁଇ ଦୁଇଥର କୋଠା ନିର୍ମାଣ ହୋଇଥିଲେ ମଧ ଉକ୍ତ ସର୍କଲ କାର୍ଯ୍ୟାଳୟ ଅଦ୍ୟାବଧି ସ୍ଥାନାନ୍ତର ହୋଇନାହିଁ। ଏନେଇ ସାଧାରଣରେ ପ୍ରଶ୍ନବାଚୀ ହୋଇଛି।

ଏ ସମ୍ପର୍କରେ ତହସିଲଦାର ପରେଶ କୁମାର ନାୟକ କହିଛନ୍ତି କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ସମସ୍ତ ସରକାରୀ କାର୍ଯ୍ୟ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ନୂତନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଥିଲେ।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା ।
- କନ୍‌ଫୁସିଅସ୍



## ସଂକ୍ଷେପରେ

### କନ୍ଦରପୁର ବଜାର କମିଟି ସଭାପତିଙ୍କୁ ଆକ୍ରମଣ

**କଟକ ସଦର, ୧୫।୫(ଡି.ଏନ୍.ଏ.):** କନ୍ଦରପୁର ବଜାର କମିଟି ସଭାପତି ସ୍ମୃତିରଞ୍ଜନ ପ୍ରଧାନଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ମୃତିରଞ୍ଜନଙ୍କୁ ଚିକିତ୍ସା ପାଇଁ କଟକ ସିଟି ହସ୍ପିଟାଲ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୫୩/୧୯) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ସନ୍ଧ୍ୟାରେ ଏକ ଫାଷ୍ଟଫୁଡ ଦୋକାନରେ କମାପୁରର କେତେଜଣ ଯୁବକଙ୍କ ସହ ସ୍ମୃତିରଞ୍ଜନଙ୍କ ବଚସା ହୋଇଥିଲା। ପରେ ସମସ୍ତେ ସେଠାରୁ ପଳାଇ ଯାଇଥିଲେ। ମାତ୍ର ରାତିରେ କନ୍ଦରପୁର ବଜାରର ଏକ ମନୋହରୀ ଦୋକାନ ବେଞ୍ଚରେ ସ୍ମୃତିରଞ୍ଜନ ବସିଥିବାବେଳେ କେତେଜଣ ଯୁବକ ତାଙ୍କ ମୁଣ୍ଡକୁ ପଛରୁ ଆଘାତ କରିଥିଲେ।

### ଅଣକାର୍ଡଧାରୀ ପାଇବେ କିରୋସିନ

**କଟକ ସଦର, ୧୫।୫(ଡି.ଏନ୍.ଏ.):** ଚଳିତ ବାତ୍ୟାରେ କ୍ଷତିଗ୍ରସ୍ତ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତର ଅଣ ରାଶନକାର୍ଡଧାରୀ(ସାଧାରଣ ଲୋକ)ଙ୍କୁ ୫ ହଜାର ଲିଟର କିରୋସିନ ବଣ୍ଟନ କରାଯିବ। ପ୍ରତ୍ୟେକ ସାଧାରଣ ପରିବାରକୁ ଅଧରୁ ୧ ଲିଟର କିରୋସିନ ଲୋକସଂଖ୍ୟାକୁ ଭିତ୍ତିକରି ଡିଲର ପଏଣ୍ଟରେ ଦିଆଯିବ। ସାଧାରଣ ଲୋକେ ଏହାର ସୁବିଧା ନେବା ପାଇଁ ଯୋଗାଣ ନିରୀକ୍ଷକ ପୁନମ ଜେନା କହିଛନ୍ତି। ଏହାବ୍ୟତୀତ କିରୋସିନ କୋଟା ମିଳିବା ପରେ ଅନ୍ୟ କାର୍ଡଧାରୀଙ୍କୁ ନିର୍ଦ୍ଧାରିତ ହାରରେ ବଣ୍ଟନ କରାଯିବ। ଏହି ସମସ୍ତ କିରୋସିନ କୋଟା ସରକାରଙ୍କ ନିର୍ଦ୍ଧାରିତ ଦରରେ ବିକ୍ରି କରାଯିବ। କେହି ସାଧାରଣ ବର୍ଗର ଲୋକେ କିରୋସିନ ନ ପାଇଲେ ବ୍ଲକ କାର୍ଯ୍ୟାଳୟରେ ଜଣାଇବା ପାଇଁ କୁହାଯାଇଛି।

### ବାଙ୍ଗାଲୋରରୁ ରିଲିଫ ପଠାଇଲେ ଓଡ଼ିଆ କର୍ମଚାରୀ

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ସାମୁଦ୍ରିକ ଝଡ଼ 'ଫନୀ'ରେ ଓଡ଼ିଶା ଉପକୂଳବର୍ତ୍ତୀ ଜିଲାରେ ବହୁ କ୍ଷତି ଘଟିଛି। ବିଶେଷତଃ ଏହାର ପ୍ରଭାବ ପୁରୀ ଓ ଖୋର୍ଦ୍ଧା ଜିଲାରେ ଅଧିକ ଅନୁଭୂତ ହୋଇଛି। ବାତ୍ୟାର ୧୩ଦିନ ପରେ ବି ଅନେକ ଲୋକ ମୌଳିକ ଆବଶ୍ୟକତାଠାରୁ ଦୂରରେ ରହିଛନ୍ତି। ପାନୀୟ ଜଳ, ବିଦ୍ୟୁତ୍, ଯାତାୟାତ ସ୍ୱାଭାବିକ ହୋଇପାରି ନାହିଁ। ଏଭଳି ସ୍ଥିତିରେ ବାଙ୍ଗାଲୋର 'ମ୍ୟାନହାଟନ୍ ଆସୋସିଏଟ୍' ନାମକ ଏକ ଘରୋଇ ସଂସ୍ଥାର କେତେଜଣ ଓଡ଼ିଆ କର୍ମଚାରୀ ଇମେଲ ମାଧମରେ ଫନୀ ପୀଡ଼ିତଙ୍କ ପାଇଁ ସାହାର୍ଯ୍ୟ କାମନା କରିଥିଲେ। ଶତାଧିକ କର୍ମଚାରୀ ନିଜ ଦରମାର ସଂଗୃହୀତ ଅର୍ଥରେ ଚୁଡ଼ା, ଚିନି, ବିସ୍କୁଟ୍, ସୁଜି, ମ୍ୟାଗି, ସାବୁନ, ପେଷ୍ଟ, ଡେଟଲ୍ , ମଶା ଅଗରବତି ଏବଂ ମହିଳା ଓ ଶିଶୁଙ୍କ ପାଇଁ ଜରୁରୀ ସାମଗ୍ରୀ କିଣି ବାଙ୍ଗାଲୋର ଓପିସି ରିଲିଫ୍ ଫଣ୍ଡରେ ଜମା କରିଥିଲେ। ମଙ୍ଗଳବାର ଏକ ଘରୋଇ ବିମାନରେ ସମସ୍ତ ସାମଗ୍ରୀ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରୁ ବିଭିନ୍ନ ରିଲିଫ କେନ୍ଦ୍ରକୁ ପଠାଯାଇଛି। ମ୍ୟାନହାଟନ ପକ୍ଷରୁ ପବିତ୍ର ପଟ୍ଟନାୟକ, ସୁମିତା ସାହୁ, ବିରଞ୍ଚି ଦାଶ, ସ୍ମୃତି ରଂଜନ ସାହୁ ଓ ପଲ୍ଲବୀ ପାଢ଼ୀ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

### ଫନୀ: ୧୪୨ ବିଦ୍ୟାଳୟ କ୍ଷତିଗ୍ରସ୍ତ

**କଟକ ସଦର, ୧୫।୫(ଡି.ଏନ୍.ଏ.):** ଫନୀ ପ୍ରଭାବରେ କଟକ ସଦର ବ୍ଲକ ଅଧୀନ ୧୪୨ଟି ଉଚ୍ଚ ବିଦ୍ୟାଳୟ ଓ ଉ.ପ୍ରା. ବିଦ୍ୟାଳୟ କ୍ଷତିଗ୍ରସ୍ତ ହୋଇଛି ବୋଲି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଜଣେ ବରିଷ୍ଠ ଶିକ୍ଷାଧିକାରୀ କହିଛନ୍ତି। ବିଦ୍ୟାଳୟ ପରିସରରେ ଥିବା ବିଭିନ୍ନ ଗଛ ଭାଙ୍ଗିପଡିବାରୁ ସାଇକେଲ ଷ୍ଟାଣ୍ଡ, ପାଚେରି ଓ ଆଜବେଷ୍ଟସ ଘର କ୍ଷତିଗ୍ରସ୍ତ ହୋଇଛି। ସର୍ବଶିକ୍ଷା ଅଭିଯାନ, ଓବିବି (ଅପରେଶନ ବ୍ଲକ ବୋର୍ଡ) ଘରକୁ ବାଦ୍ ଦେଲେ ଆଉ କୌଣସି ଘର ଅକ୍ଷତ ଅବସ୍ଥାରେ ନାହିଁ। ବାତ୍ୟାରେ ପ୍ରାୟ ୫ କୋଟି ଟଙ୍କାର କ୍ଷତି ଘଟିଥିବା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ କଟକ ଜିଲାପାଳଙ୍କୁ ଅବଗତ କରାଯାଇଛି। ଛୁଟି ଥିବାରୁ ରଜ ପୂର୍ବରୁ ମରାମତି କାମ ଶେଷ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି।

■ ବିପଦସଙ୍କୁଳ କୋଠାରେ ଚାଲିଛି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ

# କାର୍ଯ୍ୟକ୍ଷମ ହେଉନି ନୂତନ କୋଠା

**ତିଗିରିଆ, ୧୫।୫ (ଡି.ଏନ୍.ଏ.)**




ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ପୁରୁଣା କୋଠା (ବାମ)। ନୂତନ କୋଠା (ଡାହାଣ)

ତିଗିରିଆ ତହସିଲ ଅନ୍ତର୍ଗତ ଗଦାଧରପୁର ସର୍କଲ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପୁରୁଣା କୋଠାଘରେ ଚାଲିଛି। ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୂତନ କୋଠାଘର ଉଦ୍‌ଘାଟନ ହେବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ପୁରୁଣା କୋଠାଘରେ ବିପଦ ସଙ୍କୁଳ ଅବସ୍ଥାରେ ଏହି ରାଜସ୍ୱ ନୀରିକ୍ଷକଙ୍କ ସହ କର୍ମଚାରୀମାନେ କାମ କରୁଛନ୍ତି।

ସୂଚନାଯୋଗ୍ୟ, ୧୯୯୯ ମହାବାତ୍ୟାରେ ଏହି ରାଜସ୍ୱ ନିରୀକ୍ଷକଙ୍କ ପୁରୁଣା କାର୍ଯ୍ୟାଳୟରୁ ଆଜବେଷ୍ଟସ୍ ଉଡ଼ିଯାଇଥିଲା। ପରବର୍ତ୍ତୀ ସମୟରେ ବନ୍ୟା ବିଭୀଷିକା କାରଣରୁ ଏହାକୁ ନିଜିଗଡ଼ ଗୋହିରିଦ୍ୱାର ଛକ ନିକଟ ଏକ ରାଜୁଡ଼ା ଅମଳର ଘରକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ଏହି ଘର ଭାଙ୍ଗିରୁଜି ଯାଇଥିବା ବେଳେ ବିପଦ ସଙ୍କୁଳ ଅବସ୍ଥାରେ କାର୍ଯ୍ୟାଳୟ ଚାଲୁ ରହିଛି। ଅପରପକ୍ଷେ, ଗଦାଧରପୁରରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟାଳୟ ନିମନ୍ତେ ୨୫ଲକ୍ଷ ଟଙ୍କାର ବ୍ୟୟରେ ନୂତନ ଦ୍ୱିତଳ ବିଶିଷ୍ଟ କୋଠା ନିର୍ମାଣ କରାଯାଇଛି। ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ମାତ୍ର ଏହି କୋଠା ନିର୍ମାଣ ପୂର୍ବରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏଠାରେ ଏକ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଇଥିଲା। ସେତେବେଳେ ବନ୍ୟାଞ୍ଚଳ ଦୃଷ୍ଟିରୁ ଏହି କୋଠାରେ ରେକର୍ଡ଼ପତ୍ର ସୁରକ୍ଷିତ ରହିବ ନାହିଁ ବୋଲି ଆଳ ଦେଖାଇ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଗଲା ନାହିଁ। କୋଠା ନିର୍ମାଣ ହେବା ପରେ ଦୀର୍ଘ ବର୍ଷ ଧରି ଏହା ତାଲା ପଡ଼ି ରହିଲା। ପରବର୍ତ୍ତୀରେ ସମୟରେ ଏହାକୁ ଭାଙ୍ଗିଦିଆଯାଇ ଏହି ନୂତନ ଦ୍ୱିତଳ ବିଶିଷ୍ଟ କୋଠା ନିର୍ମାଣ କରାଯାଇଛି। ଏପରିସ୍ଥଳେ ଦୁଇ ଦୁଇଥର କୋଠା ନିର୍ମାଣ ହୋଇଥିଲେ ମଧ୍ୟ ଉକ୍ତ ସର୍କଲ କାର୍ଯ୍ୟାଳୟ ଅଦ୍ୟାବଧି ସ୍ଥାନାନ୍ତର ହୋଇନାହିଁ। ଏନେଇ ସାଧାରଣରେ ପ୍ରଶ୍ନବାଚୀ ହୋଇଛି।

ଏ ସମ୍ପର୍କରେ ତହସିଲଦାର ପରେଶ କୁମାର ନାୟକ କହିଛନ୍ତି କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ସମସ୍ତ ସରକାରୀ କାର୍ଯ୍ୟ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ନୂତନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବ ବୋଲି ସେ କହିଥିଲେ।


## ମାଜିଷ୍ଟ୍ରେଟଙ୍କ ଚାମ୍ବରରେ ତାଲା

**ବଡ଼ମ୍ବା ୧୫।୫ (ଡ଼ି.ଏନ୍.ଏ.)**

**ବଡ଼ମ୍ବା ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ୩ୟ ଦିନରେ ପହଞ୍ଚିଲା**

ବଡ଼ମ୍ବା ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଏବେ ୩ୟ ଦିନରେ ପହଞ୍ଚିଛି। ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ମହକିଲମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ବୁଧିବାର ସଂଘ ପକ୍ଷରୁ ମାଜିଷ୍ଟ୍ରେଟଙ୍କ ଚାମ୍ବରରେ ତାଲା ପକାଇଦିଆଯାଇଥିଲା। ସ୍ଥାନୀୟ ଜେ.ଏମ୍.ଏଫ୍.ସି. ତଥା ଆଡିସନାଲ୍ ସିଭିଲ୍ ଜଜ୍ (ଜୁନିୟର୍ ଡିଭିଜନ୍) ରେଖାରାଣୀ ପଣ୍ଡା କୋର୍ଟ୍‌କୁ ଆସିଥିବାବେଳେ ଆନ୍ଦୋଳନରତ ଓକିଲ୍‌ମାନେ ତାଙ୍କୁ ଚାମ୍ବରକୁ ଛାଡ଼ି ନ ଥିଲେ । ସେହିପରି କୋଟ୍ କର୍ମଚାରୀଙ୍କୁ ମଧ୍ୟ ଭିତରକୁ ଛଡ଼ାଯାଇ ନ ଥିଲା । କୋର୍ଟ୍ ତଥା ଚାମ୍ବର ସମ୍ମୁଖରେ ଓକିଲମାନେ ସେମାନଙ୍କ ଦାବି ପୂରଣ ପାଇଁ ବିଭିନ୍ନ ନାରାବାଜି ଦେଇଥିଲେ। ପ୍ରକାଶ ଯେ, ବଡ଼ମ୍ବାରେ ସବ ଜଜ୍ କୋର୍ଟ୍ (ସିନିୟର୍ ଡିଭିଜନ୍) ପ୍ରତିଷ୍ଠା କରିବା, ଏହାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ଓ ମାଣିଆବନ୍ଧ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ କରିବା ପାଇଁ ବଡମ୍ବା ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ସଂଘ ସଭାପତି କୈଳାସ ଚନ୍ଦ୍ର ଜେନା ଓ ସମ୍ପାଦକ ପରେଶ ମହାନ୍ତି କହିଛନ୍ତି ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଦାବି ପୂରଣ ନ ହେଲେ ଏହି ଆନ୍ଦୋଳନ ତୀବ୍ରରୂପ ନେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ତାର, ବାଇକ ଜବତ: ୨ ଗିରଫ

ଗିରଫ ଅଭିଯୁକ୍ତ ଓ ଜବତ ତାର।

**କଟକ ଅଫିସ, ୧୫।୫**

ସେସୁ ସବ୍‌ଷ୍ଟେଶନରୁ କପର୍ ତାର ଚୋରି କରିବା ଅଭିଯୋଗରେ ମର୍କତନଗର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବିରିଡି ଥାନା ଅଞ୍ଚଳର ପଦନ ଭୋଇ(୩୫) ଓ କଟକ ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ସରୋଜ ଭୋଇ(୨୩)। ପୋଲିସ ସେମାନଙ୍କଠାରୁ କପର୍ ତାର ଓ ଏକ ନମ୍ବର ବିହୀନ ବାଇକ ଜବତ କରିଛି। ଉକ୍ତ ତାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୭୩/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ ଅଞ୍ଚଳରେ ଥିବା ସେସୁର ଏକ ସବ୍‌ଷ୍ଟେଶନରୁ ଉକ୍ତ କପର୍ ତାର ଗତ ୧୩ ତାରିଖରେ ଚୋରି ହୋଇଥିଲା। ଏ ନେଇ ସେସୁର ଇଲେକ୍ଟ୍ରିକାଲ ଜେନେରାଲ ମ୍ୟାନେଜର ଗୋପାଳକୃଷ୍ଣ ମହାପାତ୍ର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ତାରକୁ କବାଡିଆ ଦୋକାନରେ ବିକ୍ରି କରିବା ପାଇଁ ଚୋରି କରିଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଥିଲେ।

# ପରୀକ୍ଷା ଫି' ବୃଦ୍ଧି ପ୍ରତ୍ୟାହାର ଦାବି



କୁଳପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାକୁ ଯାଉଥିବା ଏଆଇଡିଏସ୍‌ଓର ଛାତ୍ର ପ୍ରତିନିଧିମାନେ।

**କଟକ ଅଫିସ, ୧୫।୫**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକ ପଞ୍ଚମ ସେମିଷ୍ଟର ଓ ସ୍ନାତକୋତ୍ତର ତୃତୀୟ ସେମିଷ୍ଟର ବ୍ୟାକ୍ ପେପର ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କଠାରୁ ୧ହଜାର ଟଙ୍କା ଅଧିକ ଫି' ସଂଗ୍ରହ କରାଯାଉଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି ଅଲ ଇଣ୍ଡିଆ ଡିଏସଓର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶାଖା। ଏ ନେଇ ବୁଧବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଥିଲା। ଏଥିସହ କୁଳପତିଙ୍କ ଉଦ୍ଦେଶ୍ୟରେ ତାଙ୍କ କାର୍ଯ୍ୟାଳୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଫନୀ ପ୍ରଭାବରେ ଓଡ଼ିଶା କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହି ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମନମୁଖି ଭାବେ ପରୀକ୍ଷା ଫି' ବୃଦ୍ଧି କରିଛନ୍ତି, ଯାହା ନିନ୍ଦନୀୟ ବୋଲି ଅଲ ଇଣ୍ଡିଆ ଡିଏସଓ ପକ୍ଷରୁ କୁହାଯାଇଛି। ଏଥିରେ ଛାତ୍ର ନେତା ରଞ୍ଜନ ସାମଲ, ମିନତୀ ମେହେର, ହେମନ୍ତ ଦାସ, ମୁସ୍‌କାନ ତବସୁମ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ଘର ଜଳିଗଲା

**ଫୁଲନଖରା, ୧୫।୫(ଡି.ଏନ୍.ଏ.)**

ବୁଧବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ନଗରୀ ପଞ୍ଚାୟତ ଅଧୀନ ବାଟପୁରଣ ଗ୍ରାମର ବିଷ୍ଣୁଚରଣ ମହାପାତ୍ରଙ୍କ ଘର ଜଳିଯାଇଛି। ଏଥିରେ ଥିବା ସମସ୍ତ ଆସବାବପତ୍ର ପୋଡିନଷ୍ଟ ହୋଇଯାଇଛି। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ।

## କବିତା ଆସର

**କଟକ ଅଫିସ, ୧୫।୫**

ସାରସ୍ୱତ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର ଜଗତ୍‌ପୁରସ୍ଥିତ ଉତ୍କଳମଣି ଶିଶୁ ଉଚ୍ଚ ଶିକ୍ଷାମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂସଦର ଉପଦେଷ୍ଟା ତଥା କବି ଅକ୍ଷୟ କୁମାର ବଳ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ମାରୁତିଶ୍ରୀ ରବୀନ୍ଦ୍ର କୁମାର ସେଠୀ ଯୋଗଦେଇଥିଲେ। କବିମାନେ ସମାଜ ସଚେତନତା ପାଇଁ ଲେଖନୀ ଚାଳନା କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନେକ କବି କବିତା ପାଠ କରିଥିଲେ। ସାଧାରଣ ସମ୍ପାଦକ ମନୋରଞ୍ଜନ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅମିତା ବେହେରା କବିତା ସଂଯୋଜନା କରିଥିଲେ। ମହେନ୍ଦ୍ର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଦିତ୍ୟ ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ ।

# ରେଳ ଡାକସେବା କାର୍ଯ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

**କଟକ ଅଫିସ,୧୫।୫**

କଟକରେ ଦୀର୍ଘଦିନରୁ ଥିବା ରେଳ ଡାକସେବା କାର୍ଯ୍ୟାଳୟକୁ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ଚାଲିଥିବା ମସୁଧା ଫଳବତୀ ହେବାକୁ ଯାଉଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ କଟକ ମହାନଗର ନାଗରିକ ମହାସଭା ପକ୍ଷରୁ ବୁଧବାର ଆରଏମସି କାର୍ଯ୍ୟାଳୟ ଅଧକ୍ଷକଙ୍କୁ ସ୍ମାରକ ପତ୍ର ଦିଆଯାଇଛି। ଏ ସମ୍ପର୍କରେ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ କହିଛନ୍ତି, କଟକ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ଐତିହାସିକ ସହରର ପରିଚୟ ଆଜି ନଷ୍ଟ ହେବାକୁ ବସିଛି। ଗୋଟିଏ ପରେ ଗୋଟିଏ ସରକାରୀ କାର୍ଯ୍ୟାଳୟକୁ କଟକରୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା କଟକବାସୀଙ୍କ ପ୍ରତି ବିଶ୍ୱାସଘାତକତା। ତୁରନ୍ତ ରେଳ ଡାକସେବା କାର୍ଯ୍ୟାଳୟକୁ କଟକରୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ପାଇଁ ସମ୍ପୃକ୍ତ ବିଭାଗର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି। ସରକାର ଯଦି ଡାକସେବା କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପ୍ରତିଶ୍ରୁତିରୁ ନ ଓହରନ୍ତି ତାହାହେଲେ ନାଗରିକ ମହାସଭା ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ।

## ବାତ୍ୟା ସମୟରେ ୩ ହଜାରରୁ ଅଧିକ ରୋଗୀଙ୍କୁ ଆମ୍ବୁଲାନ୍ସ ସେବା

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଓ ଏହାର ପରବର୍ତ୍ତୀ ସମୟରେ ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ପକ୍ଷରୁ ବାତ୍ୟା ପ୍ରଭାବିତ ଅଞ୍ଚଳରେ ବ୍ୟାପକ ସେବା ଯୋଗାଇ ଦିଆଯାଇଛି। ବାତ୍ୟା ପୂର୍ବରୁ ଓ ଏହାର ପରବର୍ତ୍ତୀ ୪ ଦିନ ମଧ୍ୟରେ ପ୍ରଭାବିତ ୫ ଜିଲାରୁ ୩ ହଜାରରୁ ଅଧିକ ଆହତ ଓ ଗର୍ଭବତୀ ମହିଳା ୧୦୮ ଏବଂ ୧୦୨ ଆମ୍ବୁଲାନ୍ସ ସେବା ପାଇଛନ୍ତି। ମେ ୨ରୁ ୭ ମଧ୍ୟରେ ୧୦୮ ଆମ୍ବୁଲାନ୍ସରେ ୧୭୪୧ ଏବଂ ୧୦୨ରେ ୧୬୦୭ ରୋଗୀଙ୍କୁ ସ୍ଥାନାନ୍ତର କରାଯାଇଥିବା କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି। ବାତ୍ୟାର ଗୋଟିଏ ଦିନ ପୂର୍ବରୁ ୧୦୮ ଓ ୧୦୨ ଆମ୍ବୁଲାନ୍ସରେ ବାତ୍ୟା ପ୍ରଭାବିତ ଅଞ୍ଚଳରୁ ରୋଗୀଙ୍କୁ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହୋଇଥିଲା। ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଓ ଗଞ୍ଜାମ ଜିଲାରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବାତ୍ୟା ଯୋଗୁ ଅନେକ ଅଞ୍ଚଳରେ ଯୋଗାଯୋଗ ଏବଂ ଗମନାଗମନ ବିଚ୍ଛିନ୍ନ ହୋଇଥିଲେ ମଧ୍ୟ ଆମ୍ବୁଲାନ୍ସ କର୍ମଚାରୀମାନେ ସବୁଠାରେ ସବୁ ସମୟରେ ପହଞ୍ଚିଥିବା କୁହାଯାଇଛି। ଏହାବ୍ୟତୀତ ବିଭିନ୍ନ ସ୍ଥାନରେ ରୋଗୀଙ୍କ ନିକଟରେ ପହଞ୍ଚିବା ପାଇଁ ଆମ୍ବୁଲାନ୍ସ କର୍ମଚାରୀଙ୍କ ଦ୍ୱାରା ରାସ୍ତା ସଫା ମଧ୍ୟ କରାଯାଇଥିଲା। ଯୋଗାଯୋଗରେ ଅସୁବିଧା ଯୋଗୁ ବହୁ ରୋଗୀଙ୍କୁ ସିଡିଏମ୍‌ଓ ଓ ଆମ୍ବୁଲାନ୍ସର କ୍ଲଷ୍ଟର ଲିଡରମାନଙ୍କ ମଧ୍ୟରେ ସିଧାସଳଖ କଥାବାର୍ତ୍ତା ମାଧମରେ ସେବା ଯୋଗାଇ ଦିଆଯାଇଥିବା କୁହାଯାଇଛି।

## ବାତ୍ୟା କ୍ଷୟକ୍ଷତି ସମୀକ୍ଷା ବୈଠକ

**ଚୌଦ୍ୱାର, ୧୫।୫(ଡି.ଏନ୍.ଏ.)**

ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ବୁଧବାର ପୌରପାଳିକାର ୧ନଂ ରୁ ୫ନଂ ୱାର୍ଡ ପରିକ୍ରମା କରି ବାତ୍ୟା ବିପନ୍ନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ରିଲିଫ ସାମଗ୍ରୀ ଠିକ୍‌ଭାବେ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁଛି କି ନାହିଁ ତାହା ତଦାରଖ କରିଥିଲେ। ପରେ ପୌର କାଉନସିଲ ହଲରେ ଏ ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ବିଧାୟକ ବିଶ୍ୱାଳ ଯୋଗଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚୌଦ୍ୱାର ଥାନାଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ବାତ୍ୟା ପରେ ସ୍ଥାନୀୟ ଅଞ୍ଚଳରେ ବର୍ତ୍ତମାନର ସ୍ଥିତି ଉପରେ ଆଲୋଚନା କରିଥିଲେ। ବାତ୍ୟା ପରେ ପୌରପାଳିକା ପକ୍ଷରୁ ଠିକ୍‌ଭାବେ ସଫେଇ କରା ନ ଯିବାରୁ ଏପର୍ଯ୍ୟନ୍ତ ବିଭିନ୍ନ ୱାର୍ଡରେ ଆବର୍ଜନା ପଡିରହିଛି। ଏ ନେଇ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍) କିରୋସିନ ବଣ୍ଟନରେ ସାଧାରଣ ଲୋକଙ୍କୁ ସାମିଲ କରିବା ପାଇଁ ପୌରପାଳିକାର ସାଧାରଣ ଖାଉଟି ବଣ୍ଟନ ବିଭାଗ ଅଧିକାରୀଙ୍କ ସହ ବିଧାୟକ ପରାମର୍ଶ କରିଥିଲେ। ଜରିପାଲ ଅଭାବ ଯୋଗୁ ସମସ୍ତ ବାତ୍ୟା ବିପନ୍ନଙ୍କୁ ଏହା ଯୋଗାଇ ଦିଆଯାଇନାହିଁ। ଏବେ ବି କେତେଜଣ ହିତାଧିକାରୀ ଜରିପାଲ ପାଇ ନ ଥିବା ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଡ. ଅବିନାଶ ରାଉତ କହିଛନ୍ତି। ଖୁବ୍‌ଶୀଘ୍ର ବାକିଥିବା ହିତାଧିକାରୀଙ୍କୁ ଜରିପାଲ ଯୋଗାଇ ଦିଆଯିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଆରଆଇ) ବାତ୍ୟା କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ କରି ତହସିଲଦାରଙ୍କ ନିକଟକୁ ପଠାଇବେ। ପରେ ଏହି ରିପୋର୍ଟ ତହସିଲଦାର ଜିଲାପାଳଙ୍କୁ ପ୍ରଦାନ କରିବେ। ଏହି ରିପୋର୍ଟର ତର୍ଜମା କରାଯିବା ପରେ କ୍ଷତିପୂରଣ ବାବଦ ଟଙ୍କା ବିପନ୍ନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ ବୋଲି ତହସିଲଦାର କହିଛନ୍ତି। ଏହି ବୈଠକରେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, କୈଳାସ ଚନ୍ଦ୍ର ପୃଷ୍ଟି, ପୂର୍ବତନ ପୌର ଉପାଧ୍ୟକ୍ଷ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ସମେତ ସମସ୍ତ ପୂର୍ବତନ କାଉନସିଲର, ବରିଷ୍ଠ ନାଗରିକ ଓ ଖବରଦାତା ଉପସ୍ଥିତ ଥିଲେ। ନୋଡାଲ ଅଫିସର ଝୁଲେନ୍ଦ୍ର ନାୟକ ଓ ତପନ କୁମାର ସାହୁ ବୈଠକ ପରିଚାଳନା କରିଥିଲେ।

# ହୁସେନ ରବିଗାନ୍ଧୀ ପାଇଲେ କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ସମ୍ମାନ

**କଟକ ଅଫିସ, ୧୫।୫**



ସାରସ୍ୱତ ସମାରୋହରେ କବି ଡ. ହୁସେନ ରବିଗାନ୍ଧୀଙ୍କୁ କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ସମ୍ମାନ ପ୍ରଦାନ କରାଯାଉଛି।

କଟକ ସାରଳା ଭବନଠାରେ ବୁଧବାର ସାରଳା ସାହିତ୍ୟ ସଂସଦ ପକ୍ଷରୁ କବି ସଚ୍ଚି ରାଉତରାୟଙ୍କ ସ୍ମୃତିରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳକାନ୍ତ ମିଶ୍ର ଉଦ୍‌ଘାଟନ କରି କହିଲେ, ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ହେଉଛନ୍ତି ସଚ୍ଚି ରାଉତରାୟ। ସେ କେବଳ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ନୁହନ୍ତି ଜଣେ ଜୀବନଧର୍ମୀ କବି ବୋଲି ସେ କହିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକା ମନୋରମା ମହାପାତ୍ର ମୁଖ୍ୟଅତିଥି ଓ ଯଶସ୍ୱୀ କବି ଓ ପ୍ରଶାସକ ପ୍ରସନ୍ନ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଡ. ଚିନ୍ମୟୀ ମହାପାତ୍ର କହିଥିଲେ, ସଚ୍ଚି ରାଉତରାୟ ଓଡ଼ିଆ କବିତା କ୍ଷେତ୍ରରେ ଯେଉଁ ପରୀକ୍ଷା ନିରୀକ୍ଷା କରିଯାଇଛନ୍ତି ତାହା ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତାଙ୍କ ରଚିତ ଛୋଟ ମୋର ଗାଆଁଟି, ବାଜିରାଉତ, ରାଜଜେମା, ପଲ୍ଲିଶ୍ରୀ, ମାଟିର ତାଜ, ମଶାଣିର ଫୁଲ, ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ ଓଡ଼ିଆ ସାରସ୍ୱତ ଜଗତର ଏକ ମାଇଲଖୁଣ୍ଟ। ଏହି ଅବସରରେ ବିଶିଷ୍ଟ କବି ଡ. ହୁସେନ ରବି ଗାନ୍ଧୀଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ସମ୍ମାନ ପ୍ରଦାନ କରାଯାଇଥିଲା। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଡ. ସଞ୍ଜିତା ମିଶ୍ର ମାନପତ୍ର ପାଠ କରିଥିଲେ। ଶ୍ରୀହର୍ଷ ରାଉତରାୟ, କବି ଅମରେଶ ପଟ୍ଟନାୟକ, ଡ. ନୃସିଂହ ଷଡଙ୍ଗୀ, ଡ. ପ୍ରଭାତୀ ମିଶ୍ର ପ୍ରମୁଖ ସଚ୍ଚି ରାଉତରାୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବନଶ୍ରୀ ମହାପାତ୍ର, ବିଭୁପ୍ରସାଦ ରାଉତ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।

**କବି ସଚ୍ଚି ରାଉତରାୟ ସ୍ମୃତି ସନ୍ଧ୍ୟା**



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ
ହେଲା ନମ୍ରତା ।
-କନ୍‌ଫୁସିଅସ୍



## ସଂକ୍ଷେପରେ

### ରାଶନ କାର୍ଡ ନ ଥିବା ପରିବାରକୁ ରିଲିଫ୍ ଯୋଗାଣ ଦାବି

ବୋଲଗଡ଼,୧୫।୫(ଡି.ଏନ.ଏ.)-ଫନୀ ବାତ୍ୟା ପାଇଁ ବୋଲଗଡ଼ ବ୍ଲକ ଅଞ୍ଚଳର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇ ନ ଥିବା ପରିବାରଗୁଡ଼ିକୁ ରିଲିଫ୍ ଯୋଗାଇ ଦେବାକୁ ଦାବି ହୋଇଛି । ବେଗୁନିଆ-ବୋଲଗଡ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ବୁଧବାର ଏଭଳି ଦାବି କରାଯାଇଛି । ପ୍ରତିଷ୍ଠାନର କର୍ମକର୍ତ୍ତା ଭିକାରୀ ସାହୁଙ୍କ ଆବାହକତ୍ୱରେ ବିପନ୍ନମାନେ ବୋଲଗଡ଼ ବ୍ଲକ କାର୍ଯ୍ୟାଳୟଠାରେ ଧାରଣା ଦେବା ସହ ଏ ନେଇ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏବିଡିଓ ରତିରଞ୍ଜନ ମିଶ୍ରଙ୍କୁ ପ୍ରଦାନ କରିଥିଲେ। ଅର୍ଜୁନ ଗଡବାଡ, ଅକ୍ଷୟ କୁମାର ରାଉତରାୟ, ଆଲୋକ ସୁବୁଦ୍ଧିଙ୍କ ସମେତ ରାଶନ କାର୍ଡ ପାଇ ନ ଥିବା କେତେଜଣ ଧାରଣାରେ ସାମିଲ ହୋଇଥିଲେ । ଫନୀ ଦ୍ୱାରା ସମସ୍ତେ ପ୍ରଭାବିତ ହୋଇଥିବାରୁ ରାଶନ କାର୍ଡ ନ ଥିବା ପରିବାରକୁ ରିଲିଫ୍ ପ୍ରଦାନ କରାଯିବା ଆବଶ୍ୟକ ବୋଲି ସାହୁ କହିଛନ୍ତି ।

### ଛାତ୍ର ହତ୍ୟା ଘଟଣା : ପୋଲିସ ହାତ ଖାଲି
### ୫୦ ଜଣ ବିକ୍ଷୋଭକାରୀଙ୍କ ନାମରେ ମାମଲା

ବେଗୁନିଆ,୧୫।୫ (ଡି.ଏନ.ଏ.) ବେଗୁନିଆ ଥାନା ବୋଲଗଡ ବ୍ଲକ କୋଦବେରେଣି ଗ୍ରାମର ୬ ତାରିଖରୁ ନିଖୋଜ ଥିବା ଛାତ୍ରଙ୍କ ଗଳିତ ଶରୀରକୁ ସୋମବାର ସକାଳୁ ଗ୍ରାମ ନିକଟସ୍ଥ ଏକ ବୁଦା ମୂଳରୁ ପୋଲିସ ଉଦ୍ଧାର କରିଥିଲା। ଉଦ୍ଧାର ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରି ଲୋକେ ୫ ଘଣ୍ଟା ରାସ୍ତାରୋକୋ କରିଥିଲେ। ଏହି ଘଟଣାକୁ ଏଯାଏ ୪୮ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ହାତ ଖାଲିପଡିଛି। ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ପୋଲିସ ବିକ୍ଷୋଭକାରୀ ୫୦ ଜଣଙ୍କ ନାମରେ ମାମଲା ରୁଜୁ କରିଛି। କୋଦବେରେଣି ଗ୍ରାମର ରବୀନ୍ଦ୍ର ମହାପାତ୍ରଙ୍କ ପୁଅ ବିଶ୍ୱଜିତ(୧୪) ୬ ତାରିଖରୁ କେଉଁଆଡେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ବିଶ୍ୱଜିତଙ୍କୁ ଅପହରଣ କରାଯାଇଛି ବୋଲି ୧୧ ତାରିଖରେ ବେଗୁନିଆ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ. ୭୨/୧୯ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ସକାଳ ୬ ଟା ବେଳକୁ ଖବରପାଇ ପୋଲିସ ବିଶ୍ୱଜିତଙ୍କ ଗଳିତ ମୃତଦେହକୁ ଉଦ୍ଧାର କରିଥିଲା। ମାତ୍ର ପରିବାର ଲୋକେ ଓ ଗ୍ରାମବାସୀ ମିଶି ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବାଘମାରୀ-କଣ୍ଟିଲୋ ମୁଖ୍ୟ ରାସ୍ତାର କୋଦବେରେଣି ବାଇପାସ ଛକଠାରେ ଟାୟାର ଜାଳି ସକାଳ ସାଢେ ୭ରୁ ମଧାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଏ ନେଇ ପ୍ରଶାସନ ପକ୍ଷରୁ ଥାନାରେ ବିକ୍ଷୋଭକାରୀ ୫୦ ଜଣରୁ ତଦୁର୍ଦ୍ଧ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମାମଲା ନଂ. ୭୫/୧୯ ରୁଜୁ ହୋଇଛି।

■ ବାଂଲାଦେଶ ସୀମାରୁ ଉଦ୍ଧାର ଗୋରୁପଲ ବୋଲଗଡ଼ରେ

# ଗୋଶାଳା ନ କରି ଜଙ୍ଗଲରେ ନିର୍ଯାତନା

■ ପ୍ରାଣ ହରାଇଲେଣି ୨୨, ହଜିଲେଣି ୨୫
■ ମୃତ୍ୟୁ ସହ ସଂଗ୍ରାମ ୫ ଗୋରୁଙ୍କ କରାଯାଉନି ଚିକିତ୍ସା

ଖୋର୍ଦ୍ଧା ଅଫିସ/ବୋଲଗଡ, ୧୫।୫(ଡି.ଏନ.ଏ.)

ବାଂଲାଦେଶ ସୀମାରୁ ଉଦ୍ଧାର ଗୋରୁପଲଙ୍କୁ ବୋଲଗଡର ବ୍ରହ୍ମପୁରସ୍ଥିତ ଜଙ୍ଗଲରେ ରଖାଯାଇ ନିର୍ଯାତନା ଦିଆଯାଉଛି। ଗୋଶାଳା ନ କରି ଜଙ୍ଗଲରେ ରଖାଯାଉଥିବାବେଳେ ଯତ୍ନ, ସୁରକ୍ଷା ଓ ଖାଦ୍ୟ ଅଭାବରୁ ୨୨ ଗୋରୁ ପ୍ରାଣ ହରାଇ ସାରିଲେଣି। ୫ ଗୋରୁ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ସେମାନଙ୍କୁ ଚିକିତ୍ସା ମିଳୁନି। ପୁଣି ୨୫ ଗୋରୁ ନିଖୋଜ ହୋଇ ସାରିଲେଣି। ଏଠାରେ ଥିବା ଗୋରୁପଲଙ୍କ ଦୁର୍ଦ୍ଦଶାକୁ ଦେଖିଲେ କଂସେଇ ଖାନାର ନିଷ୍ଠୁରତା ଅପେକ୍ଷା ଅଧିକ ବୋଲି କେତେଜଣ ଗୋଭକ୍ତ ମତ ରଖିଛନ୍ତି। ଗୋମାତା ପ୍ରତି ଏପରି ଅବହେଳାକୁ ଦେଖିଲେ ଜୀବେଦୟା ଓ ନିଷ୍ଠୁରତାର ଉପେକ୍ଷା କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି କାହିଁକି ବୋଲି କୁହାଯାଉଛି। ସେହିପରି ଜଙ୍ଗଲରେ ନିର୍ଯାତନା ପାଉଥିବା ଗୋରୁଙ୍କୁ ପ୍ରଶାସନ ଉଦ୍ଧାର କରି ସେବା ଯୋଗାଇ ସୁରକ୍ଷିତ ସ୍ଥାନରେ ନ ରଖିବାର କାରଣ କ'ଣ। ଏତେସଂଖ୍ୟକ ଗୋରୁ ମରିଥିବାବେଳେ ପ୍ରାଣୀଧନ ବିଭାଗ କିପରି ଜାଣିପାରୁନି ତାହା ସାଧାରଣରେ ଚିନ୍ତାର କାରଣ ପାଲଟିଛି। ପୁଣି ଗୋଶାଳା ନ ଥାଇ ଜଙ୍ଗଲରେ ଉଦ୍ଧାର ଗୋରୁଙ୍କୁ ରଖିବାର ଅନୁମତି କିଏ ଦେଲା ତାହା ତଦନ୍ତସାପେକ୍ଷ। ଗୋମାତା ନିର୍ଯାତିତ ଖବର ମିଳିବା ପରେ ଗୋରୁପଲଙ୍କ ଦାୟିତ୍ୱରେ ଥିବା ନିରଞ୍ଜନ ହରିଚନ୍ଦନଙ୍କୁ ପଚାରିବାରୁ କୁହନ୍ତି, ବାଂଲାଦେଶ ସୀମାରୁ ଉଦ୍ଧାର ଗୋରୁ ୨୫୦ଟିକୁ ବୋଲଗଡର ବ୍ରହ୍ମପୁରାସ୍ଥିତ ଜଙ୍ଗଲରେ ଗୋଶାଳା କରି ରଖିବାର ଲକ୍ଷ୍ୟ ରଖାଯାଇଥିଲା। ଏ ନେଇ ଧାନ ଫାଉଣ୍ଡେଶନ ଉକ୍ତ ଗୋରୁଙ୍କୁ ପ୍ରାୟ ୨୫ ଦିନ ତଳେ ଟେଷ୍ଟିଂ ଉଦ୍ଦେଶ୍ୟରେ ବ୍ରହ୍ମପୁରା ଜଙ୍ଗଲରେ ରଖିଥିଲେ। ମୋତେ ଗୋ ସେବକ ଭାବେ ନିଯୁକ୍ତି ମିଳିଛି। ୧୨ ତାରିଖରେ ଗୋଶାଳା ଆରମ୍ଭ କରିବାର ଥିଲା। ତେବେ ୩ ତାରିଖରେ ଫନୀ ଯୋଗୁ ଗୋରୁମାନେ ମୃତ୍ୟୁ ମୁଖରେ ପଡିଲେ। ତେବେ ମଝିରେ ୭୨ ଓ ୩୫ ଗୋରୁ ଏପରି ମୋଟରେ ୧୩୫ ଗୋରୁ ବ୍ରହ୍ମପୁର ଜଙ୍ଗଲରେ ରହିଛନ୍ତି। ଏବେ ୨୨ ଗୋରୁ ମରି ସାରିଲେଣି। ୫ ଗୋରୁ ଚିକିତ୍ସିତ ହେଉଛନ୍ତି। ଗୋରୁଙ୍କ ସେବାରେ ମୁଁ ଅବହେଳା କରୁନାହିଁ। ୮ ଘଣ୍ଟା ପାଇଁ କାର୍ଯ୍ୟ କରିବା ବଦଳରେ ୨୪ ଘଣ୍ଟାର ଡ୍ୟୁଟି କରିଚାଲିଛି। ତେବେ ଗୋରୁଙ୍କ କଷ୍ଟ ଦେଖି ମୁଁ ଚିନ୍ତିତ। ସମସ୍ତେ କହୁଛନ୍ତି ଗୋରୁମାନେ ଛଟପଟ ହେଉଛନ୍ତି। ହେଲେ କେହି ସେବା କରିବାକୁ ଆଗେଇ ଆସୁନାହାନ୍ତି। ୨୫ଟି ଗୋରୁ ନିଖୋଜ ବୋଲି ଭାବୁଛି। ହେଲେ ଏକୁଟିଆ ଯୋଗୁ ଗଣି ପାରିନି। ସ୍ଥାନୀୟ ଅଞ୍ଚଳରେ ଭୋଜିଥିବାରୁ ମୃତ ୫ଟି ଗୋରୁଙ୍କର ମୃତଦେହ ପୋତୁଥିଲି। କାଳେ ଦୁର୍ଗନ୍ଧ ଭୋଜିସ୍ଥଳକୁ ଚାଲିଯିବ। ଅନ୍ୟପକ୍ଷେ ଗୋ ସେବାରେ ଟିକିଏ ବିଳମ୍ବ ହୋଇଗଲା ବୋଲି ସେ କହିଛନ୍ତି। ଖୋର୍ଦ୍ଧା ସିଡିଭିଓ ନରେଶ ରଥ କୁହନ୍ତି, ବ୍ରହ୍ମପୁରା ଓ ଗୋପାଳିପଡା ମଧ୍ୟବର୍ତ୍ତୀ ଜଙ୍ଗଲରେ ଗୋରୁ ପଲ ଚରୁଛନ୍ତି। ଏଠାରେ ଗୋରୁପଲଙ୍କ ପାଇଁ ଖାଦ୍ୟର ଅଭାବ ରହିଛି। ଯେଉଁ ସଂସ୍ଥା ଏଠାରେ ଗୋଶାଳା ଖୋଲିଛନ୍ତି ଗୋରୁଙ୍କୁ ଖାଇବାକୁ ଦେଉନାହାନ୍ତି କାହିଁକି। ତଥାପି ପ୍ରାଣୀ ବିଭାଗ ପକ୍ଷରୁ ଚିକିତ୍ସା କରାଯାଉଛି। ଅଥଚ ଖାଇବାକୁ ଦିଆଯାଇ ପାରିବ ନାହିଁ। ଏ ସମ୍ପର୍କରେ ପୁରୁଣା ଓ ନୂଆ ଜିଲାପାଳଙ୍କୁ ଅବଗତ କରାଇଛି ବୋଲି କହିଛନ୍ତ। ବୋଲଗଡ ବିଡିଓ ମଧୁସୂଦନ ବେହେରା କୁହନ୍ତି ୨ ଦିନ ତଳେ ଖବରପାଇ ଗୋରୁଙ୍କୁ ଚେକ୍ କରାଯାଉଛି। ଯେଉଁ ସଂସ୍ଥା ଏଠାରେ ଗୋରୁଙ୍କୁ ରଖିଛି ତାର ଠିକଣା କେୟାରଟେକର ଦେଉନାହାନ୍ତି। ନିକଟରେ ଗୋଶଳା ନାହିଁ। ଏତେ ସଂଖ୍ୟକ ଗୋରୁଙ୍କୁ କେଉଁଠାରେ ରଖାଯିବ ଚିନ୍ତାର ବିଷୟ। ତଥାପି ଏ ନେଇ ଉପଜିଲାପାଳଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ନେବି ବୋଲି କହିଛନ୍ତି। ବୋଲଗଡ ଥାନା ଆଇଆଇସି ସେଖ୍ ଆବକର ଅଲ୍ଲୀ କୁହନ୍ତି, ଖବର ପାଇବା ପରେ ଘଟଣାସ୍ଥଳ ତଦନ୍ତ କରି ଫେରିଛନ୍ତି। ଗୋମାତା ପାଇଁ ସୁରକ୍ଷା ଓ ଗୋଶାଳା ନ କରି ଗୋରୁ ନ ଆଣିବାକୁ କହିଛନ୍ତି। ମୃତ ଗୋରୁଙ୍କୁ ପୋତିବାକୁ ପରାମର୍ଶ ଦେଇଛନ୍ତି।



ଜଙ୍ଗଲରେ ଥିବା ଗୋରୁଙ୍କ ମଧ୍ୟରୁ ଗୋଟିଏ ଗୁରୁତର ହୋଇପଡିଛି।




ବିପନ୍ନମାନଙ୍କୁ ରିଲିଫ ଦେବା ଦାବିରେ ଲୋକେ ଧାରଣା ଦେଇଛନ୍ତି।

# ରାଶନ କାର୍ଡଧାରୀଙ୍କ ସହ ବିପନ୍ନଙ୍କୁ ରିଲିଫ ମିଳୁ

ବେଗୁନିଆ,୧୫।୫ (ଡି.ଏନ.ଏ.)

ସାମୁଦ୍ରିକ ଝଡ ଫନୀ ପ୍ରବାହରେ ବେଗୁନିଆ ବ୍ଲକ ଅଞ୍ଚଳର ବହୁ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କର ଧନସମ୍ପତି, ଚାଷ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସରକାରଙ୍କ ପକ୍ଷରୁ ପ୍ରାଥମିକ ଆକଳନ କରାଯିବା ପରେ କେବଳ ରାଶନ କାର୍ଡ ହାତେଇଥିବା ହିତାଧିକାରୀଙ୍କୁ ରିଲିଫ ବଣ୍ଟନ କରାଯାଉଛି। ମାତ୍ର ଏଥିରେ ପ୍ରକୃତ କ୍ଷତିଗ୍ରସ୍ତ ହୋଇଥିବା ବହୁ ବିପନ୍ନ ବାଦ ପଡି ଯାଇଛନ୍ତି। ଅନୁରୂପ ଭାବେ ପ୍ରକୃତ ବିପନ୍ନମାନଙ୍କୁ ରିଲିଫ ବଣ୍ଟନ କରାଯିବା ସହ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇ ଆସୁଥିଲା। ଏ ନେଇ ବୁଧବାର ପୂର୍ବାହ୍ନରେ ବେଗୁନିଆ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଜନ ଆନ୍ଦୋଳନ କରାଯାଇଥିଲା। ସେମାନଙ୍କ ଦାବି ଥିଲା ପୂର୍ବରୁ ହୋଇଥିବା ହୁଡ୍‌ହୁଡ୍, ଫାଇଲିନ, ତିତିଲି ଆଦି ସାମୁଦ୍ରିକ ଝଡ ପ୍ରଭାବରେ ସମସ୍ତ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ରିଲିଫ ବଣ୍ଟନ ସହ ସରକାରୀ ପକ୍କାଘର ଯୋଗାଇ ଦିଆଯାଇଥିଲା। ମାତ୍ର ଫନୀ ପ୍ରଭାବର ଆଜକୁ ୧୩ ଦିନ ବିତି ଯାଇଥିଲେ ମଧ ଏଯାଏ କୌଣସି ଗ୍ରାମକୁ ପ୍ରଶାସନିକ ଅଧିକାରୀ ଓ ରାଜସ୍ୱ ବିଭାଗ କର୍ମଚାରୀଙ୍କର ପାଦ ପଡିନାହିଁ। ଫଳରେ ସେମାନେ ନିରପେକ୍ଷ ତଦନ୍ତ ନ କରି କାର୍ଯ୍ୟାଳୟରେ ବସି ବହୁ ଧନୀ ଶ୍ରେଣୀର ଲୋକମାନଙ୍କ କ୍ଷତିଗ୍ରସ୍ତ ତାଲିକା ପ୍ରସ୍ତୁତ କରୁଛନ୍ତି। ତେବେ ନିରପେକ୍ଷ ତଦନ୍ତ କରାଯାଉ। ଏ ନେଇ ସ୍ଥାନୀୟ ବିଡିଓ ରବିନାରାୟଣ ମାଝି ଆସି ନିରପେକ୍ଷ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ହଟିଥିଲେ। ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ଶିବ ମୁନି, ବରଦା ପ୍ରସନ୍ନ ପଣ୍ଡା, ଅଭିନ୍ନ ଚନ୍ଦ୍ର ମହାପାତ୍ର, ରାଜକିଶୋର ସାହୁଙ୍କ ସମେତ ବହୁ ବିପନ୍ନ ଏହିଆନ୍ଦୋଳନରେ ସାମିଲ ହୋଇଥିଲେ।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲକ୍ଷେ ଟଙ୍କା ଲୁଟ୍

■ ବନ୍ଧୁକ ଦେଖାଇ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ
■ ଖୋର୍ଦ୍ଧା ଏସ୍‌ପି, ଏସ୍‌ଡିପିଓଙ୍କ ତଦନ୍ତ

ବୋଲଗଡ଼,୧୫।୫(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳରେ ଲୁଟ୍‌ତରାଜ ବୃଦ୍ଧି ପାଉଛି। ବୁଧବାର ଦ୍ୱିପ୍ରହରରେ ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ଠଣାପଲ୍ଲୀ–ଭାପୁର ରାସ୍ତାର ଶ୍ରୀରାମପୁର ନିକଟରେ ଜଣେ ବେସରକାରୀ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଖଣ୍ଡାରେ ହାଣି ଲକ୍ଷାଧିକ ଟଙ୍କା ଏବଂ ସୁନା ଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀର ରାଜସୁନାଖଳା ଶାଖା କ୍ଷେତ୍ର କର୍ମଚାରୀ ଦିବ୍ୟ ପ୍ରସାଦ ସାହୁ। ସେ ଏ ନେଇ ବାଙ୍କୋଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଲୁଟ୍‌ର ତଦନ୍ତ ନିମନ୍ତେ ଖୋର୍ଦ୍ଧା ଏସ୍‌ପି ଅମୂଲ୍ୟ ଦାଶ ଓ ଏସ୍‌ଡିପିଓ ସୁଶୀଲ୍ ମିଶ୍ର ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଦୁର୍ବୃତ୍ତମାନେ ଦିବ୍ୟ ପ୍ରସାଦଙ୍କ ଦୁଇ ହାତକୁ ଖଣ୍ଡାରେ ହାଣିବା ଫଳରେ ସେ ଆହତ ହୋଇ ବର୍ତ୍ତମାନ କଳାପଥର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତାଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ସେ ଭାପୁର ବ୍ଲକସ୍ଥିତ ମରିଚିଆ ଗ୍ରାମକୁ ଋଣ ଟଙ୍କା ଅସୁଲ ନିମନ୍ତେ ଶ୍ରୀରାମପୁର ଛକଦେଇ ରାଜସୁନାଖଳା ଆସୁଥିଲେ। ସେ ଶ୍ରୀରାମପୁର ନିକଟରେ ପହଞ୍ଚିବାବେଳେ ୨ଟି ବାଇକ୍‌ରେ ୪ ଦୁର୍ବୃତ୍ତ ତାଙ୍କୁ ଅଟକାଇ ହେଲମେଟ୍ ନେଇଯାଇଥିଲେ। ପରେ ଲୁଟେରାମାନେ ବନ୍ଧୁକ ଦେଖାଇ ତାଙ୍କ ହାତକୁ ଖଣ୍ଡାରେ ହାଣି ୧ଲକ୍ଷ ୩ଶହ ଟଙ୍କା ଲୁଟି ନେଇଥିଲେ।



ଆହତ କ୍ଷେତ୍ର କର୍ମଚାରୀ ଦିବ୍ୟ ପ୍ରସାଦ

## ବାତ୍ୟା ବିପନ୍ନଙ୍କୁ ମିଳୁନି ରିଲିଫ

ଟାଙ୍ଗୀ (ଖୋର୍ଦ୍ଧା),୧୫।୫ (ଡି.ଏନ.ଏ.)

ଟାଙ୍ଗୀ ବ୍ଲକରେ ରାଶନ କାର୍ଡରୁ ବଞ୍ଚିତ ଫନୀ ବାତ୍ୟା ବିପନ୍ନମାନେ ସରକାରୀ ରିଲିଫ ତଥା ଆର୍ଥିକ ସହାୟତା ପାଇ ପାରୁନାହାନ୍ତି। ବ୍ଲକ୍‌ର ୩୫,୪୨୪ ଜଣ ରାଶନ କାର୍ଡ ହିତାଧିକାରୀ ରିଲିଫ ପାଇ ସାରିଥିବା ବେଳେ ଆଉ ଶହ ଶହ ଲୋକଙ୍କ ବାସଗୃହ ଭାଙ୍ଗିରୁଜି ଯାଇଛି। ପେଟପୂରା ଦୁଇ ଓଳି ଦୁଇମୁଠା ଖାଦ୍ୟ ଖାଇବା ମଧ ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଏହିପରି ବିପନ୍ନଙ୍କ ସଂଖ୍ୟା ପ୍ରାୟ ୧୫ ହଜାରରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ରାଶନ କାର୍ଡରୁ ବଞ୍ଚିତ ବିପନ୍ନଙ୍କୁ ଆବଶ୍ୟକ ରିଲିଫ ଯୋଗାଇ ଦେବାକୁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ମାତ୍ର ଏହି ନିଷ୍ପତ୍ତି ଅଦ୍ୟାବଧି କାର୍ଯ୍ୟକାରୀ କରାଯାଇନଥିବା ହେତୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷେ ଦଲାଲ, ଲୋକ ପ୍ରତିନିଧିମାନେ ସମ୍ଭାବ୍ୟ ବିପନ୍ନଙ୍କୁ ରିଲିଫ କରାଇ ଦେବା ଆଳରେ ତାଲିକା ପ୍ରସ୍ତୁତ କରି ଟଙ୍କା ଆଦାୟ କରୁଥିବା କୁହାଯାଉଛି।

# ଝାଡ଼ାବାନ୍ତିରେ ୨୩ ଆକ୍ରାନ୍ତ



ଅନୁଧ୍ୟାନ କରୁଛି ସ୍ୱାସ୍ଥ୍ୟ ବିଭାଗ ଟିମ୍ ।

ବୋଲଗଡ଼,୧୫।୫(ଡି.ଏନ.ଏ.)

### ସ୍ୱାସ୍ଥ୍ୟ ବିଭାଗ ଟିମ୍ କଲା ଅନୁଧ୍ୟାନ

ଫନୀ ବାତ୍ୟା ପରେ ବୋଲଗଡ଼ ଅଞ୍ଚଳରେ ଝାଡ଼ାବାନ୍ତି ରୋଗ ବ୍ୟାପିଛି। ସୂଚନାଯୋଗ୍ୟ, ଏଠାରେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ୨୩ ଜଣ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଘଟଣାର ଅନୁଧ୍ୟାନ କରିବାକୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ବୋଲଗଡ଼ରେ ପହଞ୍ଚି ଜନସାଧାରଣଙ୍କୁ ସଚେତନ କରିବା ସହ ଆବଶ୍ୟକ ଚିକିତ୍ସା ପାଇଁ ପରାମର୍ଶ ଦେଇଛି। ଟିମ୍‌ରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିଏମ୍‌ଓ ଡାକ୍ତର ଦ୍ୱାରିକାନାଥ ଶତପଥୀ, ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା.ବଳଭଦ୍ର ସାହୁ ଏବଂ କର୍ମଚାରୀମାନେ ବୋଲଗଡ଼ ଅଞ୍ଚଳ ପରିଦର୍ଶନ କରିଥିଲେ। ଲୋକଙ୍କୁ ଓଆର୍‌ଏସ୍, ହାଲୋଜେନ ବଟିକା ବଣ୍ଟନ କରିବା ସହିତ ପାନୀୟ ଜଳ ଉତ୍ସଗୁଡିକରେ କ୍ଲୋରିନ୍ ପକାଇଥିଲେ। ରୋଗ ଯେପରି ଅଧିକ ନ ବ୍ୟାପିବ ସେଥିପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉଛି ବୋଲି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ସାହୁ ପ୍ରକାଶ କରିଛନ୍ତି।

### ରିଲିଫ ବଣ୍ଟନକୁ ନେଇ ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ଼

# ପୋଲିସ ହାତରୁ ଅଭିଯୁକ୍ତଙ୍କୁ ଛଡ଼ାଇ ନେଲେ ଯୁବକ

କୃଷ୍ଣପ୍ରସାଦ,୧୫।୫(ଡି.ଏନ୍.ଏ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଏବଂ ସରକାରଙ୍କ ତରଫରୁ ରିଲିଫ ବଣ୍ଟନ କରାଯାଉଥିବାବେଳେ ଏହାକୁ ନେଇ କେତେକ ସ୍ଥାନରେ ବିବାଦ ସୃଷ୍ଟି ହୋଇଛି। ମଙ୍ଗଳବାର ସିଆଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ରିଲିଫ ବଣ୍ଟନବେଳେ ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ ହୋଇଥିବା ଜଣାପଡିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିବାବେଳେ କେତେକ ଯୁବକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ହାତରୁ ଛଡାଇ ନେଇଥିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ,ମଙ୍ଗଳବାର ରାତିରେ ଅଣୁଆ ଗ୍ରାମର ଅଞ୍ଚଳ ବିଶ୍ୱାଳ ଏବଂ ସିଆଣ୍ଡି ଗ୍ରାମର ପୂର୍ଣ୍ଣଚନ୍ଦ୍ର ତରେଇ ରନ୍ଧା ଖାଦ୍ୟ ବଦଳରେ ଚାଉଳ, ଡାଲି ଆଦି ନେବା ପାଇଁ ଜିଦ୍ କରିଥିଲେ। ଗ୍ରାମବାସୀଙ୍କୁ ରୋଷେଇ ଖାଦ୍ୟ ଦିଆଯାଇଛି ଆଉ ଶୁଖିଲା ଖାଦ୍ୟ ଦିଆଯାଇପାରିବ ନାହିଁ ବୋଲି ସରପଞ୍ଚ ଅନିତା ନାୟକ କହିଥିଲେ। ଫଳରେ ସରପଞ୍ଚଙ୍କ ସ୍ୱାମୀ ପ୍ରବୀର ଚନ୍ଦ୍ର ନାୟକଙ୍କ ସହ ସମ୍ପୃକ୍ତ ଯୁବକ ଦ୍ୱୟଙ୍କ ବଚସା ହୋଇଥିଲା। ତେବେ ସେମାନେ ପ୍ରବୀରଙ୍କୁ ନିସ୍ତୁକ ମାଡ଼ ମାରି ପଞ୍ଚାୟତ ଘରେ ଥିବା ରିଲିଫ ଶୁଖିଲା ଖାଦ୍ୟ ବିସ୍କୁଟ ଆଦି ଧରି ଘରକୁ ଚାଲିଯାଇଥିଲେ। ଏ ସମ୍ପର୍କରେ ପ୍ରବୀର କୃଷ୍ଣପ୍ରସାଦ ଥାନାରେ ଏତଲା ଦେବା ପରେ ଆରକ୍ଷୀ ନିରୀକ୍ଷକ ସୁଧୀର ସାହୁ ସଦଳବଳ ରାତି ଅଧିଆ ଚଢାଉ କରିଥିଲେ। ଚଢାଉ ସମୟରେ ଅଣୁଆ ଗ୍ରାମର ଅଞ୍ଚଳ ଘରେ ନ ଥିବା ବେଳେ ସିଆଣ୍ଡି ଗ୍ରାମର ପୂର୍ଣ୍ଣଙ୍କୁ ପୋଲିସ ଗିରଫ କରିଥିଲା। ଖବରପାଇ ଗ୍ରାମର କିଛି ଯୁବକ ପୂର୍ଣ୍ଣଙ୍କୁ ପୋଲିସ ହାତରୁ ଛଡ଼ାଇ ନେଇଥିଲେ। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଗ୍ରାମର କେତେକ ବ୍ୟକ୍ତି ପୂର୍ଣ୍ଣଙ୍କୁ କୃଷ୍ଣପ୍ରସାଦ ଥାନାରେ ନେଇ ହାଜର କରାଇଥିବା ଜଣାଯାଇଛି।


# ଫନୀ କରିଦେଲା ବାସହରା

ଖୋର୍ଦ୍ଧା ଅଫିସ,୧୫।୫

ଖୋର୍ଦ୍ଧା ସହରାଞ୍ଚଳ ଦେୱାନସାହିର କେଶବ ଚନ୍ଦ୍ର ବରାଳ, ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅରାଙ୍ଗ ଗାଁର ଗୌରୀ ଦାସ। ଉଭୟଙ୍କର ଘରକୁ ବାତ୍ୟା ଫନୀ ଭାଙ୍ଗି ମାଟିରେ ମିଶାଇ ଦେଇଛି। ସେମାନେ ଏବେ ବାସହରା ହୋଇ ଜୀବନ ବିତାଉଛନ୍ତି। ବାତ୍ୟାର ୧୨ଦିନ ପରେ ଏହି ଦୁଇ ପରିବାର ଖୋଲା ଆକାଶ ତଳେ ପଡି ରହିଛନ୍ତି। ବଞ୍ଚିବାକୁ ଉଭୟ ପରିବାର ସଂଘର୍ଷ କରୁଥିବାବେଳେ ଘର ଛପର କରିବାକୁ ପାଖରେ ଟଙ୍କା ନାହିଁ। କେଶବଙ୍କ ପାଇଁ ସରକାରୀ ସହାୟତା ମିଳି ନ ଥିବାବେଳେ ଏକା ଚଳୁଥିବା ଗୌରୀଙ୍କ ପାଇଁ ଚାଳ ଛପର ଉପରେ ପଲିଥିନ୍ ପକାଇ ରହିବା ସମ୍ଭବ ହେଉନାହିଁ। ଦୁଇ ପରିବାରର ଚାଲିଚଳଣିକୁ ଲକ୍ଷ୍ୟ କଲେ ସରକାରୀ ଯୋଜନା କାହା ପାଇଁ ବୋଲି ପ୍ରଶ୍ନ ଉଠିଛି।

### ଘର କରି ନ ପାରି ଫେରାଇଲେ ଟଙ୍କା

ଅରାଙ୍ଗ ଗୋଡିସାହିର ଗୌରୀ ଦାସଙ୍କ ସ୍ୱାମୀଙ୍କ ମୃତ୍ୟୁ ୧୫ବର୍ଷ ତଳେ ହୋଇଥିଲା। ଗୌରୀ ସେ ସମୟରେ ଭାଙ୍ଗି ପଡିଥିଲେ ମଧ ବଞ୍ଚିବାକୁ ସଂଘର୍ଷ କରିଥିଲେ। କେବଳ ଏକ ଚାଳ ଛପର ଘରେ ଗୌରୀ ରହୁଥିଲେ। ହେଲେ ଛପର କରିବାକୁ ପାଖରେ ଟଙ୍କା ନ ଥିବାରୁ ଘର ଭାଙ୍ଗିବା ଅବସ୍ଥାକୁ ଆସିଥିଲା। ୫ ବର୍ଷ ତଳେ ଗୌରୀଙ୍କର ନାଁରେ ଇନ୍ଦିରା ଆବାସ ଗୃହ ମଞ୍ଜୁର ହୋଇଥିଲା। ହେଲେ ଟଙ୍କା ନ ଥିବାରୁ ସେ ଘର କରିପାରିବେ ନାହିଁ ବୋଲି ବ୍ଲକ ପ୍ରଶାସନକୁ ଜଣାଇଥିଲେ। କେହି ଘର ନିର୍ମାଣ କରିଦେଲେ ସେ ବିରୋଧ କରିବେ ନାହିଁ ବୋଲି କହିଥିଲେ। ହେଲେ ପ୍ରଶାସନ କାର୍ଯ୍ୟାଦେଶ ଫେରାଇବାକୁ ପରାମର୍ଶ ଦେବା ପରେ ସେ ଫେରାଇ ଦେଇଥିଲେ। ୫୦୦ ଟଙ୍କା ଭତ୍ତା, ରାଶନ କାର୍ଡରେ ମିଳୁଥିବା ଚାଉଳ ପାଇଁ ଜୀବନ ବଞ୍ଚାଇ ରଖିଛନ୍ତି। ଏଭଳିସ୍ଥଳେ ଫନୀ ଭାଙ୍ଗିଦେଇଛି ଘର। ମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। ବାସହରାଙ୍କୁ ସରକାର ପୁଣି ଘର ଯୋଗାଇବାର ବ୍ୟବସ୍ଥା ଆରମ୍ଭ ହୋଇଛି। ଏଣୁ ଗୌରୀ ବିଭିନ୍ନ ଲୋକଙ୍କୁ ଭେଟି ତା'ର ଘର ନିର୍ମାଣ କରିବାକୁ ସହଯୋଗ ମାଗିବା ଆରମ୍ଭ କରିଛନ୍ତି। କାର୍ଯ୍ୟାଦେଶ ମିଳିଲେ ଯେପରି ଘର ହୋଇପାରିବ ସେଥିନେଇ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଛନ୍ତି।



ଗୋରୀ ଦାସ ଭାଙ୍ଗି ଯାଇଥିବା ଘରେ ରହୁଛନ୍ତି।



କେଶବ ଚନ୍ଦ୍ର ବରାଳ ଘର ବାହାରେ ରୋଷେଇ କରୁଛନ୍ତି।

### ଖୋଲା ଆକାଶ ତଳେ ରୋଷେଇ

କେଶବ ଚନ୍ଦ୍ର ବରାଳ ଜଣେ ଭୂମିହୀନ। ଖୋର୍ଦ୍ଧା ସହରାଞ୍ଚଳ ଦେୱାନସାହିରେ ଘର ନିର୍ମାଣ କରି ରହିଥିଲେ। କେଶବଙ୍କ ରୋଜଗାରରେ ଘର ଚଳୁଥିଲା। ସବୁ କିଛି ଠିକ୍‌ଠାକ ଥିଲା। ପୁଅ ସୁଧୀର ମାଟ୍ରିକ ପାସ୍ କରିବା ପରେ ବିଦ୍ୟୁତ୍ କାମ କରି ବାପାଙ୍କୁ ଘର ଚଳାଇବାରେ ସହଯୋଗ କଲେ। ତେବେ ୨୪ ବର୍ଷ ବୟସରେ ସୁଧୀର ଅସୁସ୍ଥ ହୋଇପଡିଲେ। ଚିକିତ୍ସା କଲା ପରେ ଜଣାଗଲା ସେ ମାନସିକ ବିକାର ଗ୍ରସ୍ତ। ପରେ ପୁଅଙ୍କୁ ଭଲ କରିବାକୁ ମା' ବାପା ସଞ୍ଚୟ ଓ ଧାର କରଜ କରି ଚିକିତ୍ସା କରାଇ ଭଲ କରାଇଥିଲେ। ହେଲେ କିଛିଦିନ ପରେ ପୁଣି ସୁଧୀର ମାନସିକ ବିକାରଗ୍ରସ୍ତ ହୋଇ ପଡିଥିଲେ। ପୁଅ କଥା ଚିନ୍ତା କରି ମା' ଅନ୍ନପୂର୍ଣ୍ଣା ମଧ ଅନୁରୂପ ଭାବେ ମାନସିକ ବିକାରଗ୍ରସ୍ତ ହୋଇଗଲେ। ମା' ଓ ପୁଅଙ୍କୁ ଚିକିତ୍ସା କରାଇବା କେଶବଙ୍କ ପାଖରେ ସମ୍ଭବ ହେଲା ନାହିଁ। ମା' ଓ ପୁଅଙ୍କୁ ଛାଡି କେଶବ କୌଣସି କାମଧନ୍ଦା କରିବାକୁ ଯାଇପାରିଲେ ନାହିଁ। ଏଥିଯୋଗୁ ପରିବାରର ସଦସ୍ୟଙ୍କୁ ଅଧିକାଂଶ ସମୟ ଉପବାସ ରହିବାକୁ ପଡୁଛି। ଏଭଳିସ୍ଥଳେ ଫନୀ କେଶବଙ୍କର ଘର ଭାଙ୍ଗିଦେଲା। ରାଶନ କାର୍ଡ ନ ଥିବାରୁ କେଶବ ସହାୟତା ପାଇଲେ ନାହିଁ। ଏପରି କି ଆଜବେଷ୍ଟସ ଛପର ଉଡିଯାଇଥିବା ସ୍ଥାନରେ ପଲିଥିନ୍‌ଟିଏ ପକାଇ ପାରିନାହାନ୍ତି। ପଲିଥିନ କିଣି ପକାଇବାକୁ ମଧ ସମ୍ବଳ ନାହିଁ। ଖୋଲା ଆକାଶ ତଳେ ରୋଷେଇ କରି ନିଜେ ବଞ୍ଚିବା ସହ ପରିବାରକୁ କଷ୍ଟେମଷ୍ଟେ ବଞ୍ଚାଇ ରଖିଛନ୍ତି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା ।
-କନ୍‌ଫୁସିଅସ୍



## ସଂକ୍ଷେପରେ

### ଦେଢ଼ଲକ୍ଷ କୁକୁଡ଼ା, ୨୩୯ ଗୋରୁ, ୩୦୭ ଛେଳି ମୃତ

**ସାକ୍ଷୀଗୋପାଳ, ୧୫।୫(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକରେ ବାତ୍ୟା ପ୍ରଭାବିତ ଗୃହପାଳିତ ପଶୁ ଓ କୁକୁଡ଼ାଙ୍କ ମୃତ୍ୟୁ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବାତ୍ୟାରେ ୧୨୯ଟି କୁକୁଡ଼ା ଫାର୍ମର ପ୍ରାୟ ଦେଢ଼ଲକ୍ଷ କୁକୁଡ଼ା ମୃତ୍ୟୁବରଣ କରିଛନ୍ତି। ସେହିପରି ୨୩୯ଟି ଗୋରୁ ଓ ମଇଁଷି ଏବଂ ୩୦୭ଟି ଛେଳିମେଣ୍ଢା ମରିଥିବା ଆକଳନ କରାଯାଇଛି। ୭ଟି ରାପିଡ୍ ରେସ୍‌ପନ୍ସ ଟିମ୍ ଚିକିତ୍ସା ସେବା ଯୋଗାଇବା ସହିତ କ୍ଷୟକ୍ଷତିର ଆକଳନ କରୁଛନ୍ତି। ୧୦୨ ଗ୍ରାମରେ ୭୮ଟି ସ୍ୱତନ୍ତ୍ର ଚିକିତ୍ସା ଶିବିର କରାଯାଇ ପଶୁ ଚିକିତ୍ସା ଯୋଗାଇ ଦିଆଯାଉଥିବା ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଉପନିର୍ଦ୍ଦେଶକ ଡା. ଅନନ୍ତ ପ୍ରସାଦ ପଣ୍ଡା ସୂଚନା ଦେଇଛନ୍ତି। ୧୦୧ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଏବଂ ମୟୂରଭଞ୍ଜରୁ ଆସିଥିବା ୧୭୦ କୁଇଣ୍ଟାଲ ଘାସ ଯୋଗାଇ ଦିଆଯାଉଛି। ୬୯୩୬ ଗୋରୁ ଓ ୨୪୮୦ ଛେଳିମେଣ୍ଢାଙ୍କୁ ନିୟମିତ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି ବୋଲି ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିଶ୍ୱରଞ୍ଜନ ବେହେରା କହିଛନ୍ତି।

■ସତ୍ୟବାଦୀ ବ୍ଲକ

### କୃଷି ଉପସଚିବଙ୍କୁ ରିଲିଫ ପରିଚାଳନା ଦାୟିତ୍ୱ

ସାକ୍ଷୀଗୋପାଳ, ୧୫।୫ (ଡି.ଏନ୍.ଏ.): ସତ୍ୟବାଦୀ ବ୍ଲକରେ ରିଲିଫ ଓ ଥଇଥାନର ସୁପରିଚାଳନା ନିମନ୍ତେ କୃଷି ଉପସଚିବ ସରୋଜ କୁମାର ଦତ୍ତଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ସେ ପୂର୍ବରୁ କଣାସ ବିଡିଓ ଏବଂ ସତ୍ୟବାଦୀରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସତ୍ୟବାଦୀ ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ଏଠାରୁ ବାଣପୁର ବ୍ଲକକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନିଯୁକ୍ତି ପାଇଥିବା ସତ୍ୟବାଦୀର ପ୍ରାକ୍ତନ ବିଡିଓ ମାନସ କୁମାର ରାୟଙ୍କୁ ତାଙ୍କ ପୂର୍ବ ବ୍ଲକକୁ ଫେରାଇ ନିଆଯାଇଛି।

ତଦନ୍ତ ପରେ ମିଳିବ ସହାୟତା

### ଶିକ୍ଷକଙ୍କ ହାତରେ ବିପନ୍ନଙ୍କ ଭାଗ୍ୟ

**ଗୋପ, ୧୫।୫(ଡି.ଏନ୍.ଏ.):** ବାତ୍ୟାରେ ପ୍ରଭାବିତ ପୁରୀ ଜିଲା ଗୋପ ବ୍ଲକର ଥିବା ରାଶନ କାର୍ଡ ହିତାଧିକାରୀମାନଙ୍କୁ ରିଲିଫ ମିଳିଯାଇଥିବା ବେଳେ ବିନା ରାଶନ କାର୍ଡଧାରୀ ବିପନ୍ନଙ୍କୁ ଏଯାବତ୍ ସହାୟତା ଦିଆଯାଇ ନାହିଁ। ଫଳରେ ରାଶନ କାର୍ଡ ନ ଥିବା ବିପନ୍ନମାନେ ବହୁ ଅସୁବିଧା ଭୋଗୁଛନ୍ତି। ତେଣୁ ଏ ନେଇ ଗୋପ ବାଳିକା ବିଦ୍ୟାଳୟରେ ବୁଧବାର ବ୍ଲକରେ ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର ଅଧିକାରୀ ସୁକାନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପ ବିଡିଓ ଦୀପ୍ତିରାଣୀ ଦାସ ଯୋଗଦେଇ ଯେଉଁ ବିପନ୍ନମାନଙ୍କର ରାଶନ କାର୍ଡ ନାହିଁ, ସେମାନଙ୍କର ତଦନ୍ତ କରି ରିଲିଫ ସହାୟତା ଦିଆଯିବ ବୋଲି କହିଛନ୍ତି। ଏହି ବୈଠକରେ ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର, ବ୍ଲକ ଆକାଉଣ୍ଟାଣ୍ଟ ରାମଚନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟାନ ଅଧିକାରୀଙ୍କ ସମେତ ଶତାଧିକ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ପ୍ରକାଶ ଯେ, ଫନୀ ଦ୍ୱାରା ଗୋପ ବ୍ଲକର ୩୧ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଲୋକମାନଙ୍କୁ ରନ୍ଧାଖାଦ୍ୟ, ଚୁଡା, ଗୁଡ଼ ଦିଆଯାଇଥିଲା। କିନ୍ତୁ ଏହି ଯୋଜନାରୁ ରାଶନ କାର୍ଡ ନଥିବା ଶତାଧିକ ପରିବାର ବାଦ ପଡିଯାଇଥିବାରୁ ସରକାରୀ ସହାୟତା ଦେବା ପାଇଁ ଦାବି ହୋଇଥିଲା। ଏହି ଦାବିକୁ ନେଇ ସରକାର ତୁରନ୍ତ ତଦନ୍ତ କରି ସେମାନଙ୍କୁ ସହାୟତା ଦେବା ପାଇଁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ପୂର୍ବରୁ ଗୋପ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ତଦନ୍ତ କରାଯାଇଥିବା ତଥ୍ୟ ମଗାଯାଇଥିଲେ ମଧ ଏହି ତଥ୍ୟ ଦେଇପାରି ନ ଥିଲେ। ଫଳରେ ବୁଧବାର ଏହି ବୈଠକ ଡକାଯାଇ ପ୍ରତି ପଞ୍ଚାୟତରେ ଶିକ୍ଷକମାାନେ ଘରଘର ବୁଲି ରାଶନ କାର୍ଡ ନଥିବା ବିପନ୍ନଙ୍କ ତଦନ୍ତ କରାଯିବା ପରେ ସହାୟତା ଦିଆଯିବ। ପୂର୍ବରୁ ୧୨ତାରିଖରେ ବ୍ଲକର ୩୬ହଜାର ୩୨୩ଜଣ ବିପନ୍ନଙ୍କୁ ୮୧ଜଣିଆ ଟିମ ଜରିଆରେ ୨ହଜାର ଟଙ୍କା ସହ ୫୦ କେଜି ଚାଉଳ ବଣ୍ଟନ କରାଯାଇଥିଲା। କିନ୍ତୁ ଏବେ ସୁଦ୍ଧା ହଜାର ହଜାର ବିପନ୍ନ ରିଲିଫ ନ ପାଇବାରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ନୀରବ ରହୁଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ବିଡିଓ ଦାସ କୁହନ୍ତି, ଏକ ସପ୍ତାହ ପରେ ଶିକ୍ଷକମାନେ ତଦନ୍ତ ରିପୋର୍ଟ ଦେବା ପରେ ସହାୟତା ଦିଆଯିବ ବୋଲି କହିଛନ୍ତି।

# ଭାଙ୍ଗିଛି ୩,୯୯,୬୯୭ ବାସଗୃହ

**ପୁରୀ ଅଫିସ, ୧୫।୫**

**ପୁରୀ ଜିଲା**
■୨୦ ଲକ୍ଷ ଲୋକ, ୩୦ ଲକ୍ଷ ପଶୁପକ୍ଷୀ ପ୍ରଭାବିତ
■୦.୫୧ ଲକ୍ଷ ହେକ୍ଟର ଫସଲ ନଷ୍ଟ



ସମୀକ୍ଷା ବୈଠକରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଜିଲାରେ ବାତ୍ୟା କ୍ଷୟକ୍ଷତି, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୁଧବାର ଅପରାହ୍ନରେ ପୁରୀ ସର୍କିଟ ହାଉସ୍‌ରେ ଆୟୋଜିତ ଏହି ସମୀକ୍ଷା ବୈଠକକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପରିଚାଳନା କରିଥିଲେ। ଆରମ୍ଭରେ ଜିଲାପାଳ ବଲୱନ୍ତ ସିଂ ବାତ୍ୟାର ଭୟାବହତା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବାତ୍ୟା ପୂର୍ବରୁ ୧ଲକ୍ଷ ୨୯,୮୦୦ ବ୍ୟକ୍ତିଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇ ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ୪୨୨ଜଣ ଗର୍ଭବତୀ ମହିଳାଙ୍କୁ ଉଚିତ ସମୟରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଜିଲାର ୧୧ଟି ବ୍ଲକ ଅଧୀନ ୨୬୮ ପଞ୍ଚାୟତର ୧୭୭୨ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସବୁ ବିଜ୍ଞାପିତ ପରିଷଦ ଅଞ୍ଚଳ ଓ ପୌରସଂସ୍ଥା ଅଧୀନସ୍ଥ ଅଞ୍ଚଳ ମଧ ବ୍ୟାପକ କ୍ଷୟକ୍ଷତି ହୋଇଥିବା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଜିଲାର ପ୍ରାୟ ୨୦ଲକ୍ଷ ଲୋକ ପ୍ରଭାବିତ ହୋଇଥିବାବେଳେ ୩,୯୯,୬୯୭ ବାସଗୃହ ଭାଙ୍ଗିରୁଜି ଯାଇଛି। ୩୦ଲକ୍ଷ ପଶୁପକ୍ଷୀ ପ୍ରଭାବିତ ହୋଇଛନ୍ତି। ୦.୫୧ଲକ୍ଷ ହେକ୍ଟର ଫସଲ ନଷ୍ଟ ହୋଇଛି। ଜିଲାର ୩,୫୩,୦୦୦ ପରିବାରଙ୍କୁ ୧,୭୫,୦୦୦ କୁଇଣ୍ଟାଲ ଚାଉଳ ଦିଆଯାଇଛି। ୭୫,୦୦୦ କୁଇଣ୍ଟାଲ ଚାଉଳ ଆହୁରି ମହଜୁଦ୍ ରହିଛି। ୨,୭୪,୮୧୫ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଥିବା ସାଧାରଣ ବଣ୍ଟନ ବିଭାଗ ସଚିବ ବୀରବିକ୍ରମ ଯାଦବ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପ୍ୟାକେଜରୁ ବର୍ତ୍ତମାନ ସୁଦ୍ଧା ୩,୧୪,୨୨୭ ଅର୍ଥାତ୍ ୮୯ପ୍ରତିଶତ ହିତାଧିକାରୀଙ୍କୁ ଚାଉଳ, ୩,୨୪,୦୮୦ ଅର୍ଥାତ୍ ୯୨ ପ୍ରତିଶତ ହିତାଧିକାରୀଙ୍କୁ ୨ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ୪,୦୫୯ଟି ମୁକ୍ତ ଜଳଉତ୍ସକୁ ବିଶୋଧନ କରାଯାଇଥିବା ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା କହିଥିଲେ। ପଶୁ ସମ୍ପଦ ବିଭାଗ ପକ୍ଷରୁ ୭୩ଟି ଦଳକୁ ନିୟୋଜିତ କରାଯାଇ ୫୪,୭୦୦ ପଶୁଙ୍କୁ ଟିକାକରଣ କରାଯାଇଛି। ବାତ୍ୟା ଯୋଗୁ ପ୍ରାଣ ହରାଇଥିବା ୧୨୬୪ଟି ବଡ଼ ପଶୁ, ୧୭୮୦ଟି ଛୋଟ ପଶୁ, ୨୪,୦୭,୭୦୦ କୁକୁଡାଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ନଷ୍ଟ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବାତ୍ୟା ପରବର୍ତ୍ତୀ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଶକ୍ତି ସଚିବ ହେମନ୍ତ ଶର୍ମା, ପଞ୍ଚାୟତିରାଜ ବିଭାଗ ସଚିବ ଦେଓରଞ୍ଜନ ସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ପ୍ରଳୟଙ୍କରୀ ବାତ୍ୟା ଫନୀରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ସତ୍ୟବାଦୀର ଏକ ନଡ଼ିଆ ଫାର୍ମ।

## ନିମାପଡ଼ା ଷ୍ଟ୍ରକ୍‌ଚରକୁ ସଂଯୋଗ ହେଲା ବିଦ୍ୟୁତ୍

**ନିମାପଡ଼ା, ୧୫।୫(ଡି.ଏନ୍.ଏ.)**

ପ୍ରଳୟଙ୍କରୀ ବାତ୍ୟା 'ଫନୀ'ରେ ନିମାପଡ଼ା ଉପଖଣ୍ଡରେ ବିଦ୍ୟୁତ୍ ବିଭାଗର ବ୍ୟାପକ କ୍ଷତି ଘଟିଥିଲା। ବାତ୍ୟାର ୧୨ଦିନ ପରେ ବୁଧବାର ସକାଳେ ନିମାପଡ଼ା ନିକଟ ଦିଘାଲୋ ଗ୍ରୀଡ୍‌କୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ସନ୍ଧ୍ୟାରେ ନିମାପଡ଼ା ଷ୍ଟ୍ରକ୍‌ଚର ଅଫିସକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ରାତିରେ ନିମାପଡ଼ା ଏନ୍‌ଏସିର କେତେକ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ନିମାପଡ଼ା ବିଦ୍ୟୁତ୍ ସେକ୍‌ସନ ଷ୍ଟ୍ରକଚର କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ କହିଛନ୍ତି। ନିମାପଡ଼ା ଏନ୍‌ଏସିକୁ ୧୫ତାରିଖରେ ବିଦ୍ୟୁତ୍ ସଂଯୋଗ ହେବ ବୋଲି ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତ୍ୟୁଷ ମିଶ୍ର 'ଧରିତ୍ରୀ'କୁ ସୂଚନା ଦେଇଥିଲେ। ଯାହା ଗତ ୧୦ ତାରିଖରେ ପ୍ରକାଶ ପାଇଥିଲା। ବୁଧବାର ଦିଘାଲୋ ଗ୍ରୀଡ୍ ଓ ନିମାପଡ଼ା ବିଦ୍ୟୁତ୍ ଷ୍ଟ୍ରକଚରକୁ ବିଦ୍ୟୁତ୍ ସଂଯୋଗ ପରେ ଜନସାଧାରଣ ଓ ବିଦ୍ୟୁତ୍ ଗ୍ରାହକମାନେ ନିର୍ବାହୀ ଯନ୍ତ୍ରୀଙ୍କୁ ସାଧୁବାଦ ଜଣାଇବା ସହ ଧରିତ୍ରୀକୁ ଧନ୍ୟବାଦ ଜଣାଇଛନ୍ତି। ଏନ୍‌ଏସିର ବିଭିନ୍ନ ୱାର୍ଡ, ସାହି, ବସ୍ତିକୁ ପର୍ଯ୍ୟାୟକ୍ରମେ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସାହୁ କହିଛନ୍ତି।

## ଫନୀ ଭାଙ୍ଗିଦେଇଛି କ୍ଷୁଦ୍ର ବ୍ୟବସାୟୀଙ୍କ ମେରୁଦଣ୍ଡ

**କାକଟପୁର, ୧୫।୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ଼ ଫନୀର ତାଣ୍ଡବରେ କ୍ଷତିଗ୍ରସ୍ତ ହୋଇଛି ପୁରୀ ଜିଲାର ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳ। ଘରଦ୍ୱାର, ବୃକ୍ଷରାଜି ସବୁ ଭାଙ୍ଗିରୁଜି ଯାଇଥିବାବେଳେ ଧାନ, ପାନ ଓ ଫସଲ ବ୍ୟାପକ ଭାବେ କ୍ଷୟକ୍ଷତି ହୋଇଛି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଏ ଅଞ୍ଚଳର କ୍ଷୁଦ୍ର ବ୍ୟବସାୟୀମାନେ। ଫନୀ ଆମ ଅଣ୍ଟା ଭାଙ୍ଗିଦେଇ ଆମକୁ ସର୍ବସାନ୍ତ କରିଦେଇଛି। ଆମ ବେଉସା ବୁଡ଼ାଇ ଦେଇଛି ବୋଲି କହିଛନ୍ତି କାକଟପୁର ବଜାରରେ ଏକ କ୍ୟାବିନରେ ଚା' ଦୋକାନ କରିଥିବା ବାଲିସିଂଘା ଗ୍ରାମର ରବୀନ୍ଦ୍ର ଆଚାର୍ଯ୍ୟ। ବାତ୍ୟାରେ ତାଙ୍କ କ୍ୟାବିନ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାବେଳେ ପ୍ରାୟ ୧୦ହଜାର ଟଙ୍କା ମୂଲ୍ୟର ଆସବାବପତ୍ର ନଷ୍ଟ ହୋଇଛି। ସେହିପରି ତୁଳସୀପୁର ବଜାରରେ ଜଳଖିଆ ଦୋକାନ କରିଥିବା ସୁଧବାରିମୂଳ ଗ୍ରାମର ହୃଦାନନ୍ଦ ସାହୁ କୁହନ୍ତି, ଦୈନନ୍ଦିନ ତେଜରାତି ଦୋକାନରୁ ସାମଗ୍ରୀ କିଣି ଖାଦ୍ୟପଦାର୍ଥ ପ୍ରସ୍ତୁତ କରିଥାଏ। ଯାହା ଲାଭ ହୋଇଥାଏ, ସେଥିରେ ଦୁଃଖସୁଖରେ ପରିବାର ଚଳାଇଥାଏ। ଫନୀ ମୋର ସର୍ବସ୍ୱ ଛଡ଼ାଇ ନେଇଛି। ଦୋକାନ ସମ୍ପୂର୍ଣ୍ଣଭାବେ ଭାଙ୍ଗିଯାଇଥିବା ଦୁଃଖର ସହ କହିଛନ୍ତି। ଫନୀରେ କ୍ଷତିଗ୍ରସ୍ତ ପରିବାର, ଚାଷୀ, ବ୍ୟବସାୟୀଙ୍କ ପାଇଁ ସରକାର ସାହାଯ୍ୟ ଘୋଷଣା କରିଛନ୍ତି। କିନ୍ତୁ ଦୈନନ୍ଦିନ ବ୍ୟବସାୟ କରି ପେଟ ପୋଷୁଥିବା ୧୦ହଜାରରୁ ଊର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ କିଛି ସୁବିଧା ସୁଯୋଗ ନାହିଁ। ଫଳରେ ସେମାନେ ଏବେ କଷ୍ଟରେ ଦିନ କାଟୁଛନ୍ତି। ଏହି କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ସାହାଯ୍ୟ ସହଯୋଗ ପାଇଁ ମଙ୍ଗଳା ବ୍ୟବସାୟୀ ସଂଘ, କାକଟପୁର ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ ଦାବି କରିଛନ୍ତି।



ବାତ୍ୟା ଯୋଗୁ କାକଟପୁର ବଜାରରେ ଥିବା ଏକ ମିଠା ଦୋକାନ ଘର ଭାଙ୍ଗିଯାଇଛି।

## ନିମାପଡ଼ା: ୪୫ହଜାର ୯୬ ବିପନ୍ନ ପରିବାରଙ୍କୁ ସହାୟତା

**ନିମାପଡ଼ା, ୧୫।୫(ଡି.ଏନ୍.ଏ.)**

'ଫନୀ'ରେ ନିମାପଡ଼ା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ନିମାପଡ଼ା ବ୍ଲକର ୩୨ପଞ୍ଚାୟତରେ ୪୨ହଜାର ୨୯୨ ଖାଉଟି କାର୍ଡଧାରୀ ବିପନ୍ନ ପରିବାର ଓ ଏନ୍‌ଏସିର ୨ହଜାର ୮୦୪ବିପନ୍ନ ପରିବାରଙ୍କୁ ପ୍ରଶାସନ ପକ୍ଷରୁ ୨୨ହଜାର ୫୪୮କୁଇଣ୍ଟାଲ ଚାଉଳ ପ୍ରଦାନ କରାଯାଇଛି। ପ୍ରତ୍ୟେକ ଖାଉଟି କାର୍ଡଧାରୀ ବିପନ୍ନ ପରିବାରଙ୍କୁ ୫୦କେଜି ଚାଉଳ ଦିଆଯାଇଥିବା ତହସିଲଦାର କମଳଜିତ ଦାସ, ବିଡିଓ ଶ୍ରୀଧର ବିଶ୍ୱାଳ, ବ୍ଲକ ଯୋଗାଣ ଅଧିକାରୀ ଅକ୍ଷୟ ସେଠୀ କହିଛନ୍ତି। ସେହିପରି ୩୨ପଞ୍ଚାୟତର ୪୨ହଜାର ୨୯୨ଖାଉଟି କାର୍ଡ ଧାରୀ ବିପନ୍ନ ପରିବାରଙ୍କୁ ୮କୋଟି ୪୫ଲକ୍ଷ ୮୪ହଜାର ଟଙ୍କା ଓ ଏନ୍‌ଏସି ଅଞ୍ଚଳର ୨ହଜାର ୮୦୪ ଖାଉଟି କାର୍ଡ ଧାରୀ ବିପନ୍ନ ପରିବାରଙ୍କୁ ୫୬ଲକ୍ଷ ୮ହଜାର ଟଙ୍କା ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ରିଲିଫ ଅଫିସର କାହ୍ନୁଚରଣ ମଲ୍ଲିକ କହିଛନ୍ତି। ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ କାର୍ଡଧାରୀଙ୍କୁ ୨ହଜାର ଟଙ୍କା ପ୍ରଦାନ କରାଯାଇଛି। ନିମାପଡ଼ା ବ୍ଲକର ୩୨ପଞ୍ଚାୟତରେ ୩୬ହଜାର ୭୩୧ଖାଉଟି କାର୍ଡଧାରୀ ବିପନ୍ନ ପରିବାର ଓ ଏନ୍‌ଏସିର ୧୧ୱାର୍ଡର ୩ହଜାର ୩୩୨ ବିପନ୍ନ ପରିବାରଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ ଯୋଗାଇଦିଆଯାଇଛି। ଏନ୍‌ଏସି ଅଞ୍ଚଳର ୯୩ପ୍ରତିଶତ ଓ ବ୍ଲକର ୮୮ପ୍ରତିଶତ ବିପନ୍ନ ପରିବାରଙ୍କୁ ପଲିଥିନ ଦିଆଯାଇଛି। ପଲିଥିନ ଯୋଗାଣ ଜାରି ରହିଥିବା ବେଳେ ଆସନ୍ତା ଦୁଇ ଦିନ ମଧରେ ସମସ୍ତ ବିପନ୍ନ ପରିବାରଙ୍କୁ ଯୋଗାଇଦିଆଯିବ ବୋଲି ତହସିଲଦାର ଦାସ କହିଛନ୍ତି। ଏବେ ବି ବହୁ ବିପନ୍ନ ପରିବାର ଖୋଲା ଆକାଶ ତଳେ ଜୀବନ କାଟୁଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଘର ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ରାଜସ୍ୱ ନିରୀକ୍ଷକମାନେ ଗ୍ରାମକୁ ଯାଇ ଘର ଭଙ୍ଗା ସର୍ଭେ କାର୍ଯ୍ୟ ଚଳାଇଥିବା ତହସିଲଦାର କହିଛନ୍ତି। ବାତ୍ୟା ପରେ ନିମାପଡ଼ା ବ୍ଲକ ଓ ଏନ୍‌ଏସିରେ ୭୯ହଜାର ଲିଟର କିରୋସିନ ଯୋଗାଇ ଦିଆଯାଇଥିବା ବ୍ଲକ ଯୋଗାଣ ନିରୀକ୍ଷକ ଅକ୍ଷୟ ସେଠୀ କହିଛନ୍ତି। ପୁନଃ ବିପନ୍ନଙ୍କୁ କିରୋସିନ ଦିଆଯିବ ବୋଲି ସେଠୀ କହିଛନ୍ତି। ନିମାପଡ଼ା ବ୍ଲକରେ ରିଲିଫ ଓ ଟଙ୍କା ବଣ୍ଟନ କରାଯାଉଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ପଲିଥିନ ପାଇଁ ୩ଘଣ୍ଟା ରାସ୍ତାରୋକୋ

**ନିମାପଡ଼ା, ୧୫।୫(ଡି.ଏନ୍.ଏ.)**

ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ନିମାପଡ଼ା ବ୍ଲକର ସଲଙ୍ଗ ମଠସାହି, ଜଅଁରା, ସାତକାଳିଆ, ଓଡ୍ଡୁଆଳ ଗ୍ରାମର ଶତାଧିକ ବିପନ୍ନ ପଲିଥିନ ପାଇ ନାହାନ୍ତି। ଏମାନଙ୍କୁ ତୁରନ୍ତ ପଲିଥିନ ଯୋଗାଇଦେବା ଦାବିରେ ବୁଧବାର ଶତାଧିକ ଲୋକେ ନିମାପଡ଼ା-ବାମନାଳ ମୁଖ୍ୟ ରାସ୍ତାର ସଲଙ୍ଗ ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଅତିରିକ୍ତ ତହସିଲଦାର ଲୋଚନ ଦାସ, ଏସ୍‌ଡିପିଓ ଶରତ ମିଶ୍ର, ଆଇଆଇସି ଜନାର୍ଦ୍ଦନ ପାଢୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ସଙ୍ଗେ ସଙ୍ଗେ ପଲିଥିନ ଯୋଗାଇଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅତିରିକ୍ତ ତହସିଲଦାର ଦାସ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିପନ୍ନଙ୍କୁ ପଲିଥିନ ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସକାଳ ପ୍ରାୟ ୯ଟାରୁ ମଧାହ୍ନ୧୨ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ଲକ୍ଷ୍ୟଠାରୁ ଦୂରରେ ରିଲିଫ ବଣ୍ଟନ

**ବ୍ରହ୍ମଗିରି, ୧୫।୫(ଡି.ଏନ୍.ଏ.)**

**ବ୍ରହ୍ମଗିରି ବ୍ଲକ**


ବାତ୍ୟା ବିପନ୍ନଙ୍କୁ ସହାୟତା ସହଯୋଗର ହାତ ବଢ଼ାଉଛି ପ୍ରଶାସନ । କିନ୍ତୁ କିଛି ମୁଷ୍ଟିମେୟ ରାଜନେତାଙ୍କ ଯୋଗୁ ଏହି ସହାୟତା ବାଟବଣା ହେଉଛି। ଫଳରେ ପ୍ରକୃତ କ୍ଷତିଗ୍ରସ୍ତଙ୍କ ପାଖରେ ରିଲିଫ ପହଞ୍ଚିପାରୁନି। ଏଭଳି ସ୍ଥିତି ଦେଖିବାକୁ ମିଳିଛି ବ୍ରହ୍ମଗିରି ବ୍ଲକରେ। ବ୍ରହ୍ମଗିରି ବ୍ଲକରେ ପ୍ରଶାସନ ତରଫରୁ ପଲିଥିନ, ଚୁଡ଼ା, ଗୁଡ଼ ଓ ଗୋଖାଦ୍ୟ ଯୋଗାଇ ଦିଆଯାଇଛି, ଯାହାର ବଣ୍ଟନ ଦାୟିତ୍ୱ ନ୍ୟସ୍ତ କରାଯାଇଛି ସ୍ଥାନୀୟ ସରପଞ୍ଚ, ୱାର୍ଡସଭ୍ୟ ଓ ଜନପ୍ରତିନିଧିଙ୍କ ଉପରେ । ପ୍ରତି ବିପନ୍ନଙ୍କୁ ସୁଷମ ବଣ୍ଟନ ପାଇଁ ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଛି। ମାତ୍ର ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ରାଜନେତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଚୁପ୍ ବସିଯାଇଛନ୍ତି। ଗାଁ ଗାଁରେ ରାଜନୈତିକ ବିବାଦ ଓ ଦଳୀୟ କନ୍ଦଳ ଯୋଗୁ ଅଧିକାଂଶ ଗ୍ରାମରେ ଏହି ରିଲିଫ ବଣ୍ଟନ କରାଯାଇପାରୁନାହିଁ। ପ୍ରଶାସନ ପକ୍ଷରୁ ବ୍ରହ୍ମଗିରି ବ୍ଲକର ୨୫ଟି ପଞ୍ଚାୟତର ୨୭,୨୪୪ ବିପନ୍ନ ପରିବାର ପାଇଁ ୨୧,୧୬୫ ଖଣ୍ଡ ପଲିଥିନ, ୧୫୨ କୁଇଣ୍ଟାଲ ଚୁଡ଼ା, ୫୧୭ ଟିଣ ଗୁଡ଼ ଓ ୫ଶହ ବସ୍ତା ଗୋଖାଦ୍ୟ ବଣ୍ଟନ କରାଯାଇଥିବା ପ୍ରଶାସନ କହୁଛି। ମାତ୍ର ଅଧିକାଂଶ ବିପନ୍ନ ଏବେ ବି ରିଲିଫ ପାଇବାରୁ ବଞ୍ଚିତ। କାହା ପାଖରେ ପଲିଥିନ ତ କାହା ପାଖରେ ଚୁଡ଼ା ଗୁଡ଼ ପହଞ୍ଚିନି। ରାଜନେତାମାନେ ଏହାକୁ ସେମାନଙ୍କ କବ୍‌ଜାରେ ରଖି ନିଜ ଇଚ୍ଛାରେ ବାଣ୍ଟୁଥିବା ନେଇ ଅଭିଯୋଗ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଦେଖିବାକୁ ମିଳୁଛି।

ସେହିପରି ୧୩ ପଞ୍ଚାୟତର ୫୩ଟି ଜାଗାରେ ୨୬ ହଜାର ୨୯୩ ଲୋକଙ୍କୁ ମାଗଣା ରନ୍ଧାଖାଦ୍ୟ ଦିଆଯାଉଥିବା ବ୍ଲକ ପ୍ରଶାସନ ସୂଚନା ଦେଇଛି। ଏହି ରନ୍ଧାଖାଦ୍ୟ ପାଇଁ ବିଭିନ୍ନ ବିଭାଗର କନିଷ୍ଠଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଗୋଟିଏ ଗୋଟିଏ ପଞ୍ଚାୟତ ଦାୟିତ୍ୱ ଦିଆଯାଇ ଚାଉଳ ଓ ଅର୍ଥ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ କେତେକ ବେସରକାରୀ ସଂସ୍ଥା ଗାଁ ଗାଁରେ ବିପନ୍ନମାନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରୁଥିବା ସମୟରେ ବ୍ଲକର କିଛି ଅଧିକାରୀ ଏହାର ଫଟୋ ଉଠାଇ ସେମାନେ ବଣ୍ଟନ କରୁଥିବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରୁଥିବା ଅଭିଯୋଗ ହେଉଛି। ବାସ୍ତବିକ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ମଧୁଚନ୍ଦ୍ରିକା ଯୋଗୁ ବିପନ୍ନ ଲୋକଙ୍କ ପାଖରେ ଠିକ୍‌ଭାବେ ପହଞ୍ଚିପାରୁନି ରିଲିଫ ସହାୟତା।

ଏ ସମ୍ପର୍କରେ ବ୍ରହ୍ମଗିରି ବ୍ଲକ ରିଲିଫ ପରିଚାଳନା ଦାୟିତ୍ୱରେ ଥିବା କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ରଞ୍ଜିତ କୁମାର ପରିଡ଼ା କୁହନ୍ତି, ଏପରି ଅଭିଯୋଗ ଆମ ନିକଟକୁ ଆସିନାହିଁ। ପଲିଥିନ ଓ ଅନ୍ୟାନ୍ୟ ରିଲିଫ ସାମଗ୍ରୀ ପାଉ ନ ଥିବା ନେଇ କେତେକ ବିପନ୍ନ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଶୀଘ୍ର ଘଟଣାର ତଦନ୍ତ କରାଯିବ।

# ପୁରୀ ପାଇଁ ବୋଝ କୁଢ଼ କୁଢ଼ ଆବର୍ଜନା

**ହେମନ୍ତ ନାୟକ**
**ପୁରୀ ଅଫିସ, ୧୫।୫**



କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପରିସରରେ ଅଳିଆ ଆବର୍ଜନା ଗଦାହୋଇ ରହିଛି।

■କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଅଚଳ
■ଅଳିଆ ପକାଇବାକୁ ଜାଗା ଅଭାବ

ପୁରୀ ସହର ପାଇଁ ଏବେ ଚିନ୍ତାର ବିଷୟ ପାଲଟିଛି କୁଢ କୁଢ ଆବର୍ଜନା। ସହରରୁ ଦୈନିକ ଶହ ଶହ ଟ୍ରାକ୍ଟର ଅଳିଆ ଆବର୍ଜନା ବାହାରୁଛି। ଏକମାତ୍ର କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ୨ଟି ମେଶିନ ଅଚଳ ହୋଇପଡ଼ିଛି। ଫଳରେ ଆବର୍ଜନା କିପରି ପରିଚାଳନା ହେବ ସେନେଇ ସମସ୍ୟା ସୃଷ୍ଟି ହୋଇଛି। ଏମିତି କି ବାତ୍ୟା ପରେ ପ୍ରତ୍ୟହ ବାହାରୁଥିବା ଅଳିଆ କେଉଁଠାରେ ଗଦା କରାଯିବ ତାହାକୁ ନେଇ ବି ସମସ୍ୟା ମୁଣ୍ଡ ଟେକିଲାଣି। ବନ୍ଦ ହୋଇପଡ଼ିଥିବା ନୀଳାଚଳ ଅଶୋକ ହୋଟେଲ ପରିସରରେ ଅଳିଆ ଜମା କରାଯାଉଥିବା ବେଳେ ବର୍ତ୍ତମାନ ତାହା ପୂରା ହୋଇଗଲାଣି। ସେପଟେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପରିସରରେ ପାହାଡ ଉଚ୍ଚର ଆବର୍ଜନା ଜମା ହୋଇଥିବା ବେଳେ ଏବେ ବି ସହରର ବିଭିନ୍ନ ଗଳିକନ୍ଦି ଏବଂ ବସ୍ତିରେ ବହୁ ପରିମାଣରେ ଆବର୍ଜନା ରହିଛି । ତେଣୁ ଏହାକୁ କିପରି କେଉଁଠି ପକାଯିବ ତାହାକୁ ନେଇ ଚିନ୍ତାରେ ପୁରୀ ପୌରସଂସ୍ଥା।

୧୯୯୮ ମସିହାରେ ସମୁଦ୍ରକୂଳ ନିକଟ ଗୌଡ଼ବାଡ ସାହି ମୌଜାରେ ନରୱେ ସରକାରଙ୍କ ସହାୟତାରେ ଆରମ୍ଭ ହୋଇଥିଲା ରାଜ୍ୟର ପ୍ରଥମ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ। ଯେହେତୁ ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ ଏବଂ ଦୈନିକ ଏଠାକୁ ଦେଶ ବିଦେଶର ପର୍ଯ୍ୟଟକ ଆସିଥାନ୍ତି ତେଣୁ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଲାଗି ଏହି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ପ୍ରାୟ ସାଢେ ୩ ଏକର ଜମି ଉପରେ ତିଆରି ହୋଇଥିବା ଏହି ପ୍ରକଳ୍ପର କ୍ଷମତା ଦୈନିକ ୧୦୦ ଟନ୍ ରହିଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ପୁରୀ ସହରରୁ ବାହାରୁଥିବା କଠିନ ବର୍ଜ୍ୟବସ୍ତୁକୁ ପରିଚାଳନା କରି ସାର ପ୍ରସ୍ତୁତ କରାଯାଉଥିଲା। ଲୋକେ ଏହି ସାର ନେଇ ବିଲବାଡ଼ିରେ ପକାଇ ଉପକୃତ ହେଉଥିଲେ। ହେଲେ ଉପଯୁକ୍ତ ପରିଚାଳନା ଅଭାବରୁ ଧୀରେ ଧୀରେ ଏହା ବାଟବଣା ହେବାକୁ ଲାଗିଲା। ଫଳରେ ଏହାକୁ ଘରୋଇକରଣ କରାଗଲା। ଜଣେ ବ୍ୟକ୍ତି ଏହାକୁ ଲିଜ୍ ଆକାରରେ ନେଇ ଚଳାଉଥିଲେ। ମାତ୍ର ବର୍ଷେ ପରେ ସମ୍ପୃକ୍ତ ବ୍ୟକ୍ତି ଏଥିରୁ ଓହରିଗଲେ। ଏହାପରେ ପୌରସଂସ୍ଥା ଏହାକୁ ହାତକୁ ନେଇଥିଲା। କିନ୍ତୁ ଆବଶ୍ୟକ କଠିନ ବର୍ଜ୍ୟବସ୍ତୁ ନ ମିଳିବାରୁ ୩ଟି ମେଶିନ ମଧ୍ୟରୁ ଗତ ୫ବର୍ଷ ହେବ ୨ଟି ମେଶିନ ଅଚଳ ହୋଇପଡ଼ିଛି । ଗୋଟିଏ ମେଶିନରେ ଯାହା ବି ସାର ପ୍ରସ୍ତୁତ କରାଯାଇଛି ତାହା ଚାଷୀଙ୍କ ପାଖରେ ପହଞ୍ଚି ପାରିନାହିଁ। ଏମିତି ଦୟନୀୟ ସ୍ଥିତିରେ ଚାଲୁଥିବା ଏହି ପ୍ରକଳ୍ପ ବାତ୍ୟାରେ ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି।

ବାତ୍ୟାରେ ପୁରୀ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ବସ୍ତି ଉଜୁଡ଼ି ଯାଇଥିବାବେଳେ ବହୁ ଘର ଓ ଗଛ ଭାଙ୍ଗିଛି । ଫଳରେ ପ୍ରତ୍ୟେହ ଶହ ଶହ ଟ୍ରିପ୍ ଅଳିଆ ଆବର୍ଜନା ବାହାରୁଛି। ଆଗକୁ ଆହୁରି ଅଧିକ ଅଳିଆ ଆବର୍ଜନା ବାହାରିବ। କାରଣ ବସ୍ତିରେ ଭାଙ୍ଗିଥିବା ଘର ଏପର୍ଯ୍ୟନ୍ତ ମରାମତି କରାଯାଇନାହିଁ ତେଣୁ ଆଗକୁ ବର୍ଜ୍ୟବସ୍ତୁ ପରିଚାଳନା ବଡ଼ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି।